# ହଜରତ ମସିହ ମଉଦ[ଅସ] ଏବଂ ଖଲିଫାମାନଙ୍କର ଈଶ୍ୱରଙ୍କ ସହିତ ରହିଥିବା ଘନିଷ୍ଠ ସଂପର୍କର ଘଟଣାବଳୀ

ପ୍ରକାଶକ

ନଜାରତ ନଶର ଓ ଇଶାଅତ କାଦିୟାନ

# ହଜରତ ମସିହ ମଉଦ[ଅସ] ଏବଂ ଖଲିଫାମାନଙ୍କର ଈଶ୍ୱରଙ୍କ ସହିତ ରହିଥିବା ଘନିଷ୍ଠ ସଂପର୍କର ଘଟଣାବଳୀ

ପ୍ରକାଶକ
ନଜାରତ ନଶର ଓ ଇଶାଅତ କାଦିୟାନ

# ହଜରତ ମସିହ ମଉଦ[ଅସ] ଏବଂ ଖଲିଫାମାନଙ୍କର ଈଶ୍ୱରଙ୍କ ସହିତ ରହିଥିବା ଘନିଷ୍ଠ ସଂପର୍କର ଘଟଣାବଳୀ


ମୂଳ ଉର୍ଦ୍ଦୁ : 'ହଜରତ ମସିହେ ମଉଦ[ଅସ] ଔର ଖୁଲଫାଏ କରାମ୍ କେ ତାଲୁକ୍‌ବିଲ୍ଲାଃ କେ ଓ୍ୱାକେୟାତ୍'

ସଂକଳନ : **ମୌ. ମନସୁର୍ ଅହମଦ ସାହେବ ମସରୁର୍** ଏବଂ **ମୌ. ଅବଦୁର୍ ରଶିଦ୍ ସାହେବ ଜିୟା**

ଓଡ଼ିଆ ଅନୁବାଦ: **ମୌଲବୀ ମୁବଶର ଅହମଦ୍ ଖାନ୍,** ଏମ.ଏ. ମିଶନାରୀ

ପ୍ରକାଶକ : ନଜାରତ ନଶର ଓ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରୁଦାସପୁର, ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରକ : ଫଜଲେ ଉମର ପ୍ରିଣ୍ଟିଙ୍ଗ ପ୍ରେସ, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୦, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)


## HAZRAT MASIH E MAU'UD[AS] EBOUN KHULAFAMANANKARA ISWARANKA SAHITA RAHITHIBA GHANISTHA SAMPARKARA GHATANABALI

## "Talluq Billah Kei Waqi'at"


*Compiled by* : **Mlv. Mansur Ahmad Masroor &**
**Mlv. Abdur Rashid Zia**

*Translated to Odia* : **Mlv. Mubashir Ahmad Khan**, M.A. Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2020, First Edition in Odia (1000 copies)

*Printed at* : Fazle Umar Printing Press, Qadian (India)



*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*



**ISBN:**

بِسۡمِ اللّٰہِ الرَّحۡمٰنِ الرَّحِیۡمِ

نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

# ପ୍ରକାଶକୀୟ

ଇସଲାମ ଧର୍ମରେ ଉପାସନାର ମୂଳ ଉଦ୍ଦେଶ୍ୟ ହେଉଛି, ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ଓ ତାହାଙ୍କ ଆଜ୍ଞାନୁଯାୟୀ ମନୁଷ୍ୟ ନିଜ ଜୀବନ ନିର୍ବାହ କରିବା ତଥା ଅଲ୍ଲାଃଙ୍କ ସମ୍ବନ୍ଧରେ ସଠିକ ଜ୍ଞାନ ଆହରଣ କରିବା । ତେଣୁ ଜଣେ ବିଶ୍ୱାସକାରୀ ପକ୍ଷେ ଏହା ଜରୁରୀ ଯେ ସେ ନିଜର ଜନ୍ମର ଉଦ୍ଦେଶ୍ୟକୁ ବୁଝିବ ତଥା ଅଲ୍ଲାଃତାଲାଙ୍କ ସହିତ ଘନିଷ୍ଟ ସମ୍ପର୍କ ସ୍ଥାପନ କରିବାରେ ପ୍ରୟାସରତ ହେବ । ମାନବ ଜୀବନର ମଧ୍ୟ ସେହି ଏକା ଉଦ୍ଦେଶ୍ୟ ରହିଛି ଯେ ସେ ଅଲ୍ଲାଃଙ୍କ ସହିତ ଗୂଢ଼ ସମ୍ପର୍କ ପ୍ରତିଷ୍ଠା କରିବ । ସୁତରାଂ ଯଦି ବା କୌଣସି ଈଶ୍ୱର ପ୍ରେରିତ ମହାପୁରୁଷ ସଂସାରକୁ ଆସନ୍ତି, ତାଙ୍କ ଆଗମନର ଅସଲ ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କ ସହିତ ଲୋକମାନଙ୍କର ସଂପର୍କକୁ ଯୋଡିବା ହୋଇଥାଏ । ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଏପରି ଅନନ୍ତ ଓ ଦୁର୍ଭେଦ୍ୟ ଯେ ସେହି ପରମସତ୍ତାଙ୍କ ଠାରେ ମନୁଷ୍ୟର ସୀମିତ ଜ୍ଞାନ ଓ ବୁଦ୍ଧି ପହଞ୍ଚିପାରେ ନାହିଁ । କାରଣ ପବିତ୍ର କୁରଆନର ନିମ୍ନୋକ୍ତ ଆୟତରେ ଅଲ୍ଲାଃଙ୍କୁ ଚିହ୍ନିବାର ସଠିକ ଉପାୟ ସମ୍ବନ୍ଧରେ ଅତି ସୂକ୍ଷ୍ମ ଓ ସଂକ୍ଷିପ୍ତ ଶବ୍ଦରେ ବର୍ଣ୍ଣନା କରାଯାଇଛି:

لَا تُدۡرِکُہُ الۡاَبۡصَارُ ۫ وَھُوَ یُدۡرِکُ الۡاَبۡصَارَ ۚ وَھُوَ اللَّطِیۡفُ الۡخَبِیۡرُ

**ଲା ତୁଦ୍‌ରିକୁହୁଲ୍ ଅବ୍‌ସାରୁ ୱ୍ହୁଆ ୟୁଦ୍‌ରିକୁଲ୍ ଅବ୍‌ସାର୍ ୱ୍ହୁଓଲ୍ ଲତିଫୁଲ୍ ଖବିର୍**

*(ଅନଆମ୍ 6:104)*

ସୁତରାଂ ଅଲ୍ଲାଃତାଲାଙ୍କ ପରିଚୟ ଜାଣିବା ଓ ତାଙ୍କ ସହିତ ସଂପର୍କ ସ୍ଥାପନ କରିବା ସମ୍ବନ୍ଧରେ ସଠିକ ଜ୍ଞାନ ଆହରଣ କରିବାର ପ୍ରଥମ ମାଧ୍ୟମ ହେଉଛି, "اَنَا الۡمَوۡجُوۡدُ" 'ଆମ୍ଭେ ସର୍ବତ୍ର ବିଦ୍ୟମାନ'–ଏହାର ସାକ୍ଷ୍ୟ ପ୍ରଦାନ ପୂର୍ବକ ପ୍ରମାଣ ଦେବାକୁ ପଡିବ । ଯେପରି ଭାବରେ ଅଲ୍ଲାଃତାଲା ବିଶ୍ୱକୁ ସର୍ଜନା କରିବାର ମୂଳ କାରଣ ରୂପେ ହଜରତ ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ କହିଛନ୍ତି;

**'ୱ୍ୱଜଦକା ଜ୍ୱାଲ୍‌ଲନ୍ ଫହଦା'** وَوَجَدَکَ ضَآلًّا فَھَدٰی

*(ଅଜ୍ ଜୁହା 93:8)*

ଅର୍ଥାତ 'ହେ ରସୁଲ ! ତୁମେ ନିଜର ଜାତି ସହିତ ପ୍ରେମଜନିତ ସାଂସାରିକ ମୋହମାୟାରେ ଏପରି ଭାବେ ବୁଡି ରହିଥିଲ ଯେ ନିଜକୁ ସନ୍ଧାନ କରିବାରେ ସେହି ଦୁନିଆ ଭିତରେ ହଜିଗଲ । ତେଣୁ ଆମ୍ଭେ ଆଗକୁ ବଢ଼ି ତୁମର ଉପଯୁକ୍ତ ମାର୍ଗଦର୍ଶନ କଲୁ, ଯଦ୍ଦ୍ୱାରା ତୁମେ ସତ୍‌ଶିକ୍ଷା ଲାଭ କରିବ ।'

ସେହିପରି ଗୁପ୍ତଭେଦ ସବୁକୁ ଖୋଜିବା, ଐଶୀ ପରାକ୍ରମ ସମ୍ବନ୍ଧରେ ଗଭୀର ଅନୁଶୀଳନ କରିବା, ଦୈବୀଶକ୍ତିର ପ୍ରଦର୍ଶନକୁ ପ୍ରମାଣ ସ୍ୱରୂପ ଉପସ୍ଥାପନ କରିବା, ଈଶ୍ୱରଙ୍କ ବିଶେଷ ନୈସର୍ଗିକ ଗୁଣାବଳୀ ତଥା ଅଦ୍ଭୁତ କାର୍ଯ୍ୟ ନୈପୁଣ୍ୟର ପରିପ୍ରକାଶ ଏବଂ ନଭୋମଣ୍ଡଳୀୟ ପଦାର୍ଥ ଉପରେ ତାଙ୍କର ପ୍ରଚଣ୍ଡ ପ୍ରଭାବ ବଳରେ ପ୍ରକୃତିର ଉପାଦାନକୁ ନିଜ ନିୟନ୍ତ୍ରଣକୁ ଆଣିବା ଇତ୍ୟାଦି ସବୁ ବିଷୟ ହେଉଛି ଅଲ୍ଲାଃତାଲାଙ୍କୁ ସଠିକ ରୂପେ ଚିହ୍ନିବା ତଥା ତାଙ୍କ ସମ୍ବନ୍ଧରେ ଗଭୀର ଜ୍ଞାନ ଅର୍ଜନ କରିବାର ମାଧ୍ୟମ । ତେଣୁ ଈଶ୍ୱରଙ୍କ ସହିତ ସଂପର୍କ ସ୍ଥାପନ କରିବାର ଏହା ହେଉଛି ସର୍ବୋତ୍କୃଷ୍ଟ ଉପାୟ । ପୁନଶ୍ଚ ଯେଉଁମାନେ ଈଶ୍ୱର ସମ୍ବନ୍ଧୀୟ ତତ୍ତ୍ୱଜ୍ଞାନରେ ଉନ୍ନତି ଲାଭ କରିଥାନ୍ତି ଓ ନିଜର ଜନ୍ମର ଅସଲ ଆଭିମୁଖ୍ୟ ହେଉଛି:

وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ

**ୱମା ଖଲକ୍‌ତୁଲ୍‌ଜିନ୍ନା ୱଲ୍‌ଇନ୍‌ସା ଇଲ୍ଲା ଲିୟାବୁଦୁନ୍** **(ଜାରିଆତ୍** 51:57**)**

ଅର୍ଥାତ୍ ଆମ୍ଭେ ଜିନ୍ ଓ ମାନବକୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ ? ଏହି କୁରଆନ ବାଣୀକୁ ପୂରଣ କରିଥାନ୍ତି ଓ ଅଲ୍ଲାଃତାଲା ସେମାନଙ୍କର ପୃଷ୍ଠପୋଷକ ସାଜିଥାନ୍ତି । ସେମାନଙ୍କ ସ୍ୱୀକୃତିର ଚିହ୍ନସବୁକୁ ସଂସାର ଆଗରେ ପ୍ରକାଶ କରିଦିଅନ୍ତି । ସେମାନଙ୍କ ପ୍ରାର୍ଥନା ଗୃହୀତ ହେଉଥିବାର ଚମତ୍କାରୀତା ପ୍ରଦାନ କରନ୍ତି । ସେମାନଙ୍କୁ ସଦା ସର୍ବଦା ନିଜ ସୁରକ୍ଷା ବଳୟ ମଧ୍ୟରେ ରଖିଥାନ୍ତି ଓ ସେମାନଙ୍କ ହସ୍ତକୁ ନିଜର ହସ୍ତ ଆଖ୍ୟା ଦିଅନ୍ତି । ଯେପରିକି କୁହାଯାଇଛି:

مَا رَمَيْتَ إِذْ رَمَيْتَ وَلٰكِنَّ اللّٰهَ رَمٰى-

**ମାରମୈତା ଇଜ୍‌ରମୈତା ୱଲାକିନ୍ନଲ୍ଲାହା ରମା** **(ଅନଫାଲ୍** 8:18**)**

مَنْ عَادَىٰ لِي وَلِيًّا فَقَدْ اٰذَنْتُهٗ بِالْحَرْبِ

ଏବଂ ସେହିପରି **ମନ୍‌ଆଦାଲୀ ୱଲିୟନ୍ ଫକଦ୍‌ଆଜନ୍‌ତୁହୁ ବିଲ୍‌ହର୍‌ବି**

ଅର୍ଥାତ୍ 'ଯେଉଁ ବ୍ୟକ୍ତି ମୋର ମିତ୍ରଙ୍କ ସହିତ ଶତ୍ରୁତା କରନ୍ତି, ମୁଁ ତାଙ୍କୁ କହୁଛି ଯେ ଏବେ ମୋ ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଯାଅ ।'

ପୁଣ୍ୟଶ୍ଲୋକ ପଞ୍ଚମ ଖଲିଫା ମହୋଦୟଙ୍କ ତରଫରୁ ସ୍ୱୀକୃତିପ୍ରାପ୍ତ ମଜଲିସ୍ ଶୁରା (ପରିଷଦ ମହାସଭା) ୨୦୧୫ ଦ୍ୱାରା ପ୍ରସ୍ତାବିତ ପୁସ୍ତିକା: **'ହଜରତ ମସିହ ମଉଦ**[ଅସ] **ଔର ଖୁଲଫାଏ କରାମ୍ କେ ତାଲୁକ୍‌ବିଲ୍ଲାହ୍‌କେ ୱାକେୟାତ୍'** ଅର୍ଥାତ 'ପ୍ରତିଶ୍ରୁତ ମସିହ ଏବଂ ଖଲିଫାମାନଙ୍କର ଅଲ୍ଲାଃଙ୍କ ସହିତ ରହିଥିବା ଘନିଷ୍ଠ ସଂପର୍କର ଘଟଣାବଳୀ' ପ୍ରସଙ୍ଗକୁ ନଜାରତ ନଶର ଓ ଇଶାଅତ କାଦିୟାନଙ୍କ ତତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତିକା ସଂକଳନ କରିବାରେ ମୌଲବୀ ମନସୁର ଅହମଦ ସାହେବ ମସରୁର, ସଂପାଦକ ସାପ୍ତାହିକ ଉର୍ଦ୍ଦୁ ବଦର କାଦିୟାନ ଏବଂ ମୌଲବୀ ଅବଦୁର ରସିଦ ସାହେବ ଜିୟା, ପ୍ରଚାରକ ସୁରତ କାଶ୍ମୀର ସହଯୋଗ କରିଛନ୍ତି । ତେବେ ସେହି ମୂଳ ଉର୍ଦ୍ଦୁ ପୁସ୍ତିକାର ଓଡିଆ ଅନୁବାଦ ମୌଲବୀ ମୁବଶିର ଅହମଦ ଖାନ୍, କେରଙ୍ଗଙ୍କ ଦ୍ୱାରା କରାଯାଇଛି ଏବଂ ତାହାର ସମୀକ୍ଷା ଓ ସଂଶୋଧନ ଇଂ.ରୌଶନ ଖାନ, ଅଧ୍ୟକ୍ଷ ରିଭ୍ୟୁ କମିଟି ଓଡିଶାଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଈଶ୍ୱର ସେମାନଙ୍କ ପରିଶ୍ରମର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।

ଏହି ପୁସ୍ତିକାରେ ଜମାଅତର ସବୁ ବର୍ଗର ଲୋକମାନଙ୍କ ବିଶ୍ୱାସକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ହଜରତ ମସିହ ମଉଦ[ଅସ] ତଥା ତାଙ୍କ ଖଲିଫାମାନଙ୍କ କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଉଲ୍ଲେଖ କରାଯାଇଛି ।

ଏହି ଘଟଣାବଳୀକୁ ପାଠ କରି ଆମେମାନେ ଆନନ୍ଦ ଉଠାଇବା ସହିତ ଏଥିରୁ ଶିକ୍ଷାଲାଭ କରି ଅଲ୍ଲାଃଙ୍କର ସାନିଧ୍ୟ ପ୍ରାପ୍ତ କରିବା ଦିଗରେ ଆପ୍ରାଣ ଚେଷ୍ଟା କରିବା ଉଚିତ । ସୁତରାଂ ଏହି ଦୃଷ୍ଟିକୋଣରୁ ନିୟମିତ ନମାଜ ପାଠ କରିବା ତଥା ଅଲ୍ଲାଃଙ୍କ ନାମ ଜପ କରିବା କାର୍ଯ୍ୟକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ । ସେହିପରି ଅଲ୍ଲାଃତାଲାଙ୍କ ସମସ୍ତ ଆଦେଶକୁ ପାଳନ କରିବା ଓ ତଦନୁଯାୟୀ ପରିଚାଳିତ ହେବା ଆବଶ୍ୟକ, ଯଦ୍ୱାରା ତାଙ୍କ ପ୍ରଦର୍ଶିତ ମାର୍ଗରେ ଦୃଢ଼ୀଭୂତ ରହି ଆମେମାନେ ଜୀବନର ପ୍ରକୃତ ଲକ୍ଷ୍ୟ ହାସଲ କରିବା । ତାଙ୍କ ଶ୍ରୀଛାମୁରେ ଦ୍ୱାରପାଳ ରୂପେ ସନ୍ନ୍ୟାସୀ ସାଜି ତାଙ୍କର ନିକଟତମ ଭକ୍ତ ହୋଇପାରିବା । ଯଦି ଆମେମାନେ ପ୍ରଭୁଙ୍କ ସାମିପ୍ୟ ଲାଭ କରିବା, ତେବେ ଦୁନିଆର କୌଣସି ବସ୍ତୁ ଆମ ପ୍ରଗତି ପଥରେ ବାଧକ ସାଜିପାରିବ ନାହିଁ । ଅଲ୍ଲାଃ ଇଚ୍ଛା କଲେ ତାହା ହିଁ ହେବ ।

**(ନାଜର ନଶର ଓ ଇଶାଅତ୍ କାଦିୟାନ)**

# تعلق باللہ

# ଐଶି ସଂପର୍କ

(ତରିୟାକୁଲ୍ କୁଲୁବ୍ ପାଦଟୀକା, ପୃଷ୍ଠା୧ , ସଂସ୍କରଣ ୧୯୦୨ ମସିହା)

کبھی نصرت نہیں ملتی درِ مولیٰ سے گندوں کو
کبھی ضائع نہیں کرتا وہ اپنے نیک بندوں کو

**କଭି ନୁସ୍‌ରତ୍ ନେହିଁ ମିଲ୍‌ତି ଦରେ ମୌଲାସେ ଗନ୍ଦୋଁ କୋ**
**କଭି ଜାୟା ନେହିଁ କରତା ଓହ୍ ଅପନେ ନେକ୍ ବନ୍ଦୋଁ କୋ**

ପାପିଷ୍ଠମାନଙ୍କୁ ମିଳେନାହିଁ କେବେ ଶ୍ରୀଛାମୁ ପୟରେ ଆଶ୍ରା
ସେ ଜୀବନ କେବେ ହୁଏ ନାହିଁ ନଷ୍ଟ ଭକତବନ୍ଧୁ ସେ ପରା

وہی اُس کے مقرب ہیں جو اپنا آپ کھوتے ہیں
نہیں راہ اُس کی عالی بارگہ تک خود پسندوں کو

**ୱହି ଉସକେ ମୁକରବ୍ ହେଁ ଯୋ ଅପନା ଆପ୍ ଖୋତେ ହେଁ**
**ନେହିଁ ରାହ ଉସକି ଆଲୀ ବାର୍‌ଗାହ୍ ତକ୍ ଖୁଦ୍ ପସନ୍ଦୋଁ କୋ**

ଆପଣାକୁ ଯିଏ ହଜାଇ ଦେଇଛି ସେ ତା'ର ନିକଟତମ
ସ୍ୱର୍ଗୀୟ ଭବନ ପଥ ବହୁଦୂର ବଡପଣିର କି ସ୍ଥାନ !

یہی تدبیر ہے پیارو کہ مانگو اس سے قُربت کو
اُسی کے ہاتھ کو ڈھونڈو جلاؤ سب کمندوں کو

**ୟହି ତଦ୍‌ବୀର ହୈ ପ୍ୟାରୋ କେ ମାଁଗୋ ଉସ୍‌ସେ କୁରବତ୍ କୋ**
**ଉସିକେ ହାଥ୍ କୋ ଢୁଣ୍ଡୋ ଜଲାଓ ସବ୍ କମନ୍ଦୋଁ କୋ**

ଭାବକୁ ନିକଟ ମାଗିବାରେ ପ୍ରିୟ ଆପଣାଅ ଏହି ନୀତି
ପ୍ରଭୁ ଶ୍ରୀକରରେ ଖୋଜ ଆପଣାକୁ ଜାଳିଦିଅ ସବୁ ଭୀତି

*(ଦୁର୍‌ରେ ଶମିନ୍)*

# ପରିଚୟ

ପ୍ରତିଶ୍ରୁତ ମସିହ ଓ ମେହେଦୀ ହଜରତ ମିର୍ଜା ଗୁଲାମ୍ ଅହମଦ୍[ଅସ]ଙ୍କ ଜନ୍ମ ଭାରତର ପୁଣ୍ୟ ପୀଠ କାଦିୟାନଠାରେ ୧୮୩୫ ମସିହା ଫେବୃୟାରୀ ୧୩ ତାରିଖ ଶୁକ୍ରବାର ଦିନ ବ୍ରାହ୍ମ ମୁହୂର୍ତ୍ତରେ ପ୍ରାତଃକାଳୀନ ନମାଜ ଫଜର ସମୟରେ ହୋଇଥିଲା । ହଜରତ ମୁହମ୍ମଦ (ତାହାଙ୍କ ପ୍ରତି ଅଲ୍ଲାଃଙ୍କ ଶାନ୍ତି ଓ କରୁଣା ହେଉ)ଙ୍କର ଭବିଷ୍ୟତ ବାଣୀ ଅନୁଯାୟୀ ଅଲ୍ଲାଃତାଲା ତାଙ୍କୁ ଚଳିତ ଯୁଗର ପଥପ୍ରଦର୍ଶକ ମସିହ ଓ ମେହେଦୀ ରୂପେ ଆବିର୍ଭୁତ କରିଥିଲେ ।

ଏଠାରେ ସୁଚାଇ ଦେବା ଜରୁରୀ ଯେ ଜମାଅତ ଅହମଦିୟାର ସିଦ୍ଧାନ୍ତ ଅନୁଯାୟୀ ମସିହ ଓ ମେହେଦୀ ଦୁଇଟି ଭିନ୍ନ ଭିନ୍ନ ସତ୍ତା ନୁହନ୍ତି, ଯେପରିକି ଅଣ ଅହମଦିମାନେ ଧାରଣା ରଖିଥାନ୍ତି । ବରଂ ଗୋଟିଏ ସତ୍ତାକୁ ଅଲ୍ଲାଃତାଲା ଦୁଇଟି ଭିନ୍ନ ନାମରେ ନାମିତ କରିଛନ୍ତି । ସୁତରାଂ ହଜରତ ମୁହମ୍ମଦ[ସଅ] କହିଥିଲେ

**ଲାଲ୍ ମହଦିୟୁ ଇଲ୍ଲା ଇସା** لَا الْمَهْدِيُّ اِلَّا عِيْسٰى

ଅର୍ଥାତ 'ଇସା ଓ ମେହେଦି କେବଳ ଗୋଟିଏ ଅସ୍ତିତ୍ୱ ଧାରଣ କରିବେ ।' ସୁତରାଂ ଅଲ୍ଲାଃ ଏହି କାରଣରୁ ପ୍ରତିଶ୍ରୁତ ଯୁଗାବତାରଙ୍କ ନାମ 'ମସିହ' ରଖିଲେ, ଯଦ୍ୱାରା ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ବିଶେଷ ଭାବରେ ମୁକାବିଲା କରିବାର ଥିଲା । ସେଥିପାଇଁ ସେମାନଙ୍କର ଧର୍ମୀୟ ସିଦ୍ଧାନ୍ତରେ ରହିଥିବା ଭୁଲ ଧାରଣାକୁ ଦୃଢ଼ଭାବେ ଖଣ୍ଡନ କରି ସତ୍ୟତାକୁ ପ୍ରମାଣିତ କରାଯାଇ ପାରିବ ।

ସୁତରାଂ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ଅଲ୍ଲାଃଙ୍କର ଜଣେ ପ୍ରେରିତ ନବୀ ଥିଲେ ଏବଂ ଅବତାର ପଦବୀରେ ଅବସ୍ଥାପିତ କରାଇ ଅଲ୍ଲାଃତାଲା ତାଙ୍କୁ ମାନ୍ୟତା ପ୍ରଦାନ କରିଥିଲେ । କେବଳ ଯେ ତାଙ୍କୁ ଏହି ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ପ୍ରତିଷ୍ଠା ପ୍ରଦାନ କରିଥିଲେ ତା'ନୁହେଁ, ବରଂ ଅଲ୍ଲାଃ ତାଙ୍କୁ କେତେକ ପୂର୍ବବର୍ତ୍ତୀ ଅବତାରମାନଙ୍କ ନାମରେ ମଧ୍ୟ ଆଖ୍ୟାୟିତ କରିଥିଲେ । ତାହା ଏହି କାରଣ ଯୋଗୁଁ ଯେ ସେମାନଙ୍କର ଶାଶ୍ୱତ ଗୁଣାବଳୀ ତାଙ୍କଠାରେ ଦେଖିବାକୁ ମିଳିଥିଲା । ସୁତରାଂ ଅଲ୍ଲାଃତାଲା ତାଙ୍କୁ ଦୈବୀବାଣୀ ଦ୍ୱାରା ଜଣାଇଲେ:

**ଜରିୟୁଲ୍ଲାହି ଫି ହୁଲଲିଲ୍ ଅମ୍ବିୟା** جَرِيُّ اللّٰهِ فِيْ حُلَلِ الْاَنْبِيَآءِ

ଏହାର ଅର୍ଥ ହେଉଛି 'ଏହି ବ୍ୟକ୍ତି ଅଲ୍ଲାଃଙ୍କର ସୁଦକ୍ଷ ମଲ୍ଲଯୋଦ୍ଧା ଯିଏ କି ଅବତାରମାନଙ୍କ ପୋଷାକ ପରିଧାନ କରିଛନ୍ତି ।' ତେଣୁ ହଜରତ ଅହମଦ କହିଛନ୍ତି:

میں کبھی آدم کبھی موسیٰ کبھی یعقوب ہوں
نیز ابراہیم ہوں نسلیں ہیں میری بے شمار

**ମୈଁ କଭି ଆଦମ୍ କଭି ମୁସା କଭି ୟାକୁବ୍ ହୁଁ**
**ନିଜ୍ ଇବ୍ରାହିମ ହୁଁ ନସ୍‌ଲେଁ ହେଁ ମେରି ବେଶୁମାର୍ ।**

ମୁଁ ହିଁ ଯେ ଆଦମ କେବେ ପୁଣି ମୁସା ୟାକୁବ୍ ନବୀଙ୍କ ସମ
ପିତା ଇବ୍ରାହିମ ଅବତାର ବଂଶ ଅସଂଖ୍ୟ ମୋହର ନାମ ।

ହଜରତ ମୁହମ୍ମଦସଅଙ୍କ ସଂପୂର୍ଣ୍ଣ ଦାସତ୍ୱ ଓ ଆଜ୍ଞାନୁବର୍ତ୍ତୀତାର ଫଳ ସ୍ୱରୂପ ଅଲ୍ଲାଃ ତାଙ୍କୁ ନବୀର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରିଥିଲେ । ସେ ମୁହମ୍ମଦଙ୍କ ଜାତିଭୁକ୍ତ ଅଧସ୍ତନ ନବୀର ପଦମର୍ଯ୍ୟାଦା ଲାଭ କରିଥିଲେ । ମୁହମ୍ମଦ ରସୁଲୁଲ୍ଲାଃଙ୍କ ଦାସତ୍ୱ ସ୍ୱୀକାର କରିବାରେ ସେ ନିଜକୁ ଅତ୍ୟନ୍ତ ଗୌରବାନ୍ୱୀତ ମନେ କରୁଥିଲେ । ତେଣୁ ଅଲ୍ଲାଃତାଲା ତାଙ୍କୁ ମୁହମ୍ମଦସଅ ଙ୍କ ସହାୟକ ନବୀ ରୂପେ ପ୍ରେରଣ କରିଥିଲେ । ଏହାର ପରିଣାମ ସ୍ୱରୂପ ତାଙ୍କରି ମାଧ୍ୟମରେ ଅନ୍ତିମ ଯୁଗରେ ଇସଲାମ ଧର୍ମର ସେବା ଏପରି ଉତ୍ତମ ଢ଼ଙ୍ଗରେ ହୋଇପାରିଲା, ଯାହାର ଦୃଷ୍ଟାନ୍ତ ବିଗତ ଚଉଦଶହ ବର୍ଷ ମଧ୍ୟରେ ଦେଖିବାକୁ ବିରଳ ।

ଯେଉଁ ସମୟରେ ସେ ଅବତାର ପ୍ରାପ୍ତିର ଘୋଷଣା କଲେ, ସେ ସମୟରେ ଅତ୍ୟାଚାର ଓ ଅଧର୍ମର ଅନ୍ଧକାର ଚରମ ସୀମାରେ ପହଞ୍ଚି ଯାଇଥିଲା । ସୁତରାଂ ସେ ଅତ୍ୟନ୍ତ ପବିତ୍ର ଓ ସତ୍ୟର ଆଲୋକ ମଶାଲଧାରୀ ଏକ ଜମାଅତର ଭିତ୍ତି ପ୍ରତିଷ୍ଠା କଲେ । ଏହି ପୁଣ୍ୟତୋୟା ଓ ପବିତ୍ର ସଂପ୍ରଦାୟ ଧୀରେ ଧୀରେ ବୃଦ୍ଧିପାଇ ଏବେ ପୃଥିବୀର ୨୧୫ଟି ଦେଶରେ ପ୍ରସାର ଲାଭ କରିସାରିଲାଣି । ଏହି ଜମାଅତ ନିଜର ସତ୍‌କର୍ମ, ଈଶ୍ୱରଭୟ, ତ୍ୟାଗ ଓ ବଳିଦାନ ପୂର୍ବକ ଇସଲାମର ବାସ୍ତବ ଛବି ଉପସ୍ଥାପନ କରିବା କ୍ଷେତ୍ରରେ ମୁସଲମାନମାନଙ୍କର ଅନ୍ୟ ସମସ୍ତ ଗୋଷ୍ଠୀ ମଧ୍ୟରେ ଅନୁପମ ଓ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ।

ହଜରତ ମିର୍ଜା ଗୁଲାମ ଅହମଦଙ୍କଅସ ଦେହାନ୍ତ ୨୬ମଇ ୧୯୦୮ ମସିହାରେ ହେଲା । ଏହା ଉତ୍ତାରେ ଅହମଦିୟା ସଂପ୍ରଦାୟରେ ଉତ୍ତରାଧିକାରୀ ବ୍ୟବସ୍ଥା ସ୍ୱରୂପ ଖିଲାଫତ୍ ଅନୁଷ୍ଠାନ କାର୍ଯ୍ୟକାରୀ ହେଲା । ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ହଜରତ ମୁହମ୍ମଦସଅ ଭବିଷ୍ୟତ ବାଣୀ ଅନୁଯାୟୀ ଅବିକଳ ଭାବରେ ପ୍ରଚଳିତ ହେଲା । ଯୁଗାବତାର ଅହମଦଅସଙ୍କର ଖଲିଫାମାନଙ୍କର ନାମ ନିମ୍ନରେ ପ୍ରଦତ୍ତ ହେଉଛି:

(୧) ହଜରତ୍ ମୌଲାନା ହକିମ୍ ନୁରୁଦ୍ଦୀନ୍[ରଅ] ଖଲିଫତୁଲ୍ ମସିହ-ପ୍ରଥମ
(୨) ହଜରତ୍ ମିର୍ଜା ବଶିରୁଦ୍ଦୀନ୍ ମହମୁଦ ଅହମଦ[ରଅ] ଖଲିଫତୁଲ୍ ମସିହ-ଦ୍ୱିତୀୟ
(୩) ହଜରତ୍ ମିର୍ଜା ନାସର୍ ଅହମଦ[ରଅ] ଖଲିଫତୁଲ୍ ମସିହ-ତୃତୀୟ
(୪) ହଜରତ୍ ମିର୍ଜା ତାହିର୍ ଅହମଦ[ରଅ] ଖଲିଫତୁଲ୍ ମସିହ-ଚତୁର୍ଥ
(୫) ହଜରତ୍ ମିର୍ଜା ମସରୁର୍ ଅହମଦ୍[ଅବ] ଖଲିଫତୁଲ୍ ମସିହ-ପଞ୍ଚମ

୨୦୦୩ ମସିହାରୁ ପଞ୍ଚମ ଖଲିଫାଙ୍କର ଆଧାତ୍ମିକ ଓ ଦୃଢ ପ୍ରଶାସନିକ ନେତୃତ୍ୱରେ ଅହମଦିୟା ମୁସଲିମ ସଂପ୍ରଦାୟ ବର୍ତ୍ତମାନ ବିଶ୍ୱ ସ୍ତରରେ ପରିଚାଳିତ ହେଉଛି ।

ଖିଲାଫତ୍ ଅଲ୍ଲାଃଙ୍କର ଏକ ମହାନ ପୁରସ୍କାର । ଅହମଦିୟା ଜମାଅତ୍‌ରେ ସତ୍‌କର୍ମ, ଧର୍ମନିଷ୍ଠା, ଏକତା ଓ ବିଶ୍ୱଭ୍ରାତୃତ୍ୱ ତଥା ଅପୂର୍ବ ତ୍ୟାଗ ଓ ବଳିଦାନ ପୂର୍ବକ ସମଗ୍ର ପୃଥିବୀରେ ବାସ୍ତବ ଇସଲାମର ପ୍ରଚାର ଓ ପ୍ରସାର କାର୍ଯ୍ୟ ଅତ୍ୟନ୍ତ ସୁସଂଗଠିତ ଓ ସୁଶୃଙ୍ଖଳିତ ଉପାୟରେ କରାଯାଉଛି । ଏହା ସବୁକିଛି କେବଳ ଖିଲାଫତ୍ ଯୋଗୁଁ ହିଁ ସମ୍ଭବ ହୋଇପାରିଛି, ଯାହାର ଆଶୀର୍ବାଦ ଓ ଉପକାରରୁ ଅନ୍ୟ ମୁସଲମାନମାନେ ଆଜି ବଞ୍ଚିତ ରହିଛନ୍ତି ।

ଏହି ପୁସ୍ତିକାରେ ବର୍ଣ୍ଣିତ ବିଷୟବସ୍ତୁର ଶୀର୍ଷକ ହେଉଛି 'ପ୍ରତିଶ୍ରୁତ ମସିହ ଏବଂ ଖଲିଫାମାନଙ୍କର ଅଲ୍ଲାଃଙ୍କ ସହିତ ରହିଥିବା ଘନିଷ୍ଠ ସଂପର୍କର ଘଟଣାବଳୀ' । ସୁତରାଂ ନିମ୍ନରେ ଏଥି ସମ୍ବନ୍ଧୀୟ ବିସ୍ତୃତ ଘଟଣାବଳୀ ବର୍ଣ୍ଣନା କରାଯାଉଛି ।

**ପ୍ରକାଶକ**
ନଜାରତ ନଶର ଓ ଇଶାଅତ୍ କାଦିୟାନ
(କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ)

# ମର୍ଯ୍ୟାଦାସୂଚକ ଉକ୍ତି

**ସଅ** - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

**ଅସ** - (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

**ରଅ** - (ରଜିଅଲ୍ଲାଃ ତା'ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

**ରଉ** - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସର୍ବଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

**ଅବ** - (ଅୟଦହୁଲ୍ଲାହୁ ତା'ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦାସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ[ଅସ]
# ମସିହ ଓ ମେହଦି

ଅଲ୍ଲାଃତାଲା ଯେଉଁମାନଙ୍କୁ ସୃଷ୍ଟିର ପ୍ରାଣୀମାନଙ୍କର ସୁଧାର ପାଇଁ ନବୀ ଭାବରେ ନିଯୁକ୍ତ କରି ପଠାଇଛନ୍ତି, ସେମାନେ ହିଁ ସବୁଠାରୁ ଅଧିକ ନିଜର ସୃଷ୍ଟିକର୍ତ୍ତା ଓ ପରମ ବିଧାତା ଅଲ୍ଲାଃ ଏବଂ ତାହାଙ୍କ ପ୍ରେରିତଗଣଙ୍କ ସହିତ ପ୍ରେମ କରିଥାନ୍ତି । ହଜରତ ମସିହ ମେହେଦୀଙ୍କର ମଧ୍ୟ ନିଜ ପରମସ୍ରଷ୍ଟା ଓ ମୁନିବ ଏକବ୍ରହ୍ମଙ୍କ ସହିତ ଅତ୍ୟନ୍ତ ପ୍ରେମଭାବ ରହିଥିଲା । ଆମେମାନେ ତାଙ୍କର ଲେଖନୀ ଓ ବିଭିନ୍ନ ଘଟଣାବଳୀ ସମ୍ବନ୍ଧରେ ପାଠ କରି କେବଳ ଏତିକି ଅନୁମାନ ଲଗାଇଥାଉ ଯେ ସେ ଈଶ୍ୱରଙ୍କ ସହିତ ପ୍ରଗାଢ଼ ପ୍ରେମଭାବ ରଖୁଥିଲେ । କିନ୍ତୁ ପ୍ରକୃତ କଥା ହେଉଛି ତାଙ୍କ ହୃଦୟରେ ଅଲ୍ଲାଃଙ୍କ ପ୍ରତି କେତେ ମାତ୍ରାରେ ପ୍ରେମଭାବ ଥିଲା ଏବଂ କେତେ ଅଧିକ ଆବେଗ ଭରି ରହିଥିଲା, ତାହାର ସଠିକ୍ ଅନୁମାନ ଲଗାଇବା କାହାର ଅକ୍ତିଆରରେ ନଥିଲା । ସେ ମହାଶୟ ନିଜର ସାରାଜୀବନ ଅଲ୍ଲାଃତାଲାଙ୍କର ସମସ୍ତ ଆଦେଶ ଉପରେ କାୟମନ-ବାକ୍ୟରେ ପାଳନ କରୁଥିଲେ । ସେ ସେହି ସବୁ ବାରଣ କରାଯାଇଥିବା ବିଷୟରୁ ବଞ୍ଚିତ ହେଉଥିଲେ, ଯାହା ନକରିବା ପାଇଁ ଅଲ୍ଲାଃତାଲା ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପବିତ୍ର କୁରଆନରେ ଉପଲବ୍ଧ ସେହି ସମସ୍ତ ଆଦେଶଗୁଡିକ ଉପରେ ସେ ଅନୁପ୍ରାଣୀତ ହେଉଥିଲେ, ଯାହା କରିବା ପାଇଁ ଅଲ୍ଲାଃତାଲା ସ୍ୱୟଂ କହିଥିଲେ । ସେ ଈଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ ଓ ସଂପୂର୍ଣ୍ଣ ଭରସା ରଖିଥିଲେ । କ୍ଷଣିକ ପାଇଁ ହେଲେ ସୁଦ୍ଧା କୌଣସି ମନୁଷ୍ୟ ଅଥବା କୌଣସି ପାର୍ଥିବ ବସ୍ତୁର ଚାକଚକ୍ୟ ଉପରେ ଭରସା କରି ନଥିଲେ । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରିକୁ ନିଜର ହର୍ତ୍ତାକର୍ତ୍ତା ଓ ସାହାଯ୍ୟକାରୀ ରୂପେ ବିବେଚନା କରୁ ନଥିଲେ । ଯେତେବେଳେ ତାଙ୍କର ବୃଦ୍ଧ ପିତା ହଜରତ ମିର୍ଜା ଗୁଲାମ ମୁର୍‌ତେଜା ସାହେବଙ୍କର ଦେହାବସାନ ହେଲା, ତାଙ୍କ ମନରେ ଏହି ଭାବନା ଆସିଲା ଯେ ଯେଉଁ ପିତା ମୋର ସବୁ ଆଶାଭରସା ଥିଲେ ସେ ଆଜି ଆମକୁ ଛାଡି ଚାଲିଗଲେ । ତାଙ୍କର ଏହା ଭାବିବା ସ୍ୱାଭାବିକ ଥିଲା । କିନ୍ତୁ ଈଶ୍ୱରଙ୍କ ସତ୍ତା ଉପରେ ତାଙ୍କର ଭାବନାର ଅର୍ଥ ଏହା ନୁହେଁ ଯେ ସେ ସବୁଠାରେ ବିଦ୍ୟମାନ ଥିବାର ତାଙ୍କ ମନରେ କୌଣସି ବିଶ୍ୱାସ ନଥିଲା । ବରଂ ତାଙ୍କ ବାଲ୍ୟକାଳରୁ ହିଁ ସେ ଈଶ୍ୱରଙ୍କ ପ୍ରେମରେ ନିଜକୁ ବିଲୀନ କରି ଦେଇଥିଲେ ଏବଂ ସେହି ଈଶ୍ୱରଙ୍କର ହିଁ ହୋଇ ରହି ଯାଇଥିଲେ ।

ଯେତେବେଳେ ଏହି ଭାବନା ତାଙ୍କ ମନରେ ଉପୁଜିଲା, ତତ୍‌କ୍ଷଣାତ ଅଲ୍ଲାଃଙ୍କ ତରଫରୁ ତାଙ୍କ ପ୍ରତି ଏହି ଦୈବୀବାଣୀ ହେଲା ଯେ :

**ଆଲୈସଲ୍ଲାହୁ ବିକାଫିନ୍ ଅବ୍‌ଦହୁ** اَلَيۡسَ اللّٰهُ بِكَافٍ عَبۡدَهٗ

ଅର୍ଥାତ 'କ'ଣ ଅଲ୍ଲାଃତାଲା ନିଜର ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି ? ଏହି ଐଶୀବାଣୀ ପ୍ରକଟିତ ହେବା ଦ୍ୱାରା ଅଲ୍ଲାଃଙ୍କ ପ୍ରତି ତାଙ୍କର ପ୍ରେମ ସମ୍ପର୍କ ଆହୁରି ଅଧିକ ଦୃଢ଼ୀଭୂତ ହୋଇଗଲା ଓ ବନ୍ଧୁତ୍ୱ ଅଧିକ ଘନୀଭୂତ ହେବାରେ ଲାଗିଲା । ତାଙ୍କ ଅନାବିଳ ପ୍ରେମର ଦୃଷ୍ଟାନ୍ତ ଏପରି ଥିଲା ଯେ ସେ ଏକାନ୍ତ ଭାବେ ଅଲ୍ଲାଃତାଲାଙ୍କର ହୋଇ ଯାଇଥିଲେ । ସେଥିପାଇଁ ଅଲ୍ଲାଃତାଲା ତାଙ୍କୁ **'ଜରିଉଲ୍ଲାହି ଫୀ ହୁଲଲିଲ୍ ଅମ୍ବିୟା'**ର ଆଖ୍ୟା ଦେଇଥିଲେ । ଅର୍ଥାତ 'ସେ ଅଲ୍ଲାଃଙ୍କର ବୀର ଯୋଦ୍ଧା ତଥା ସକଳ ଅବତାରଙ୍କ ପୋଷାକ ପରିଧାନ କରି ଆସିଥିଲେ । ଏବଂ ସେ ନିଜକୁ ଈଶ୍ୱରଙ୍କର ସିଂହ ବୋଲାଇଥିଲେ । ସୁତରାଂ ସେ ସ୍ୱରଚିତ ଏକ କବିତାରେ ବିରୁଦ୍ଧାଚରଣ ଗୋଷ୍ଠୀକୁ ସମ୍ବୋଧନ କରି ଏହିପରି କହିଛନ୍ତି:

جو خدا کا ہے اُسے للکارنا اچھا نہیں
ہاتھ شیروں پر نہ ڈال اَے رُوبۂ زار و نزار

**ଯୋ ଖୁଦାକା ହୈ ଉସେ ଲଲ୍‌କାରନା ଅଚ୍ଛା ନେହିଁ,**
**ହାଥ୍ ଶେରୋଁ ପର୍ ନଡାଲ୍ ଅଏ ରୁବଏ ଜାରୋ ନଜାର୍**

ରଣ ହୁଙ୍କାର ଦେଇଣ ଆମ୍ଭଙ୍କୁ ଭଲ କରୁନାହଁ ଭାଇ
ଭୟ ନାହିଁ ତା'ର ହୋଇଛନ୍ତି ଯା'ର ଏକା ସେ ଜଗତସାଇଁ ।

ଶତସିଂହ ବଳ ଭରିଛି ମୋ ଦେହେ, ହାତ ଦେଇ ଥରେ ଦେଖ
ଶୃଗାଳର ଛୁଆ ହୋଇଣ ତୁ ଛାର ଦେଖାଉ କେଡେ ବହପ ॥

ଈଶ୍ୱରଙ୍କ ସହିତ ତାଙ୍କର ପ୍ରଗାଢ ଅନୁରକ୍ତି ଓ ପ୍ରେମର ଗଭୀରତା ନିମ୍ନରେ ପ୍ରଦତ୍ତ କେତେକ ଲିଖିତ ରଚନାରୁ ଏପରି ମଧ୍ୟ ଆକଳନ କରାଯାଇପାରେ । ତାଙ୍କ ହୃଦୟରେ ଅଲ୍ଲାଃଙ୍କ ପ୍ରତି ପ୍ରେମର ବ୍ୟାକୁଳତା କିଭଳି ଭାବରେ ପ୍ରକାଶ ପାଉଥିଲା, ସେଥି ସମ୍ବନ୍ଧରେ ସେ ଲେଖିଛନ୍ତି ଯେ ଯେଉଁ ପ୍ରଭୁ ମୋତେ ପ୍ରାପ୍ତ ହୋଇଛନ୍ତି, ତାହାଙ୍କୁ ସଂସାର ଚିହ୍ନିପାରନ୍ତା କି ! ଯଦ୍ୱାରା ତାଙ୍କ ସହିତ ନିଜ ସମ୍ପର୍କର ଡ଼ୋରି ଯୋଡ଼ିଦିଅନ୍ତା ଓ ତାହାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିନିଅନ୍ତା କି ! ପୁନଶ୍ଚ ସେ ଏହିପରି କହିଛନ୍ତି:

"ତୁମେ ଯେଉଁମାନେ ଏଥିରୁ ବଞ୍ଚିତ, ସେହି ନିର୍ଝର ନିକଟକୁ ଦଉଡ଼ି ଯାଅ । ଏହା ତୁମର ତୃଷା ନିବାରଣ କରିବ । ଏହା ହିଁ ସେହି ପ୍ରାଣସଞ୍ଚାର ନିର୍ଝର, ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ କରିବି, କିପରି ଏହି ଶୁଭ ସମ୍ବାଦକୁ ତୁମ ହୃଦୟରେ ବସାଇବି ? କେଉଁ ବାଦ୍ୟଯନ୍ତ୍ର ଦ୍ୱାରା ଢ଼େଙ୍ଗୁରା ଦେଇ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏହି ଘୋଷଣା କରିବି ଯେ ତୁମର ପ୍ରଭୁ ହେଉଛନ୍ତି ଏହିପରି । ଯଦ୍ଦ୍ୱାରା ଲୋକମାନେ ସରାଗରେ ମୋ କଥାକୁ କାନପାତି ଶୁଣିବେ ଏବଂ କେଉଁ ମହୌଷଧି ଦେଇ ମୁଁ ଏହାର ଉପଚାର କରିବି, ଯଦ୍ଦ୍ୱାରା ଶୁଣିବା ଲୋକର କାନ ଖୋଲିବ ।

ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ । ତୁମେ ଶୋଇ ରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ । କ'ଣ ତୁମକୁ ଏପର୍ଯ୍ୟନ୍ତ ଜଣା ନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପ୍ରତି ଅନାସକ୍ତ ହୋଇଯାଆନ୍ତ । ଜଣେ ବ୍ୟକ୍ତି ଯିଏ ନିଜ ପାଖରେ ଏକ ଧନର ଭଣ୍ଡାର ରଖିଥାଏ, ସେ କ'ଣ ଗୋଟିଏ ପଇସା ବ୍ୟର୍ଥ ହୋଇଗଲେ କାନ୍ଦିବ କିମ୍ବା ଚିତ୍କାର କରିବ ଓ ନିଜ ମଥା ପିଟି ମରିବ ? ଯଦି ତୁମ ପାଖରେ ଏହି ଧନ ଭଣ୍ଡାରର ସୂଚନା ଥାଆନ୍ତା ଯଦ୍ଦ୍ୱାରା ପ୍ରଭୁ ତୁମର ପ୍ରତ୍ୟେକ ପ୍ରକାର ଅଭାବ ଓ ଆବଶ୍ୟକ ସମୟରେ କାମରେ ଆସିବେ, ତେବେ ତୁମେ ସଂସାର ପାଇଁ କାହିଁକି ବିଚଳିତ ହୁଅନ୍ତ । ଈଶ୍ୱର ହେଉଛନ୍ତି ଏକ ପ୍ରିୟ ଦୁର୍ଲଭ ରତ୍ନ ଭଣ୍ଡାର । ତାଙ୍କର ଆଦର ସମ୍ମାନ କର । ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାଙ୍କ ବିନା ତୁମେ କିଛି ନୁହଁ ଓ ତୁମର ଅସ୍ତିତ୍ୱ ବୋଲି କିଛି ନାହିଁ । ତୁମର ସମସ୍ତ ସାଧନ, ପ୍ରଯତ୍ନ ଓ ଉପାୟ ସବୁକିଛି ମହତ୍ତ୍ୱହୀନ ।"

*(କିଶ୍‌ତୀ ନୁହ୍, ରୂହାନି ଖଜାଯିନ, ଗ୍ରନ୍ଥଖଣ୍ଡ 19, ପୃଷ୍ଠା 34-35)*

ହଜରତ ଅହମଦ[ଅସ]ଙ୍କର ଅଲ୍ଲାଃଙ୍କ ସହିତ ରହିଥିବା ଦୃଢ ସମ୍ପର୍କର କେତେକ ବିଶ୍ୱାସବର୍ଦ୍ଧକ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି ।

# ନମାଜ ପାଠ ସହିତ ପ୍ରେମ

ବାଲ୍ୟକାଳରୁ ହିଁ ତାଙ୍କର ନମାଜ ପାଠ ପ୍ରତି ବିଶେଷ ରଚି ରହିଥିଲା । ପ୍ରକୃତ ପକ୍ଷେ ଅଲ୍ଲାଃଙ୍କ ସହିତ ପ୍ରେମଭାବ ରହିଥିଲେ ଯାଇ ନମାଜ ପାଠ ପ୍ରତି ପ୍ରେମ ସୃଷ୍ଟି ହୋଇଥାଏ । ସୁତରାଂ ସେ ଦିନତମାମ ହିଁ ମସଜିଦ୍‌ରେ ପଡି ରହୁଥିଲେ ଏବଂ ଇସଲାମ ସମ୍ବନ୍ଧୀୟ ପୁସ୍ତକଗୁଡିକର ଅଧ୍ୟୟନରେ ମଗ୍ନ ରହୁଥିଲେ । ଅଧିକାଂଶ ସମୟ ମସଜିଦ୍ ମଧ୍ୟରେ ଅତିବାହିତ କରୁଥିବା ଯୋଗୁଁ ଲୋକମାନଙ୍କ ମଧ୍ୟରେ ସେ ମସଜିଦ୍‌ବାଲା ତଥା ବାବାଜୀ ଭାବେ ପରିଚିତ ଥିଲେ । ଅତି କମ୍ ବୟସରୁ ନମାଜ ପାଠ ପ୍ରତି ଆଗ୍ରହ ତଥା ପ୍ରାର୍ଥନା ପ୍ରତି ନିଷ୍ଠା ଓ ପ୍ରେମ ସମ୍ପର୍କର ପ୍ରମାଣ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତରୁ ମିଳୁଛି । ତାହା ଏହିପରି:

ମହାମାନ୍ୟଟଙ୍କର ପ୍ରଥମରୁ ହିଁ ନମାଜ ପ୍ରତି ଗଭୀର ଆକର୍ଷଣ ରହିଥିଲା । ଏପରି ଏକ ସ୍ୱଭାବଗତ ରଚିରେ ଏହା ପରିଣତ ହୋଇଯାଇଥିଲା, ଯାହା ତାଙ୍କ ବୟସର ଅନ୍ତିମ ସୋପାନ ପର୍ଯ୍ୟନ୍ତ ଏକ ନିଶା ପରି ତାଙ୍କ ମନମସ୍ତିଷ୍କ ଉପରେ କାୟା ବିସ୍ତାର କରିଥିଲା । ଅହମଦିୟା ସଂପ୍ରଦାୟର ପ୍ରଥମ ଐତିହାସିକ ହଜରତ ଶେଖ୍ ୟାକୁବ୍ ଅଲି ସାହେବ ଇର୍‌ଫାନୀ[ରଅ] ହଜରତ ଅହମଦ[ଅସ]ଙ୍କର ପ୍ରାରମ୍ଭିକ ଜୀବନୀ ସମ୍ବନ୍ଧରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ଉପରେ ଆଲୋକପାତ କରିଛନ୍ତି । ଯେତେବେଳେ ତାଙ୍କର ବୟସ ଅତି ସ୍ୱଳ୍ପ ଥିଲା, ସେ ନିଜର ସମବୟସ୍କା ଏକ କୁମାରୀ କନ୍ୟା ଯିଏକି ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ କରିଥିଲେ ସେ ଏହି ପରି କହିଛନ୍ତି: **'ନା ମୁରାଦେ ଦୁଆ କର୍ କେ ଖୁଦା ମୁଝେ ନମାଜ ନସିବ୍ କରେ'** ଅର୍ଥାତ 'ହେ ରଚିହୀନ ଲୋକମାନେ ! ତୁମେ ପ୍ରାର୍ଥନା କର ଯେ ପ୍ରଭୁ ଯେପରି ମୋ ଭାଗ୍ୟରେ ନମାଜ ପଢ଼ିବାର କାମନା ଜାଗ୍ରତ କରନ୍ତୁ ।' ଏହି ଉକ୍ତିଟି ଅତି ସଂକ୍ଷିପ୍ତ ଲାଗୁଥିଲେ ମଧ୍ୟ ସେଥିରୁ ତାଙ୍କର ଈଶ୍ୱରୀୟ ଭକ୍ତିର ସ୍ରୋତ ଏପରି ଲହଡୀ ମାରୁଥିଲା, ଯାହା ତାଙ୍କର ଜନ୍ମଗତ ସ୍ୱଭାବରେ ପ୍ରଥମରୁ ହିଁ ପ୍ରତିଫଳିତ ହେଉଥିଲା । ହଜରତ ମସିହ ମଉଦ[ଅସ] ନିଜର ଏହି ସ୍ୱାଭାବିକ ଅଭିରୁଚିର ନକସା ଅଙ୍କନ କରିବାକୁ ଯାଇ ଏକ ସ୍ଥାନରେ ଏହିପରି ଦର୍ଶାଇଛନ୍ତି:

اَلْمَسْجِدُ مَكَانِىْ وَالصَّالِحُوْنَ اِخْوَانِىْ
وَذِكْرُ اللّٰهِ مَالِىْ وَ خَلْقُ اللّٰهِ عِيَالِىْ

**ଅଲ୍ ମସ୍‌ଜିଦୁ ମକାନି ୱସ୍‌ସ୍ୱାଲେହୁନା ଇଖ୍‌ୱାନୀ**
**ୱଜିକ୍‌ରୁଲ୍ଲାହି ମାଲି ୱଖଲ୍‌କୁଲ୍ଲାହି ଅୟାଲୀ**

ଏହାର ଅର୍ଥ ସ୍ୱରୂପ ସେ କହିଛନ୍ତି: 'ଆଦ୍ୟାବସ୍ଥାରୁ ମସଜିଦ୍ ମୋର ଗୃହ, ପୁଣ୍ୟବନ୍ତ ଲୋକମାନେ ମୋର ଭ୍ରାତା, ପ୍ରଭୁଙ୍କ ସ୍ମରଣ ମୋର ସମ୍ପତ୍ତି ଏବଂ ଈଶ୍ୱର ସୃଷ୍ଟଜ ପ୍ରାଣୀମାନେ ମୋର ପରିବାର ଓ ଜ୍ଞାତିକୁଟୁମ୍ବ ।'

*(ଅହମଦିୟତ୍‌ର ଇତିହାସ, ପ୍ରଥମ ଭାଗ, ପୃଷ୍ଠା 53)*

କଷ୍ଟକର ପରିସ୍ଥିତିରେ ମଧ୍ୟ ନମାଜ ପାଠ କେବେହେଲେ ହାତଛଡା କରୁ ନଥିଲେ କି ତାହା ପରିତ୍ୟାଗ କରିବାକୁ ଦେଉ ନଥିଲେ । ବରଂ ସମୟାନୁବର୍ତ୍ତିତାକୁ ଆପଣାଇ ନିୟମିତ ରୂପେ ଯଥା ସମୟରେ ନମାଜ ପାଠ କରୁଥିଲେ । ପ୍ରକୃତରେ ଦେଖିବାକୁ ଗଲେ ନମାଜ ପାଠ ମାଧ୍ୟମରେ ଉପାସନା କରିବା ହେଉଛି ଅଲ୍ଲାଃତାଲାଙ୍କୁ ସ୍ମରଣ କରିବାର ଏକ ମାଧ୍ୟମ । ଯେପରିକି ଅଲ୍ଲାଃତାଲା କହିଛନ୍ତି । وَأَقِمِ الصَّلٰوةَ لِذِكْرِيْ **'ଅକିମିସ୍ ସଲାତା ଲିଜିକ୍‌ରି'** ଅର୍ଥାତ 'ଆମ୍ଭଙ୍କୁ ସ୍ମରଣ କରିବା ପାଇଁ ନମାଜ ପାଠ କର ।' ସୁତରାଂ ପ୍ରତ୍ୟେକ ସ୍ଥିତିରେ ନମାଜ ପ୍ରତି ଗୁରୁତ୍ୱ ଦେବା ଥିଲା ତାଙ୍କର ଅଲ୍ଲାଃଙ୍କ ସହିତ ନିବିଡ ସମ୍ପର୍କର ଏକ ମହାନ ଲକ୍ଷଣ । ଏହି ସଂକ୍ରାନ୍ତରେ ଦୁଇଟି ବୃତ୍ତାନ୍ତ ନିମ୍ନରେ ଉଲ୍ଲେଖ କରାଯାଉଛି ।

ହଜରତ ମସିହ ମଉଦ[ଅସ] ନିଜର ଜୀବନକାଳ ମଧ୍ୟରେ ବିଭିନ୍ନ ପରିସ୍ଥିତିରେ ମାଲି ମକଦ୍ଦମା ସଂକ୍ରାନ୍ତରେ ଅଦାଲତରେ ଯାଇ ଉପସ୍ଥିତ ହେଉଥିଲେ । ତେବେ ଏହାର ଦୁଇଟି ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି ।

ଜମାଅତ ଅହମଦିୟାର ଅନ୍ୟତମ ଐତିହାସିକ ସ୍ୱର୍ଗତ ମୌଲାନା ଦୋସ୍ତ ମୁହମ୍ମଦ ଶାହିଦ ସାହେବ ଏହିପରି ଲେଖିଛନ୍ତି:

ହଜରତ ଅହମଦ[ଅସ]ଙ୍କ ପ୍ରତି ଆରୋପିତ ମକଦ୍ଦମା ଯେତେ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଉ ନା କାହିଁକି ଏବଂ ତାଙ୍କ ପାଇଁ ଓ ତାଙ୍କ ପରିବାରବର୍ଗଙ୍କ ସକାଶେ ଯେତେ ଗୁରୁତ୍ୱପୂର୍ଣ୍ଣ ତଥା ଉତ୍ତମ ଫଳାଫଳ ସମ୍ପନ୍ନ ହୋଇଥିଲେ ସୁଦ୍ଧା ସେ ନମାଜ ପାଠ କରିବା ପ୍ରତି ଅଗ୍ରାଧିକାର ଦେଉଥିଲେ । ସେ ଯେକୌଣସି ପରିପ୍ରେକ୍ଷୀରେ ନମାଜକୁ ହାତଛଡା କରୁ ନଥଲେ । ସୁତରାଂ ତାଙ୍କର ଏହା ରେକର୍ଡ ଅଛି ଯେ ମକଦ୍ଦମା ଚାଲିଥିବା ସମୟରେ କୌଣସି ଗୋଟିଏ ହେଲେ ନମାଜକୁ ସେ ପରିହାର କରିନାହାନ୍ତି କି ଉଛୁର କରି ପଢିନାହାନ୍ତି । କଚେରିରେ ଯେତେବେଳେ ମକଦ୍ଦମାର ସମୟ ଆସେ, ସେହିକ୍ଷଣି ସେହି କଚେରୀର ଭିତରେ ଧ୍ୟାନମଗ୍ନ ହୋଇ ନମାଜ ପଢ଼ିବାରେ ବ୍ୟସ୍ତ ରହୁଥିଲେ । ଏପରି ବୋଧ ହେଉଥିଲା ସତେ ଯେପରି କେବଳ ନମାଜ ପାଠ କରିବାକୁ ହିଁ ଆସିଛନ୍ତି ଓ ତାଙ୍କର ସେଠାରେ ଅନ୍ୟ କୌଣସି କାର୍ଯ୍ୟ ହିଁ ନାହିଁ ।

ବେଳେ ବେଳେ ଏପରି ଦୃଶ୍ୟମାନ ହେଉଥିଲା ଯେ ସେ ଅଲ୍ଲାଃଙ୍କ ଛାମୁରେ ଦଣ୍ଡାୟମାନ ହୋଇ ପ୍ରାର୍ଥନା କରିବ ପାଇଁ ଆସିଛନ୍ତି ଏବଂ ଶୁଦ୍ଧପୁତ ଆତ୍ମା ସହିତ ଅଲ୍ଲାଃଙ୍କ ଠାରୁ କିଛି ହାସଲ କରିବା ପାଇଁ ଧ୍ୟାନରତ ହୋଇଯାଇଛନ୍ତି । ଯଦି ସେହି ପରିସ୍ଥିତିରେ ମକଦ୍ଦମାରେ ଉପସ୍ଥିତ ହେବାର ସମୟ ଆସିଯାଏ, ତଥାପି ସେ ଅଲ୍ଲାଃଙ୍କ ପ୍ରେମରେ ନିମଜ୍ଜିତ ହୋଇଯିବାର ଏକ ଅଭିନବ ଦୃଶ୍ୟ ପରିଲକ୍ଷିତ ହୋଇଥାଏ । ଯେପର୍ଯ୍ୟନ୍ତ ସେ ଅଲ୍ଲାଃଙ୍କ ଛାମୁରେ ମନ ଭରି କାନ୍ଦି କାନ୍ଦି ତାଙ୍କର ଶରଣ ଭୀକ୍ଷା ନକରିଛନ୍ତି, ସେପର୍ଯ୍ୟନ୍ତ ତାଙ୍କ ଛାମୁରୁ ଲେଉଟି ଯିବାର ଭାବନା ମଧ୍ୟ ମନ ଭିତରେ ଆଣୁ ନଥିଲେ । ସୁତରାଂ ସେ ସ୍ୱୟଂ ଏହିପରି ଏକ ଘଟଣା ବର୍ଣ୍ଣନା କରିଛନ୍ତି:

> "ମୁଁ ବଟାଲାସ୍ଥିତ ଅଦାଲତକୁ ଏକ ମକଦ୍ଦମାରେ ପେଶୀ ଭାବରେ ହାଜର ହେବାକୁ ଯାଇଥିଲି । ନମାଜର ସମୟ ହୋଇଗଲା ଓ ମୁଁ ସଙ୍ଗେ ସଙ୍ଗେ ନମାଜ ପାଠ କରିବାରେ ଲାଗିଲି । ଚପରାସୀ ମୋତେ ଡାକ ଉପରେ ଡାକ ଛାଡିଲା, କିନ୍ତୁ ମୁଁ ନମାଜ ପାଠରେ ନିମଗ୍ନ ଥିଲି । ଦ୍ୱିତୀୟ ପକ୍ଷର ବ୍ୟକ୍ତି ଉପସ୍ଥିତ ହୋଇଗଲା ଏବଂ ସେ ମକଦ୍ଦମାର ଏକତରଫା ରାୟ ପ୍ରକାଶ ପାଇଁ ଇଚ୍ଛା ବ୍ୟକ୍ତ କଲା । ସେଥିପାଇଁ ଜଜ୍ ସାହେବଙ୍କୁ ବହୁତ ଜୋର କଲା ଯେ ପ୍ରଥମ ପକ୍ଷ ଅନୁପସ୍ଥିତ ଅଛି, ତେଣୁ ମୋ ସପକ୍ଷରେ ହିଁ ରାୟ ଦିଆଯାଉ । କିନ୍ତୁ ଜଜ୍ ସାହେବ ତା'କଥା ପ୍ରତି ଭ୍ରୁକ୍ଷେପ ନକରି ତାହା ବିରୁଦ୍ଧରେ ହିଁ ରାୟ ପ୍ରକାଶ କଲେ । ତତ୍‌ସହିତ ମୋତେ ହିଁ ଡିଗ୍ରୀ ମିଳିଲା । ଯେତେବେଳେ ମୁଁ ନମାଜ ଶେଷ କରି ବିଚାରପତିଙ୍କ ସମ୍ମୁଖରେ ଉପସ୍ଥିତ ହେଲି, ମୁଁ ଭାବୁଥିଲି ଯେ ବୋଧହୁଏ ସେ ଅଦାଲତର ନିୟମାନୁସାରେ ମୋର ଅନୁପସ୍ଥିତିକୁ ଲକ୍ଷ୍ୟ କରିଥିବେ । କିନ୍ତୁ ଯେତେବେଳେ ମୁଁ ଅଦାଲତରେ ଉପସ୍ଥିତ ହୋଇ ମୁକ୍ତ କଣ୍ଠରେ କହିଲି ଯେ ମୁଁ ତ ନମାଜ ପାଠ କରୁଥିଲି । ଏହା ଶୁଣି ବିଚାରପତି କହିଲେ 'ମୁଁ ତ ଯଥା ପୂର୍ବରୁ ଆପଣଙ୍କୁ ଡିଗ୍ରୀ ଦେଇସାରିଛି ।"

ସୁତରାଂ ଅଦାଲତ ସମ୍ମୁଖରେ ଅନୁପସ୍ଥିତ ରହି ମଧ୍ୟ ହଜୁରଙ୍କ ସପକ୍ଷରେ ନ୍ୟାୟ ପ୍ରକାଶ ପାଇବା ଏକ ବିରାଟ ସଫଳତାର ଐଶୀ ସଙ୍କେତ ଏବଂ ମହାନ ନିଦର୍ଶନ ଥିଲା, ଯାହା ହଜରତ ଅହମଦଙ୍କର ଉଚ୍ଚମାନର ଗୁଣାବଳୀ ତଥା ଅଲ୍ଲାଃଙ୍କ ସହିତ ନିବିଡ ପ୍ରେମଭାବକୁ ଦର୍ଶାଉଥିଲା । ଏହି ମୋହମାୟା ସଂସାରରୁ ବୈରାଗ୍ୟ ଭାବର ସୂଚନା ମଧ୍ୟ ପ୍ରକାଶ କରୁଥିଲା । *(ତାରିଖେ ଅହମଦିୟତ୍, ପ୍ରଥମ ଖଣ୍ଡ, ପୃଷ୍ଠା 77)*

## ଏହି ବାଳକ ଅବତାର ହେବାର ଯୋଗ୍ୟ

ଯେପରି ବର୍ଣ୍ଣନା କରାଯାଇଛି, ହଜରତ ମସିହ ମଉଦ[ଅସ] ବାଲ୍ୟକାଳରୁ ହିଁ ଅତ୍ୟନ୍ତ ସରଳ ଓ ଶୁଦ୍ଧପୁତ ଜୀବନ ବିତାଉଥିଲେ ଏବଂ ସତ୍ ଚରିତ୍ରବାନ୍ ଥିଲେ । ସେ ନିଜ ଭିତରେ ଐଶୀ ପରାକାଷ୍ଠା ଓ ଏକ ଆଦର୍ଶ ପୁରୁଷର ପ୍ରତିଭା ରଖିଥିବା ଯୋଗୁଁ ପ୍ରତ୍ୟେକ ସ୍ୱଚ୍ଛ ହୃଦୟଧାରୀ ବ୍ୟକ୍ତି ତାଙ୍କ ପ୍ରତି ଅନୁରାଗ ପ୍ରବଣ ଓ ଆସକ୍ତ ଥିଲେ ।

ନିମ୍ନଲିଖିତ ଘଟଣାବଳୀ ତାଙ୍କର ବାଲ୍ୟ ଜୀବନକୁ ଅତ୍ୟନ୍ତ ଈଶ୍ୱରପ୍ରେମୀ ଓ ପୁଣ୍ୟବାନ ବ୍ୟକ୍ତିତ୍ୱର ଅଧିକାରୀ କରିବା ଉପରେ ଆଲୋକପାତ କରିଥାଏ । ବେଲୁଚିସ୍ତାନର ମିଆଁ ମୁହମ୍ମଦ ୟାସିନ ସାହେବ ନାମକ ଜଣେ ଅହମଦି ଶିକ୍ଷକ ଉଲ୍ଲେଖ କରିଛନ୍ତି:

> "ମୋତେ ମୌଲବୀ ବୁରହାନୁଦ୍ଦୀନ୍ ସାହେବ[ରଅ] କହିଥିଲେ ଯେ ଏକଦା ହଜରତ ମସିହ ମଉଦ[ଅସ]ଙ୍କୁ ସାଙ୍ଗରେ ଧରି ମୌଲବୀ ଗୁଲାମ ରସୁଲ ସାହେବ କିଲାମିଆଁ ସିଂହଙ୍କ ନିକଟକୁ ଗଲେ, ସେତେବେଳେ ମସିହ ମଉଦ ଛୋଟ ବାଳକ ଥିଲେ । ସେହି ସଭାରେ କେତେକ ବିଷୟ ଉପରେ ଆଲୋଚନା ହେଉଥିଲା । କଥା କଥାରେ ମୌଲବୀ ଗୁଲାମ ରସୁଲ ସାହେବ ଯିଏକି ଜଣେ ଋଷିପ୍ରତିମ ସିଦ୍ଧପୁରୁଷ ଥିଲେ ସେ କହି ଉଠିଲେ 'ଯଦି ଏହି ଯୁଗରେ କେହି ଅବତାର ହେବ, ତାହାହେଲେ ଏହି ବାଳକ ସେଥିପାଇଁ ଉପଯୁକ୍ତ ।' ସେ ହଜରତ ମସିହ ମଉଦ[ଅସ]ଙ୍କ ଉପରେ ଶ୍ରଦ୍ଧାରେ ହାତ ବୁଲାଇ ଆଣି ଏହି କଥା କହିଥିଲେ । ମୌଲବୀ ବୁରହାନୁଦ୍ଦୀନ୍ ସାହେବ କହିଛନ୍ତି ଯେ ମୁଁ ମଧ୍ୟ ନିଜେ ସେହି ସଭାରେ ଉପସ୍ଥିତ ଥିଲି । ସେହିପରି ମୌଲବୀ ଗୁଲାମ ମୁହମ୍ମଦ ସାହେବ ସିୟାଲକୋଟ ନିବାସୀ ମଧ୍ୟ କହିଛନ୍ତି 'ମୁଁ ଏହି କଥା ନିଜର ପିତାମହଙ୍କ ଠାରୁ ଶୁଣିଥିଲି ।"

*(ତାରିଖେ ଅହମଦିୟତ୍, ପ୍ରଥମ ଖଣ୍ଡ, ପୃଷ୍ଠା 53)*

## ମୁଁ ତ ଭୃତ୍ୟ ହୋଇସାରିଛି

ହଜରତ ମସିହ ମଉଦ[ଅସ]ଙ୍କ ପିତାଙ୍କ ମନରେ ତାଙ୍କ ବିଷୟରେ ବହୁତ ଚିନ୍ତା ଘାରୁଥିଲା । ମୋର ଯିଏ ସବୁଠାରୁ ସାନ ପୁଅ ସେ ଦିନରାତି ମସଜିଦରେ ହିଁ ପଡିରହିଛି । କେବଳ ନମାଜ ପଢାରେ ଧ୍ୟାନ ଓ ପବିତ୍ର କୁରଆନ ଆବୃତ୍ତି

କରିବାରେ ସବୁବେଳେ ବ୍ୟସ୍ତ । କିପରି ସେ ନିଜ ସନ୍ତାନଙ୍କର ପ୍ରତିପୋଷଣ କରିବ ? ଘରକରଣା କରିବାରେ ସେ କିପରି ବା ସମର୍ଥ ହେବ ? ସୁତରାଂ ସେହି ଚିନ୍ତାରେ ତାଙ୍କ ପିତା ମହୋଦୟ ତାଙ୍କ ପାଇଁ ଏକ ସରକାରୀ ଚାକିରୀର ବ୍ୟବସ୍ଥା କରିଦେଲେ । ଏହା ଜାଣିପାରି ହଜରତ ମସିହ ମଉଦ[ଅସ] ନିଜର ପିତାଶ୍ରୀଙ୍କୁ ଉତ୍ତର ଦେଇ କହିଲେ 'ମୁଁ ଯେଉଁଠାରେ ଚାକିରୀ କରିବାର ଥିଲା, ସେଠାରେ କରିସାରିଛି । ମୁଁ ତ କେବେଠାରୁ ଅଲ୍ଲାଃଙ୍କର ଭୃତ୍ୟ ହୋଇସାରିଛି ।' ସୁତରାଂ ହଜରତ ମିର୍ଜା ବଶିର ଅହମଦ ସାହେବ ଏମ.ଏ.[ରଅ] ବର୍ଣ୍ଣନା କରିଛନ୍ତି:

> ମୋ ନିକଟରେ ଝଣ୍ଡା ସିଂହ କାଲୁହାଁ ନିବାସୀ କହିବସିଲେ ଯେ 'ମୁଁ ବଡ ମିର୍ଜା ସାହେବ (ଅର୍ଥାତ ମିର୍ଜା ଗୁଲାମ ମୁରତଜା ସାହେବ)ଙ୍କ ନିକଟକୁ ଯିବା ଆସିବା କରୁଥିଲି । ଥରେ ବଡ ମିର୍ଜା ସାହେବ ମୋତେ କହିଲେ 'ଯାଅ, ମିର୍ଜା ଗୁଲାମ୍ ଅହମଦଙ୍କୁ ଡାକିଦିଅ । ଜଣେ ଇଂରେଜ ହାକିମ ଯିଏ କି ମୋର ପୂର୍ବ ପରିଚିତ, ସେ ଏହି ଜିଲ୍ଲାକୁ ଆସିଛନ୍ତି । ଯଦି ସେ ଚାକିରୀ କରିବା ପାଇଁ ମନସ୍ଥ କରେ, ତେବେ ଯେକୌଣସି ପଦରେ ହେଉ ନା କାହିଁକି ତାକୁ ଚାକିରୀ ଲଗାଇଦେବି ।' ଏହାପରେ ଝଣ୍ଡା ସିଂହ କହିଲେ, 'ମୁଁ ମିର୍ଜା ସାହେବଙ୍କ ପାଖକୁ ଗଲି ତ ସେଠାରେ ଦେଖିଲି ଯେ ତାଙ୍କ ଚାରିପଟେ ଗଦାଗଦା ପୁସ୍ତକ ବିଛାଇ ହୋଇ ପଡିରହିଛି । ସେ ତାହାର ମଝିରେ ବସି କେତେକ ବିଷୟରେ ଅଧ୍ୟୟନ କରୁଛନ୍ତି ।' ମୁଁ ବଡ ମିର୍ଜା ସାହେବଙ୍କ ନିକଟରେ ଏହି ଖବର ପହଞ୍ଚାଇ ଦେଲି । ଏଥି ଉତ୍ତାରେ ସାନ ମିର୍ଜା ସାହେବ ମୋ ସମ୍ମୁଖକୁ ଆସି ଉତ୍ତର ଦେଲେ 'ମୁଁ ତ ଅଲ୍ଲାଃଙ୍କ ଛାମୁରେ ଭୃତ୍ୟ ହୋଇସାରିଛି ।' ତହୁଁ ବଡ ମିର୍ଜା ସାହେବ କହିଉଠିଲେ; କ'ଣ ତୁ ସତରେ ଭୃତ୍ୟ ହୋଇଯାଇଛୁ ?' ମିର୍ଜା ସାହେବ କହିଲେ 'ହଁ, ଏହା ହିଁ ସତ୍ୟ ।' ଏହି ଉତ୍ତର ଶୁଣି ପିତାଶ୍ରୀ କହିଲେ 'ଠିକ୍ ଅଛି ଯଦି କାହାର ଚାକର ହୋଇଯାଇଛୁ ତେବେ ଭଲ କଥା ।'
>
> ଏହି ବିନୀତ (ବଶିର ଅହମଦ ଏମ୍.ଏ) କହୁଛନ୍ତି ଯେ କାଲୁହାଁ ନାମକ ଗ୍ରାମ କାଦିୟାନର ଉତ୍ତର ଦିଗରେ ଦୁଇ ମାଇଲ ଦୂରରେ ରହିଛି । ଏବଂ ଭୃତ୍ୟ ହେବାର ତାତ୍ପର୍ଯ୍ୟ ହେଉଛି, ଅଲ୍ଲାଃଙ୍କ ସେବାରେ ଚାକିରୀ କରିବା । ଝଣ୍ଡା ସିଂହ ଅନେକ ଥର ଏହି ବିଷୟଟିକୁ ବର୍ଣ୍ଣନା କରିଛନ୍ତି । ସେ କାଦିୟାନର ପ୍ରଗତିକୁ ଅନୁଧ୍ୟାନ କରି ହଜରତ ମସିହ ମଉଦ[ଅସ]ଙ୍କର ବହୁତ ପ୍ରଶଂସା କରୁଥିଲେ ଓ ତାଙ୍କୁ ଆନ୍ତରିକ ପ୍ରେମ କରୁଥିଲେ ।
>
> *(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 43, କ୍ର.ସଂ. 52)*

# ଯେବେ ସେ କହୁଥିଲେ ପ୍ରବଳ ଗରମ ହେଉଛି, ସେତିକିବେଳେ ବର୍ଷା ହୋଇଯାଉଥିଲା

ହଜରତ ମିର୍ଜା ବଶିର ଅହମଦ[ରଅ] ଏମ.ଏ. ବର୍ଣ୍ଣନା କରିଛନ୍ତି:

"କାଜୀ ଅମିର ହୁସେନ ଏହିପରି କହୁଥିଲେ । ହଜରତ ମସିହ ମଉଦ[ଅସ]ଙ୍କ ଅଞ୍ଚଳରେ ଜଳବାୟୁ ସେ ସମୟରେ ଅତି ବିଚିତ୍ର ଥିଲା । କାଦିୟାନରେ ଲଗାତାର ଦୁଇଦିନ ଯଦି ଗ୍ରୀଷ୍ମ ଅନୁଭୂତ ହେଉଥିଲା ତ ତୃତୀୟ ଦିନ ମୁଷଳ ଧାରାରେ ବର୍ଷା ହେଉଥିଲା । ଯେତେବେଳେ ସେଠାରେ ଭୀଷଣ ଗରମ ପଡୁଥିଲା, ଆମେମାନେ ହଜରତ ସାହେବଙ୍କୁ କହୁଥିଲୁ 'ହଜୁର! ଆଜିକାଲି ବହୁତ ଗରମ ହେଉଛି ତ ତହିଁ ଆରଦିନ ବର୍ଷା ହୋଇ ଯାଉଛି ।' ସେହିପରି ମୌଲବୀ ସୟଦ ସରୱର ସାହ ସାହେବ ବର୍ଣ୍ଣନା କରିଛନ୍ତି ଯେ । ହଜରତ ମସିହ ମଉହ[ଅସ]ଙ୍କ ସମୟରେ ଫସଲ ନଷ୍ଟ ହେବାର କୌଣସି ଅଭିଯୋଗ ଆସି ନାହିଁ । ମୁଁ ନିଜେ ଘରକୁ ଆସି ନିଜର ମାତାଶ୍ରୀଙ୍କ ପାଖରେ ଏହି ଘଟଣାଗୁଡିକ ବଖାଣିବାରୁ ସେ କହିଲେ 'ହଜରତ୍ ସାହେବ ଯେବେ ବି ଏହି କଥା କହୁଥିଲେ ଯେ ଆଜିକାଲି ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି ତ ସାଧାରଣତ ଭାବେ ତାଙ୍କ ତୁଣ୍ଡରୁ ଏହି କଥା ବାହାରିବା ସଙ୍ଗେ ସଙ୍ଗେ ସେହି ଦିନ କିମ୍ବା ତହିଁ ଆର ଦିନ ସେଠାରେ ବର୍ଷା ହୋଇ ଯାଉଥିଲା । ଏହା ପରେ ମାସଯାକ ପ୍ରଚଣ୍ଡ ଖରା ଯୋଗୁଁ ନିଆଁ ବରଷୁ ଥିଲା, ଅଥଚ ବର୍ଷା ଟିକିଏ ବି ହେଲେ ହେଉ ନଥିଲା ।'

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 51-52, କ୍ର.ସଂ. 70)*

# ଆମକୁ କେହି ନିଆଁରେ ପକାଇ ଦେଖ !

ହଜରତ ମିର୍ଜା ବଶିର ଅହମଦ ଏମ୍.ଏ ବର୍ଣ୍ଣନା କରିଛନ୍ତି ଯେ-

"ଚୌଧୁରୀ ହାକିମ୍ ଅଲି ସାହେବଙ୍କ କହିବା ଅନୁସାରେ ଥରେ ଜଣେ ହିନ୍ଦୁ ବ୍ୟକ୍ତି ଅଭିଯୋଗ କଲେ ଯେ ହଜରତ ଇବ୍ରାହିମ୍[ଅସ]ଙ୍କୁ ଧରିନେଇ ନିକ୍ଷେପ କରା ଯାଇଥିବା ଅଗ୍ନି କିଭଳି ଭାବେ ଶୀତଳ ହୋଇଗଲା ? ଏହି ଅଭିଯୋଗର ଉତ୍ତରରେ ହଜରତ ମୌଲବୀ ସାହେବ (ଜମାଅତ ଅହମଦିୟାର ପ୍ରଥମ ଖଲିଫା) ଲେଖିଥିଲେ 'ଏଠାରେ ଅଗ୍ନିର ତାତ୍ପର୍ଯ୍ୟ ହେଉଛି ଯୁଦ୍ଧ ଓ ବିଦ୍ରୋହର ନିଆଁ । ଏହି

ଦିନମାନଙ୍କରେ ଥରେ ହଜରତ ମସିହ ମଉଦ[ଅସ] ଛୋଟ ମସଜିଦ୍‌ରେ ବସିଥିଲେ ଏବଂ ଆମେମାନେ ତାଙ୍କର ପାଦ ଚିପି ଦେଉଥିଲୁ । ସେଠାରେ ହଜରତ ମୌଲବୀ ସାହେବ ମଧ୍ୟ ପାଖରେ ବସିଥିଲେ । ଅଭିଯୋଗକାରୀଙ୍କ ଉକ୍ତି ତଥା ମୌଲବୀ ସାହେବ ଲେଖିଥିବା ଉତ୍ତରକୁ ଜଣେ ବ୍ୟକ୍ତି ହଜୁରଙ୍କୁ ଶୁଣାଇଲେ । ହଜରତ ଅହମଦ[ଅସ] ଏହା ଶୁଣିବା ପରେ ଉତ୍ତରରେ କହିଲେ 'ଏପରି ବ୍ୟାଖ୍ୟା କରିବାର କ'ଣ ବା ଆବଶ୍ୟକତା ଥିଲା ? ଆମେ ତ ବର୍ତ୍ତମାନ ଉପସ୍ଥିତ ଅଛୁ, ଆମକୁ କେହି ନିଆଁରେ ପକାଇ ଦେଖନ୍ତୁ ତ ସେହି ନିଆଁ ଶୀତଳ ହୋଇଯାଉଛି କି ନାହିଁ ! ସେଠାରେ ମୁଁ ନିଜେ ଏହା କହିଥିଲି ଯେ ଏହି ଅଭିଯୋଗ ଇସଲାମ୍‌ର ଧର୍ମ ପରିତ୍ୟାଗ କରିଥିବା ଆର୍ଯ୍ୟ ସମାଜୀ ଧର୍ମପାଳ ନାମକ ବ୍ୟକ୍ତି କରିଥିଲା । ସୁତରାଂ ହଜରତ ମୌଲବୀ ସାହେବ ସେହି ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ତର୍‌କେ ଇସଲାମ୍'ର ଉତ୍ତରରେ 'ନୁରୁଦ୍ଦୀନ' ନାମକ ପୁସ୍ତକ ରଚନା କରିଥିଲେ । ଏବଂ ସେଥିରେ ସେ ଏହା ଉଲ୍ଲେଖ କରିଥିଲେ ଯେ ଅଗ୍ନିର ତାତ୍ପର୍ଯ୍ୟ ହେଉଛି ବିରୋଧୀମାନଙ୍କର ଶତ୍ରୁତାର ନିଆଁ । କିନ୍ତୁ ଯେବେ ହଜରତ ମସିହ ମଉଦ[ଅସ]ଙ୍କ ନିକଟରେ ଏହି ସୂଚନା ପହଞ୍ଚିଲା, ସେ ଏହାକୁ ନାପସନ୍ଦ କଲେ ଏବଂ କହିଲେ 'ଆମ ପକ୍ଷେ ଏହି ପ୍ରକାର ବାହାନାବାଜି କରିବାର ଆବଶ୍ୟକତା ନାହିଁ । ଏହି ଯୁଗରେ ମୁଁ ସ୍ୱୟଂ ଉପସ୍ଥିତ ଅଛି, ଆମ ସହିତ କେହି ପ୍ରତିପକ୍ଷ ଶତ୍ରୁତା ଆଚରଣ ପୂର୍ବକ ଅଗ୍ନିରେ ନିକ୍ଷେପ କରି ଥରେ ଦେଖନ୍ତୁ ତ ! ଈଶ୍ୱର ସେହି ଅଗ୍ନିକୁ ଶୀତଳ କରି ଦେଉଛନ୍ତି କି ନାହିଁ ତାହା ଜଣା ପଡିଯିବ ?" ସୁତରାଂ ହଜରତ ମସିହ ମଉଦ[ଅସ] ଅନ୍ୟ ଏକ ଅବସରରେ ନିଜର ଏହି ଭାବକୁ ବ୍ୟକ୍ତ କରି ସ୍ୱରଚିତ କବିତାରେ ଏହିପରି ବର୍ଣ୍ଣନା କରିଛନ୍ତି:

تِرے مکروں سے اے جاہل مرا نقصاں نہیں ہرگز
کہ یہ جاں آگ میں پڑکر سلامت آنے والی ہے

**ତେରେ ମକ୍‌ରୋଁ ସେ ଅଏ ଜାହିଲ୍ ମେରା ନୁକ୍‌ସାଁ ନେହିଁ ହରଗିଜ୍**
**କେ ୟେ ଯାଁ ଆଗ୍‌ମେଁ ପଡକର୍ ସଲାମତ୍ ଆନେୱାଲି ହୈ ।**

ଅର୍ଥାତ୍ ହେ ମୁଢ ପାମର ଦୁଷ୍ଟାମୀରେ ତବ
ମୋହର କି କ୍ଷତି ହେବ ?
ଶତ୍ରୁର ଅନଳେ ପଡିଲେ ବି ପ୍ରାଣ
ମୋତେ ଶୀତଳାଇ ଦେବ ॥

ଅଧିକନ୍ତୁ ତାଙ୍କ ପ୍ରତି ହୋଇଥିବା ଏକ ଦୈବୀବାଣୀ ମଧ୍ୟ ଏହି ଭାବକୁ ପ୍ରକାଶ କରୁଛି, ଯେଉଁଥିରେ ଈଶ୍ୱର ତାଙ୍କୁ କହିଛନ୍ତି: 'ତୁମେ ଜନସାଧାରଣଙ୍କୁ

କହିଦିଅ, ଆମକୁ ଅଗ୍ନିର ଭୟ ଦେଖାଅ ନାହିଁ । କାରଣ ଅଗ୍ନି ଆମର କେବଳ ଏକ ଦାସ ନୁହେଁ ବରଂ ଦାସାନୁଦାସ ।' ଚୌଧୁରୀ ହାକିମ ଅଲି ସାହେବ ଏକ ବିଷୟ ଉଲ୍ଲେଖ କରି ଏପରି ଘଟଣାର ସତ୍ୟତାକୁ ମଧ୍ୟ ପ୍ରତିପାଦନ କରିଛନ୍ତି । ଥରେ କୌଣସି ଏକ ବ୍ୟକ୍ତି ତାମସା ଦେଖାଇବା ଉଦ୍ଦେଶ୍ୟରେ ଏପରି ଖେଳ ଆରମ୍ଭ କରିଦେଲା ଯେ ସେ ନିଆଁ ଭିତରେ ପଶିଯାଉଥିଲା ଅଥଚ ନିଆଁ ତାର କୌଣସି କ୍ଷତି କରୁ ନଥିଲା । ସେହି ବ୍ୟକ୍ତି ବିରୁଦ୍ଧାଚରଣ ପୂର୍ବକ ହଜରତ ଅହମଦଙ୍କ ନାମ ନେଇ କହିଲା 'ସେ ତ ମସିହ ମଉଦ ହେବାର ଦାବୀ କରୁଛନ୍ତି । ଯଦି ତାଙ୍କର ଏହି ଦାବୀ ସତ୍ୟ ହୋଇଥାଏ, ତେବେ ସେ ଏଠାକୁ ଆସନ୍ତୁ ଏବଂ ମୋ ସହିତ ନିଆଁ ଭିତରେ ପ୍ରବେଶ କରନ୍ତୁ ।' ତେବେ ଏହାର ସୂଚନା ଦେଇ କୌଣସି ଜଣେ ବ୍ୟକ୍ତି ଅନ୍ୟ ସ୍ଥାନରୁ ମୋ ପାଖକୁ ପତ୍ର ପଠାଇଲେ । ମୁଁ (ମିର୍ଜା ବଶିର ଅହମଦ) ଯେତେବେଳେ ସେହି ପତ୍ରଟିକୁ ହଜରତ ସାହେବଙ୍କ ସମ୍ମୁଖରେ ଉପସ୍ଥାପନ କଲି, ସେ ଏହା ଦେଖି କହିଲେ 'ଏହା ଏକ ଯାଦୁକରର ଧୋକାବାଜିର ଖେଳ । ଆମେ ସେଠାକୁ ଯିବୁ କାହିଁକି ? ଆପଣ ତାଙ୍କୁ ପତ୍ର ଲେଖି ଅବଗତ କରାନ୍ତୁ ଯେ ସେ ଏଠାକୁ ଆସନ୍ତୁ । ପୁଣି ଯଦି ସେ ମୋ ଚକ୍ଷୁ ସମ୍ମୁଖରେ ଅଗ୍ନିରେ ପ୍ରବେଶ କରିବ ତେବେ ସେ କଦାପି ଜୀବିତ ହୋଇ ପଦାକୁ ବାହାରି ପାରିବ ନାହିଁ ।'

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 136-138, କ୍ର.ସଂ. 147)*

## ଅଗ୍ନି ତାଙ୍କୁ ଜଳାଇ ପାରିଲା ନାହିଁ

ପ୍ରତିଶ୍ରୁତ ଅବତାର ହଜରତ ମସିହ ମଉଦ[ଅସ] ଏହା ବର୍ଣ୍ଣନା କରିଛନ୍ତି:

'ଆମକୁ ଅଗ୍ନି ମଧ୍ୟରେ ନିକ୍ଷେପ କରି ଦେଖିନିଅ ଯେ ଅଗ୍ନି ଶୀତଳ ହୋଇଯାଉଛି କି ନାହିଁ' ଏହି ଦାବୀର ସତ୍ୟତାର ପ୍ରମାଣ ଅନ୍ୟ ଏକ ଘଟଣାରୁ ମଧ୍ୟ ମିଳୁଛି ଯେ ପ୍ରକୃତରେ ସେହି ଅଗ୍ନି ତାଙ୍କୁ ଦହନ କରିପାରି ନଥିଲା । ହଜରତ ମିର୍ଜା ବଶିର ଅହମଦ ସାହେବ ଏମ.ଏ. ଉଲ୍ଲେଖ କରିଛନ୍ତି:

> "ହଜରତ ମସିହ ମଉଦ[ଅସ] ବର୍ଣ୍ଣନା କରିଥିଲେ ଯେ ଦିନକର ଘଟଣା । ମୁଁ ସିୟାଲ୍‌କୋଟରେ ଅବସ୍ଥାନ କରୁଥିବା ସମୟରେ ଦିନେ ଭୀଷଣ ବର୍ଷା ହେଉଥିଲା । ଯେଉଁ କୋଠରୀ ମଧ୍ୟରେ ମୁଁ ବସିଥିଲି ତାହା ଭିତରକୁ ଜୋରରେ ବିଜୁଳୀ ମାରି ଚଡକ ପଶିଗଲା ଓ କୋଠରୀ ଧୂଆଁରେ ପରିପୂର୍ଣ୍ଣ ହୋଇଗଲା । ତହିଁରୁ ଗନ୍ଧକ ଭଳି ଦୁର୍ଗନ୍ଧ ଆସିଲା, କିନ୍ତୁ ଆମମାନଙ୍କର କୌଣସି କ୍ଷତି ହେଲା ନାହିଁ । ସେହି ସମୟରେ ବିଜୁଳୀ ହଠାତ୍ ନିକଟସ୍ଥ ଏକ ମନ୍ଦିର ଭିତରେ

ଯାଇ ପଡିଲା । ସେହି ମନ୍ଦିରଟି ତେଜା ସିଂହର ଥିଲା ଏବଂ ହିନ୍ଦୁମାନଙ୍କର ବିଧିବିଧାନ ଅନୁସାରେ ମନ୍ଦିର ବେଢ଼ା ଚତୁପାର୍ଶ୍ୱ ପରିକ୍ରମା ପାଇଁ ଶକ୍ତ ପ୍ରାଚୀର ତିଆରି ହୋଇଥିଲା । ତେବେ ସେହି ମନ୍ଦିର ବେଢ଼ା ମଧ୍ୟରେ ଜଣେ ବ୍ୟକ୍ତି ବସିଥିଲା ଯାହା ଉପରେ ବିଜୁଳୀର ଚଡକ ପଡିଲା, ଯଦ୍ୱାରା ସେହି ବ୍ୟକ୍ତିଟିର ଦେହ ଜଳି ଯାଇ କୋଇଲା ପରି କଳା ପଡିଗଲା । ଦେଖନ୍ତୁ ସେହି ବିଜୁଳି ଏପରି ଅଗ୍ନିଶିଖା ସଦୃଶ ଥିଲା, ଯାହା ଲୋକଟିକୁ ଜାଳିପୋଡି ପାଉଁଶ କରି ଦେଇଥିଲା, ଅଥଚ ଆମମାନଙ୍କର କୌଣସି କ୍ଷତି ପହଞ୍ଚାଇଲା ନାହିଁ । କାରଣ ଈଶ୍ୱର ଆମକୁ ସୁରକ୍ଷିତ ରଖିଲେ ।"

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 216, କ୍ର.ସଂ. 236)*

## ନିଜର ସତ୍ୟନିଷ୍ଠତା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ

ହଜରତ ମସିହ ମଉଦ[ଅସ] ମହିମାମୟ ଅଲ୍ଲାଃଙ୍କ ସହିତ ପ୍ରଗାଢ଼ ପ୍ରେମ ସମ୍ପର୍କ ରଖିଥିବା ଯୋଗୁଁ ନିଜର ପ୍ରିୟତମ ମୁନୀବ ହଜରତ ମୁହମ୍ମଦ[ସଅ]ଙ୍କ ସଦୃଶ ନିଜେ ସତ୍ୟାନୁରାଗୀ ହେବା ଉପରେ ଅଟଳ ବିଶ୍ୱାସ ରଖିଥିଲେ । ସୁତରାଂ ଏଥି ସମ୍ବନ୍ଧରେ ନିମ୍ନଲିଖିତ ବିଶ୍ୱାସବର୍ଦ୍ଧକ ଘଟଣା ଏହି ବିଷୟର ଜ୍ୱଳନ୍ତ ପ୍ରମାଣ ସ୍ୱରୂପ ହଜରତ ମିର୍ଜା ବଶିର ଅହମଦ[ରଅ] ଏମ୍.ଏ. ଏହିପରି ବର୍ଣ୍ଣନା କରିଛନ୍ତି:

"ତତ୍‌କାଳୀନ ଦ୍ୱିତୀୟ ଖଲିଫା ମହୋଦୟ କହିଥିଲେ ଯେ ହଜରତ ମସିହ ମଉଦ[ଅସ]ଙ୍କ ସମୟରେ ଜମାଅତ ଅହମଦିୟା କପୁରଥଲା ଏବଂ ଅଣ ଅହମଦିମାନଙ୍କ ମଧ୍ୟରେ ସେଠାକାର ଏକ ମସଜିଦକୁ ନେଇ ଏକ ମକଦ୍ଦମା ଦାଏର କରାଯାଇଥିଲା । ଯେଉଁ ବିଚାରପତିଙ୍କ ସମ୍ମୁଖରେ ଏହି ମକଦ୍ଦମାର ଶୁଣାଣି ହେଲା, ସେ ଜଣେ ଅଣ ଅହମଦି ଯେକି ଆମର ପ୍ରବଳ ବିରୋଧୀ ଥିଲେ । ବିଚାରପତି ଆମ ବିପକ୍ଷରେ ରାୟ ଶୁଣାଇବା ଆରମ୍ଭ କରିଦେଲେ । ଏହି ପରିସ୍ଥିତିରେ କପୁରଥଲାର ଜମାଅତ ଅତ୍ୟନ୍ତ ବିବ୍ରତ ହୋଇ ହଜରତ ମସିହ ମଉଦ[ଅସ]ଙ୍କୁ ଏକ ଚିଠି ଲେଖିଲେ ଏବଂ ଈଶ୍ୱରଙ୍କ ନିକଟରେ ନ୍ୟାୟ ଭିକ୍ଷା କରି ପ୍ରାର୍ଥନା ପାଇଁ ଅନୁରୋଧ କଲେ । ଏହି ଚିଠିର ଉତ୍ତରରେ ମିର୍ଜା ସାହେବ ଲେଖିଲେ 'ଯଦି ମୁଁ ସତ୍ୟବାଦୀ ହୋଇଥାଏ, ତେବେ କପୁରଥଲାର ସେହି ମସଜିଦ ତୁମମାନଙ୍କୁ ହିଁ ନିଶ୍ଚିତ ରୂପେ ପ୍ରାପ୍ତ ହେବ ।' କିନ୍ତୁ ସେହି ବିଚାରପତିଜଣଙ୍କ ନିଜ ସ୍ୱଭାବ ଅନୁଯାୟୀ ବିରୋଧାତ୍ମକ ମନୋଭାବ ପୋଷଣ କଲେ ଓ ପରିଶେଷରେ ଅହମଦିମାନଙ୍କ ବିରୁଦ୍ଧରେ

ନିଷ୍ପତ୍ତି ଶୁଣାଇଲେ । ସୁତରାଂ ଯେଉଁ ଦିନ ନିଷ୍ପତ୍ତିର ଶୁଣାଣି ଥିଲା, ସେହି ଦିନ ସକାଳୁ ସେ ପୋଷାକ ପିନ୍ଧି ନିଜ କୋଠରୀରୁ ବାରଣ୍ଡାକୁ ଆସିଲେ । ନିଜ ଚାକରକୁ ଜୋତା ପିନ୍ଧାଇବା ପାଇଁ ନିର୍ଦ୍ଦେଶ ଦେଇ ନିଜ ପାଖରେ ଥିବା ଏକ ଚୌକି ଉପରେ ବସିପଡିଲେ ଚାକରଟି ଜୋତା ପିନ୍ଧାଇ ସାରି ଫିତା ବାନ୍ଧୁଥିବା ସମୟରେ ହଠାତ୍ ଖଟ୍ କରି ଏକ ଶବ୍ଦ ଶୁଣାଗଲା । ସେ ନିଜର ଦୃଷ୍ଟି ଉପରକୁ ଉଠାଇ ଦେଖିଲା ଯେ ତାହାର ମାଲିକ ଅସହାୟ ଭାବରେ ଚୌକି ଉପରେ ମୁହଁ ମାଡି ପଡି ରହିଛନ୍ତି । ତହୁଁ ସେ ମାଲିକ ଦେହରେ ହାତ ବୁଲାଇ ଦେଖିଲା ବେଳକୁ ତାହାର ମୃତ୍ୟୁ ହୋଇଯାଇଥିଲା । ଏପରିକି ହଠାତ୍ ହୃତ୍‌ସ୍ପନ୍ଦନ ବନ୍ଦ ହୋଇ ତାହାର ପ୍ରାଣବାୟୁ ଉଡିଯାଇଥିଲା । ସୁତରାଂ ତାଙ୍କ ସ୍ଥାନରେ ଜଣେ ହିନ୍ଦୁ ବିଚାରପତି ନିଯୁକ୍ତ ହେଲେ, ଯିଏକି ପୂର୍ବ ନିଷ୍ପତ୍ତିକୁ ରଦ୍ଦ କରି ଅହମଦିମାନଙ୍କ ସପକ୍ଷରେ ରାୟ ପ୍ରକାଶ କଲେ ।"

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 57, କ୍ର.ସଂ. 79)*

## ଅଲ୍ଲାଃଙ୍କ ସହିତ ସମ୍ପର୍କ ଓ ଐଶ୍ୱରିକ ସୁରକ୍ଷା ଜନିତ ବିଶ୍ୱାସବର୍ଦ୍ଧକ ଘଟଣା

୧୮୮୪ ମସିହାରେ ହଜରତ ମସିହ ମଉଦ[ଅସ]ଙ୍କୁ କିଛି ବର୍ଷ ସରକାରୀ ଚାକିରୀ କରୁଥିବା ଯୋଗୁଁ ସିଆଲକୋଟ୍‌ରେ ରହିବାକୁ ପଡିଥିଲା । ପ୍ରାରମ୍ଭିକ ଅବସ୍ଥାରେ ସେ ଝଣ୍ଡାନିୱାଲା ନାମକ ସ୍ଥାନରେ ଏକ ଉପର ମହଲା ଘରେ ରହୁଥିଲେ । ତାଙ୍କର ସେହି କୋଠରୀ ମଧ୍ୟରେ ଥିବା ସମସ୍ତ ବ୍ୟକ୍ତି କିପରି ଆଶ୍ଚର୍ଯ୍ୟଜନକ ଭାବେ ଉଦ୍ଧାର ପାଇଲେ ଓ ସୁରକ୍ଷିତ ରହିଲେ, ସେହି ଅଲୌକିକ ଘଟଣା ତାଙ୍କର ସର୍ବଶକ୍ତିମାନ ଅଲ୍ଲାଃଙ୍କ ପ୍ରତି ଦୃଢ଼ ସମ୍ପର୍କ ବିଷୟରେ ଏକ ଜ୍ୱଳନ୍ତ ପ୍ରମାଣ ଥିଲା । ସୁତରାଂ ସେ ବର୍ଣ୍ଣନା କରିଛନ୍ତି ଯେ ଥରେ ରାତ୍ରି ସମୟରେ କୋଠରୀର ଦ୍ୱିତୀୟ ମହଲାରେ ମୁଁ ଓ ମୋ ସହିତ ୧୨ କି ୧୫ ଜଣ ବ୍ୟକ୍ତି ଶୋଇଥିଲେ । ଅର୍ଦ୍ଧରାତ୍ରି ସମୟରେ ଛାତରୁ ହଠାତ୍ କଡକଡ ଶବ୍ଦ ଶୁଣାଗଲା । ମୁଁ ସମସ୍ତଙ୍କୁ ନିଦରୁ ଉଠାଇ କହିଲି, 'ଏହି ଛାତ ଅତି ଭଗ୍ନାବସ୍ଥାରେ ରହିଥିବାର ଜଣାପଡୁଛି । ତେଣୁ ଏଠାରୁ ଯଥାଶୀଘ୍ର ବାହାରିଯିବା ଉଚିତ ହେବ ।' କିନ୍ତୁ ମୋ କଥାକୁ ହେୟ ଜ୍ଞାନ କରି ସେମାନେ ପୁଣି ଶୋଇପଡିଲେ । କିଛି କ୍ଷଣ ପରେ ପୁଣି ପୂର୍ବପରି କଡକାଡ ଶବ୍ଦ ଶୁଣାଗଲା । ତତ୍‌କ୍ଷଣାତ୍ ମୁଁ ସେମାନଙ୍କୁ ଦ୍ୱିତୀୟ ଥର ଜଣାଇଲି । କିନ୍ତୁ ଲୋକମାନେ ମୋ କଥାକୁ ତିଳେମାତ୍ର ଖାତିର କଲେ ନାହିଁ । ତୃତୀୟ ଥର ଯେତେବେଳେ ସେହିପରି

ଶବ୍ଦ ଶୁଣାଗଲା । ମୁଁ ସମସ୍ତଙ୍କୁ ସେହି କୋଠରୀ ମଧ୍ୟରୁ ବାହାରକୁ ଚାଲି ଆସିବାକୁ ବାଧ୍ୟ କଲି ଏବଂ ସମସ୍ତେ ବାହାରିବା ପରେ ମୁଁ ମଧ୍ୟ ସେଠାରୁ ବାହାରି ଆସିଲି । ଆମେ ସମସ୍ତେ ଦ୍ୱିତୀୟ ପାହାଚରେ ପାଦ ଦେଇଛୁ କି ନାହିଁ ହଠାତ୍ ସେହି ଘରର ଛାତ ନିମିଷକେ ଭୁଷୁଡି ପଡିଲା ଓ ତାହା ସହିତ ଦ୍ୱିତୀୟ ମହଲାର ଛାତକୁ ମଧ୍ୟ ନେଇ ପଡିଗଲା । ଏହିପରି ଭାବେ ଆମେ ସମସ୍ତେ ଅଳ୍ପକେ ରକ୍ଷା ପାଇଗଲୁ ।

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 216 -217, କ୍ର.ସଂ. 236)*

## ସମସ୍ତେ ଆଚମ୍ବିତ ହୋଇଗଲେ ଯେ ଏହା କିପରି ହେଲା

ଈଶ୍ୱର ସର୍ବଦା ନିଜର ପବିତ୍ର ଭକ୍ତମାନଙ୍କର ସମ୍ମାନ ରକ୍ଷା କରିଥାନ୍ତି ଏବଂ ସେମାନଙ୍କୁ ନିନ୍ଦିତ ଓ ଅପମାନିତ ହେବାରୁ ବଞ୍ଚାଇଥାନ୍ତି । ସୁତରାଂ ତାଙ୍କର ଅଲ୍ଲାଃଙ୍କ ସହିତ ରହିଥିବା ଗୂଢ଼ ସମ୍ପର୍କର ଏକ ହୃଦୟସ୍ପର୍ଶୀ ଘଟଣା ନିମ୍ନରେ ଦିଆଗଲା ।

ହଜରତ ମୌଲବୀ ନୁରୁଦ୍ଦୀନ ସାହେବ ଜମାଅତ ଅହମଦିୟାର ପ୍ରଥମ ଖଲିଫା ଏହିପରି ବର୍ଣ୍ଣନା କରିଛନ୍ତି । ଥରେ କୌଣସି ଏକ ବିତର୍କ ସମୟରେ ହଜରତ ମସିହ ମଉଦ[ଅସ]ଙ୍କୁ ଜଣେ ବିରୋଧୀ ବ୍ୟକ୍ତି କେତେକ ଦୃଷ୍ଟାନ୍ତ ମାଗିଲେ । ସେହି ସମୟରେ ମହାମାନ୍ୟ ତଥା ତାଙ୍କର ସେବକମାନଙ୍କୁ ମଧ୍ୟ ସେହି ଦୃଷ୍ଟାନ୍ତ ସ୍ମରଣ ନଥିଲା । ମହାମାନ୍ୟ ବୁଖାରୀ ହଦିସର ଏକ ଗ୍ରନ୍ଥଖଣ୍ଡ ମଗାଇ ତାହାର ପୃଷ୍ଠାଗୁଡିକୁ ତରବର ହୋଇ ତନ୍ନତନ୍ନ କରି ସେହି ଦୃଷ୍ଟାନ୍ତକୁ ଖୋଜିବାରେ ଲାଗିଲେ ଏବଂ ଶେଷରେ ଏକ ଜାଗାରେ ପହଞ୍ଚି ହଠାତ୍ ସେଠାରେ ଅଟକି ଯାଇ କହିଲେ 'ନିଅ ସେହି ଦୃଷ୍ଟାନ୍ତ ଦେଖିନିଅ ।' ଦେଖଣାହାରୀମାନେ ଆଚମ୍ବିତ ହୋଇଗଲେ ଯେ ହଠାତ୍ ଏହା କିପରି ଘଟିଲା । ସେମାନଙ୍କ ମଧ୍ୟରୁ କେହି ଜଣେ ବ୍ୟକ୍ତି ହଜରତ ସାହେବଙ୍କୁ ପ୍ରଶ୍ନ ମଧ୍ୟ କଲେ । ମହାମାନ୍ୟ ଉତ୍ତର ଦେଇ କହିଲେ, 'ଯେତେବେଳେ ମୁଁ ବୁଖାରୀ ହଦିସର ଗ୍ରନ୍ଥଖଣ୍ଡକୁ ହାତରେ ଧରି ଫର୍ଦ୍ଦ ଲେଉଟାଇବା ଆରମ୍ଭ କଲି, ସେଗୁଡିକ ମୋତେ ଖାଲି ଥିବାର ଦେଖାଗଲା । ସେଥିପାଇଁ ମୁଁ ସେହି ପୃଷ୍ଠାଗୁଡିକ ଶୀଘ୍ରଶୀଘ୍ର ଲେଉଟାଉ ଥିଲି । ଶେଷରେ ମୋତେ ଏଭଳି ଏକ ପୃଷ୍ଠା ଦେଖାଗଲା, ଯେଉଁଥିରେ କିଛି ଲେଖା ହୋଇଥିଲା । ଏହା ଦେଖି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ ଏହା ସେହି ଦୃଷ୍ଟାନ୍ତ ହୋଇଥିବ ଯାହା ମୋତେ ଆବଶ୍ୟକ ଥିଲା । ଏପରି ସର୍ବଶକ୍ତିମାନ ଅଲ୍ଲାଃ ନିଜର କରାମତି ଦେଖାଇଲେ ଯେ ସେହି

ଦରକାରୀ ଦୃଷ୍ଟାନ୍ତ ଲେଖାଥିବା ପୃଷ୍ଠା ବ୍ୟତୀତ ଅନ୍ୟ ସମସ୍ତ ପୃଷ୍ଠାଗୁଡିକ ତାଙ୍କୁ ଖାଲି ପ୍ରତୀତ ହେଉଥିଲା ।

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 282, କ୍ର.ସଂ. 306)*

## ଅନେକଶ୍ୱରବାଦକୁ ଲୋପ କରିବା ମଧ୍ୟ ଆମର କାମ

ଯେପରି ଈଶ୍ୱରଙ୍କୁ ନିଜର ଏକତ୍ୱ ଓ ଏକାକୀପଣ ବହୁତ ଭଲ ଲାଗେ, ସେହିପରି ଅବତାରମାନେ ମଧ୍ୟ ନିଜର ଏକ ବ୍ରହ୍ମଙ୍କ ସହିତ ଅତ୍ୟନ୍ତ ପ୍ରେମଭାବ ରଖିଥାନ୍ତି । ଅବତାରମାନେ ଏହି ଧରାପୃଷ୍ଠରେ ଏକଶ୍ୱରବାଦର ପ୍ରତିଷ୍ଠା ପାଇଁ ଆସିଥାନ୍ତି । ଅନେକେଶ୍ୱରବାଦକୁ ଲୋପ କରିଦେଇ ଏକେଶ୍ୱରବାଦର ପ୍ରତିଷ୍ଠା କରିବା ସେମାନଙ୍କର ମୂଳ ଲକ୍ଷ୍ୟ ହୋଇଥାଏ । ସେଥି ସମ୍ବନ୍ଧରେ ଏକ ହୃଦୟସ୍ପର୍ଶୀ ଘଟଣା ନିମ୍ନରେ ଦିଆଗଲା । ହଜରତ ମିର୍ଜା ବଶିର ଅହମଦ ସାହେବ[ରଅ] ବର୍ଣ୍ଣନା କରିଛନ୍ତି:

> ଏକ ପତ୍ର ମାଧ୍ୟମରେ କାଜି ମୁହମ୍ମଦ ୟୁସୁଫ୍ ସାହେବ ପେଶାୱ଼ରୀ ମୋତେ ଜଣାଇଲେ ଯେ ସେ ଯେତେବେଳେ ପ୍ରଥମେ କାଦିୟାନ ଭ୍ରମଣରେ ଯାଇଥିଲେ, ସେଠାରେ ଦେଖିଲେ ଜଣେ ବ୍ୟକ୍ତି ନିଜ ପୁତ୍ରକୁ ହଜରତ ସାହେବଙ୍କ ସହିତ ଭେଟିବା ପାଇଁ କହିଲା । ଯେତେବେଳେ ସେହି ପୁତ୍ର ହଜରତ ସାହେବଙ୍କ ସହିତ ହାତ ମିଳାଇବା ପାଇଁ ଆଗକୁ ବଢ଼ିଲା ଓ ସମ୍ମାନାର୍ଥେ ତାଙ୍କର ପାଦ ଦୁଇଟିକୁ ଛୁଇଁବାକୁ ଲାଗିଲା, ମହାମାନ୍ୟ ଏହା ଦେଖି ତାଙ୍କୁ ଏଭଳି କାମ କରିବାକୁ ବାରଣ କଲେ । ମୁଁ (ମୁହମ୍ମଦ ୟୁସୁଫ୍) ନିଜେ ଦେଖିଲି ଯେ ତାଙ୍କ ମୁଖମଣ୍ଡଳ ରାଗରେ ଲାଲ ହୋଇଗଲା ଓ ସେ ଅତ୍ୟନ୍ତ ଆବେଗର ସହିତ କହିଉଠିଲେ ଅବତାରୀ ପୁରୁଷମାନେ ଦୁନିଆରୁ ଅନେକେଶ୍ୱରବାଦକୁ ସମୂଳେ ନାଶ କରିବାକୁ ଆସିଥାନ୍ତି । ଆମର ମଧ୍ୟ କର୍ତ୍ତବ୍ୟ ହେଉଛି ଯେ ଶିର୍କକୁ ପ୍ରଚଳିତ ନରଖି ଏହାର ମୂଳୋତ୍ପାଟନ କରିବା ଉଚିତ୍ ।

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 295, କ୍ର.ସଂ. 319)*

## କେବଳ ଗୋଟିଏ ଦୁଇଟି ରାତି ପ୍ରାର୍ଥନା କରିବାର ଆବଶ୍ୟକ ଥିଲା

ହଜରତ ମିର୍ଜା ବଶିର୍ ଅହମଦ ସାହେବ ଏମ.ଏ. ବର୍ଣ୍ଣନା କରିଛନ୍ତି:

ମୌଲବୀ ଶେର୍ ଅଲି ସାହେବ ମୋତେ କହିଲେ ଥରେ ହଜରତ ମସିହ ମଉଦ[ଅସ] କହିଥିଲେ ଆମମାନଙ୍କ ମନରେ ଏକ ଭାବନା ଉଦ୍ରେକ ହେଲା ଯେ ଇସଲାମର ବାର୍ତ୍ତାକୁ ପ୍ରଚାର ତଥା ପ୍ରସାର କରିବା ପାଇଁ ଇଂରାଜୀ ଭାଷା ଶିଖିବା ପ୍ରତି ଧ୍ୟାନ ଦେବା ଉଚିତ । ଆମର ଏହା ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ସର୍ବଶକ୍ତିମାନ ଅଲ୍ଲାଃ ନିଜର କରୁଣା ବଳରେ ଇଂଗ୍ରାଜୀ ଭାଷାର ଜ୍ଞାନ ଆମକୁ ପ୍ରଦାନ କରିବେ । ଏଥିପାଇଁ ଗୋଟିଏ ଦୁଇଟି ରାତି ବହୁତ ପ୍ରାର୍ଥନାର ଆବଶ୍ୟକ ଅଛି । କିନ୍ତୁ ପୁଣି ମନରେ ଏହି ଭାବନା ଆସିଲା ଯେ ମୌଲବୀ ମୁହମ୍ମଦ ଅଲି ସାହେବ ଶିଖିବା କାମରେ ତ ଲାଗି ପଡିଛନ୍ତି । ଏବଂ ତାଙ୍କର ଇଂରାଜୀକୁ ସମସ୍ତେ ପ୍ରଶଂସା ମଧ୍ୟ କରୁଛନ୍ତି । ସେଥିପାଇଁ ଆମର ମନଧ୍ୟାନ ସେହି ଦିଗରୁ ହଟିଗଲା ।

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 357, କ୍ର.ସଂ. 395)*

## ଡ଼କାୟତମାନେ ପଳାଇଗଲେ-

ହଜରତ ମିର୍ଜା ବଶିର ଅହମଦ[ରଅ] ଏମ.ଏ. ବର୍ଣ୍ଣନା କରିଛନ୍ତି:

କାଜୀ (ନ୍ୟାୟାଧୀଶ) ମୁହମ୍ମଦ ୟୁସୁଫ୍ ସାହେବ ପେଶାୱରୀ ମୋତେ ଏହା ଲେଖି ଜଣାଇଲେ । ଖ୍ୱାଜା କମାଲୁଦ୍ଦୀନ ସାହେବଙ୍କ ଠାରୁ ମୁଁ ଶୁଣିଛି ଯେ ମୌଲବୀ କରମଦ୍ଦୀନ ଭଇଁଙ୍କର ମକଦ୍ଦମା ଚାଲିଥିବା ସମୟରେ ହଜରତ ସାହେବ ବଟାଲା ରାସ୍ତା ଦେଇ ଗୁରୁଦାସପୁର ଗସ୍ତ ଆରମ୍ଭ କଲେ । ତାଙ୍କ ସହିତ ନିଜେ ଖ୍ୱାଜା ସାହେବ ଓ ସ୍ୱର୍ଗତ ମୌଲବୀ ମୁହମ୍ମଦ ଅହସନ୍ ସାହେବ ମଧ୍ୟ ଥିଲେ । ଅନ୍ୟ ସମସ୍ତ ବ୍ୟକ୍ତି ୟକା ତଥା ଘୋଡାଗାଡି ଚଢ଼ି ତାଙ୍କ ପଛରେ ଆସୁଥିଲେ । ବୋଧହୁଏ ସେହି ବାହାନଗୁଡିକ ହଜରତ ସାହେବଙ୍କ ରଥଗାଡି ଠାରୁ କିଛି ପଛରେ ରହିଯାଇଥିଲା । ରାତ୍ରି ସମୟ, ଆକାଶରେ କଳାମେଘର ବାଦଲ ଢ଼ାଙ୍କି ହୋଇଥିଲା ଓ ଚତୁର୍ପାର୍ଶ୍ୱର ପରିବେଶ ଖୁବ୍ ଅନ୍ଧକାରରେ ଭରି ରହିଥିଲା । ଯେତେବେଳେ ହଜରତ ସାହେବଙ୍କ ରଥ ୱଡାଲା ନାମକ ସ୍ଥାନ ଦେଇ

ବଟାଲା ଆଡକୁ ଗତି କଲା, ସେହି ସମୟରେ ଚୋର ତଥା ଡକାୟତମାନେ ଖଣ୍ଡା, ଛୁରୀ ଧରି ରାସ୍ତା ଅବରୋଧ କଲେ ଏବଂ ହଜରତ ସାହେବଙ୍କ ରଥ ଗାଡିକୁ ଚଟିପଟୁ ଘେରିଗଲେ । ସେହି ଡାକୁମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଉଥିଲେ ଯେ 'ତୁ ହଜରତ ସାହେବଙ୍କୁ ଆଗକୁ ଯାଇ ଆକ୍ରମଣ କର ।' ପୁଣି ଜଣେ ଅନ୍ୟ ଜଣକୁ ଏହିପରି କହି ଉସକାଉ ଥିଲା । କିନ୍ତୁ କେହି ଜଣେହେଲେ ଆଗକୁ ଆସୁ ନଥିଲେ । ଏହି କଥାବାର୍ତ୍ତାରେ ସମୟ ଗଡିଗଲା । ସେତିକିବେଳେ ପଛରେ ରହିଯାଇଥିବା ୟକା ଓ ଘୋଡା ଗାଡି ଆସି ମହାମାନ୍ୟଙ୍କ ରଥଗାଡି ପାଖରେ ପହଞ୍ଚିଗଲା । ଏହା ଦେଖି ଡାକୁମାନେ ଭୟରେ ପଳାଇଗଲେ । କାଜୀ ସାହେବଙ୍କ ଉକ୍ତି ଅନୁଯାୟୀ ଖ୍ୱାଜା ସାହେବ ବର୍ଣ୍ଣନା କରିଛନ୍ତି 'ସେହି ଭୟଭୀତ ମୁହୂର୍ତ୍ତ ତଥା ଡାକୁମାନଙ୍କ ଆକ୍ରମଣ ସମୟରେ ମୁଁ ଦେଖିଲି ଯେ ହଜରତ ସାହେବଙ୍କ ମସ୍ତକରୁ ଏକ ଜ୍ୟୋତି ବାହାରୁଥିଲା, ଯଦ୍ୱାରା ତାଙ୍କର ମୁଖମଣ୍ଡଳ ଚମକି ଉଠୁଥିଲା । ମୁଁ (ହଜରତ ବଶିର୍ ଅହମଦ) ଏହା ଜାଣିଛି ଯେ କାଦିୟାନ ଓ ବଟାଲାର ମଝି ରାସ୍ତାରେ ସାଧାରଣତଃ ଚୋରୀ ତସକରୀର ଘଟଣା ଘଟିଥାଏ । କିନ୍ତୁ ସେହି ସମୟରେ ଈଶ୍ୱରଙ୍କର ବିଶେଷ ପରାକ୍ରମ ଏପରି ଥିଲା ଯେ ଡକାୟତମାନେ ଭୟରେ ପଳାଇଗଲେ ଏବଂ କେହି ହେଲେ ମଧ୍ୟ ଆଗକୁ ଆସିବାକୁ ସାହାସ କଲେ ନାହିଁ । କାଜୀ ସାହେବ କହିଛନ୍ତି ଯେ ମୁଁ ଏହି ଘଟଣା ଖ୍ୱାଜା ସାହେବଙ୍କ ଠାରୁ ଜଣେ ପ୍ରତ୍ୟକ୍ଷଦର୍ଶୀ ରୂପେ ସେହି ଦିନ ହିଁ ପେଶାୱର ନାମକ ସ୍ଥାନରେ ଶୁଣିଥିଲି ।

*(ସୀରତୁଲ୍ ମେହଦି, ପ୍ରଥମ ଖଣ୍ଡ, ପ୍ରଥମ ଭାଗ, ପୃଷ୍ଠା 433, କ୍ର.ସଂ. 454)*

# ହଜରତ ମୌଲବୀ ହକିମ ନୁରୁଦ୍ଦୀନ୍ ଭଏରୁଇ ହଜରତ ଖଲିଫତୁଲ ମସିହ ପ୍ରଥମ[ରଅ]

୨୬ ମଇ ୧୯୦୮ ମସିହାରେ ପ୍ରତିଶ୍ରୁତ ମସିହଙ୍କ ଦେହାନ୍ତ ହେବା ପରେ ଠିକ ତହିଁ ଆରଦିନ ମଇ ୨୭ ତାରିଖରେ ସେ ହଜରତ ଅହମଦଙ୍କ ପ୍ରଥମ ଖଲିଫା ରୂପେ ନିର୍ବାଚିତ ହେଲେ । ସେ ହଜରତ ମସିହ ମଉଦ[ଅସ]ଙ୍କର ସବୁଠାରୁ ପ୍ରିୟ ବନ୍ଧୁ, ଉତ୍ସର୍ଗୀକୃତ ପ୍ରେମିକ ଓ ସର୍ବାଧିକ ଆଜ୍ଞାକାରୀ ତଥା ସବୁଠାରୁ ଅଧିକ ତ୍ୟାଗ କରୁଥିବା ବ୍ୟକ୍ତି ପୁଣି ସବୁଠାରୁ ବଡ ସହାୟକ ମଧ୍ୟ ଥିଲେ ।

ଜମାଅତ ଅହମଦିୟାର ପ୍ରାଣ ପ୍ରତିଷ୍ଠାତା ପ୍ରତିଶ୍ରୁତ ମସିହ ମଉଦ[ଅସ] ଯେତେବେଳେ ଯୁଗାବତାର ହେବାର ଦାବୀ ଘୋଷଣା କଲେ ସର୍ବଦା ଏହିପରି ପ୍ରାର୍ଥନା କରୁଥିଲେ, **ୟା ରବ୍‌ବେ ମନ୍ ଅନ୍‌ସାରୀ** ହେ ମୋର ମହିମାମୟ ଅଲ୍ଲାଃ ! ଏହି ଗୁରୁଦାୟିତ୍ୱ ଯାହା ତୁମେ ମୋ ଉପରେ ନ୍ୟସ୍ତ କରିଅଛ ତାହା ନିର୍ବାହ କରିବାରେ କିଏ ମୋତେ ସହାୟତା କରିବ ? ଏହି ପ୍ରାର୍ଥନା କରି ସାରିବା ପରେ ଅଲ୍ଲାଃ ତାଙ୍କର ସାହାଯ୍ୟକାରୀ ରୂପେ କାଶ୍ମୀର ପ୍ରଦେଶରୁ ହଜରତ ମୌଲାନା ହକିମ୍ ନୁରୁଦ୍ଦୀନ[ରଅ]ଙ୍କ ପରି ଜଣେ ମହାନ ଯୋଗ୍ୟତମ ବ୍ୟକ୍ତିଙ୍କୁ ତାଙ୍କ ନିକଟକୁ ପଠାଇଲେ ।

ସେହି ଘଟଣା ବର୍ଣ୍ଣନା କରିବାକୁ ଯାଇ ପ୍ରତିଶ୍ରୁତ ମସିହ[ଅସ] କହିଛନ୍ତି:

"ଯେବେ ଠାରୁ ମୁଁ ଅଲ୍ଲାଃଙ୍କ ଛାମରୁ ନବୀ ହେବାର ସୌଭାଗ୍ୟ ପ୍ରାପ୍ତ କରିଛି ଏବଂ ସେହି ଚିରଞ୍ଜୀବୀ ଈଶ୍ୱରଙ୍କ ଦ୍ୱାରା ଜୀବିତ କରାଯାଇଛି ତଥା ଧର୍ମର ସେବାକାର୍ଯ୍ୟ ପାଇଁ ମନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଛି ଏବଂ ଏକ ଅବ୍ୟକ୍ତ ଅଭିଳାଷ ଏପରି ଭାବରେ ମୋ ମନରେ ବୃଦ୍ଧି ପାଇଛି, ଯେପରି ଏକ ତୃଷାର୍ତ୍ତ ପ୍ରାଣୀକୁ ଜଳପାନ କରିବା ପାଇଁ ଆବଶ୍ୟକ ପଡିଥାଏ । ମୁଁ ଦିନରାତି ସର୍ବଶକ୍ତିମାନ ଅଲ୍ଲାଃଙ୍କ ଛାମୁରେ ଗଭୀର ଆର୍ତ୍ତନାଦ, ଦୁଃଖ ଓ ଆବେଗ ଭରା କଣ୍ଠରେ ପ୍ରାର୍ଥନା କରିଥାଏ ତଥା ଏହିପରି କହିଥାଏ 'ହେ ମୋର ପ୍ରିୟ ଅଲ୍ଲାଃ ! ମୋର କିଏ ବା ସହାୟତା କରିବ ? ମୁଁ ଏକାକୀ ଓ ହୀନିମାନ ମଧ୍ୟ ହୋଇଛି । ସୁତରାଂ ଯେତେବେଳେ ଭକ୍ତର ଆକୁଳ ଡାକ ଦ୍ୱାରା ତାର ହାତ ଦୁଇଟି ମାଗିବା ପାଇଁ ବାରମ୍ବାର ଉପରକୁ ଉଠିଥିଲା ଓ ଆକାଶର ଘନଛାୟା ମୋର ପ୍ରାର୍ଥନା ଦ୍ୱାରା ଭରିଯାଇଥିଲା, ସେତେବେଳେ ଅଲ୍ଲାଃତାଲା ମୋର ବ୍ୟାକୁଳ ପ୍ରାର୍ଥନାକୁ ଗ୍ରହଣ କରିଥିଲେ । ସେହି ସକଳ ଭୁବନର

ପ୍ରତିପାଳକଙ୍କ କୃପା ମୋ ଉପରେ ଅଜାଡି ହୋଇ ପଡିଥିଲା । ସର୍ବଶକ୍ତିମାନ ଅଲ୍ଲାଃ ମୋତେ ଏକ ନିଷ୍କପଟ ସତ୍ୟବାନ ପୁରୁଷ ପ୍ରଦାନ କଲେ, ଯିଏକି ମୋର ସମସ୍ତ ସହାୟତାର ନୟନ ପିତୁଳା ଥିଲେ । ସେ ଏପରି ଜଣେ ନିଷ୍କପଟ ବନ୍ଧୁର ପ୍ରତୀକ ସାଜିଥିଲେ, ଯେପରି ଏକ ଧର୍ମାତୁର ବନ୍ଧୁ । ତାଙ୍କର ନାମ ସେହି ଜ୍ୟୋତିର୍ମୟ ବିଶେଷ ଗୁଣାବଳୀର ସମାହାର ଥିଲା, ଯାହା ହେଉଛି 'ନୁରୁଦ୍ଦୀନ୍' ତଥା ଧର୍ମର ଜ୍ୟୋତି ସଦୃଶ । ତାଙ୍କ ସଜ୍ଞା ତାଙ୍କ ଜନ୍ମଭୂମି ଦୃଷ୍ଟିରୁ 'ଭଏରୁଇ' ଏବଂ ବଂଶଜ ଦୃଷ୍ଟିରୁ 'କୁରେଶୀ ହାଶ୍‌ମୀ' । ସେ ଇସଲାମ୍‌ର ଶିରୋମଣୀ ଓ ସମ୍ଭ୍ରାନ୍ତ ପିତାମାତାଙ୍କର ସନ୍ତାନ ମଧ୍ୟରୁ ଜଣେ ଥିଲେ । ସୁତରାଂ ସେ ମିଳିଯିବା ଯୋଗୁଁ ମୋତେ ପ୍ରସନ୍ନତା ପ୍ରାପ୍ତ ହେଲା, ଯେପରି ମୋ ଶରୀରରୁ କୌଣସି ଏକ ପୃଥକ ହୋଇଯାଇଥିବା ଅଙ୍ଗ ମୋତେ ପୁନର୍ବାର ମିଳିଯାଇଛି । ମୋତେ ଏପରି ସନ୍ତୋଷ ଲାଭ ହେଲା ଯେପରି କି ନବୀ ଶିରୋମଣି ହଜରତ ମୁହମ୍ମଦ[ସଅ]ଙ୍କୁ ହଜରତ ଫାରୁକ[ରଅ] ମିଳିଯିବାରୁ ସେ ଆନନ୍ଦିତ ହୋଇଥିଲେ ।

ଏବଂ ସେହି ଦ୍ୱିତୀୟ ନୈସର୍ଗୀକ ଶକ୍ତି ମୋ ପାଖକୁ ଆସି ମୋ ସହିତ ମିଶିଲେ । ଯେତେବେଳେ ମୋର ଶୁଭଦୃଷ୍ଟି ତାଙ୍କ ଉପରେ ପଡିଲା ଏବଂ ମୁଁ ତାଙ୍କୁ ଦେଖି ଅନୁଭବ କଲି ଯେ ସେ ମୋର ଅଲ୍ଲାଃଙ୍କ ପଙ୍କ୍ତିଗୁଡିକ ମଧ୍ୟରୁ ଗୋଟିଏ । ମୋତେ ସମ୍ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ ଏହା ମୋର ସେହି ପ୍ରାର୍ଥନାର ପରିଣାମ, ଯେଉଁ ପ୍ରାର୍ଥନା ମୁଁ ସବୁବେଳେ କରୁଥିଲି ଓ ମୋର ବିବେକ ହିଁ ମୋତେ ଜଣାଇଦେଲା ଯେ ସେ (ନୁରୁଦ୍ଦୀନ୍) ହିଁ ଅଲ୍ଲାଃଙ୍କର ମନୋନୀତ ଭକ୍ତମାନଙ୍କ ମଧ୍ୟରୁ ଜଣେ ।"

*(ହୟାତେ ନୁର୍, ତୃତୀୟ ଭାଗ, ପୃଷ୍ଠା 113)*

ପ୍ରତିଶ୍ରୁତ ମସିହ[ଅସ] ମୌଲବୀ ନୁରୁଦ୍ଦୀନ୍‌ଙ୍କର ଧନତ୍ୟାଗ, ଆଜ୍ଞାପାଳନ ତଥା ଅନୁରକ୍ତିର ଭୂରି ଭୂରି ପ୍ରଶଂସା କରିଛନ୍ତି । ସେ ଏହା ଇଚ୍ଛା ବ୍ୟକ୍ତ ମଧ୍ୟ କରିଛନ୍ତି ଯେ ମୋର ସମ୍ପ୍ରଦାୟର ପ୍ରତ୍ୟେକ ସଦସ୍ୟ ନୁରୁଦ୍ଦୀନ୍ ଭଳି ହୋଇଯାଆନ୍ତେ କି ! ତା'ହେଲେ କେତେ ଭଲ ହୁଅନ୍ତା । ସୁତରାଂ ତାଙ୍କର ପୁଣ୍ୟକର୍ମ, ଅଲ୍ଲାଃଙ୍କ ପ୍ରତି ଭୟ ଓ ସନ୍ଥ ସ୍ୱଭାବକୁ ଦେଖି ଜମାଅତ ଅହମଦିୟାର ବିଶ୍ୱାସକାରୀମାନେ ସର୍ବସମ୍ମତି କ୍ରମେ ତାଙ୍କୁ ହଜରତ ମସିହ ମଉଦ[ଅସ]ଙ୍କର ପ୍ରଥମ ଉତ୍ତରାଧିକାରୀ ରୂପେ ନିର୍ବାଚିତ କଲେ ।

ସେ ପବିତ୍ର କୁରଆନ, ହଦିସ ଓ ଇସଲାମ ସମ୍ବନ୍ଧୀୟ ଜ୍ଞାନରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଥିଲେ । ସେ ମଧ୍ୟ ଉତ୍ତମ ତର୍କଶାସ୍ତ୍ରୀ ଥିଲେ । ତତ୍‌ସହିତ ଜଣେ ସୁଦକ୍ଷ ଚିକିତ୍ସକ ମଧ୍ୟ ଥିଲେ । ସମଗ୍ର ଭାରତବର୍ଷରେ ତାଙ୍କର ଚିକିତ୍ସା ବିଦ୍ୟାରେ ପାରଙ୍ଗମ ଥିବା ଯୋଗୁଁ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ । ସେଥିପାଇଁ ଜାମ୍ମୁ ପ୍ରଦେଶର ମହାରାଜା ତାଙ୍କୁ ନିଜର ବ୍ୟକ୍ତିଗତ ରାଜବୈଦ୍ୟ ରୂପେ ନିଯୁକ୍ତ କରିଥିଲେ । ସେହି ସମୟରେ ତାଙ୍କର ହଜାର ହଜାର ଟଙ୍କାର ଉପାର୍ଜନ ହେଉଥିଲା । କିନ୍ତୁ ଯେତେବଳେ ହଜରତ ମସିହ ମଉଦ[ଅସ] ହକିମ ନୁରୁଦ୍ଦୀନଙ୍କୁ କହିଲେ 'ମୌଲବୀ ସାହେବ ! ତୁମେ ଏହି ସଂସାରକୁ ବହୁତ ଦେଖି ସାରିଲଣି । ଏବେ ତୁମେ ଏହିଠାରେ (କାଦିୟାନରେ) ହିଁ ରହିଯାଅ ।' ଏହି ଆଦେଶ ପାଳନ କରି ସେ ସବୁଦିନ ପାଇଁ କାଦିୟାନର ବାସିନ୍ଦା ହୋଇ ରହିଗଲେ ଏବଂ କେବେହେଲେ ନିଜ ଜନ୍ମଭୂମିକୁ ଫେରିବାର ଭାବନା ମଧ୍ୟ ମନରେ ଆଣିଲେ ନାହିଁ ।

ତାଙ୍କର ଅଲ୍ଲାଃଙ୍କ ପ୍ରତି ଦୃଢ଼ ବିଶ୍ୱାସଗତ ସମ୍ପର୍କର କେତୋଟି ଉଦାହରଣ ଦିଆଯାଉଛି । ସେ ଅଲ୍ଲାଃଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଓ ଭରଷା ରଖିଥିଲେ । ସେ ସ୍ୱୟଂ କହିଛନ୍ତି 'ଅଲ୍ଲାଃଙ୍କ ସହିତ ମୋର ଏକ ବିଶେଷ ସମ୍ପର୍କ ରହିଛି ।'

ତାଙ୍କର ବଡ ବଡ ପାରଦର୍ଶିତା ମଧ୍ୟରୁ ଏକ ମହାନ କାର୍ଯ୍ୟ ହେଉଛି ଖିଲାଫତ୍‌ର ପ୍ରତିଷ୍ଠା ତଥା ଦୃଢ଼ତା ରକ୍ଷା କରିବା । ତେଣୁ ସେ ଖଲିଫା ହେବାରେ ମନ୍ଦ ପ୍ରବୃତ୍ତିର ଲୋକମାନଙ୍କର ଏକ ଗୋଷ୍ଠୀ ଖିଲାଫତ୍‌ର ଭିତ୍ତି ପ୍ରସ୍ତରକୁ ଦୋହଲାଇବା ଓ ତାହାର ଦୃଢ଼ତାକୁ ଭାଙ୍ଗି ଦେବାପାଇଁ ପଛଘୁଞ୍ଚା ଦେଇ ନଥିଲେ । କିନ୍ତୁ ସେ ସେମାନଙ୍କର ସବୁ ଆକ୍ରମଣକୁ ପ୍ରତିହତ କରି ଦୃଢ଼ତାର ସହିତ ସେମାନଙ୍କୁ ଦମନ କରିଥିଲେ । ସେ ଖିଲାଫତ୍‌କୁ ଏପରି ସୁଶୃଙ୍ଖଳିତ ଓ ମଜବୁତ କରିଥିଲେ, ଯାହା ପାଇଁ ସଂସାର ଥିବା ପର୍ଯ୍ୟନ୍ତ ତାଙ୍କୁ ସ୍ମରଣ କରାଯାଉଥିବ ।

ତାଙ୍କର ସର୍ବଶକ୍ତିମାନ ଅଲ୍ଲାଃଙ୍କ ସହିତ ନିଗୁଢ଼ ସମ୍ପର୍କର କେତେକ ଘଟଣା ନିମ୍ନରେ ଦିଆଯାଉଛି ।

## ସ୍ୱପ୍ନ ମାଧ୍ୟମରେ କାଶ୍ମୀର ପ୍ରଦେଶର ପରିଭ୍ରମଣ

ହଜରତ ମସିହ ମଉଦ[ଅସ]ଙ୍କ ପ୍ରଥମ ଖଲିଫା ଏକ ସ୍ୱପ୍ନ ମାଧ୍ୟମରେ କାଶ୍ମୀର ପ୍ରଦେଶର ପରିଭ୍ରମଣ କରିଥିଲେ । ସୁତରାଂ ସେ କହିଛନ୍ତି:

"......ମହାଭାଗ (ଅର୍ଥାତ ହଜରତ ମୁହମ୍ମଦ[ସଅ]) ସ୍ୱପ୍ନରେ ତାଙ୍କୁ ଦେଖି ହସି ପକାଇଲେ ଏବଂ ତାଙ୍କୁ ସମ୍ବୋଧନ କରି କହିଲେ; କ'ଣ ତୁମେ

କାଶ୍ମୀର ରାଜ୍ୟ ପରିଦର୍ଶନ କରିବାକୁ ଚାହୁଁଛ ?' ସେ କହିଲେ 'ହଁ ନିଶ୍ଚୟ ହେ ମୁହମ୍ମଦ[ସଅ] !' ଏହା କହି ମହାଭାଗ ସେଠାରୁ ଚାଲିଗଲେ ଏବଂ ମୌଲବୀ ନୁରୁଦ୍ଦୀନ୍ ହଜୁର[ସଅ]ଙ୍କ ପଛେ ପଛେ ଯିବାକୁ ଲାଗିଲେ । ପୁନଶ୍ଚ ସେ ବାନିହାଲ୍‌ର ରାସ୍ତା ମଧ୍ୟ ଦେଇ କାଶ୍ମୀର ଗଲେ ।" *(ହୟାତେ ନୁର୍ , ଦ୍ୱିତୀୟ ଖଣ୍ଡ, ପୃଷ୍ଠା 97)*

## ଭୟର ଶିହରଣ ଯୋଗୁଁ ମୋର ଶରୀର ନୀଳବର୍ଣ୍ଣ ହୋଇଗଲା

ପ୍ରତିଶ୍ରୁତ ମସିହଙ୍କ ପ୍ରଥମ ଖଲିଫା ମଦିନା ରହଣୀ କାଳରେ ନିଜର ଏକ ଘଟଣା ଏହିପରି ବର୍ଣ୍ଣନା କରିଛନ୍ତି:

"ଯେଉଁ ସମୟରେ ମୁଁ ଶାହ ଅବଦୁଲ୍ ଗନି ସାହେବଙ୍କ ଠାରୁ ଶିକ୍ଷାପ୍ରାପ୍ତ କରୁଥିଲି, ଥରେ ଜୁହର ନମାଜ ଜମାଅତ ସହିତ ସାମୁହିକ ଭାବେ ପଢ଼ିବା ପାଇଁ ମୋତେ ସୁଯୋଗ ମିଳିଲା ନାହିଁ । ନମାଜ ଶେଷ ହୋଇ ଯାଇଥିଲା ଓ ମୁଁ କୌଣସି କାରଣବଶତଃ ନମାଜରୁ ବଞ୍ଚିତ ରହିଗଲି । ମୋତେ ଏପରି ଜଣାପଡିଲା ଯେ ଏହି ନମାଜକୁ ଛାଡିଦେବା ଏକ ମହାପାପ, ଯଦ୍ୱାରା ଅଲ୍ଲାଃଙ୍କ ଛାମୁରେ ମୋତେ ମୁକ୍ତି ମିଳିବ ନାହିଁ । ତେଣୁ ଏହି ଭୟରେ ମୋର ସର୍ବାଙ୍ଗ ମଳିନ ପଡିଗଲା ଓ ଚେହେରାର ରଙ୍ଗ ନୀଳ ହୋଇଗଲା । ମସଜିଦରେ ପ୍ରବେଶ କରିବା ମାତ୍ରେ ମନରେ ଭୟ ସୃଷ୍ଟି ହେଉଥିଲା । ସେଠାରେ ଏକ 'ବାବେ ରହମତ୍' (କୃପା ଦ୍ୱାର) ରହିଥିଲା । ସେଥିରେ ଲେଖାଥିଲା:

قُلْ يٰعِبَادِيَ الَّذِيْنَ اَسْرَفُوْا عَلٰٓى اَنْفُسِهِمْ لَا تَقْنَطُوْا مِنْ رَّحْمَةِ اللّٰهِ ؕ اِنَّ اللّٰهَ يَغْفِرُ الذُّنُوْبَ جَمِيْعًا ؕ اِنَّهٗ هُوَ الْغَفُوْرُ الرَّحِيْمُ

**'କୁଲ୍ ୟା ଇବାଦିୟଲ୍ ଲଜିନା ଅସ୍‌ରଫୁ ଆଲା ଅନ୍‌ଫୁସିହିମ୍ ଲାତକ୍‌ନତୁ ମିର୍‌ରହମତିଲ୍ଲାହେ ଇନ୍ନଲ୍ଲାହା ୟଗ୍‌ଫିରୁଜ୍‌ଜୁନୁବା ଜମିଅନ୍ ଇନ୍ନହୁ ହୁୱଲ୍ ଗଫୁରୁର୍ ରହିମ୍ ।'** ***(ଅଜ୍ ଜୁମର୍ 39:54)***

ଏହାକୁ ପାଠ କରି ମଧ୍ୟ ମନରେ ଭୟ ଉପୁଜିଲା ଓ ମୁଁ ଆଶ୍ଚର୍ଯ୍ୟ ହୋଇ ମସଜିଦରେ ପ୍ରବେଶ କଲି । କିନ୍ତୁ ବହୁତ ଘାବରା ହୋଇ ଯାଇଥିଲି । ଯେତେବେଳେ ମୁଁ ମେମ୍ବର ଓ ହୁଜରା ସରିଫର ମଧ୍ୟ ଭାଗରେ ପହଞ୍ଚିଲି ଓ ନମାଜ ପାଠ କରିବାକୁ ଲାଗିଲି, ରୁକୁ କରିବା ସମୟରେ ନଇଁବା ମୁଦ୍ରାରେ ମୋ ମନରେ ଏକ ଭାବନା ମୋତେ ବିଚଳିତ କରି ଦେଉଥିଲା । ତାହା ନିର୍ଭର ଯୋଗ୍ୟ ହଦିସରେ ଏହିପରି ଲେଖାଅଛି:

مَا بَيْنَ بَيْتِيْ وَ مِنْبَرِيْ رَوضَةٌ مِنْ رِيَاضِ الْجَنَّة

**'ମା ବୈନା ବୈତି ୱ୍ମିନ୍‌ବରି ରଓଜତେ ମିନ୍ ରିୟାଜୁଲ୍ ଜନ୍ନତେ'**

ଅର୍ଥାତ୍ ଜନ୍ନତ୍ (ସ୍ୱର୍ଗ) ସେହି ସ୍ଥାନ, ଯେଉଁଠି ଯାହାକିଛି ମଗାଯାଏ ତାହା ମିଳି ଯାଇଥାଏ । ସୁତରାଂ ମୁଁ ଅଲ୍ଲାଃଙ୍କ ଛାମୁରେ ପ୍ରାର୍ଥନା କଲି:

'ହେ ମହିମାମୟ ଅଲ୍ଲାଃ ! ମୋର ଏହି ଦୋଷତ୍ରୁଟିକୁ କ୍ଷମା କରିଦିଅ ।'

*(ମିରକାତୁଲ୍ ଯକିନ୍ ଫୀହୟାତେ ନୁରୁଦ୍ଦୀନ୍, ପୃଷ୍ଠା 125-126)*

## ଦୁଇ ସଜ୍‌ଦା ମଧ୍ୟବର୍ତ୍ତୀକାଳୀନ ଖଣ୍ଡଶବ୍ଦର ଅଧିକ ଜ୍ଞାନ ପ୍ରଦାନ

ପ୍ରତିଶ୍ରୁତ ମସିହ[ଅସ]ଙ୍କର ପ୍ରଥମ ଖଲିଫା ସ୍ୱୟଂ ଏହିପରି କହିଛନ୍ତି:

କାଶ୍ମୀର ପ୍ରଦେଶରେ ଅବଦ୍ଦୁଲ୍ କୁଦ୍ଦୁସ ସାହେବ ନାମକ ଜଣେ ମୌଲବୀ ରହୁଥିଲେ । ସେ ମୋର ଜଣେ ବୟୋଜ୍ୟେଷ୍ଠ ଭାଇ ପରି ଥିଲେ । ସେ ଶାହଜୀ ଅବଦୁଲ୍ ଗନି ସାହେବଙ୍କର ଶିଷ୍ୟ ମଧ୍ୟ ଥିଲେ । ମୁଁ ମଧ୍ୟ ସେତେବେଳେ ଶାହ ସାହେବଙ୍କର ପଟ୍ଟଶିଷ୍ୟ ଥିଲି । ସେ ମୋତେ ଖୁବ୍ ଭଲ ପାଉଥିଲେ । ବୃଦ୍ଧାବସ୍ଥା ଯୋଗୁଁ ଦୁର୍ବଳ ଥିବା ସତ୍ତ୍ୱେ ମଧ୍ୟ ମୌଲବୀ ଅବଦୁଲ କୁଦ୍ଦୁସ୍ ମୋ ଘରକୁ ହଦିସ ତିରମିଜିର ବିଷୟ ପଢ଼ିବାକୁ ଆସୁଥିଲେ । ମୁଁ ଥରେ ଏକ ସ୍ୱପ୍ନ ଦେଖିଲି ଯେ ତାଙ୍କ କୋଳରେ କେତେକ କୁନିକୁନି ପିଲା ଅଛନ୍ତି । ମୁଁ ଚିଲ ପରି ଝାମ୍ପ ମାରି ସବୁ ଛୁଆଙ୍କୁ ମୋ କୋଳକୁ ନେଇ ଆସି ସେଠାରୁ ଚାଲିଯାଉଛି । ରାସ୍ତାରେ ମୁଁ ସେହି କୁନିକୁନି ପିଲାଙ୍କୁ ପ୍ରଶ୍ନ କଲି 'ତୁମେମାନେ ସମସ୍ତେ କିଏ ?' ସେମାନେ ମୋତେ ଉତ୍ତର ଦେଲେ 'ଆମର ନାମ (ଆରବୀ ଅକ୍ଷର) କାଫ୍, ହା, ୟା, ଆଇନ୍, ସ୍ୱାଦ୍ ।' ମୋର ଏହି ସ୍ୱପ୍ନଟିକୁ ମୁଁ ଅତି ବିସ୍ମୟ ଭାବରେ ଦେଖୁଥିଲି । ଯେତେବେଳେ ମୁଁ ହଜରତ ମିର୍ଜା ସାହେବ(ପ୍ରତିଶ୍ରୁତ ମସିହ)ଙ୍କର ଅନୁଗାମୀ ହୋଇଗଲି । ତାଙ୍କୁ ମୋର ସେହି ଦେଖିଥିବା ସ୍ୱପ୍ନଟିକୁ କହିଲି । ମିର୍ଜା ସାହେବ କହିଲେ 'ତୁମକୁ ସେ ସମସ୍ତ ଆରବୀ ଜ୍ଞାନ ପ୍ରଦାନ କରାଯିବ ଓ ସେହି କୁନି ଛୁଆମାନେ ଦେବଦୂତ ଥିଲେ ।'

ଧର୍ମପାଳ ନାମକ ବ୍ୟକ୍ତି ଯେତେବେଳେ 'ତରକେ ଇସଲାମ' (ଇସଲାମକୁ ବର୍ଜନ କର) ପୁସ୍ତକ ଲେଖିଥିଲେ । ସେହି ଲେଖାର ବହୁ ପୂର୍ବରୁ ମୋତେ ଏକ ସ୍ୱପ୍ନ ହୋଇଥିଲା ଯେ ଅଲ୍ଲାଃତାଲା ମୋତେ କହିଛନ୍ତି "ଯଦି କୌଣସି ବ୍ୟକ୍ତି ତୁମକୁ ପବିତ୍ର କୁରଆନର କୌଣସି ଆୟତ ପଚାରନ୍ତି, ଯାହା

ତୁମକୁ ଆସୁ ନଥିବ ଏବଂ ପ୍ରଶ୍ନକର୍ତ୍ତା ଯଦି କୁରଆନର ବିରୋଧୀ ହୋଇଥିବ, ସେହି ପରିସ୍ଥିତିରେ ଆମ୍ଭେ ସ୍ୱୟଂ ତୁମକୁ ସେହି ଆୟତ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିବୁ ।" ସୁତରାଂ ଧର୍ମପାଳର ପୁସ୍ତକ ଲୋକଲୋଚନକୁ ଆସିଯିବା ପରେ ସର୍ବଶକ୍ତିମାନ ଅଲ୍ଲାଃ ମୋତେ ସେହି ପୁସ୍ତକର ଉଚିତ ଜବାବ ଦେବା ପାଇଁ ଶକ୍ତି ଅର୍ପଣ କଲେ । 'ମୁକତ୍‌ତାଆତ୍' କ୍ଷୁଦ୍ରଶବ୍ଦ ବା ଅକ୍ଷର ସମ୍ବନ୍ଧରେ ଅଭିଯୋଗ ପର୍ଯ୍ୟନ୍ତ କଥା ପହଞ୍ଚିଗଲା ପରେ ମଗରିବ ନମାଜର ଦୁଇ ସଜଦା ମଝିରେ ମୁଁ କେବଳ ଏତିକିମାତ୍ର ମନେ ମନେ ଈଶ୍ୱରଙ୍କୁ ଜଣାଇଲି 'ହେ ମୋର ଅଲ୍ଲାଃ ! ସେ ତ କୁରଆନର ଅମାନ୍ୟକାରୀ ଥିବାରୁ ସେ ମୋ ଆଗରେ ନୁହେଁ ବରଂ ଅନ୍ୟ ଲୋକମାନଙ୍କ ଆଗରେ ମଧ୍ୟ ମୁକତ୍‌ତାଆତ୍‌ର ବିଷୟରେ ପ୍ରଶ୍ନ କରୁଛି ।' ତେବେ ହଠାତ୍ ସେହି ନମାଜ କାଳରେ ମୋତେ ଦୁଇ ସଜଦା ମଝିର ସ୍ୱଳ୍ପ ସମୟ ମଧ୍ୟରେ ତାହାର ବହୁଳ ଜ୍ଞାନ ପ୍ରଦାନ କରାଗଲା । ଏହାର କିଛି ଅଂଶ ମୁଁ ପୁସ୍ତିକା 'ନୁରୁଦ୍ଦୀନ୍'ରେ ଆରବୀ ଖଣ୍ଡଶବ୍ଦ ଓ ଯୁଗ୍ମ ଅକ୍ଷରର ଭାବାର୍ଥ ସଂକ୍ରାନ୍ତରେ ଲେଖିଛି । ତାହାକୁ ଲେଖିସାରିବା ପରେ ମୁଁ ସ୍ୱୟଂ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲି ।

*(ମିରକାତୁଲ୍ ୟକିନ୍ ଫୀହୟାତେ ନୁରୁଦ୍ଦୀନ୍, ପୃଷ୍ଠା172-173)*

## ଈଶ୍ୱର ଆପଣଙ୍କୁ ଅନ୍ୟ ଏକ ପୁତ୍ର ସନ୍ତାନ ଦେବେ

ହଜରତ ମସିହ ମଉଦ[ଅସ]ଙ୍କର ପ୍ରଥମ ଖଲିଫା ଏହିପରି ବର୍ଣ୍ଣନା କରିଛନ୍ତି:

ମୋର ଜଣେ ଭଉଣୀ ଥିଲେ, ଯାହାଙ୍କର ଏକ ପୁତ୍ର ସନ୍ତାନ ଥିଲା । କିନ୍ତୁ ସେ ହଇଜା ବ୍ୟାଧିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲା । ମୁଁ ଜଣେ ରାଜବୈଦ୍ୟ ହୋଇଥିବାରୁ ମୋ ହାତର ଚିକିତ୍ସା ଦ୍ୱାରା କୌଣସି ହଇଜା ରୋଗୀ ସୁସ୍ଥ ହେବା କଥା ସେ ଜାଣିଥିଲେ । ସେଥିପାଇଁ ଭଉଣୀ ଜଣକ ମୋତେ କହିଲେ 'ତୁମେ ଯଦି ମୋ ଘରକୁ ଆସି ଯାଇଥାନ୍ତ, ହୁଏତ ମୋର ପୁଅ ବଞ୍ଚିଯାଇଥାନ୍ତା ।' ସେହିପରି ମୁଁ ମୋର ଭଉଣୀଙ୍କୁ କହିଲି 'ତୁମର ଏକ ପୁତ୍ରସନ୍ତାନ ଜନ୍ମ ହେବ ଏବଂ ମୋର ସମ୍ମୁଖରେ ହିଁ ସେ ହଇଜାରେ ମରିଯିବ ।' ଏହାପରେ ସେ ଗର୍ଭବତୀ ହୋଇ ଏକ ସୁନ୍ଦର ଶିଶୁପୁତ୍ର ପ୍ରସବ କଲେ ଓ ସେ ମୋ ସମ୍ମୁଖରେ ହଇଜାରେ ରୋଗାକ୍ରାନ୍ତ ହେଲା । ତେବେ ତାଙ୍କୁ ମୋର କହିଥିବା ପୂର୍ବକଥା ମନେ ଥିଲା । ମୋତେ ଭଉଣୀ କହିଲେ 'ସେ ଭଲ ହେବା ପାଇଁ ତୁମେ ପ୍ରାର୍ଥନା କର ।' ମୁଁ କହିଲି 'ଈଶ୍ୱର ଏହାର

ପ୍ରତିବଦଳରେ ପୁଣି ଏକ ପୁତ୍ରସନ୍ତାନ ତୁମକୁ ଦେବେ କିନ୍ତୁ ବର୍ତ୍ତମାନ ଏହାକୁ ଯିବାକୁ ଦିଅ ।' ସୁତରାଂ ହଇଜାରେ ଆକ୍ରାନ୍ତ ସେହି ପୁତ୍ରଟି ମରିଗଲା । ତା'ପରେ ଅନ୍ୟ ଏକ ପୁତ୍ର ସନ୍ତାନ ଜାତ ହେଲା ଓ ଜୀବିତ ରହିଲା । ଆଜି ପର୍ଯ୍ୟନ୍ତ ଜୀବିତ ରହି ସେ ରୋଜଗାରକ୍ଷମ ହୋଇପାରିଛି । ଏହା ଅଲ୍ଲାଃଙ୍କ ତରଫରୁ ସ୍ୱାଭିମାନର ପ୍ରତୀକ ଥିଲା ।

*(ମିରକାତୁଲ୍ ୟକିନ୍ ଫୀହୟାତେ ନୁରୁଦ୍ଦୀନ୍, ପୃଷ୍ଠା 199)*

## ଈଶ୍ୱର ହିଁ ଉଚିତ ବଦଳା ଦେଇପାରିବେ

ହଜରତ ମସିହ ମଉଦ[ଅସ]ଙ୍କର ପ୍ରଥମ ଖଲିଫା ଏହିପରି ବର୍ଣ୍ଣନା କରିଛନ୍ତି:

ମୋର ଅନେକ ପୁତ୍ରସନ୍ତାନ ମୃତ୍ୟୁବରଣ କରିଥିଲେ । ଯେତେବେଳେ କୌଣସି ଏକ ପୁତ୍ର ମରିଯାଏ, ସେତେବେଳେ ମୁଁ ଭାବେ ଯେ ତାହାର କିଛି ଦୋଷତ୍ରୁଟି ରହିଥିବ । ଈଶ୍ୱର ତାହାଠାରୁ ଅଧିକ ଉତ୍ତମ ପ୍ରତିବଦଳ ଦେଇପାରନ୍ତି । ଈଶ୍ୱରଙ୍କ କୃପାରୁ ନିରାଶ ହୋଇଯିବା ତ ଅବିଶ୍ୱାସକାରୀର କାର୍ଯ୍ୟ । ଈଶ୍ୱର ଦେଇଥିବା ପୁରସ୍କାରର ଯେତେବେଳେ ସମୁଚିତ ମାନ୍ୟତା ଓ ଉପଯୁକ୍ତ ସମ୍ମାନ ଦିଆଯାଏ ନାହିଁ, ସେତେବେଳେ ସେହି ପୁରସ୍କାରକୁ ଅଲ୍ଲାଃତାଲା ତାହାଠାରୁ ଛଡାଇ ନେଇଥାନ୍ତି । କେବଳ ଅଲ୍ଲାଃଙ୍କର ସେହି କୃପା ଚାଲିଯାଇ ନଥାଏ, ବରଂ ତାହାକୁ ହେୟ ମନେ କରିବା ଯୋଗୁଁ ଏବଂ ଅକୃତଜ୍ଞପଣ ଯୋଗୁଁ ସେହି ପୁରସ୍କାର ପାଇବାରୁ ସେ ବଞ୍ଚିତ ହୋଇଥାଏ । କିନ୍ତୁ ଯଦିଓ ସେହି ପୁରସ୍କାର ଚାଲିଯାଏ, ତେବେ ସେଥିରେ ମନୁଷ୍ୟ ଆଦୌ ହତାଶ ହେବା ଉଚିତ ନୁହେଁ ।

*(ମିରକାତୁଲ୍ ୟକିନ୍ ଫୀହୟାତେ ନୁରୁଦ୍ଦୀନ୍, ପୃଷ୍ଠା 207)*

## ଡ଼ିପ୍ଲୋମା ଉପରେ ଭରସା ନାହିଁ

ହଜରତ ମସିହ ମଉଦ[ଅସ] ଙ୍କର ପ୍ରଥମ ଖଲିଫା ଏହିପରି ବର୍ଣ୍ଣନା କରିଛନ୍ତି:

ଏହା ମଧ୍ୟ ଏକ ଶିର୍କ ଯେ ମନୁଷ୍ୟ ଡିପ୍ଲୋମା କିମ୍ବା କୌଣସି ପ୍ରମାଣପତ୍ର ଉପରେ ଭରସା କରିବ । ଥରେ ଜଣେ ବ୍ୟକ୍ତି ଯିଏକି ପାଠଶାଳାର ଜଣେ ଅଫିସର ଥିଲେ ଓ ମୁଁ ମଧ୍ୟ ପଣ୍ଡଦାଦନଖାଁ ନାମକ ସ୍ଥାନରେ ଶିକ୍ଷକ ଥିଲି । ମୋତେ ସେହି ଅଫିସର କୌଣସି ଏକ କଥାକୁ ନେଇ କହିଲେ ଯେ ତୁମକୁ

ଡିପ୍ଲୋମା ହାସଲ କରିବାର ଗର୍ବ ହୋଇ ଯାଇଛି । ମୁଁ ନିଜର ଜଣେ ବ୍ୟକ୍ତିକୁ କହିଲି 'ମୋର ଡିପ୍ଲୋମା ସନନ୍ଦ ନେଇଆସ । ଯାହାକୁ ଏମାନେ ଭଗବାନ ଭାବି ନେଇଛନ୍ତି । ସେଥିରୁ ଖଣ୍ଡେ ଆମ ପାଖରେ ମଧ୍ୟ ଅଛି । ସେହି ସମୟରେ ତାହାକୁ ମଗାଇ ତାଙ୍କ ଆଗରେ ଫାଡି ମୁଁ ଟିକ୍ ଟିକ୍ କରିଦେଲି । ସେହି ଅଫିସର ଏହା ଦେଖି ଅତି ସ୍ତବ୍ଧ ହୋଇଗଲା । ମୋତେ କହିଲା 'ତୁମେ ଏତେ ଉତ୍ତେଜିତ ହେଲ କାହିଁକି ?' ମୁଁ କହିଲି 'ନା ତା ନୁହେଁ ।' ପୁଣି ସେ କହିଲା 'କିଛି ଚିନ୍ତା ଅଛି ?' ତହୁଁ ମୁଁ କହିଲି 'ନା, ସେମିତି କିଛି ନୁହେଁ । କେବଳ ତୁମେ ଏହାକୁ ଗର୍ବର ପ୍ରତୀକ କରି ଆତ୍ମ ବଡିମା ଦେଖାଇବା ତଥା ଏକ ରୋଜଗାରର ପନ୍ଥା ଧରି ନେଇଛ । ଅଥଚ ମୁଁ ତାହାକୁ ଖଣ୍ଡ ଖଣ୍ଡ କରି ଦେଖାଇଦେଲି ଯେ ମୋର ସେହି ସନନ୍ଦ ଉପରେ ଅଲ୍ଲାଃଙ୍କ କୃପାରୁ ଟିକିଏ ହେଲେ ଭରସା ନାହିଁ ।'

*(ମିରକାତୁଲ୍ ୟକିନ୍ ଫୀହୟାତେ ନୁରୁଦ୍ଦୀନ୍, ପୃଷ୍ଠା 209)*

# ଐଶ୍ୱରିକ ଆହ୍ୱାନ

'ହୟାତେ ନୁର'ର ଲେଖକ ଅବଦୁଲ୍ କାଦିର ସାହେବ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃତାଲାଙ୍କ ତରଫରୁ ଖାଦ୍ୟ ଖୁଆଇବାର ଏକ ଘଟଣା ବନ୍ଧୁ ହକିମ ମୁହମ୍ମଦ ସିଦ୍ଦିକ୍ ସାହେବ ମିଆନୀ ଜିଲ୍ଲା ସର୍‌ଗୋଧା ନିବାସୀ ଏହିପରି ଶୁଣାଇଥିଲେ ଯେ ହଜରତ ମସିହ ମଉଦଙ୍କ ପ୍ରଥମ ଖଲିଫା କହିଛନ୍ତି:

ଥରେ ମୁଁ ଜଣେ ଉତ୍ତମ ଶିକ୍ଷକଙ୍କ ସନ୍ଧାନରେ ନିଜ ଜନ୍ମଭୂମି ଠାରୁ ବହୁ ଦୂରକୁ ଚାଲିଗଲି । ତିନିଦିନ ଭୋକ ଉପାସରେ ରହିଥିଲେ ସୁଦ୍ଧା କାହାରିକୁ କିଛି ମାଗିଲି ନାହିଁ । ମୁଁ ମଗରିବ୍ ସମୟରେ ଏକ ମସଜିଦକୁ ଚାଲିଗଲି । କିନ୍ତୁ ସେଠାରେ ମୋତେ କେହି ହେଲେ କିଛି ପଚାରିଲେ ନାହିଁ ଓ ସମସ୍ତେ ନମାଜ ପାଠ ସାରି ଯିଏ ଯାହା ବାଟରେ ଚାଲିଗଲେ । ଯେବେ ମୁଁ ମସଜିଦରେ ଏକାକୀ ଥିଲି, ବାହାର ପଟରୁ ମୋତେ କେହି ଡାକୁଥିବାର ଶୁଣାଗଲା, 'ନୁରୁଦ୍ଦୀନ ! ନୁରୁଦ୍ଦୀନ ! ନୁରୁଦ୍ଦୀନ ! ଏହି ଖାଦ୍ୟକୁ ଶୀଘ୍ର ଆସି ନେଇଯାଅ ।' ମୁଁ ବାହାରକୁ ଯାଇ ଦେଖିଲି ଯେ ଜନଗହଳି ଭିତରେ କିଛି ରୁଚିକର ଖାଦ୍ୟ ଥୁଆ ହୋଇଛି । ମୁଁ ତାହା ଯାଇ ନେଇ ଆସିଲି । କିନ୍ତୁ କାହାକୁ ପଚାରିଲି ନାହିଁ ଯେ ଏହି ଖାଦ୍ୟ କେଉଁଠାରୁ ଆସିଛି । କାରଣ ମୋତେ ଜଣାଥିଲା ଯେ ଏହି ଖାଦ୍ୟ ମୋ ପାଇଁ ଭକତବନ୍ଧୁ ଅଲ୍ଲାଃ ହିଁ ପଠାଇଛନ୍ତି । ମୁଁ ବସି ପେଟପୁରା

ଖାଇଲି ଓ ବାସନକୁ ମସଜିଦର କାନ୍ଥ ପାଖ ଏକ ଖୁଣ୍ଟିରେ ଓହଳାଇ ଦେଲି । ଯେବେ ମୁଁ ୮/୧୦ ଦିନ ପରେ ପୁଣି ସେଠାକୁ ଆସିଲି, ସେହି ବାସନଗୁଡ଼ିକ ସେହିଠାରେ ହିଁ ଲଟକା ହୋଇ ରହିଥିଲା । ସେଥିରୁ ମୋର ସଂପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ ସେହି ଖାଦ୍ୟ କୌଣସି ଗ୍ରାମବାସୀ ପଠାଇ ନଥିଲେ, ବରଂ ସ୍ୱୟଂ ଇଶ୍ୱର ହିଁ ଆମ ପାଇଁ ପଠାଇଥିଲେ ।

*(ହୟାତେ ନୁର୍, ପ୍ରଥମ ଭାଗ, ଅବଦୁଲ୍ କାଦିର ସୌଦାଗରମଲ୍, ପୃଷ୍ଠା 24-25)*

## ବର୍ଷା ବନ୍ଦ ହୋଇଯିବାର ପ୍ରାର୍ଥନା

ଚୌଧୁରୀ ଗୁଲାମ ମୁହମ୍ମଦ ସାହେବ ବି.ଏ.ଙ୍କର ବର୍ଣ୍ଣନାନୁଯାୟୀ:

"୧୯୦୯ ମସିହାର ଘଟଣା । ଥରେ ବର୍ଷା ଋତୁରେ ଲଗାତାର ଆଠଦିନ ପର୍ଯ୍ୟନ୍ତ ମୁଷଳଧାରାରେ ବର୍ଷା ଲାଗି ରହିଲା । ଯଦ୍ୱାରା ପୁଣ୍ୟପୀଠ କାଦିୟାନ ଗ୍ରାମର ବହୁତ ଘର ଭାଙ୍ଗିଗଲା । ସ୍ୱର୍ଗୀୟ ହଜରତ ମୁହମ୍ମଦ ଅଲୀ ସାହେବ କାଦିୟାନ ବାହାରେ ଏକ ନୂତନ କୋଠା ନିର୍ମାଣ କରିଥିଲେ, ତାହା ମଧ୍ୟ ଭାଙ୍ଗିଗଲା । ଆଠ ଦଶ ଦିନ ବିତିଗଲା ପରେ ପ୍ରଥମ ଖଲିଫା ମୌଲବୀ ହକିମ ନୁରୁଦ୍ଦୀନ ସାହେବ[ରଅ] ଜୁହର ନମାଜ ପରେ କହିଲେ 'ମୁଁ ପ୍ରାର୍ଥନା କରୁଛି ତୁମେ ସମସ୍ତେ ଆମୀନ୍ କୁହ ।' ପ୍ରାର୍ଥନା ଶେଷ ହେବା ପରେ ସେ କହିଲେ 'ମୁଁ ଆଜି ସେହି ଦୁଆ କରିଛି, ଯାହା ହଜରତ ମୁହମ୍ମଦ[ସଅ] ତାଙ୍କର ଜୀବନ କାଳ ମଧ୍ୟରେ କେବଳ ଥରେ ମାତ୍ର କରିଥିଲେ ।' ସୁତରାଂ ପ୍ରାର୍ଥନା କରିବା ସମୟରେ ବର୍ଷା ସଂମ୍ପୂର୍ଣ୍ଣ ରୂପେ ଥମିଗଲା ଓ ଅସର ନମାଜ ସମୟରେ ଆକାଶ ମେଘମୁକ୍ତ ହୋଇଗଲା ଓ ସୂର୍ଯ୍ୟ କିରଣ ଝରିଆଡେ ପଡିଲା ।"

*(ହୟାତେ ନୁର୍, ଭାଗ 6, ପୃଷ୍ଠା 440, 441)*

## ଇଶ୍ୱରଙ୍କ ତରଫରୁ ସହାୟତାର ଦୁଇଟି ଅଦ୍ଭୁତ ଘଟଣା

ସ୍ୱର୍ଗୀୟ ଅବଦୁଲ୍ କାଦିର ସାହେବ ସୌଦାଗରମଲ୍ ସ୍ୱରଚିତ ପୁସ୍ତକ 'ହୟାତେ ନୁର୍'ରେ ଲେଖିଛନ୍ତି:

ଭୋପାଳରେ ତାଙ୍କ ସହିତ ଅନେକଗୁଡିଏ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା । କିନ୍ତୁ ଚିକିତ୍ସା ସମ୍ବନ୍ଧୀୟ ଦୁଇଟି ଘଟଣା ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ । ପ୍ରଥମ ଘଟଣା ହେଉଛି, ସେ ଦୁଇଟି ଉନ୍ନତ ଧରଣର ଓ୍ୱାସକୋର୍ଟ ତିଆରି କରିଥିଲେ, ଯାହାକୁ

ସର୍ବଦା ପିନ୍ଧିବା ତାଙ୍କର ଅଭ୍ୟାସ ଥିଲା । ତା'ମଧ୍ୟରୁ ଗୋଟିଏ ଚୋରୀ ହୋଇଗଲା । ଏହି ଘଟଣାକୁ ବର୍ଣ୍ଣନା କରି ସେ ୧୯୧୩ ମସିହାର ଜଲସା ସାଲାନାରେ ନିଜ ଭାଷଣରେ କହିଥିଲେ:

"ଶିକ୍ଷାର୍ଥୀ ଥିବା ସମୟରେ ମୁଁ ଥରେ ଭଲ କପଡା କିଣି ଦୁଇଟି ୱାସକୋର୍ଟ ତିଆରି କରାଇ ତାହାକୁ ଅଲଗୁଣି ଉପରେ ରଖିଦେଲି । କିନ୍ତୁ ସେଥିରୁ ଗୋଟିଏ କେହି ଚୋରାଇ ନେଇଗଲା । ଅଲ୍ଲାଃଙ୍କ କୃପାରୁ ତାହା ଚୋରି ହୋଇଯିବା ଯୋଗୁଁ ମୋ ମନରେ କୌଣସି ଦୁଃଖ ନଥିଲା । କିନ୍ତୁ ମୁଁ ବୁଝିଥିଲି ଯେ ଅଲ୍ଲାଃତାଲା ତା'ଠାରୁ ଅଧିକ ଉତ୍ତମ ଧରଣର କୋର୍ଟ ତିଆରି କରି ଦେବାକୁ ଚାହୁଁଛନ୍ତି । ସେଥିପାଇଁ ମୁଁ ପ୍ରଫୁଲ୍ଲ ମନରେ 'ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍' ପଢ଼ିଲି ଓ ଅତ୍ୟନ୍ତି ଧୈର୍ଯ୍ୟର ସହିତ ମନେରେ କୃତଜ୍ଞ ଭାବ ରଖି ମୋର ଦ୍ୱିତୀୟ ୱାସକୋର୍ଟଟିକୁ ମଧ୍ୟ କୌଣସି ଜଣେ ଅଭାବୀ ଲୋକକୁ ଦେଇଦେଲି । ଏହି ଘଟଣାକୁ କିଛି ଦିନ ବିତି ଯିବା ପରେ, ସହରର ଜଣେ ଧନାଢ୍ୟ ବ୍ୟକ୍ତିଙ୍କର ପରିସ୍ତ୍ରୀ ଜଳାପୋଡା ହେଲା । ସେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଯିଏକି ମୋର ପୂର୍ବରୁ ଜଣାଶୁଣା ଥିଲେ, ତାକୁ କହିଲେ ଯେ ଏଭଳି ବ୍ୟକ୍ତିଟିଏ ଖୋଜି ଆଣ, ଯିଏ ପ୍ରତିଷ୍ଠିତ ଚିକିତ୍ସକ ନଥିବେ ଅଥଚ ମୋତେ ଏପରି ଔଷଧ ବତାଇଦେବେ, ଯାହା ମୁଁ ନିଜେ ପ୍ରସ୍ତୁତ କରିପାରିବି । ସେହି ବ୍ୟକ୍ତି ମୋତେ ସେହି ଧନୀ ବ୍ୟକ୍ତିଙ୍କ ନିକଟକୁ ନେଇଗଲା । ମୁଁ ତାଙ୍କ ଠାରୁ ରୋଗର ଲକ୍ଷଣ ସବୁ ଶୁଣି ସାରି କହିଲି 'ଏହା କିଛି ନୁହେଁ କେବଳ ୱାସକୋର୍ଟର ପ୍ରଭାବ ।' ମୁଁ ଯେତେବେଳେ ସେହି ଧନୀ ବ୍ୟକ୍ତିଙ୍କ ପାଖରେ ପହଞ୍ଚିଲି ସେ ତାଙ୍କ ବଗିଚାରେ ବସିଥିଲେ । ସେ ନିଜ ସ୍ୱାସ୍ଥ୍ୟାବସ୍ଥା ବର୍ଣ୍ଣନା କରି ମୋତେ କହିଲେ 'ଏପରି ଔଷଧ ବତାଇ ଦିଅ ଯାହା ମୁଁ ନିଜେ ତିଆରି କରିନେବି ।' ମୁଁ କହିଲି ଯେ ହଁ ହୋଇଯିବ । ଯେଉଁଠାରେ ଆମେ ଦୁହେଁ ବସିଥିଲୁ ସେଠାରେ କଦଳୀ ଗଛଟିଏ ଥିଲା ମୁଁ ତାଙ୍କୁ କହିଲି ଯେ କଦଳୀ ଗଛର ପାଣି ପାଞ୍ଚ ତୋଳା ନେଇ ସେଥିରେ ଗୋଟିଏ କଲମୀ ଗଛର କିଛି କ୍ଷରୀୟ ଅଂଶ ମିଶାଇ ପିଇ ଦିଅନ୍ତୁ । ସେ ତୁରନ୍ତ ସେହି କାମ କଲା କାରଣ କ୍ଷାରୀୟ ପଦାର୍ଥ ସେଠାରେ ରହିଥିଲା । ନିଜ ହାତରେ ଔଷଧ ତିଆରି କରି ସେବନ କରିବା ପରେ ମୁଁ ସେଠାରୁ ଚାଲି ଆସିଲି । ତହିଁ ଆରଦିନ ପୁଣି ମୁଁ ସେଠାକୁ ଗଲି ତ ସେ ମୋତେ କହିଲେ 'ମୁଁ ଥରେ ମାତ୍ର ସେହି ଔଷଧକୁ ପାନ କରିବା ପରେ ସୁସ୍ଥ ଅନୁଭବ କଲି । ତେଣୁ ଦ୍ୱିତୀୟ ଥର ସେହି ଔଷଧ

ସେବନର ଆବଶ୍ୟକତା ନାହିଁ ।' ମୁଁ ତ ଜାଣିଥିଲି ଯେ ଏପରି ଅବସ୍ଥା କେବଳ ଅଲ୍ଲାଃର କରୁଣାର ପ୍ରଭାବ ଯୋଗୁଁ ହିଁ ସୃଷ୍ଟି ହେଲା । ଯାହା ଫଳରେ ମୋର ସକଳ ମନ ଧ୍ୟାନ ସେହି ଚିକିତ୍ସା ପଦ୍ଧତି ଆଡକୁ ଚାଲିଗଲା । ମୁଁ ପୁଣି ସେଠାରୁ ଚାଲିଆସିଲି । କିନ୍ତୁ ସେ ଖୁସିରେ ରୂପାରେ ତିଆରି ତାରକସି କାମର ମୂଲ୍ୟବାନ ପୋଷାକ ଓ ଅଧିକ ପରିମାଣର ଟଙ୍କା ପଇସା ମୋ ପାଖକୁ ପଠାଇଲେ । ଯେତେବେଳେ ମୋର ସେହି ସହଯୋଗୀ ବନ୍ଧୁଜଣକ ଏହିସବୁ ଜିନିଷ ମୋତେ ଆଣି ଦେଲେ, ମୁଁ ତାଙ୍କୁ କହିଲି 'ଏଗୁଡିକ ସେହି ଓ୍ୱାସକୋର୍ଟର ରହସ୍ୟ' । ସେ ଏହା ଶୁଣି ଚକିତ ହୋଇଗଲା ଯେ ପ୍ରକୃତ ଘଟଣା କ'ଣ । ମୁଁ ସମସ୍ତ ଘଟଣା ସେହି ବନ୍ଧୁଙ୍କୁ ଜଣାଇ କହିଲି 'ମୂଲ୍ୟବାନ ପୋଷାକ ତ ଆମେ କେବେ ପିନ୍ଧୁ ନାହୁଁ, ତେଣୁ ଏହାକୁ ବଜାରରେ ବିକ୍ରି କରିଦେଇ ଆସ ।' ସୁତରାଂ ସେ ସେହି ପୋଷାକକୁ ଅଧିକ ମୂଲ୍ୟରେ ବିକ୍ରି କରିଦେଲେ । ଏବେ ମୋ ପାଖରେ ଏତେ ଅଧିକ ଟଙ୍କା ହୋଇଗଲା ଯେ ମୋ ହଜ୍ ଯାତ୍ରା କରିବା ଅନିର୍ବାଯ୍ୟ ହୋଇଗଲା । ସେଥିପାଇଁ ମୁଁ ସେହି ବନ୍ଧୁଙ୍କୁ କହିଲି 'ଏବେ ହଜ୍ ଯାତ୍ରା କରିବା, ଯାହା ପାଇଁ ମୋତେ ଅବସର ମିଳିଛି । କାରଣ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରୁଥିବା ବ୍ୟକ୍ତିଙ୍କୁ କୌଣସି ପ୍ରକାର ଅସୁବିଧା ହୁଏ ନାହିଁ । ସେଥିରେ ସଂସାରର ମିଶ୍ରଣ ଆବଶ୍ୟକ ହୁଏ ନାହିଁ । କେବଳ ପୂର୍ଣ୍ଣ ମାତ୍ରାରେ ଆତ୍ମଶୁଦ୍ଧି କରିବା ସହିତ ଏକାନ୍ତ ଭାବେ ଅଲ୍ଲାଃଙ୍କର ହୋଇଯିବା ଉଚିତ । ଅଲ୍ଲାଃଙ୍କର ପ୍ରସନ୍ନତା ହିଁ ଆମର କାମ୍ୟ ହେଉ ଓ ତାହାଙ୍କ ସୃଷ୍ଟିଜ ପ୍ରାଣୀଜଗତ ଉପରେ ଆମର ପ୍ରେମ ଓ ସହାନୁଭୂତି ଦୃଷ୍ଟିଗୋଚର ହେଉଥାଉ ।"

ଦ୍ୱିତୀୟ ଘଟଣାଟି ଏହିପରି ଘଟିଥିଲା । ତାଙ୍କୁ ଜ୍ୱର ହେବା ଯୋଗୁଁ ବିପଦ ଜନକ ଭାବେ ମୁହଁରୁ ଦୁର୍ଗନ୍ଧଯୁକ୍ତ କଳାରଙ୍ଗର ପାଣି ବାହାରୁଥିଲା । ହକିମ୍ ଫରଜନ୍ଦ୍ ନାମକ ଜଣେ ଚିକିତ୍ସକ ତାଙ୍କୁ ପରାମର୍ଶ ଦେଲେ ଯେ ଯଦି ତୁମର ଜନ୍ମସ୍ଥାନ ନିକଟରେ ଅଛି ତ ତୁମେ ଶୀଘ୍ର ଏଠାରୁ ଚାଲିଯାଅ । ଏପରି ଉତ୍କଟ ପୀଡାର ଜ୍ୱାଳାରୁ ବଞ୍ଚିବା ବଡ କଷ୍ଟକର । ସେ କହିଛନ୍ତି:

"ସନ୍ଧ୍ୟାକାଳୀନ ସମୟରେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଯିଏକି ସେଠାକାର ବିଦ୍ୟାର୍ଥୀମାନଙ୍କର ପ୍ରବନ୍ଧକ ଥିଲେ ସେ ଅତି ନିଷ୍କପଟ ବ୍ୟକ୍ତି ଥିଲେ । ସେ କହିବାକୁ ଲାଗିଲେ 'ମୁଁ ବୃଦ୍ଧ ହୋଇଗଲିଣି ଓ ମୋ ମୁହଁରୁ ଲାଳ ବୋହୁଛି । ଏପରି ଏକ ଔଷଧ ବତାଇଦିଅନ୍ତୁ ଯାହାକୁ ମୁଁ ରୋଜା ଖୋଲିବା ସମୟରେ ଖାଇବି ।' ମୁଁ କହିଲି 'ବନାରସର ଅଁଳାରେ ତିଆରି ମୁରବା,

ଅଳେଇଚ ଦାନା ତଥା ଏକ ରୋଗନ୍ ଫୁଲଗଛର ପତ୍ରରସ ସେବନ କରି ରୋଜା ଅଫତାର କରନ୍ତୁ । ସେ ଏହି ଔଷଧକୁ ଭଲରେ ଜାଣି ଚାଲି ଗଲେ ଓ ତୁରନ୍ତ ଫେରି ଆସିଲେ । ସେ ନିଜ ହାତରେ ଚିନାମାଟିରେ ତିଆରି ହାଣ୍ଡିରେ ହାଣ୍ଡିଏ ମୁରବା, କେତେଗୁଡ଼ିଏ ଅଳେଇଚ ଦାନା ତଥା ଏକ ପ୍ରକାର ଫୁଲଗଛର ପତ୍ର ମୋ ପାଖରେ ଆଣି ଥୋଇ ଦେଲେ । ପୁଣି କହିଲେ 'ତୁମର ମୁହଁରୁ ମଧ୍ୟ ଲାଳ ବାହାରୁଛି ଏହାକୁ ଖାଇନିଅ ।' ତେବେ ମୁଁ ସେଗୁଡ଼ିକୁ ଖାଇବା ଆରମ୍ଭ କରିଦେଲି, ଯତକିଞ୍ଚିତ ଖାଇବା ଦ୍ୱାରା ଅଳ୍ପ କିଛି ମିନିଟ୍ ଭିତରେ ମୋ ପାଟି ଲାଳ ବାହାରିବା ବନ୍ଦ ହୋଇଗଲା । ପୁଣି ଯେବେ ପାଣି ବାହାରିବା ଆରମ୍ଭ ହେଲା ମୁଁ ଆଉ ପାନେ ଖାଇଦେଲି । ମୋର ମନେ ନାହିଁ ଯେ ମୁଁ ତାହା କେତେ ପରିମାଣରେ ସେବନ କରିଛି । ଇସା ନମାଜ ପରେ ମୋତେ ବହୁତ କମ ଜଣାପଡ଼ିଲା ଓ ମୁଁ ନିଜ ଜନ୍ମସ୍ଥାନକୁ ଯିବା ପରିବର୍ତ୍ତେ ହରମୈନ୍ (ମକା ଓ ମଦିନା) ଯିବାକୁ ମନସ୍ଥ କରିନେଲି ।"

*(ହୟାତେ ନୁର୍, ପ୍ରଥମ ଅଧ୍ୟାୟ, ପୃଷ୍ଠା 46 - 48)*

## ରେଳ ଟିକେଟ ଉପଲବ୍ଧ ହେବାର ଏକ ବିଚିତ୍ର ସଂକେତ

ବହୁତ ଥର ଏପରି ପରିସ୍ଥିତି ଉପୁଜିଛି ଯେ ସେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ବିନା କୌଣସି ପ୍ରସ୍ତୁତି କରି ଯାତ୍ରାରେ ବାହାରି ପଡୁଥିଲେ, ଯେତେବେଳେ କି ତାଙ୍କ ପାଖରେ କିଛିହେଲେ ପଇସାପତ୍ର ରହୁ ନଥିଲା । କିନ୍ତୁ ତାଙ୍କର ନିଜ ଈଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ ଥିଲା ଯେ ସମସ୍ତ ବ୍ୟୟ ଓ ଆବଶ୍ୟକୀୟ ବସ୍ତୁ ସ୍ୱୟଂ ଅଲ୍ଲାଃ ହିଁ ପୂରଣ କରିଦେବେ । ଏପରି ଏକ ଘଟଣା ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି:

"ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମଲକ ଫତେହ୍ ଖାନ୍ ସାହେବ ଘୋଡ଼ା ସବାରିରେ ମୋ ନିକଟରେ ଉପସ୍ଥିତ ହୋଇ କହିଲେ ମୁଁ ରାଓଲ୍‌ପିଣ୍ଡି ଯାଉଛ, କାରଣ ଲଡ ଲିଟନ୍ ଦିଲ୍ଲୀରେ ଏକ ସଭାର ଆୟୋଜନ କରିଛନ୍ତି । ବିଶିଷ୍ଟ ବ୍ୟକ୍ତିମାନେ ଦିଲ୍ଲୀ ସଭାରେ ଯୋଗ ଦେବା ପାଇଁ ଡାକରା ଆମନ୍ତ୍ରିତ ହୋଇଛନ୍ତି । କିନ୍ତୁ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ରାଓଲପିଣ୍ଡିଠାରେ ଏକତ୍ରିତ ହେବାର ଆୟୋଜନ କରାଯାଇଛି । ଏବଂ ସମାନ ତିଥିରେ ରାଓଲପିଣ୍ଡି ଠାରେ ମଧ୍ୟ ସଭା ଅନୁଷ୍ଠିତ ହେବ । ଆମକୁ ରାଓଲପିଣ୍ଡି ଯିବା ପାଇଁ ନିମନ୍ତ୍ରଣ ମିଳିଛି ।" ଏହା ମୁଁ (ମୌଲବୀ ହକିମ୍ ନୁରୁଦ୍ଦୀନ୍[ରଅ]) ତାଙ୍କ କାନରେ ଧୀରେ କହିଲି

'ମୋତେ ମଧ୍ୟ ସଭା ସ୍ଥଳୀକୁ ଯିବାର ଅଛି ।' ସେ କହିଲେ 'ତେବେ ଠିକ୍ ଅଛି । ମୋର ଏହି ଘୋଡା ଉପରେ ଚଢ଼ି ବସିଯାଆନ୍ତୁ ।' କିନ୍ତୁ ସେହି ସମୟରେ ମୋର ଯେତେ ରୋଗୀମାନେ ଚିକିତ୍ସିତ ହେବାକୁ ଆସିଥିଲେ । ସମସ୍ତେ ସେଠାରେ ବସି ରହିଲେ । ତେବେ ମୁଁ ଘରେ ମଧ୍ୟ ଏହି ରାଓଲପିଣ୍ଡି ଯିବା କଥା କାହାକୁ ଜଣାଇ ନଥିଲି ଏବଂ ତତ୍‌କ୍ଷଣାତ ହିଁ ଘୋଡାରେ ସବାର ହୋଇ ଚାଲିଗଲି । ଫତେହ୍ ଖାନ୍ ଓ ମୁଁ ଦୁହେଁ ଝେଲମ୍‌ରେ ପହଞ୍ଚିଲୁ ଓ ସେଠାରୁ ରେଳପଥରେ ଆମକୁ ଯିବାର ଥିଲା । ସ୍ୱର୍ଗୀୟ ମଲକ ସାହେବ ତ ସେଠାରୁ ରାଓଲପିଣ୍ଡି ଚାଲିଗଲେ । ମୁଁ କହିଲି ଯେ 'ମୁଁ ତ ଦିଲ୍ଲୀ ସଭାକୁ ଯାଉଛି । ମୋର ପିନ୍ଧାବସ୍ତ୍ର ସବୁ ମଇଳା ହୋଇ ଯାଇଥିଲା । ସେଥିପାଇଁ ମୋର ଅପରିଷ୍କାର ଲୁଗାପଟା କାଢ଼ିଦେଇ ଝେଲମରେ ରହୁଥିବା ମଲକ ହକିମ ଖାନ୍ ତହସିଲଦାରଙ୍କ ଠାରୁ ପାଇଜାମା, ପଗଡି ଓ କୋର୍ଟ ପିନ୍ଧି ପକାଇଲି, ଯାହାର ତଳେ କୁର୍ତ୍ତା ନଥିଲା । ମୁଁ ବୁଲିବା ଛଳରେ ସେଠାରୁ ବାହାରି ଝେଲମ ରେଳଷ୍ଟେସନ ଠାରେ ପହଞ୍ଚିଲି ।

ମୁଁ ଷ୍ଟେସନରେ ପହଞ୍ଚି କୌଣସି ଜଣେ ବ୍ୟକ୍ତିଙ୍କୁ ଲାହୋର ଯିବା ପାଇଁ ତୃତୀୟ ଶ୍ରେଣୀ ଟିକେଟ୍‌ର ମୂଲ୍ୟ କେତେ ବୋଲି ପଚାରିବାରୁ ଜଣାଗଲା ଯେ ମାତ୍ର ୧୫ ଅଣା । ମୁଁ ସେହି ପିନ୍ଧିଥିବା କୋର୍ଟ୍‌ରେ ହାତ ମାରି ଦେଖିଲି ଯେ କେବଳ ୧୫ ଅଣା ହିଁ ଅଛି । ତହୁଁ ମୁଁ ଟିକେଟ୍ କିଣିଲି ଓ ଲାହୋର ପହଞ୍ଚିଗଲି । ସେଠାରେ ବହୁତ ଜନଗହଳି ଥିବାର ଦେଖିଲି, ଯେହେତୁ ଲୋକମାନେ ସଭାରେ ଯୋଗ ଦେବା ପାଇଁ ଦିଲ୍ଲୀ ଅଭିମୂଖେ ଯାତ୍ରା କରୁଥିଲେ । କିନ୍ତୁ ମୋତେ ସେଠାରେ ଟିକେଟ୍ ମିଳିବା ଅସମ୍ଭବ ମନେ ହେଲା ଓ ମୋ ପକେଟରେ କିଛି ହେଲେ ପଇସାପତ୍ର ମଧ୍ୟ ନଥିଲା । ସେହି ସମୟରେ ଷ୍ଟେସନରେ ମୋର ଜଣେ ପାଦ୍ରୀଙ୍କ ସହିତ ଭେଟ ହେଲା, ଯାହାଙ୍କୁ ମୁଁ କୌଣସି ରୋଗର ଚିକିତ୍ସା ସମ୍ବନ୍ଧରେ ପରାମର୍ଶ ଦେଇଥିବା କାରଣରୁ ସେ ମୋ ସହିତ ପୂର୍ବରୁ ଜଣାଶୁଣା ଥିଲେ । ତାଙ୍କ ନାମ ଗୋଲକନାଥ ଥିଲା । ସେ ମୋତେ କହିଲେ 'ତୁମେ କୁଆଡେ ଯାଉଛ ? ଏବେ ତ ଟିକେଟ୍ ମିଳିବା ବହୁତ କଷ୍ଟକର ।' ମୁଁ କହିଲି 'ମୋତେ ଦିଲ୍ଲୀ ଯିବାର ଅଛି ।' ତହୁଁ ସେ କହିଲେ 'ମୁଁ ଯାଇ ଟିକେଟ୍ ବ୍ୟବସ୍ଥା କରିଦେଉଛି ।' ସୁତରାଂ ଅତିଶୀଘ୍ର ଗୋଟିଏ ଟିକେଟ ଦିଲ୍ଲୀ ପାଇଁ ନେଇ ଆସିଲେ । ମୁଁ ତାଙ୍କଠାରୁ ସେହି ଟିକେଟ୍ ଗ୍ରହଣ କଲି, କିନ୍ତୁ ଯେତେବେଳେ

ପଇସା ପାଇଁ ପକେଟରେ ହାତମାରି ଅଣ୍ଡାଳିଲି, ସେତେବେଳେ ପାଦ୍ରୀ ସାହେବ ମୋତେ କହିଲେ; ତୁମେ ମୋର ଅପମାନ କର ନାହିଁ । କ୍ଷମା କର, ମୁଁ ସେହି ଟିକେଟ୍‌ର ମୂଲ୍ୟ ନେବି ନାହିଁ । ତା'ଛଡା ମୋର ମଧ୍ୟ ଦିଲ୍ଲୀ ଯିବାର ଅଛି, ରାସ୍ତାରେ ଦେଖାଯିବ । ତା'ପରେ ମୁଁ ତାଙ୍କୁ ଯେତେ ଖୋଜିଲି କିନ୍ତୁ ସେ କେଉଁଠି ହେଲେ ଦେଖାଗଲେ ନାହିଁ, ଏପରିକି ଦିଲ୍ଲୀ ଷ୍ଟେସନଠାରେ ମଧ୍ୟ ତାଙ୍କର ଦେଖା ମିଳିଲା ନାହିଁ ।

*(ହୟାତେ ନୁର୍, ଦ୍ୱିତୀୟ ଅଧ୍ୟାୟ, ପୃଷ୍ଠା 86,87)*

# ଆମ ଉପରେ କେବେ କଷ୍ଟ ଆସିବ ନାହିଁ

ଅବଦୁଲ୍ କାଦିର ସାହେବ ପୂର୍ବତନ ବ୍ୟବସାୟୀ ତଥା ପୁସ୍ତକ 'ହୟାତେ ନୁର୍'ର ଲେଖକ ବର୍ଣ୍ଣନା କରିଛନ୍ତି ଯେ ପ୍ରଥମ ଖଲିଫା ନୁରୁଦ୍ଦୀନ ସାହେବ ଜାମ୍ମୁ ରାଜଦରବାରରେ ଏକ ଉଚିତ ଦରମା ପାଇବା ବ୍ୟତୀତ ବର୍ଷକ ମଧ୍ୟରେ ଅନେକ ଥର ବହୁ ମୂଲ୍ୟବାନ ପୁରସ୍କାର ଓ ବିଭିନ୍ନ ପ୍ରକାର ସମ୍ମାନ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହେଉଥିଲେ । କିନ୍ତୁ ସେ ପାଉଥିବା ସମସ୍ତ ଧନରାଶି ବିଦ୍ୟାର୍ଥୀ, ବିଧବା ମହିଳା, ଅନାଥ ଓ ଅନ୍ୟାନ୍ୟ ଅଭାବଗ୍ରସ୍ତ ବ୍ୟକ୍ତିମାନଙ୍କର କଲ୍ୟାଣ କ୍ଷେତ୍ରରେ ବ୍ୟୟ କରିଦେଉଥିଲେ । ସେ ସର୍ବଦା ଅଲ୍ଲାଃଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିବା ସଙ୍ଗେ ସଙ୍ଗେ ସରଳ, ନିରାଡ଼ମ୍ବର ଓ ସଂଯମୀ ଜୀବନ ଅତିବାହିତ କରୁଥିଲେ । ଜମ୍ମୁ ପ୍ରଦେଶରେ ହାକିମ୍ ନାମକ ଜଣେ ହିନ୍ଦୁ ଡାଲି ଚାଉଳ ଦୋକାନୀ ରହୁଥିଲେ । ସେ ସଦାବେଳେ ମୌଲବୀ ସାହେବଙ୍କୁ ଉପଦେଶ ଦେଉଥିଲା ଯେ ତୁମେ ପ୍ରତ୍ୟେକ ମାସରେ ଅତିକମ୍‌ରେ ୧୦୦ଟଙ୍କା ସଞ୍ଚୟ କର । କାରଣ ଏଠାରେ ବେଳେବେଳେ ହଠାତ୍ ଏପରି କଠିନ ପରିସ୍ଥିତି ଆସିଯାଉଛି । କିନ୍ତୁ ସେହି ବ୍ୟବସାୟୀକୁ ସେ ସର୍ବଦା ଉତ୍ତର ଦେଉଥିଲେ ଯେ ମନରେ ଏଭଳି ବିଚାର ଆଣିବା ଅଲ୍ଲାଃଙ୍କ ଉପରେ ଅପଧାରଣା ଓ ବିଶ୍ୱାସହୀନତାର ପରିଚୟ । ଯଦି ଅଲ୍ଲାଃ ଚାହାନ୍ତି ଆମ ଉପରେ କଦାପି ଦୁଃଖ କଷ୍ଟ କିମ୍ବା ଅସୁବିଧା ଆସିବ ନାହିଁ । ଯେଉଁ ଦିନ ତାଙ୍କୁ ଚାକିରୀରୁ ବରଖାସ୍ତ ହେବାର ନୋଟିସ ଆସିଲା, ସେହି ହିନ୍ଦୁ ବ୍ୟକ୍ତି ତାଙ୍କ ପାଖକୁ ଆସି କହିଲା 'ମୌଲବୀ ସାହେବ ! ବୋଧହୁଏ ଆଜି ତୁମକୁ ମୋର ପୂର୍ବ ଉପଦେଶ ମନେ ପଡିଯାଇଥିବ ।' ତହୁଁ ସେ କହିଲେ 'ତୁମର ଉପଦେଶକୁ ମୁଁ ପୂର୍ବରୁ ଯେପରି ଅଣଦେଖା କରି ତୁଚ୍ଛ ମଣୁଥିଲି ଆଜି ମଧ୍ୟ ସେହିପରି ହେୟ ଜ୍ଞାନ କରୁଛି ।' ତେବେ ଏହି ପରିସ୍ଥିତିରେ ସେହି ବ୍ୟବସାୟୀ ତାଙ୍କ ସହିତ କେବଳ କଥାବାର୍ତ୍ତା ହିଁ କରୁଥିଲା ।

ସେହି ସମୟରେ ବ୍ୟାଙ୍କ ଅର୍ଥକୋଶରୁ ୪୮୦ ଟଙ୍କାର ଏକ ଜମା ରାଶି ଏକ ଚିଠି ସହିତ ତାଙ୍କ ପାଖରେ ପହଞ୍ଚାଇ ଦିଆଗଲା ଏବଂ କୁହାଗଲା 'ଏହା ତୁମର ସେହି ଦରମା ଟଙ୍କା, ଯାହା ଏହି ମାସର ପୂର୍ବରୁ ରହିଯାଇଥିଲା ।' ସେହି ଦୋକାନୀ ଅଫିସରମାନଙ୍କୁ ଗାଳିଗୁଲଜ କରି କହିଲା; କ'ଣ ନୁରୁଦ୍ଦୀନ ତୁମ ପାଖରେ ଦରମା ଟଙ୍କା ପାଇବା ପାଇଁ ଅଳିକରି ବସିଥିଲା ?' ସେହି ବ୍ୟକ୍ତିର କ୍ରୋଧ ଟିକିଏ ଶାନ୍ତ ହୋଇଥିଲା କି ନାହିଁ ହଠାତ୍ ରାଣୀ ସାହେବା ତାଙ୍କ ନିକଟକୁ ନିଜର ପକେଟ୍ ଖର୍ଚ୍ଚ ପାଇଁ ବହୁତଗୁଡ଼ିଏ ଟଙ୍କା ପଠାଇଥିଲେ ଏବଂ ଦୁଃଖିତ ହୋଇ ଜଣାଇଲେ 'ଏହି ସମୟରେ ଆମ ପାଖରେ ତୁମକୁ ପଠାଇଥିବା ଟଙ୍କାଠାରୁ ଅଧିକ ନଥିଲା ନଚେତ୍ ଆମେ ଆହୁରି ଅଧିକ ଦେଇଥାନ୍ତୁ ।' ସେହି ଟଙ୍କାକୁ ଦେଖି ଉକ୍ତ ବ୍ୟବସାୟୀର କ୍ରୋଧ ଆହୁରି ବଢ଼ିଗଲା । ମୌଲବୀ ନୁରିଦ୍ଦୀନ ସେହି ସମୟରେ ଏକଲକ୍ଷ ପଞ୍ଚାନବେ ହଜାର ଟଙ୍କାର ଋଣଗ୍ରସ୍ତ ମଧ୍ୟ ଥିଲେ ଏବଂ ସେହି କରଜ ଟଙ୍କା ବିଷୟରେ ସେହି ବ୍ୟବସାୟୀକୁ ପୂର୍ବରୁ ଜଣାଥିଲା । ସେ ସେହି ଅର୍ଥରାଶି ଆଡକୁ ଇଙ୍ଗିତ କରି କହିଲା 'ତୁମକୁ ପାଖାପାଖି ଦୁଇଲକ୍ଷ ଟଙ୍କା କରଜ ଶୁଝିବାକୁ ପଡିବ । ତାହା ନଶୁଝିଲେ ସେ କିପରି ତୁମକୁ ଯିବାକୁ ଦେବେ ?' ବ୍ୟବସାୟୀ ମୁହଁରୁ ଏହି କଥା ଶେଷ ହୋଇଛି କି ନାହିଁ, ଋଣ ଦେଇଥିବା ଧନୀବ୍ୟକ୍ତିର ଜଣେ ଚପରାସୀ ଆସି ମୌଲବୀ ସାହେବଙ୍କୁ ହାତଯୋଡି ସସମ୍ମାନେ କହିଲା 'ମୋ ପାଖକୁ ଏବେ ଟେଲିଫୋନ୍ ଆସିଥିଲା ଯେ ମୋର ମାଲିକ କହିଛନ୍ତି ଯେ ମୌଲବୀ ସାହେବଙ୍କୁ ତ ଯିବାର ଅଛି, ତାଙ୍କ ପାଖରେ କାଳେ ଟଙ୍କାପଇସା ନଥିବ । ତେଣୁ ତୁମେ ତାଙ୍କର ଘରକୁ ଯିବାର ସମସ୍ତ ବନ୍ଦୋବସ୍ତ କରିଦିଅ । ତାଙ୍କୁ ଯାହାକିଛି ବି ଦରକାର ଦେଇଦିଅ । ଯଦି ସେ ତାଙ୍କର ସମସ୍ତ ଆସବାବ ପତ୍ର ତଥା ଖାଦ୍ୟ ସାମଗ୍ରୀ ସାଙ୍ଗରେ ନେଇ ନପାରନ୍ତି, ତେବେ ତୁମେ ସମସ୍ତ ବ୍ୟବସ୍ଥା କରି ତାଙ୍କୁ ସୁରକ୍ଷାର ସହିତ ନେଇ ପହଞ୍ଚାଇ ଦିଅ ।' ଏହା ଶୁଣି ସେ ଉତ୍ତର ଦେଲେ:

"ମୋତେ କୌଣସି ଟଙ୍କା ପଇସାର ଆବଶ୍ୟକତା ନାହିଁ । ରାଜକୋଷ ତଥା ବ୍ୟାଙ୍କରୁ ମଧ୍ୟ ଟଙ୍କା ଆସିଯାଇଛି ଏବଂ ଜଣେ ରାଣୀ ସାହେବା ମଧ୍ୟ ଟଙ୍କା ପଠାଇଛନ୍ତି । ମୋ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଟଙ୍କା ଗଚ୍ଛିତ ଅଛି, ଯଦ୍ୱାର ମୁଁ ମୋର ସମସ୍ତ ଜିନିଷପତ୍ର ସାଙ୍ଗରେ ନେଇ ଯାଇପାରିବି ।

ପୁଣି ମୁଁ କହିଲି 'ପରମେଶ୍ୱର ହୃଦୟର ଭାବକୁ ହିଁ ଜାଣିଥାନ୍ତି । ଆମେ (ମୌଲବୀ ନୁରୁଦ୍ଦୀନ୍) ତା'ଠାରୁ ନେଇଥିବା କରଜ ଟଙ୍କା ଖୁବ୍ ଶୀଘ୍ର ପରିଶୋଧ କରିଦେବୁ । ତୁମେ ଏହି ରହସ୍ୟକୁ ବୁଝିପାରିବ ନାହିଁ ।"

# ଋଣ ପରିଶୋଧ କରିବା ଘଟଣା

ଏଠାରେ ଉଚିତ ହେବ ଯେ ସେହି କରଜ ନେଇଥିବା ଟଙ୍କା ପରିଶୋଧ ହେବାର ଘଟଣା ବର୍ଣ୍ଣନା କରିଦେବି । ହଜରତ ଗୁଲାମ ଫରିଦ ସାହେବ ଏମ.ଏ. ଏହିପରି ବର୍ଣ୍ଣନା କରିଛନ୍ତି:

ହଜରତ ମସିହ ମଉଦ[ଅସ]ଙ୍କ ପ୍ରଥମ ଖଲିଫାଙ୍କ ସହିତ ମୋତେ ଯେତେ ଅଧିକ ସମୟ ବିତାଇବାର ଅବସର ମିଳିଥିଲା, ଅନ୍ୟ କାହାରିକୁ ସେହିପରି ଖୁବ୍ କମ୍ ଅବସର ମିଳିଥିବ । ସେ ଅନେକ ଥର ସେହି କରଜଟଙ୍କା ଶୁଝା ହେବା ବିଷୟ ଆଲୋଚନା କରିଛନ୍ତି । କିନ୍ତୁ ଏହା କେବେହେଲେ କହିନାହାନ୍ତି ଯେ ସେହି ଋଣକୁ ମୌଲବୀ ନୁରୁଦ୍ଦୀନ୍ ସାହେବ କିପରି ଉପାୟରେ ପରିଶୋଧ କରିଥିଲେ । ହୁଜୁରଙ୍କ ଖିଲାଫତ୍‌ର ଯୁଗ ଅତିବାହିତ ହୋଇଗଲା ଏବଂ ଦ୍ୱିତୀୟ ଖଲିଫାଙ୍କ ସମୟ ଆସିଲା ତଥା ସେଥିରୁ ମଧ୍ୟ ବହୁତ ସମୟ ବିତିଗଲା । ମୁଁ ଯେତେବେଳେ ପବିତ୍ର କୁରଆନର ବ୍ୟାଖ୍ୟାକୁ ଇଂଗ୍ରାଜୀ ଭାଷାରେ ଛପାଇବା ପାଇଁ ଲାହୋର ଯିବା ଆରମ୍ଭ କଲି, ଥରେ ମଲିକ୍ ଗୁଲାମ ମୁହମ୍ମଦ ସାହେବ କସୁରୀଙ୍କ ନିକଟରେ ବସିଥିଲି । ସେତିକି ବେଳେ କରଜଟଙ୍କା ଶୁଝା ହେବା ବିଷୟରେ ଆଲୋଚନା ହେଲା । ସ୍ୱର୍ଗୀୟ ମଲିକ ସାହେବ କହିଲେ 'ହଜରତ ମୌଲବୀ ନୁରୁଦ୍ଦୀନ ସାହେବଙ୍କୁ ଯେତେବେଳେ ରାଜନୈତିକ ପରିସ୍ଥିତି ଯୋଗୁଁ ମହାରାଜା ଜାମ୍ମୁ ଓ କାଶ୍ମୀରଙ୍କ ରାଜପ୍ରାସାଦରୁ ଚାକିରୀରୁ ଅବ୍ୟାହତ ନେବାକୁ ପଡିଲା, ପୁଣି ପରିସ୍ଥିତି ସୁଧୁରି ଯିବା ପରେ ମହାରାଜା ମନରେ ଭାବିଲେ ଯେ ମୌଲବୀ ସାହେବ ଜଣେ ଦକ୍ଷ ଚିକିତ୍ସକ ଥିଲେ । ତାଙ୍କୁ ଚାକିରୀରୁ ପଦଚ୍ୟୁତ କରିବା ଆମମାନଙ୍କ ପକ୍ଷରୁ ଅନ୍ୟାୟ ହୋଇଛି । ତେଣୁ ତାଙ୍କୁ ପୁଣି ଫେରାଇ ଆଣିବା ଉଚିତ ହେବ । ଯେବେ ତାଙ୍କୁ ରାଜବୈଦ୍ୟ ଚାକିରୀରେ ଯୋଗ ଦେବା ପାଇଁ ପୁଣି ଥରେ ନିମନ୍ତ୍ରଣ କରାଗଲା, ସେ କହିଲେ 'ମୁଁ ଏପରି ସ୍ଥାନରେ ଆସି ପହଞ୍ଚିଯାଇଛି ଯେ ମୋତେ ଯଦି ସମସ୍ତ ସଂସାରର ରାଜତ୍ୱର କାର୍ଯ୍ୟଭାର ଅର୍ପଣ କରାଯାଏ, ତେବେ ସୁଦ୍ଧା ମୁଁ ପାଇଥିବା ଏହି ସ୍ଥାନକୁ ହାତଛଡା କରିବି ନାହିଁ ।' ଯେହେତୁ ମହାରାଜାଙ୍କୁ ଏହି ଅନ୍ୟାୟମୂଳକ କାର୍ଯ୍ୟ ପାଇଁ ବହୁତ ଅବଶୋଷ ଥିଲା, ସେଥିପାଇଁ ସେ ଏହି ଅତ୍ୟାଚାରର ଅନୁଶୋଚନା ପାଇଁ ଏକ ଉପାୟ ଅବଲମ୍ବନ କଲେ । ତାହା ହେଉଛି ଏହି ବର୍ଷ ଜଙ୍ଗଲର ଠିକା କେବଳ ସେହି ବ୍ୟକ୍ତିକୁ ଦିଆଯିବ, ଯିଏ କି ଲାଭର ଅର୍ଦ୍ଧେକ ଅଂଶ ହଜରତ ମୌଲବୀ ସାହେବଙ୍କୁ ଦେଇପାରିବ । ସୁତରାଂ ସେହି ସର୍ତ୍ତାନୁଯାୟୀ ଟେଣ୍ଡର ଆହ୍ୱାନ କରାଗଲା । ଯେଉଁ ବ୍ୟକ୍ତିକୁ ଜଙ୍ଗଲର ଠିକା ମିଳିଲା, ସେ ଯେତେବେଳେ ବର୍ଷ ଶେଷରେ ଲାଭାଂଶର ହିସାବ କଲା ଅଲ୍ଲାଃତାଲାଙ୍କ କୃପାରୁ

ତାଙ୍କୁ ଠିକ୍ ତିନି ଲକ୍ଷ ନବେ ହଜାର ଟଙ୍କାର ହିଁ ଲାଭ ହେଲା । ଯାହାର ଅଧାଅଂଶ ଏକ ଲକ୍ଷ ପଞ୍ଚାନବେ ହଜାର ଟଙ୍କା ଥିଲା । ସଂଯୋଗବଶତଃ, ଠିକ୍ ସେତିକି ଟଙ୍କା ହିଁ ତାଙ୍କର କରଜ ଶୁଝା ବାବଦରେ ରହିଥିଲା । ସୁତରାଂ ଯେତେବେଳେ ସେହି ଟଙ୍କା ହୁଜୁରଙ୍କ ସେବାରେ ରଖାଗଲା, ହୁଜୁର କହିଲେ 'ଏହି ଟଙ୍କାକୁ ରାଜ ଦରବାରକୁ ଫେରସ୍ତ କରିଦିଅ ଓ ଅମୁକ ସେଠ୍ ସାହେବଙ୍କୁ ନେଇ ଦେଇଦିଅ, ଯାହାଙ୍କର କରଜ ଟଙ୍କା ମୋତେ ଶୁଝିବାକୁ ବାକି ଅଛି ।' ଦ୍ୱିତୀୟ ବର୍ଷ ମଧ୍ୟ ମହାରାଜା ଜଙ୍ଗଲର ଠିକା ସେହି ପୂର୍ବ ସର୍ତ୍ତାନୁଯାୟୀ ଦେଲେ । କିନ୍ତୁ ସେହି ବର୍ଷ ଯେବେ ଲାଭାଂଶର ଅର୍ଦ୍ଧେକ ଟଙ୍କା ହୁଜୁରଙ୍କ ପାଖରେ ପହଞ୍ଚାଇ ଦିଆଗଲା, ମୌଲବୀ ସାହେବ ତାହାକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କଲେ ଏବଂ କହିଲେ 'ନା ସେହି ଠିକା କାମରେ ମୋର ପୁଞ୍ଜି ବିନିଯୋଗ ହୋଇଛି, ନା ମୁଁ ସେହି କାମ ପାଇଁ କୌଣସି ପରିଶ୍ରମ କରିଛି । ତେଣୁ ମୁଁ ଯଦି ସେହି ଲାଭାଂଶ ଟଙ୍କାର ଅଧା ନେବି ତ କ'ଣ ପାଇଁ ନେବି ?' ଏହା ଶୁଣି ଠିକାଦାର କହିଲା 'ହଜୁର ! ମୋତେ ତ ଏହି ଠିକା କେବଳ ମାତ୍ର ଏହି ସର୍ତ୍ତାନୁଯାୟୀ ମିଳିଛି ଯେ ଲାଭାଂଶର ଅଧାଟଙ୍କା କେବଳ ଆପଣ ହିଁ ଗ୍ରହଣ କରିବେ । ତେଣୁ ଏହି ଧନରାଶି ଆପଣ ଗ୍ରହଣ କରନ୍ତୁ । ନଚେତ୍ ମୋତେ ଭବିଷ୍ୟତରେ ଆଉ ଜଙ୍ଗଲର ଠିକା କାମ ମିଳିବ ନାହିଁ ।' ତହୁଁ ହୁଜୁର କହିଲେ 'ଯାହା ବି ଘଟିଯାଉ ପଛକେ ମୁଁ ଏହି ଟଙ୍କା ଆଦୌ ଗ୍ରହଣ କରିବି ନାହିଁ ।' ସେହି ଠିକାଦାର ପୁଣି କହିଲା 'ତେବେ ଆପଣ ବିଗତ ବର୍ଷରେ ପୁଣି ସେହି ଲାଭ ଟଙ୍କା କ'ଣ ପାଇଁ ଗ୍ରହଣ କରିଥିଲେ ?' ହୁଜୁର ଉତ୍ତର ଦେଇ କହିଲେ 'ସେହି ଟଙ୍କା ତ ମୋ ପ୍ରତି ଅଲ୍ଲାଃଙ୍କ ଅଶେଷ କୃପା ଓ ପ୍ରତିଶ୍ରୁତି ଅନୁଯାୟୀ ମୋ ଉପରେ ଋଣ ବୋଝକୁ ଉତାରିବାର ଥିଲା । ତେଣୁ ଯେତେବେଳେ ସେହି ଋଣବୋଝ ମୋ ଉପରୁ ଓହ୍ଲାଇଗଲା, ପୁଣି ମୁଁ କାହିଁକି ଏହି ବର୍ଷ ସେହି ଟଙ୍କା ଗ୍ରହଣ କରିବି ?' ଏହା ଶୁଣି ସେ ଠିକାଦାର ସେଠାରୁ ପ୍ରସ୍ଥାନ କଲା ।

*(ହୟାତେ ନୁର୍, ତୃତୀୟ ଖଣ୍ଡ, ପୃଷ୍ଠ 180-182)*

## ତାଙ୍କ ସହିତ ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତି

ସ୍ୱର୍ଗୀୟ ଅବଦୁଲ କାଦିର୍ ସାହେବ ପୂର୍ବତନ ବ୍ୟବସାୟୀ ତଥା 'ହୟାତେ ନୁର୍' ପୁସ୍ତକର ଲେଖକ ଏହା ଲେଖିଛନ୍ତି:

ହଜରତ ମୌଲବୀ ହକିମ୍ ନୁରୁଦ୍ଦୀନ୍ ସାହେବ[ରଅ] ୧୯୦୩-୦୪ ମସିହାରେ ଯେତେବେଳେ ମୌଲବୀ କରମଦ୍ଦୀନ ସାହେବଙ୍କ ମକଦ୍ଦମା ସଂକ୍ରାନ୍ତରେ

ହଜରତ ମସିହ ମଉଦ[ଅସ]ଙ୍କ ସହିତ ଗୁରଦାସପୁର ଯିବା ଆସିବା କରୁଥିଲେ, ସେହି ସମୟର ଏକ ଘଟଣା ମଲିକ ବଶୀର ଅଲୀ ସାହେବ କୁନ୍‌ଜାହି, (ବର୍ତ୍ତମାନ ରବୁଓ୍ୱାର ବାସିନ୍ଦା) ଏହିପରି ବର୍ଣ୍ଣନା କରିଛନ୍ତି:

"ମୁଁ ହାଇଦ୍ରାବାଦ ଦକନରେ ପ୍ରାୟ ୧୩ ବର୍ଷ କାଳ ରହି ସେଠାରେ ଠିକାଦାରି କାମ କରୁଥିଲି । ମୋର ହଜରତ ୟାକୁବ ଅଲୀ ସାହେବ ଇରଫାନୀଙ୍କ ସହିତ ସୁସମ୍ପର୍କ ଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଆମେ ଦୁହେଁ ଏକାଠି ରହିଥିଲୁ । ଥରେ ହଜରତ ଇରଫାନୀ ସାହେବ[ରଅ] କହିଲେ ଯେ ହଜରତ ମସିହ ମଉଦ[ଅସ] ଏକ ମକଦ୍ଦମା ସଂକ୍ରାନ୍ତରେ ଗୁରଦାସପୁର ଯାଇଥିଲେ । ସେଠାରେ ଥାଇ ସେ ବାର୍ତ୍ତା ପଠାଇଲେ ଯେ ହଜରତ ମୌଲବୀ ନୁରୁଦ୍ଦୀନ୍ ସାହେବ ଓ ଶେଖ୍ ୟାକୁବ ଅଲୀ ସାହେବ ଯଥାଶୀଘ୍ର ତାଙ୍କ ନିକଟରେ ପହଞ୍ଚି ଯାଆନ୍ତୁ । ସୁତରାଂ ମୁଁ (ୟାକୁବ୍ ଅଲୀ) ଓ ହଜରତ ମୌଲବୀ ସାହେବ ଦିନ ଦୁଇଟା ପରେ ଘୋଡାଗାଡିରେ ଚଢ଼ି ବଟାଲା ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଅଧାବାଟରେ ଶେଖ୍ ହେବ ମୋତେ କହିଲେ ଯେ ସେତେବେଳେ ତାଙ୍କ ମନରେ ଏକ ଭାବନା ଉଦ୍ରେକ ହେଲା, ହଜରତ ମୌଲବୀ ସାହେବ ତ ଏପରି କହିଛନ୍ତି ଯେ ଅଲ୍ଲାଃତାଲା ମୋ ସହିତ ଏହି ପ୍ରତିଜ୍ଞା କରିଛନ୍ତି, ଯଦି ମୁଁ କୌଣସି ଏକ ନିର୍ଜନ ଜଙ୍ଗଲ ବା ଅଜଣା ମରୁସ୍ଥାନରେ ଯାଇ ରହିଥାଏ, ତଥାପି ସର୍ବଶକ୍ତିମାନ ଅଲ୍ଲାଃ ମୋ ସକାଶେ ଆହାରର ବ୍ୟବସ୍ଥା କରିବେ । ମୁଁ କଦାପି ଭୋକିଲା ଅବସ୍ଥାରେ ରହିବି ନାହିଁ । ଆଜି ଆମେ ଅସମୟରେ ଯାତ୍ରା ଆରମ୍ଭ କରିଛୁ । ତେଣୁ ଆଜି ଜଣା ପଡିଯିବ ଯେ ରାତ୍ରିରେ ତାଙ୍କ ଭୋଜନର ବ୍ୟବସ୍ଥା କିପରି ହେଉଛି ।

ବଟାଲାସ୍ଥିତ ସ୍ଥାନୀୟ ଜମାଅତ ତରଫରୁ ଏକ ନିର୍ଦ୍ଦିଷ୍ଟ ଘର ଥିଲା ଯାହା ଅତିଥିଙ୍କ ସତ୍କାର ପାଇଁ ବ୍ୟବହୃତ ହେଉଥିଲା । ଆମେ ଦୁହେଁ ସେଠାରେ ଯାଇ ରହିଲୁ । ହଜରତ ମୌଲବୀ ସାହେବ ଏକ ଖଟିଆ ଉପରେ ବିଶ୍ରାମ କଲେ ଓ ବହି ପଢ଼ିବାରେ ଲାଗିଲେ । ତାହା ସଂଧ୍ୟାକାଳୀନ ସମୟ ଥିଲା ଠିକ୍ ୬ଟା ହେବ । ହଠାତ୍ ଏକ ଅଜଣା ବ୍ୟକ୍ତି ଆସି କହିଲା 'ମୁଁ ଶୁଣିବାକୁ ପାଇଲି ଯେ ହଜରତ ମୌଲବୀ ନୁରୁଦ୍ଦୀନ୍ ସାହେବ ଆଜି ଏଠାକୁ ଆସିଛନ୍ତି । ସେ କେଉଁଠାରେ ଅଛନ୍ତି ? ମୁଁ କହିଲି 'ସେ ବିଶ୍ରାମ କରୁଛନ୍ତି ।' ସେ ସେଠାକୁ ଯାଇ କହିଲା 'ହୁଜୁର ! ମୋର ଆପଣଙ୍କୁ ଏତିକି ନିବେଦନ ଯେ ଆଜି ରାତ୍ରି ଭୋଜନ ମୋହରି ଘରେ ହିଁ ଗ୍ରହଣ କରନ୍ତୁ । ମୁଁ ରେଳ ସଂସ୍ଥାରେ ଠିକାଦାର କାମ କରୁଅଛି । ଏବେ ମୋର ଟ୍ରେନ ଛିଡା ହୋଇଛି ସମୟ ହୋଇଗଲାଣି,

ମୁଁ ଯଥାଶୀଘ୍ର ଅମୃତସହର ଯିବାର ଅଛି । ମୋର ଅର୍ଦ୍ଦଳି ହୁଜୁରଙ୍କ ପାଇଁ ଭୋଜନ ନେଇ ଆସିବ ।' ହଜରତ ମୌଲବୀ ସାହେବ କହିଲେ 'ଠିକ୍ ଅଛି ବହୁତ ଭଲ କଥା ।' ସୁତରାଂ ସେହି ଲୋକଟି ରାତ୍ରିରେ ବହୁତ ରଚିକର ଭୋଜନ ନେଇ ଆସିଲା ଓ ଆମେ ଦୁହେଁ ଅତି ଆନନ୍ଦରେ ପେଟପୂରା ଖାଇଲୁ ।' ଶେଖ୍ ସାହେବ କହିଲେ 'ମୋ ମନରେ ଏହି ବିଚାର ଆସିଲା ଯେ ତାଙ୍କ କଥା ତ ସତ ହୋଇଗଲା ଓ ତାଙ୍କ ପାଇଁ ଈଶ୍ୱର ପ୍ରକୃତରେ ଭୋଜନ ପଠାଇ ଦେଲେ ।

ଯେହେତୁ ଗାଡିମଟର ରାତି ଦଶଟା ପରେ ମଧ୍ୟ ଚଳପ୍ରଚଳ କରୁଥିଲା ମୁଁ (ୟାକୁବ୍ ଅଲୀ ଇର୍‌ଫାନୀ) ମୌଲବୀ ସାହେବଙ୍କୁ କହିଲି 'ଅନ୍ଧାର ଘୋଟି ଆସୁଛି । ଜିନିଷପତ୍ର ବୋହି ନେବା ପାଇଁ କୁଲି ମିଳିବେ ନାହିଁ । ତେଣୁ ଅନ୍ଧାର ହେବା ପୂର୍ବରୁ କୁଲି ଡାକି ଆଣି ଜିନିଷପତ୍ର ନେଇ ଚାଲନ୍ତୁ ରେଳ ଷ୍ଟେସନରେ ପହଞ୍ଚିଯିବା ଓ ପ୍ରତୀକ୍ଷାଳୟରେ ବିଶ୍ରାମ କରିନେବା ।' ହଜରତ ମୌଲବୀ ସାହେବ କହିଲେ 'ହଁ ବହୁତ ଭଲ କଥା ।' ମୁଁ ଜଣେ କୁଲିକୁ ଡାକି ଆଣିଲି । ଜିନିଷପତ୍ର ବିଛଣା ସହ ଆମେ ଦୁହେଁ ରେଳ ଷ୍ଟେସନରେ ପହଞ୍ଚି ପ୍ରତୀକ୍ଷାଳୟରେ ଆମ ରେଳଗାଡିକୁ ଅପେକ୍ଷା କଲୁ । ଟ୍ରେନ ରାତ୍ରି ୧୦ଟା ପରେ ଆସିବାର ଥିଲା । ତେଣୁ ମୁଁ ତାଙ୍କ ପାଇଁ ସେଠାରେ ବିଛଣା ଖୋଲି ପାରିଦେଲି, ଯହିଁରେ ହଜରତ ମୌଲବୀ ସାହେବ ବିଶ୍ରାମ କରିବେ । ଯେତେବେଳେ ମୁଁ ବିଛଣା ଖୋଲିଦେଲି, ଦେଖେ ତ (ଅଲ୍ଲାଃତାଲା ଏହାର ସାକ୍ଷୀ ଯେ) ସେହି ବିଛଣା ଭିତରୁ ଗୋଟିଏ କାଗଜରେ ଗୁଡେଇ ହୋଇ ରହିଥିବା ଦୁଇଗୋଟି ପରାଟା ବାହାରିଲା ଯାହା ସହିତ କିଛି ମଟନ କିମା ମଧ୍ୟ ରଖାଯାଇଥିଲା । ମୁଁ ଏହା ଦେଖି ଅତି ଆଶ୍ଚର୍ଯ୍ୟ ହୋଇଗଲି ଏବଂ ମନେ ମନେ କହିଲି ଯେ ସେହି ଭୋଜନ ମଧ୍ୟ ଆମେ ଦୁହେଁ ଖାଇବୁ, ଈଶ୍ୱରଙ୍କ ତରଫରୁ ଯାହାର ବ୍ୟବସ୍ଥା ହୋଇଗଲା । କାରଣ ଏହି ଭୋଜନର ବ୍ୟବସ୍ଥା ବିଷୟରେ ଆମକୁ ଆଗରୁ ଜଣା ନଥିଲା ।

ମୁଁ ମୌଲବୀ ସାହେବଙ୍କୁ କହିଲି 'ହୁଜୁର ଯେତେବେଳେ ଆମେ ଦୁହେଁ କାଦିୟାନ ଠାରୁ ଯାତ୍ରାରମ୍ଭ କରିଥିଲୁ ସେତେବେଳେ ହଠାତ୍ ମନରେ ଏକ ଦୁର୍ଭାବନା ଆସିଥିଲା ଯେ ଆଜି ଆମେ ଦେଖିନେବୁ ମୌଲବୀ ସାହେବଙ୍କ ପାଇଁ ଭୋଜନ କେଉଁଠାରୁ ଆସିବ । କିନ୍ତୁ ଆପଣଙ୍କର ତ ଭୋଜନର ସୁବ୍ୟବସ୍ଥା ହୋଇଗଲା ଓ ଏହି ପରାଟା ମଧ୍ୟ ବିଛଣା ଭିତରୁ ବାହାରିଲା ।'

ହଜରତ ମୌଲବୀ ସାହେବ କହିଲେ 'ଶେଖ୍ ସାହେବ! ଅଲ୍ଲାଃତାଲାଙ୍କୁ କେବେହେଲେ ପରୀକ୍ଷାରେ ପକାଅ ନାହିଁ ଏବଂ ମନ ଭିତରେ ତାଙ୍କ ପ୍ରତି ଭୟ ରଖ । ସେହି ଅଲ୍ଲାଃଙ୍କ ସହିତ ମୋର ବିଶେଷ ସମ୍ପର୍କ ରହିଛି ।"

*(ହୟାତେ ନୁର୍, ଅଧ୍ୟାୟ 4, ପୃଷ୍ଠା 273-275)*

## ମୁନିବଙ୍କ ଆଦେଶକ୍ରମେ ବିନା ପ୍ରସ୍ତୁତିରେ ଦିଲ୍ଲୀକୁ ଯାତ୍ରା

ହଜରତ ଶେଖ୍ ଅବଦୁଲ କାଦିର ସାହେବ[ରଅ] ବର୍ଣ୍ଣନା କରିଛନ୍ତି:

୧୯୦୫ ମସିହା ଅକ୍ଟୋବର ୨୨ ତାରିଖରେ ହଜରତ ମୌଲବୀ ନୁରୁଦ୍ଦୀନ୍[ରଅ]ଙ୍କୁ ତାଙ୍କର ପ୍ରିୟଜନ ତଥା ପରିବାର ବର୍ଗଙ୍କ ସହିତ ସାକ୍ଷାତ କରାଇବା ପାଇଁ ଦିଲ୍ଲୀ ନେଇଗଲେ । ଦିଲ୍ଲୀ ପହଞ୍ଚିବାର ଅଳ୍ପ କିଛି ଦିନ ହିଁ ହୋଇଥିଲା ଯେ ହଜରତ ମୀର ନାସିର ନଓ୍ୱାବ ସାହେବ[ରଅ] ରୋଗରେ ପୀଡିତ ହେଲେ । ସେଥିପାଇଁ ହଜରତ ମସିହ ମଉଦ[ଅସ]ଙ୍କ ମନରେ ଏହି ବିଚାର ଆସିଲା ଯେ ଯଦି ମୌଲବୀ ନୁରୁଦ୍ଦୀନ୍ ସାହେବଙ୍କୁ ଦିଲ୍ଲୀ ଡକାଯାଏ ତା' ହେଲେ ଉତ୍ତମ ହେବ । ସୁତରାଂ ମୌଲବୀ ସାହେବଙ୍କୁ ଟେଲିଗ୍ରାମ୍ ମାଧ୍ୟମରେ ତାହା ଜଣାଇ ଦିଆଗଲା ଏବଂ ସେହି ଟେଲିଗ୍ରାମ୍‌ରେ ଜରୁରୀକାଳୀନ ତଥା ଅବିଳମ୍ବେ ଆସିବା ଆଦି ଶବ୍ଦ (Immediate) ଲେଖାଥିଲା । ଯେତେବେଳେ ଏହି ଟେଲିଗ୍ରାମ୍ କାଦିୟାନରେ ପହଞ୍ଚିଲା, ସେତେବେଳେ ହଜରତ ମୌଲବୀ ସାହେବ ନିଜ ଚିକିତ୍ସାଳୟରେ ବସିଥିଲେ । ସେ ତତ୍‌କ୍ଷଣାତ ଉଠିପଡି ପ୍ରତିଶ୍ରୁତ ମସିହଙ୍କ ଆଦେଶ ପାଳନରେ ଯେପରି ଅବହେଳା ନହୁଏ ସେଥିପାଇଁ ସେହି ଅବସ୍ଥାରେ ହିଁ ସେ ତୁରନ୍ତ ଦିଲ୍ଲୀ ଅଭିମୁଖେ ବାହାରିଗଲେ । ନା ଘରକୁ ଗଲେ ନା କୌଣସି ପିନ୍ଧାବସ୍ତ୍ର ବଦଳାଇଲେ ନା କୌଣସି ବିଛଣାପତ୍ର ସାଥିରେ ନେଲେ । ସବୁଠାରୁ ମଜାର କଥା ହେଉଛି ଯେ ରେଳଗାଡିର ଭଡା ତଥା ଟିକେଟ ପଇସା ମଧ୍ୟ ତାଙ୍କ ପାଖରେ ନଥିଲା । ଘର ଲୋକଙ୍କୁ ଯେବେ ଏହି କଥା ଜଣା ପଡିଲା, ସେମାନେ ତାଙ୍କ ଯିବା ପଛେ ପଛେ ଜଣେ ବ୍ୟକ୍ତିଙ୍କୁ କମ୍ବଳ ଦେଇ ପଠାଇଲେ । କିନ୍ତୁ ବାଟଖର୍ଚ୍ଚ ବାବଦରେ ପଇସା ଦେବାକୁ କାହାର ମନେ ପଡିଲା ନାହିଁ । ଘରେ ସମ୍ଭବତଃ ଏତେ ପଇସା ମଧ୍ୟ ନଥିବ । ଯେତେବେଳେ ମୌଲବୀ ନୁରୁଦ୍ଦୀନ୍[ରଅ] ବଟାଲାଠାରେ ପହଞ୍ଚିଲେ, ଠିକ୍ ସେହି ସମୟରେ ଜଣେ ପରିଚିତ ହିନ୍ଦୁ ବ୍ୟକ୍ତି ଭାବି ନିଅନ୍ତୁ ଯିଏକି ତାଙ୍କ ଅପେକ୍ଷାରେ ହିଁ ଥିଲା, ତାଙ୍କୁ ଆସି କହିଲା 'ମୋ ପତ୍ନୀ ଅସୁସ୍ଥ ଅଛି ଦୟାପୂର୍ବକ ତାଙ୍କୁ କ୍ଷଣେ ପରୀକ୍ଷଣ କରି ଆସନ୍ତୁ ।' ମୌଲବୀ ସାହେବ କହିଲେ 'ମୁଁ ଏହି ଗାଡିରେ ଦିଲ୍ଲୀ ଯିବାର ଅଛି ।' ସେହି ବ୍ୟକ୍ତି କହିଲା 'ମୁଁ

ତା'ହେଲେ ମୋର ପତ୍ନୀକୁ ଏଠାକୁ ହିଁ ନେଇ ଆସୁଛି ।' ତହୁଁ ସେ ସଙ୍ଗେ ସଙ୍ଗେ ଯାଇ ଅସୁସ୍ଥ ପତ୍ନୀକୁ ନେଇ ଆସିଲା । ମୌଲବୀ ସାହେବ ତାଙ୍କ ପତ୍ନୀଙ୍କର ରୋଗ ପରୀକ୍ଷା କରି ଔଷଧ ଲେଖିଦେଲେ । ସେହି ହିନ୍ଦୁ ଜଣଙ୍କ ଧୀରସ୍ଥିର ଭାବରେ ତାଙ୍କ ପାଇଁ ଦିଲ୍ଲୀ ଯିବାର ଟିକେଟ୍ କିଣିଦେଲା ତଥା ସମୁଚିତ ଧନରାଶି ଉପହାର ସ୍ୱରୂପ ତାଙ୍କୁ ଦେଲା । ଏପରି ଭାବେ ମୌଲବୀ ସାହେବ ଦିଲ୍ଲୀରେ ପହଞ୍ଚି ହଜରତ ମସିହ ମଉଦ[ଅସ]ଙ୍କ ସେବାରେ ଉପସ୍ଥିତ ହୋଇଗଲେ ।

*(ହୟାତେ ନୁର୍, ଅଧ୍ୟାୟ 4, ପୃଷ୍ଠା 285)*

## ଖଜୁରଟି ଆଶ୍ଚର୍ଯ୍ୟଜନକ ଭାବେ ଚମତ୍କାର ପ୍ରଭାବ ଦେଖାଇଲା

ଜନାବ୍ ଅବଦୁଲ ମାଜିଦ୍ ସାହେବ ତାହିର (ଆଡସିନାଲ ଓ୍ୱକିଲୁତ୍ ତବ୍‌ସିର ଲଣ୍ଡନ) ବର୍ଣ୍ଣନା କରିଛନ୍ତି:

ହଜରତ ଚୌଧୁରୀ ହକିମଦ୍ଦୀନ୍ ସାହେବ[ରଅ] କାଦିୟାନ ସ୍ଥିତ ବୋର୍ଡିଙ୍ଗ ହାଉସରେ ଏକ ସାଧାରଣ କର୍ମଚାରୀ ଥିଲେ । ତାଙ୍କର ପ୍ରଥମ ସନ୍ତାନର ଜନ୍ମ ସମୟରେ ତାଙ୍କ ପତ୍ନୀଙ୍କର ଦେହ ହଠାତ୍ ଅସୁସ୍ଥ ହୋଇ ପଡିଲା ତଥା ପ୍ରସବ ଯନ୍ତ୍ରଣା ବହୁତ ବଢ଼ିଗଲା । ସେ କହିଛନ୍ତି ଯେ ସେହି ଅବସ୍ଥାରେ ଅନନ୍ୟୋପାୟ ହୋଇ ମୁଁ ରାତି ୧୧ଟା ସମୟରେ ହଜରତ ମସିହ ମଉଦ[ଅସ]ଙ୍କ ପ୍ରଥମ ଖଲିଫାଙ୍କ ଘରେ ପହଞ୍ଚିଲି ଓ ଚୌକିଦାରକୁ କହିଲି 'ମୁଁ ଏହି ସମୟରେ ହୁଜୁରଙ୍କୁ ସାକ୍ଷାତ କରିପାରିବି କି ?' ସେ ନାହିଁ ବୋଲି କହିଲା । କିନ୍ତୁ ଘର ଭିତରୁ ମୌଲବୀ ନୁରୁଦ୍ଦୀନ୍ ସାହେବ[ରଅ] ମୋର କଥାକୁ ଶୁଣିନେଲେ ଏବଂ ମୋତେ ଘର ଭିତରକୁ ଡାକିଲେ । ମୁଁ ସ୍ତ୍ରୀର ଯନ୍ତ୍ରଣା ବଢ଼ିଯାଇଥିବା ବିଷୟ ହୁଜୁରଙ୍କୁ କହିଲି । ସେ ଗୋଟିଏ ଖଜୁରୀ ଫଳ ଉପରେ ପ୍ରାର୍ଥନାକରି ଫୁଙ୍କିଦେଇ ମୋତେ ତାକୁ ଦେଲେ ଏବଂ କହିଲେ 'ତୁମେ ଯାଇ ଏହି ଫଳଟିକୁ ନିଜ ପତ୍ନୀଙ୍କୁ ଖୁଆଇ ଦିଅ । ଯେତେବେଳେ ସନ୍ତାନ ଜନ୍ମ ହେବ, ମୋତେ ମଧ୍ୟ ତାହାର ସୂଚନା ଦେବ ।'

ହଜରତ ହକିମଦ୍ଦୀନ୍ ସାହେବ[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁଁ ସେହି ଖଜୁରଟିକୁ ନିଜ ପତ୍ନୀଙ୍କୁ ଖୁଆଇ ଦେଲି । ତେବେ ସେହି ଫଳଟି ଅତି ଆଶ୍ଚର୍ଯ୍ୟଜନକ ଭାବେ ନିଜର ଚମତ୍କାର ପ୍ରଭାବ ଦେଖାଇଲା ଏବଂ କିଛି ସମୟ ପରେ ମୋ ପତ୍ନୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଲା ।

ହଜରତ ହକିମଦ୍ଦୀନ୍ ସାହେବ କହିଛନ୍ତି 'ଯେ ମୁଁ ରାତ୍ରୀ କାଳରେ ହୁଜୁରଙ୍କୁ ନିଦରୁ ଉଠାଇବା ପାଇଁ ଉଚିତ ମଣିଲି ନାହିଁ କାରଣ ସେ ଶୋଇଥିବେ ।

ଯେତେବେଳେ ମୁଁ ଫଜର ଅଜାନ ସମୟରେ ବ୍ରାହ୍ମମୁହୂର୍ତ୍ତରେ ହୁଜୁରଙ୍କ ନିକଟରେ ପହଞ୍ଚିଲି ଓ ସମସ୍ତ ଘଟଣା କହିଲି, ଏହା ଶୁଣି ହୁଜୁର କହିଲେ 'ତୁମ ପତ୍ନୀ ତ ବଡ ଆରାମରେ ଶୋଇଗଲା ଯଦି ମୋତେ ମଧ୍ୟ ସେହି ସନ୍ତାନଟି ଜନ୍ମ ହେବା ମାତ୍ରେ ସୂଚନା ଦେଇ ଦେଇଥାନ୍ତ, ତାହେଲେ ମୁଁ ମଧ୍ୟ ଟିକିଏ ଆରାମ କରିନେଇଥାନ୍ତି । କାରଣ ମୁଁ ରାତିସାରା ତୁମ ପତ୍ନୀଙ୍କ ପାଇଁ ପ୍ରାର୍ଥନା କରୁଥିଲି ।' ଏହି ଘଟଣା ବର୍ଣ୍ଣନା କରୁଥିବା ସମୟରେ ହକିମଦ୍ଦୀନ ସାହେବ ଭୋ ଭୋ ହୋଇ କାନ୍ଦି ପକାଇଲେ ଓ କହିବାକୁ ଲାଗିଲେ 'କାହିଁ କେଉଁଠି ମୁଁ ଛାର ଚପରାସୀ ହକିମଦ୍ଦୀନ୍ ତ ଆଉ କାହିଁ କେଉଁଠି ମହାନ ନୁରୁଦ୍ଦୀନ୍ ? ଆକାଶ ପାତାଳ ପ୍ରଭେଦ ।'

*(ଅଲଫଜଲ୍ ଇଣ୍ଟରନେସ୍‌ନାଲ, ୨୫ ସେପ୍‌ଟେମ୍ବର-୧ ଅକ୍ଟୋବର ୨୦୧୫, ପୃଷ୍ଠା 14)*

# ହଜରତ ମିର୍ଜା ବଶିରୁଦ୍ଦୀନ୍ ମହମ୍ମୁଦ ଅହମଦ ଖଲିଫତୁଲ ମସିହ ଦ୍ୱିତୀୟ[ରଅ]

ତାଙ୍କର ପୁରା ନାମ ମିର୍ଜା ବଶିରୁଦ୍ଦୀନ୍ ମହମୁଦ ଅହମଦ[ରଅ] । ସେ ପ୍ରତିଶ୍ରୁତ ମସିହ[ଅସ]ଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ । ସେ ୧୮୮୯ ମସିହା ଜାନୁୟାରୀ ୧୨ ତାରିଖରେ ଜନ୍ମଲାଭ କରିଥିଲେ । ୧୩ ମାର୍ଚ୍ଚ ୧୯୧୪ ମସିହାରେ ପ୍ରଥମ ଖଲିଫାଙ୍କ ଦେହାବସାନର ପରବର୍ତ୍ତୀ ଦିନ ୧୪ ମାର୍ଚ୍ଚ ୧୯୧୪ ମସିହାରେ ଜମାଅତ ଅହମଦିୟାର ଦ୍ୱିତୀୟ ଖଲିଫା ରୂପେ ନିର୍ବାଚିତ ହେଲେ । ସେହି ସମୟରେ ତାଙ୍କର ବୟସ ମାତ୍ର ୨୫ବର୍ଷ ଥିଲା । ୧୯୬୫ ମସିହା ନଭେମ୍ବର ୭,୮ ତାରିଖ ମଧ୍ୟ ରାତ୍ରିରେ ତାଙ୍କର ସ୍ୱର୍ଗବାସ ହେଲା । ଦୀର୍ଘ ୫୨ ବର୍ଷ କାଳ ଖିଲାଫତ୍ ପଦରେ ଅଧିଷ୍ଠିତ ହୋଇ ସେ ବହୁ ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରିଛନ୍ତି । ଜମାଅତ ଅହମଦିୟାକୁ ପୃଥିବୀର କୋଣ ଅନୁକୋଣରେ ସେ ପହଞ୍ଚାଇଥିଲେ । ସେ ହଜରତ ମସିହ ମଉଦ[ଅସ]ଙ୍କ ସ୍ୱର୍ଗୀୟ ବରପୁତ୍ର ଥିଲେ । ଏହିପରି ହଜରତ ମସିହ ମଉଦ[ଅସ]ଙ୍କ ସମସ୍ତ ସନ୍ତାନ ମହିମାମୟ ଅଲ୍ଲାଃଙ୍କର ଦିବ୍ୟବାର୍ତ୍ତା ମାଧ୍ୟମରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ହଜରତ ମୁସଲେହ ମଉଦ[ରଅ] ଯେ କି ପ୍ରତିଶ୍ରୁତ ସଂସ୍କାରକ ରୂପେ ଆବିର୍ଭାବ ହୋଇଥିଲେ, ତାଙ୍କ ଜନ୍ମ ସମ୍ବନ୍ଧରେ ଅଲ୍ଲାଃତାଲା ତାଙ୍କୁ ବିଶେଷ ଧରଣର ଭବିଷ୍ୟତ ବାଣୀ ଦ୍ୱାରା ଜଣାଇଥିଲେ । ସେହି ମହତ୍ୱପୂର୍ଣ୍ଣ ଭବିଷ୍ୟତ ବାଣୀର ବୃତ୍ତାନ୍ତ ଜମାଅତ ଅହମଦିୟାରେ "ଦୈବୀବାଣୀ ହଜରତ ମୁସ୍‌ଲେହ ମଉଦ" ନାମରେ ପ୍ରସିଦ୍ଧ । ଯେଉଁ ବାଣୀରେ ଅଲ୍ଲାଃତାଲା ତାଙ୍କର ଏହି ସ୍ୱର୍ଗୀୟ ବରପୁତ୍ରଙ୍କ ମହିମା ତଥା ଗୁଣ ଗାରିମା ସମ୍ବନ୍ଧରେ ଆଲୋକପାତ କରିଛନ୍ତି । ଏପରିକି ଅଲ୍ଲାଃତାଲା ତାଙ୍କ ସମ୍ବନ୍ଧରେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ଆଗମନ ସତେ ଯେପରି ସ୍ୱୟଂ ଈଶ୍ୱରଙ୍କର ଆଗମନ ସଦୃଶ । ସୁତରାଂ ସେ ଏହିପରି ବର୍ଣ୍ଣନା କରିଛନ୍ତି: مَظْهَرُ الْحَقِّ وَ الْعَلَاءِ كَاَنَّ اللّٰهَ نَزَلَ مِنَ السَّمَاۤءِ

**ମଜହରୁଲ୍ ହକ୍କେ ଓ୍ୱଲ୍‌ଅଲାଏ କାଅନ୍‌ନଲ୍ଲାହା ନଜାଲା ମିନସ୍‌ସମା**

ହଜରତ ମୁସଲେହ ମଉଦ[ରଅ] ସେହି ଦୈବୀ ସଙ୍କେତ ଅନୁରୂପ ଆସିଥିଲେ, ଯାହାଙ୍କ ବିଷୟରେ ଅଲ୍ଲାଃତାଲା ବିଶ୍ୱର ସମସ୍ତ ଜାତିକୁ ଅବଗତ କରିବା ଉଦ୍ଦେଶ୍ୟରେ ଚୂଡାନ୍ତ କାର୍ଯ୍ୟସିଦ୍ଧିର ପୂର୍ଣ୍ଣାଙ୍ଗପ୍ରାପ୍ତି ସକାଶେ ଧରାବତାରଣ କରାଇଲେ । ପ୍ରତିଶ୍ରୁତ ମସିହଙ୍କ ଚତୁର୍ଥ ଖଲିଫା[ରଅ] ତାଙ୍କ ସମ୍ବନ୍ଧରେ କହିଛନ୍ତି:

"ସେ ସେହି ମହାନୁଭବ ମାନବ ସନ୍ତାନମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏକି ସହସ୍ର ବର୍ଷ ନୁହେଁ, ବରଂ ହଜାର ବର୍ଷ ମଧ୍ୟରେ କ୍ୱଚିତ ଥରେ ମନୁଷ୍ୟମାନଙ୍କ ଗହଣରେ ପରିଦୃଷ୍ଟ ହୋଇଥାନ୍ତି । ଯାହାଙ୍କର ଜ୍ୟୋତି କେବଳ ମାତ୍ର ଏକ ବଂଶଧର ପାଇଁ ନୁହେଁ, ବରଂ କୋଡିଏଟି ମାନବ ବଂଶଧରମାନଙ୍କୁ ନିଜର ଆଚରିତ ଉତ୍କୃଷ୍ଟ କର୍ମପନ୍ଥାଜନିତ ଉଜ୍ଜ୍ୱଳ ଆଲୋକର ବିକିରଣ ଦ୍ୱାରା ଜ୍ୟୋର୍ତିମୟ କରି ଚାଲିଥାନ୍ତି ।"

*(ସୱାନେହ୍ ଫଜଲେ ଉମର, ପ୍ରଥମ ଭାଗ, ପୃଷ୍ଠା ଚ)*

ପିଲାଟି ଦିନରୁ ସେ ଅତ୍ୟନ୍ତ ସଦାଚାରୀ, ପୁଣ୍ୟବନ୍ତ, ପବିତ୍ର ଓ ସଂଯମୀ ତଥା ଈଶ୍ୱରଭୟ ଏବଂ ଶୁଭ ସ୍ୱପ୍ନଦର୍ଶୀ ମଧ୍ୟ ଥିଲେ ।

ପରମପୂଜ୍ୟ ଅଲ୍ଲାଃ, ତାହାଙ୍କ ରସୁଲ ତଥା ଇସଲାମ ସହିତ ସେ ପ୍ରଗାଢ଼ ପ୍ରେମଭାବ ରଖୁଥିଲେ । ପ୍ରତିଶ୍ରୁତ ମସିହଙ୍କର ପବିତ୍ର ସଂସ୍ପର୍ଶରେ ଆସିବା ଯୋଗୁଁ ତାଙ୍କ ଉପରେ ତାହାର ବିଶେଷ ପ୍ରଭାବ ପଡିଥିଲା । ନମାଜ ସହିତ ଏଭଳି ପ୍ରେମ ଥିଲା ଯେ ସେ ବହୁ ଦୀର୍ଘ ସମୟ ଧରି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ନମାଜରେ ଧ୍ୟାନମଗ୍ନ ରହୁଥିଲେ । ସଜଦା ବା ଭୂମିଷ୍ଠ ପ୍ରଣିପାତ ମୁଦ୍ରାରେ ସେ ଅଧିକ ସମୟ ପର୍ଯ୍ୟନ୍ତ କାନ୍ଦି କାନ୍ଦି ପ୍ରାର୍ଥନା କରୁଥିଲେ । ହଜରତ ମୁସଲେହ ମଉଦ[ରଅ]ଙ୍କର ଅଲ୍ଲାଃଙ୍କ ସହିତ ରହିଥିବା ନିଗୁଢ ସମ୍ପର୍କର କେତେକ ବିଶ୍ୱାସବର୍ଦ୍ଧକ ଘଟଣା ନିମ୍ନରେ ଦିଆଯାଉଛି ।

## ସେହି ସମୟରେ ମୁଁ ଏଗାର ବର୍ଷର ହୋଇଥିଲି

ବାଲ୍ୟକାଳରୁ ହିଁ ତାଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱର ଅନୁଭବ ଓ ଅଦୃଶ୍ୟ ସତ୍ତା ଉପରେ ବିଶ୍ୱାସ ହୋଇଯାଇଥିଲା । ଏହି ଘଟଣା ନିଃସନ୍ଦେହ ରୂପେ ଆଶ୍ଚାର୍ଯ୍ୟଜନକ । ଯେଉଁ ବୟସକୁ ପିଲାମାନେ ଖେଳକୂଦରେ ମାତି କଟାଇ ଦିଅନ୍ତି, ସେହି ବୟସରେ ସେ ଅଲ୍ଲାଃ ପରମବ୍ରହ୍ମଙ୍କର ସମ୍ବନ୍ଧରେ ଜିଜ୍ଞାସା କରିବା ଓ ତାହାଙ୍କ ଅସ୍ତିତ୍ୱକୁ ଖୋଜିବା ତଥା ତାଙ୍କ ରହସ୍ୟର ସନ୍ଧାନ ଓ ପ୍ରମାଣ ବିଷୟରେ ସେ ଗଭୀର ଆଲୋଚନା କରୁଥିଲେ । କେବଳ ଯେ ଆଲୋଚନା କରୁଥିଲେ ତା ନୁହେଁ, ବରଂ ଏହାର ସକାରାତ୍ମକ ପରିଣାମ ଓ ସଠିକ୍ ଲକ୍ଷ୍ୟସ୍ଥଳରେ ପହଞ୍ଚି ଅତ୍ୟଧିକ ଖୁସି ଅନୁଭବ କରୁଥିଲେ । ସେ ଏହିପରି ବର୍ଣ୍ଣନା କରିଛନ୍ତି:

"ଯେତେବେଳେ ମୁଁ ଏଗାର ବର୍ଷର ହେଲି ଓ ୧୯୦୦ ମସିହାରେ ଭୂପୃଷ୍ଠରେ ପାଦ ଆପିଲି, ସେତେବେଳେ ମୋ ମନକୁ ଏକ ପ୍ରଶ୍ନ ଉଦବେଳିତ କଲା ଯେ ମୁଁ କ'ଣ ପାଇଁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଅଛି ଏବଂ ତାହାଙ୍କ

ଅସ୍ତିତ୍ୱ ରହିଥିବାର ପ୍ରମାଣ କ'ଣ ? ମୁଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ପ୍ରଶ୍ନର ସମାଧାନ ପାଇଁ ଗଭୀର ଚିନ୍ତା କରୁଥିଲି । ସୁତରାଂ ଦଶ ଏଗାରଟା ସମୟରେ ମୋର ମନସ୍ତାତ୍ତ୍ୱିକ ଚିନ୍ତାଧାରା ଏହାର ସାକ୍ଷ୍ୟ ଦେଲା ଯେ ହଁ ଏକମାତ୍ର ଈଶ୍ୱର ସର୍ବତ୍ର ବିଦ୍ୟମାନ ଅଛନ୍ତି । ସେହି ସମୟ ମୋ ପାଇଁ ଏପରି ଆନନ୍ଦର ସମୟ ଥିଲା, ଯେପରି ଏକ ଶିଶୁକୁ ଅଚାନକ ତାହାର ମାଆ ମିଳିଗଲେ ସେ ଅତ୍ୟନ୍ତ ଖୁସି ହୋଇଯାଏ । ସେହି ପ୍ରକାର ମୋତେ ଅନୁଭବ ହେଲା ଯେ ମୋର ଜନ୍ମଦାତା ମୋତେ ମିଳିଗଲେ । ଶୁଣିବାରେ ବିଶ୍ୱାସ କରୁଥିବା କଥାଟି ମୋର ଜ୍ଞାନର ବିଶ୍ୱାସରେ ପରିବର୍ତ୍ତିତ ହୋଇଗଲା । ମୁଁ ଅତ୍ୟଧିକ ଖୁସିରେ ଉତଫୁଲ୍ଲିତ ହୋଇଗଲି । ସେହି ସମୟରେ ମୁଁ ଅଲ୍ଲାଃଙ୍କ ଛାମୁରେ ପ୍ରାର୍ଥନା କଲି ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରାର୍ଥନାରେ ପଡିରହିଲି ଯେ 'ହେ ମୋର ଈଶ୍ୱର ! ମୋତେ ତୁମ୍ଭର ଅସ୍ତିତ୍ୱ ସମ୍ବନ୍ଧରେ ଯେପରି କେବେ ସନ୍ଦେହ ସୃଷ୍ଟି ନହେଉ ।' ସେହି ସମୟରେ ମୁଁ ଏଗାର ବର୍ଷର ଛୋଟ ବାଳକ ଥିଲି । କିନ୍ତୁ ଆଜି ମଧ୍ୟ ସେହି ବିଗତ ଦିନରେ କରିଥିବା ପ୍ରାର୍ଥନାର ସ୍ମୃତିଚାରଣ କରି ତାହାକୁ ମାନ୍ୟତା ସହକାରେ ଦେଖୁଛି ଓ ଆଜିର ଦିନରେ ମଧ୍ୟ ମୁଁ କହୁଛି 'ହେ ମୋର ଈଶ୍ୱର ! ତୁମ୍ଭର ଅସ୍ତିତ୍ୱ ସମ୍ବନ୍ଧରେ ମୋ ମନରେ କେବେହେଲେ ସନ୍ଦେହ ସୃଷ୍ଟି ନହେଉ ।' ହଁ, ସେହି ସମୟରେ ମୁଁ ଛୋଟ ପିଲା ଥିଲି । କିନ୍ତୁ ଏବେ ମୋର ଅଧିକ ଅନୁଭବ ହୋଇଗଲାଣି । ଏବେ ମୁଁ ଦୃଢ ଭାବରେ କହୁଛି 'ହେ ଈଶ୍ୱର ! ମୋତେ ତୁମ୍ଭର ବିଦ୍ୟମାନତା ଉପରେ ଅଟଳ ବିଶ୍ୱାସ ରହିଥାଉ ।'

ଯେତେବେଳେ ମୋ ହୃଦୟରେ ଏହି ଭାବନା ସବୁ ଲହଡି ମାରିବା ଆରମ୍ଭ କଲା ଯାହାକୁ ମୁଁ ଉପରେ ବର୍ଣ୍ଣନା କରିଛି । ତାହାର ପ୍ରଥମ ଅନୁଭୂତି ଏଠାରେ ମୋର ମନେ ପଡିଯାଉଛି । ଦିନକର କଥା, ସୂର୍ଯ୍ୟୋଦୟର ପରବର୍ତ୍ତୀ ସମୟରେ ମୁଁ ଓଜୁ କଲି ଏବଂ ସେହି କୋର୍ଟକୁ ପରିଧାନ କଲି ଯାହା ଏଥିପାଇଁ କେବଳ ନୁହେଁ ଯେ ତାହା ସୁନ୍ଦର ଥିଲା, ବରଂ ଏହି କାରଣରୁ ଯେ ତାହା ହଜରତ ମସିହ ମଉଦ[ଅସ]ଙ୍କର ନିଜସ୍ୱ ପରିହିତ ବସ୍ତ୍ର ଥିଲା, ଯାହା ଅତ୍ୟନ୍ତ କଲ୍ୟାଣଦାୟକ ଥିଲା । ଏହି ପ୍ରଥମ ଅନୁଭବ ଯାହା ମୋ ହୃଦୟ ମଧ୍ୟରେ ଈଶ୍ୱରଙ୍କ ତରଫରୁ ପ୍ରେରିତ ହେବାକୁ ଥିବା ଦିବ୍ୟ ବାକ୍ୟରୁ ସମୃଦ୍ଧିପ୍ରାପ୍ତ କରିବାର ଥିଲା । ତେଣୁ ମୁଁ ସେହି କୋର୍ଟ ପିନ୍ଧି ପକାଇଲି । ତା'ପରେ ମୁଁ ରହୁଥିବା କୋଠରୀର କବାଟ ବନ୍ଦ କରିଦେଲି ଓ ଏକ ଚଦର ବିଛାଇ ଦେଇ ନମାଜ ପଢ଼ିବା ଆରମ୍ଭ କଲି । ସେହି ନମାଜରେ ମୁଁ ବହୁତ କାନ୍ଦିଲି,

ବହୁତ କାନ୍ଦିଲି ଓ ବହୁତ କାନ୍ଦିଲି ଏବଂ ଶପଥ କଲି ଯେ ମୁଁ ଆଜିଠାରୁ କେବେହେଲେ ନମାଜ ପରିତ୍ୟାଗ କରିବି ନାହିଁ । ଏହି ଏଗାର ବର୍ଷ ବୟସରେ ମୋର ମନ ଭିତରେ କେଉଁ ପ୍ରକାର ସଂକଳ୍ପ ଥିଲା ଯେ ସେହି ଶପଥ ଦିନଠାରୁ ମୁଁ କେବେହେଲେ ନମାଜ ଛାଡିଲି ନାହିଁ । ଏପରିକି ସେହି ନମାଜ ପାଠ ପରେ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବାଲ୍ୟକାଳ ଆହୁରି ବାକି ରହିଥିଲା । ସେହି ସଂକଳ୍ପକୁ ଦେଖିଲେ ତାହା ମୋର ଆଜିକାର ଅଭିଳଷିତ ମନୋବଳକୁ ଲଜ୍ଜିତ କରୁଛି ।"

*(ସୱାନେହ୍ ଫଜଲେ ଉମର, ପ୍ରଥମ ଭାଗ, ପୃଷ୍ଠା 96, 97)*

## ସେ ଚଟାଣ ଉପରେ ସଜଦାରେ ପଡି ରହିଥିଲେ

ଖଲିଫତୁଲ ମସିହ ଚତୁର୍ଥି[ରଅ] କହିଛନ୍ତି ଯେ ଆମେ ହଜରତ ମୁସଲେହ ମଉଦ[ରଅ]ଙ୍କ ସମ୍ବନ୍ଧରେ ତାଙ୍କର ବାଲ୍ୟକାଳର ଦୁଇଜଣ ଶିକ୍ଷକଙ୍କ ମତାମତ ଏଠାରେ ବର୍ଣ୍ଣନା କରୁଛୁ । ଶିଷ୍ୟର ଜୀବନଚରିତକୁ ଅଧ୍ୟୟନ କରିବା ଦିଗରେ ତାଙ୍କ ଶିକ୍ଷାଗୁରୁଙ୍କ ଦୃଷ୍ଟିରେ ଛାତ୍ରକୁ ଦେଖି ପରଖିବା ମଧ୍ୟ ଆବଶ୍ୟକ ।

ହଜରତ ମୌଲବୀ ଶେର ଅଲି ସାହେବ[ରଅ] ତାଙ୍କର ଇଂରାଜୀ ଶିକ୍ଷକ ମଦ୍ରାସା ବ୍ୟତୀତ ତାଙ୍କୁ ଘରେ ମଧ୍ୟ ପଢ଼ାଉଥିଲେ । ସେ ନିଜର ବିଚାରବ୍ୟକ୍ତ କରିବାକୁ ଯାଇ ଏହିପରି ଲେଖିଛନ୍ତି:

"ହଜରତ ଅମିରୁଲ୍ ମୁ'ମେନିନ୍ ଦ୍ୱିତୀୟ ଖଲିଫାଙ୍କ ବିଦ୍ୟାର୍ଥୀ ଜୀବନର ଏକ ଘଟଣା ଉଲ୍ଲେଖ କରୁଛି । ଏଥିରୁ ମଧ୍ୟ ତାଙ୍କ ହୃଦୟର ସ୍ଥିତି ଜଣାପଡେ । ଦିନେ ବର୍ଷା ହେଉଥିଲା, କିନ୍ତୁ ଅଧିକ ନୁହେଁ । ଏହି ନିମିତ୍ତ ଭକ୍ତ ହୁଜୁରଙ୍କ ନିକଟରେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉପସ୍ଥିତ ହୋଇଗଲା । ପାହାଚର କବାଟ ଖଟ୍‌ଖଟ୍ କଲି । ହୁଜୁର କବାଟ ଖୋଲିବା କ୍ଷଣି ମୁଁ ଭିତରକୁ ଆସି ବାରଣ୍ଡାରେ ଏକ ଚୌକି ଉପରେ ବସିପଡିଲି । ସେ ଘର ଭିତରକୁ ଚାଲିଗଲେ । ମୁଁ ଭାବିଲି ପଢାଯାଉଥିବା ପୁସ୍ତକ ଆଣି ସେ ବାହାର ବାରଣ୍ଡାକୁ ଆସିବେ । କିନ୍ତୁ ତାଙ୍କର ବାହାରକୁ ଆସିବାରେ ବିଳମ୍ବ ହେବାରୁ ମୁଁ ଘର ଭିତରକୁ ଝାଙ୍କି ଦେଖିଲି ଯେ ସେ ଚଟାଣ ଉପରେ ସଜଦାରେ ପଡି ରହିଛନ୍ତି । ତା'ପରେ ମୁଁ ଭାବିଲି ଆଜି ବର୍ଷା ହେବା ଯୋଗୁଁ ସେ ମନରେ ହୁଏତ ଭାବିଥିବେ ଯେ ମୁଁ ଆଜି ତାଙ୍କୁ ପଢ଼ାଇବା ପାଇଁ ଆସିବି ନାହିଁ । କିନ୍ତୁ ଯେବେ ମୁଁ ଆସିଯାଇଛି ତ ସେ ମନରେ ମୋ ପାଇଁ ପ୍ରାର୍ଥନା କରିବାକୁ ମନ ବଳାଇଛନ୍ତି । ସେଥିପାଇଁ

ବୋଧହୁଏ ସେ ମୋ ପାଇଁ ପ୍ରାର୍ଥନାରେ ନିମଗ୍ନ ଥିଲେ । ଅଥଚ ଯେ ଦେଖୁଛି କ’ଣ ? ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ସଜଦାରେ ପଡି ରହିଥିଲେ ଓ ପ୍ରାର୍ଥନା ଭିକ୍ଷା କରୁଥିଲେ ।”

*(ସୱ୍ୱାନେହ୍ ଫଜଲେ ଉମର, ପ୍ରଥମ ଭାଗ, ପୃଷ୍ଠା112)*

## ସଜଦାରେ ପଡ଼ିରହି ବହୁତ କାନ୍ଦୁଥିଲେ

ନମାଜରେ ବିନମ୍ର ଭାବ, ଆକୁଳ କ୍ରନ୍ଦନ ଓ ଆନ୍ତରିକ ଭାବବୋଧକୁ ଅଲ୍ଲାଃଙ୍କ ଛାମୁରେ ପ୍ରକାଶ କରିବା ଇତ୍ୟାଦି ଏସବୁ ବିଷୟ ଅଲ୍ଲାଃଙ୍କ ସହିତ ବିଶେଷ ପ୍ରେମ ସମ୍ପର୍କ ନଥିଲେ ସମ୍ଭବପର ହୁଏ ନାହିଁ । ଅଲ୍ଲାଃଙ୍କର ତାଙ୍କ ପ୍ରତି ଅସୀମ କରୁଣା ଥିଲା ଯେ ଯେଉଁ କଥା କାହାକୁ ଯୌବନାବସ୍ଥାରେ, ଯେଉଁ କଥା କାହାକୁ ବୃଦ୍ଧାବସ୍ଥାରେରେ, ଏପରିକି ଯାହା କାହାରିକୁ ଜୀବନସାରା ମଧ୍ୟ ମିଳି ନଥାଏ, ତାହା ତାଙ୍କୁ ପିଲାଟି ଦିନରୁ ହିଁ ମିଳିଥିଲା ।

ହଜରତ ମୁଫତି ମୁହମ୍ମଦ ସାଦିକ୍ ସାହେବ[ରଅ] ମଧ୍ୟ ତାଙ୍କର ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ନିଜର ଭାବ ଏହି ଶବ୍ଦରେ ବ୍ୟକ୍ତ କରିଛନ୍ତି:

“ଏହି ବିନୀତ ହଜରତ ମସିହ ମଉଦ[ଅସ]ଙ୍କ ଠାରୁ ୧୮୯୦ ମସିହା ଶେଷ ଭାଗରେ ଦୀକ୍ଷା ଗ୍ରହଣ କରିଥିଲି ଏବଂ ସେହି ସମୟଠାରୁ ତାଙ୍କ ନିକଟକୁ ଯିବା ଆସିବାର ପରମ୍ପରା ନିରନ୍ତର ଜାରି ରହିଥିଲା । ମୁଁ ହଜରତ ବଶିରୁଦ୍ଦୀନ୍ ମହମୁଦ ଅହମଦ[ରଅ]ଙ୍କୁ ଜଣେ ଦୃଢ଼ ସଂକଳ୍ପ ବ୍ୟକ୍ତି ଭାବରେ ତାଙ୍କର ବାଲ୍ୟକାଳରୁ ଦେଖି ଆସୁଛି ଯେ ସେ କେଉଁ ପ୍ରକାର ତାଙ୍କ ପାଖରେ ଲଜ୍ୟାଶୀଳ ଗୁଣ, ସୁଶୀଳ ସ୍ୱଭାବ, ସତ୍ୟବାଦୀତା ଓ ଧର୍ମ ପ୍ରତି ନିଷ୍ଠା ଓ ଆକୃଷ୍ଟ ହେବା ଆଦି ସବୁ ସୁଗୁଣ ଭରି ରହିଥିଲା । ହଜରତ ମସିହ ମଉଦ[ଅସ]ଙ୍କର ଧାର୍ମିକ କାର୍ଯ୍ୟକଳାପରେ ପିଲାଟି ଦିନରୁ ହିଁ ସେ ମନପ୍ରାଣ ଢାଳି ଦେବାର ଅଭ୍ୟାସ ଥିଲା । ନମାଜ ସମୟରେ ନିୟମିତ ରୂପେ ସେ ହଜରତ ମସିହ ମଉଦ[ଅସ]ଙ୍କ ସହିତ ଜାମେ ମସଜିଦକୁ ଯାଉଥିଲେ ଓ ତାଙ୍କର ଖୁତବା ଆଦି ମନଦେଇ ଶୁଣୁଥିଲେ । ମୋର ମନେଅଛି ଯେବେ ତାଙ୍କର ବୟସ ପ୍ରାୟ ୧୦ବର୍ଷ ହୋଇଥିଲା । ସେ ଥରେ ମସଜିଦ ଅକସାରେ ମସିହ ମଉଦ[ଅସ]ଙ୍କ ସହିତ ନମାଜରେ ଛିଡା ହୋଇଥିଲେ ଓ ସଜଦାରେ ବହୁତ କାନ୍ଦୁଥିଲେ । ତାଙ୍କର ସ୍ୱାଭାବିକ ଭାବେ ଅଲ୍ଲାଃଙ୍କ ସହିତ ତଥା ରସୁଲଙ୍କ ସହିତ ବିଶେଷ ପ୍ରେମ ସମ୍ପର୍କ ଥିଲା ।” *(ସୱ୍ୱାନେହ୍ ଫଜଲେ ଉମର, ପ୍ରଥମ ଭାଗ, ପୃଷ୍ଠା117)*

# ଆକୁଳ ଗୁହାରୀ ଓ ବିଳାପ କରିବାର ବିଚିତ୍ର ଅବସ୍ଥା

ବାଲ୍ୟକାଳରୁ ହିଁ ତାଙ୍କର ଅଲ୍ଲାଃଙ୍କ ଉପାସନା ପ୍ରତି ଆଗ୍ରହ ଥିଲା । ସୁତରାଂ ତହଜୁଦ୍ (ବିଳମ୍ବିତ ରାତ୍ରୀକାଳିନ ନମାଜ) ନମାଜ ପାଠର ଅଭ୍ୟାସ ଏବଂ ମସଜିଦରେ ରୋଦନ ଓ ବିଳାପ କରିବାର ଦୃଶ୍ୟକୁ ଚିତ୍ରଣ କରିବାକୁ ଯାଇ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ଏକ ବିଶ୍ୱାସବର୍ଦ୍ଧକ ଘଟଣା ସ୍ୱରଚିତ ପୁସ୍ତକ *ସୱାନେହ୍ ଫଜଲେ ଉମର* ରେ ସ୍ଥାନ ଦେଇ ଏହିପରି ଉଲ୍ଲେଖ କରିଛନ୍ତି :

"ବାଲ୍ୟକାଳରୁ ହିଁ ତାଙ୍କୁ ଈଶ୍ୱର ଆରାଧନା ପ୍ରତି ବିଶେଷ ରୁଚି ରହିଥିଲା । କମ୍ ବୟସରେ ହିଁ ସେ ଅର୍ଦ୍ଧରାତ୍ରିରୁ ଉଠି ଉପାସନା କରିବା ଅଭ୍ୟାସରେ ପଡିଯାଇଥିଲେ । ଏହାର ଅନେକ ଦୃଷ୍ଟାନ୍ତ ରହିଛି ଯେ ସେ କିପରି ପାଞ୍ଚବେଳା ନମାଜ ପାଠ ବ୍ୟତୀତ ନମାଜ ତହଜୁଦ୍ ମଧ୍ୟ ନିୟମିତ ଭାବରେ ପଢୁଥିଲେ । ନମାଜ ପଢ଼ିବା ତାଙ୍କ ମନରେ କେବଳ ଲୋକ ଦେଖାଣିଆ ଭାବ କିମ୍ବା ତାହା ଅନ୍ୟ ଆଗରେ ପ୍ରକାଶ କରିବାର ଉଦ୍ଦେଶ୍ୟ ନଥିଲା ବରଂ ନମାଜ ପଢ଼ିବା ବେଳେ ବିନୟ ଓ କାକୁତି ମିନତି ହୋଇ ଗୁହାରି କରିବା ତଥା ବ୍ୟାକୁଳତାର ସ୍ୱଭାବ ପ୍ରକାଶ ପାଇଥିଲା ।

ଏକ ଛୋଟ ପିଲା ନମାଜରେ କାନ୍ଦିବା, ବିଳାପ କରିବା ଓ ସଜଦାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପଡିରହି ପ୍ରାର୍ଥନା କରିବା ନିଃସନ୍ଦେହରେ ବଡ ବୟସର ବ୍ୟକ୍ତିମାନଙ୍କ ପାଇଁ ଆଶ୍ଚାର୍ଯ୍ୟର କଥା । ବିଶେଷ ରୂପେ ସେହି ସମୟ ଯେବେ କି ଏଭଳି ପିଲାକୁ କୌଣସି ସାଂସାରିକ ଦୁଃଖର ଆଘାତ ପହଞ୍ଚି ନଥାଏ ଓ କୌଣସି ଚିନ୍ତା ଘାରିବାର କାରଣ ମଧ୍ୟ ଦେଖାଦେଇ ନଥାଏ । ଏଥିପାଇଁ ସେହି ପିଲାଟି ବିଷୟରେ ଆଶ୍ଚର୍ଯ୍ୟ ଆହୁରି ବଢ଼ିଯାଇଥାଏ । ସୁତରାଂ ହୃଦୟରେ ଏହି ପ୍ରଶ୍ନ ଉଙ୍କି ମାରିଥାଏ ଯେ ସେହି ପିଲାଟି ଉପରେ ଏମିତି କ'ଣ ବିତିଯାଇଛି ଯେ ସେ ରାତିରେ ଲୁଚିଛପି ଉଠିଥାଏ ଓ କୋହ ଧରି ନିଜ ଈଶ୍ୱରଙ୍କ ଛାମୁରେ କାନ୍ଦିଥାଏ । ଧାରଧାର ଅଶ୍ରୁରେ ସେ ନିଜର ଭୂମିଷ୍ଠ ପ୍ରଣିପାତ କରୁଥିବା ଜାଗାକୁ ଭିଜାଇ ଦେଇଥାଏ ।

ଏହି ବିସ୍ମୟଜନକ ବିଷୟ ଶେଖ୍ ଗୁଲାମ ଅହମଦ ସାହେବ[ରଅ]ଙ୍କ ମନରେ ମଧ୍ୟ ସୃଷ୍ଟି ହେଲା । ସେ ଜଣେ ପ୍ରାର୍ଥନାରତ ନିଷ୍ପାପର ମୁସଲିମ ଥିଲେ ଓ ହଜରତ ମସିହ ମଉଦ[ଅସ]ଙ୍କ ହସ୍ତରେ ଦୀକ୍ଷା ନେଇ ଇସଲାମ ଗ୍ରହଣ କରିଥିଲେ । ନିଷ୍କପଟତା ତଥା ବିଶ୍ୱାସରେ ଏଭଳି ଉନ୍ନତି କଲେ ଯେ ଏକ ମହାନ ଉପାସକ, ସଂଯମୀ ଓ ସୁସ୍ୱପ୍ନ ଦେଖିବା ବ୍ୟକ୍ତି, ଦୈବୀବାଣୀ ପ୍ରାପ୍ତକାରୀ ମହିମାଧାରୀ ତଥା ଅଦୃଶ୍ୟ ବାର୍ତ୍ତା ବହନକାରୀ ବ୍ୟକ୍ତିମାନଙ୍କ ମଧ୍ୟରେ ପରିଗଣିତ ହୋଇଥିଲେ । ସେ ଏହିପରି ବର୍ଣ୍ଣନା କରିଛନ୍ତି:

ଥରେ ମୁଁ ମନରେ ପାଞ୍ଚିଲି, ଆଜିକାର ରାତିଟି ମସଜିଦ ମୁବାରକରେ କଟାଇ ଦେବି ଏବଂ ଏକାକୀ ଅନ୍ତର୍ଯ୍ୟାମୀ ପ୍ରଭୁଙ୍କ ଠାରୁ ଯାହା ଚାହିଁବି ତାହା ମାଗିବି । କିନ୍ତୁ ସେ ଯେତେବେଳେ ମସଜିଦରେ ପ୍ରବେଶ କଲେ ତ ଯେ କ'ଣ ଦେଖୁଛନ୍ତି ! ଜଣେ କେହି ବ୍ୟକ୍ତି ସଜଦାରେ ପଡି ରହିଛନ୍ତି ଓ ବିଳାପ କରି କାନ୍ଦୁଛନ୍ତି । ତାଙ୍କର ସେହି କ୍ରନ୍ଦନର ବିଳାପ ଯୋଗୁଁ ମୁଁ ନମାଜ ମଧ୍ୟ ପଢ଼ିପାରିଲି ନାହିଁ । ସେହି ବ୍ୟକ୍ତିର ପ୍ରାର୍ଥନା ଶୈଳୀର ପ୍ରଭାବ ମୋ ଉପରେ ମଧ୍ୟ କାୟା ବିସ୍ତାର କଲା ଓ ମୁଁ ମଧ୍ୟ ପ୍ରାର୍ଥନାରେ ମଜ୍ଜିଗଲି । ମୁଁ କହିଲି 'ହେ ମୋର ପ୍ରଭୁ ! ଏହି ବ୍ୟକ୍ତିଟି ତୁମ୍ଭ ସମ୍ମୁଖରେ ଯାହାକିଛି ମାଗୁଛି, ତାହା ତାକୁ ଦେଇ ଦିଅ । ତା'ପରେ ମୁଁ ଛିଡା ହୋଇ ହୋଇ ଥକିଗଲି ଓ ଭାବିଲି ଯେ ଏହି ବ୍ୟକ୍ତିଟି ନିଜର ମୁଣ୍ଡ ଉଠାଇଲେ ମୁଁ ଜାଣିନେବି ଯେ ସେହି ବ୍ୟକ୍ତି ଜଣକ କିଏ ? ତେବେ ମୁଁ ଏହା କହିପାରିବି ନାହିଁ ଯେ ସେ ମୋ ଆସିବାର କେତେ ପୂର୍ବରୁ ଆସିଥିଲେ । କିନ୍ତୁ ଯେତେବେଳେ ସେ ମୁଣ୍ଡ ଉଠାଇଲେ ତ ମୁଁ କ'ଣ ଦେଖୁଛି ଯେ ସେ ହେଉଛନ୍ତି ମିଆଁ ମହମୁଦ ସାହେବ (ହଜରତ ମୁସଲେହ ମଉଦ) ! ମୁଁ ତାଙ୍କୁ 'ଅସ୍‌ସଲାମୋ ଆଲୈକୁମ୍' କହିଲି । ତାଙ୍କ ସହିତ କରମର୍ଦ୍ଦନ କଲି ଏବଂ ପ୍ରଶ୍ନ କଲି 'ମିଆଁ ! ଆଜି ଅଲ୍ଲାଃତାଲାଙ୍କ ଠାରୁ କ'ଣ କିଛି ପାଇଲ ?' ସେ ଉତ୍ତର ଦେଇ କହିଲେ 'ମୁଁ ତ ଅଲ୍ଲାଃଙ୍କ ଛାମୁରେ ଏତିକି ମାଗୁଥିଲି ଯେ ହେ ମୋର ଅଲ୍ଲାଃ ! ମୋତେ ମୋର ଆଖି ସାମନାରେ ଇସଲାମକୁ ଜୀବିତ କରାଇ ଦିଅ ଓ ଧର୍ମକୁ ନୂତନ ଜୀବନ୍ୟାସ ଦିଅ ।' ଏହା କରି ସେ ଭିତରକୁ ଚାଲିଗଲେ ।"

*(ସୱାନେହ୍ ଫଜଲେ ଉମର, ପ୍ରଥମ ଭାଗ, ପୃଷ୍ଠା 150-151)*

# ସ୍ୱପ୍ନ, ଦୈବୀବାଣୀ ଓ ଈଶ୍ୱର ଦର୍ଶନ

ବାଲ୍ୟକାଳରୁ ହିଁ ଅଲ୍ଲାଃତାଲାଙ୍କ ସହିତ ସହିତ ତାଙ୍କର ନିବିଡ ସମ୍ପର୍କ ଥିଲା । ଏହି କାରଣରୁ ତାଙ୍କୁ ପିଲାଟି ଦିନରୁ ହିଁ ବ୍ୟାପକ ଭାବେ ସତ୍ୟ ଦର୍ଶନ ହେବାକୁ ଲାଗିଲା ଏବଂ ଐଶ୍ୱରିକ ବାଣୀ ମଧ୍ୟ ପ୍ରାପ୍ତି ହେଲା । ଈଶ୍ୱରଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହୋଇଥିଲା । ଖଲିଫତୁଲ ମସିହ ଚତୁର୍ଥ[ରଅ] କହିଛନ୍ତି:

ହଜରତ ସୟଦ୍ ସରୱର ଶାହ ସାହେବ ଯିଏକି ହଜରତ ମସିହ ମଉଦ[ଅସ]ଙ୍କର ଜଣେ ବିଶିଷ୍ଟ ଅନୁଚର ଥିଲେ । ଯାହାଙ୍କର ଜ୍ଞାନ ଓ ବିଚକ୍ଷଣତାର ଖ୍ୟାତି ସୁଦୂର ପ୍ରସାରୀ ହୋଇଥିଲା । ସେ ମଧ୍ୟ ତାଙ୍କର ଶିକ୍ଷାଦାତାମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ଏହିପରି କହିଛନ୍ତି:

ହଜରତ ଖଲିଫତୁଲ ମସିହ ଦ୍ୱିତୀୟ[ରଅ] ମୋ ନିକଟରେ ପିଲାଦିନେ ପାଠ ପଢୁଥିଲେ । ଦିନେ ମୁଁ ତାଙ୍କୁ କହିଲି 'ମିଆଁ ! ତୁମର ପିତାଶ୍ରୀଙ୍କୁ ତ ପ୍ରଚୁର ପରିମାଣରେ ଦୈବୀବାଣୀ ହେଉଅଛି । କ'ଣ ତୁମକୁ ମଧ୍ୟ ଏତାଦୃଶ୍ୟ ଐଶୀବାଣୀ ଲାଭ ହେଉଛି ତଥା ଅଲୌକିକ ସ୍ୱପ୍ନ ଇତ୍ୟାଦି ଦେଖାଯାଉଛି ?' ମିଆଁ ସାହେବ (ହଜରତ ମୁସଲେହ ମଉଦ[ରଅ]) ଉତ୍ତର ଦେଲେ 'ମୌଲବୀ ସାହେବ ! ମୋତେ ସ୍ୱପ୍ନ ତ ବହୁତ ଆସୁଛି ଏବଂ ଗୋଟିଏ ସ୍ୱପ୍ନକୁ ମୁଁ ନିତିଦିନ ଦେଖୁଛି । ଯେତେବେଳେ ବି ମୁଁ ଶେଯକୁ ଯାଇ ତକିଆରେ ମୁଣ୍ଡ ରଖୁଛି, ସେହି ସମୟଠାରୁ ଆରମ୍ଭ କରି ପ୍ରାତଃରେ ଉଠିବା ପର୍ଯ୍ୟନ୍ତ ସେହି ଏକା ଦୃଶ୍ୟ ହିଁ ଦେଖୁଛି ଯେ ମୁଁ ଏକ ସଶସ୍ତ୍ର ବାହିନୀର କମାଣ୍ଡର ରୂପେ ନିଯୁକ୍ତ ହୋଇଛି । ଆଉ କେବେ ଏହା ଦେଖୁଛି ଯେ ସମୁଦ୍ର ଅତିକ୍ରମ କରି ଆଗକୁ ବଢି ମୁଁ ଶତ୍ରୁର ମୁକାବିଲା କରୁଛି । ଅନେକ ଥର ଏଭଳି ମଧ୍ୟ ଘଟଣା ଘଟିଛି ଯେ ଯଦି ମୁଁ ସ୍ୱପ୍ନରେ ସେହି ସମୁଦ୍ର ପାର ହେବା ପାଇଁ ଏକ ପ୍ରକାର ଧାତବ ଦ୍ରବ୍ୟରେ ନୌକା ତିଆରି କରି ତାହା ମାଧ୍ୟମରେ ଅତିକ୍ରମ କରୁଛି ଏବଂ ସେହି ସମୁଦ୍ରକୁ ଲଙ୍ଘି ଶତ୍ରୁମାନଙ୍କ ଉପରେ ଦୁର୍ବାର ଆକ୍ରମଣ କରୁଛି ।

ମୁଁ ଯେତେବେଳେ ଏହି ସ୍ୱପ୍ନର ବୃତ୍ତାନ୍ତ ତାଙ୍କଠାରୁ ଶୁଣିଲି, ସେହି ସମୟରୁ ମୋ ମନରେ ଏହି କଥା ଉଙ୍କି ମାରୁଛି ଯେ ଏହି ବ୍ୟକ୍ତି କେତେବେଳେ ହେଲେ ନିଃସନ୍ଦେହ ରୂପେ ଜମାଅତର ପ୍ରତିନିଧିତ୍ୱ କରିବ । ମୁଁ ଏହି କାରଣରୁ କ୍ଲାସରେ ବସି ତାଙ୍କୁ ପଢ଼ାଇବା ଛାଡିଦେଇଛି ଏବଂ ତାଙ୍କୁ ନିଜର ଚୌକିରେ ସାଦରେ ବସାଇଥାଏ ତଥା ନିଜେ ତାଙ୍କ ସ୍ଥାନରେ ବସି ତାଙ୍କୁ ପଢ଼ାଇଥାଏ । ମୁଁ ସେହି ସ୍ୱପ୍ନକଥା ଶୁଣି ତାଙ୍କୁ ଏହା ମଧ୍ୟ କହିଦେଲି 'ମିଆଁ! ତୁମେ ବଡ ହୋଇ ମୋତେ ଭୁଲିଯିବ ନାହିଁ ତ ? ସେତେବେଳେ ମୋ ଉପରେ ମଧ୍ୟ ଦୟାଦୃଷ୍ଟି ରଖିବ ।'

ବାଲ୍ୟକାଳରେ ତାଙ୍କ ପ୍ରତି ଐଶରୀକ ବାଣୀ ପ୍ରକଟିତ ହେବ ସମ୍ବନ୍ଧରେ କହିବାକୁ ଯାଇ ତାଙ୍କ ସାଥିରେ ଖେଳୁଥିବା ଜଣେ ପୁରାତନ ବନ୍ଧୁ ଏହିପରି ବର୍ଣ୍ଣନା କରିଛନ୍ତି:

ସମ୍ଭବତଃ ଏହି ଘଟଣାଟି ଅନ୍ୟ କୌଣସି ସ୍ଥାନରେ ପ୍ରକାଶିତ ହୋଇ ରେକର୍ଡରେ ଆସି ଯାଇଥିବ । କିନ୍ତୁ ଏଥି ସକାଶେ ଏହାକୁ ଆଲୋଚନା କରିବା ଆବଶ୍ୟକ ମନେ କରାଯାଉଛି ଯେ ତାଙ୍କ ବାଲ୍ୟବନ୍ଧୁ ଯେବେକି ସେ ମୋ ସହିତ ମଦ୍ରାସା ତାଲିମୁଲ ଇସଲାମ୍‌ରେ ପଢୁଥିଲେ, ସେ କହିଲେ ଯେ ମିଆଁ ମହମୁଦଙ୍କୁ ଏହି ଐଶରୀକ ବାଣୀ ପ୍ରାପ୍ତ ହୋଇଛି ।

جَاعِلُ الَّذِيْنَ اتَّبَعُوْكَ فَوْقَ الَّذِيْنَ كَفَرُوْٓا اِلٰى يَوْمِ الْقِيَامَةِ۔

**ଜାଏଲୁଲ୍ ଲଜିନତ୍‌ତବଉକା ଫୌକଲ୍‌ଲଜିନା କଫରୁ ଇଲାୟୋମିଲ୍ କିୟାମାହ୍**

ସେ ଏହା ମଧ୍ୟ କହିଥିଲେ ଯେ ସେ ହଜରତ ମସିହ ମଉଦ[ଅସ]ଙ୍କୁ ଏହି ଦୈବୀବାଣୀ ସଂକ୍ରାନ୍ତରେ ପୂର୍ବରୁ ଅବଗତ କରାଇ ଦେଇଥିଲେ ।

ତାଙ୍କୁ ନବ ଯୌବନ ବୟସରେ ଅଲ୍ଲାଃତାଲାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସୁତରାଂ ଅହମଦିୟା ମସଜିଦ ଲଣ୍ଡନର ନିର୍ମାଣ ପାଇଁ ଚାନ୍ଦା ଦାନ କରିବା ପାଇଁ ପରାମର୍ଶ ଦେବାକୁ ଯାଇ ଜୁମା (ଖୁତବା)ର ଅଭିଭାଷଣରେ ଈଶ୍ୱର ଦର୍ଶନର ଏହି ପ୍ରସଙ୍ଗ ଉତ୍‌ଥାପନ କରି ସେ ଏହିପରି କହିଛନ୍ତି:

"ମୋତେ ଆଜି ପର୍ଯ୍ୟନ୍ତ ତିନୋଟି ପ୍ରମୁଖ ଘଟଣାରେ ଅଲ୍ଲାଃଙ୍କ ସାକ୍ଷାତ ଦର୍ଶନ ହୋଇଛି । ସର୍ବପ୍ରଥମେ ସେହି ସମୟରେ ଯେବେ କି ମୋର ଶୈଶାବାବସ୍ଥା ଥିଲା । ମୋର ସକଳ ଧ୍ୟାନ ଧର୍ମଶିକ୍ଷା ଅର୍ଜନ କରିବା ଓ ଧର୍ମସେବା କରିବା ଆଡକୁ ଆକର୍ଷିତ କରିଦିଆଗଲା । ସେହି ସମୟରେ ମୋତେ ଈଶ୍ୱର ଦେଖା ଦେଇଥିଲେ ଏବଂ ମୋତେ ହଶର ଓ ନଶର ଅର୍ଥାତ କୟାମତରେ ହେବାକୁ ଥିବା ଅନ୍ତିମ ବିଚାର ଦିବସର ସଂପୂର୍ଣ୍ଣ ଦୃଶ୍ୟ ଦେଖାଇ ଦିଆଗଲା । ଏହା ମୋ ଜୀବନରେ ବିରାଟ କ୍ରାନ୍ତି ଆଣି ଦେଇଥିଲା ।"

ଜଣାପଡୁଥିଲା ଯେ ହଜରତ ମସିହ ମଉଦ[ଅସ]ଙ୍କର ମାନସ ପଟଳରେ ଏହି କଥାର ଅନୁଭବ ରହିଥିଲା ଯେ ସେହି ପିଲାଟି ସହିତ ଈଶ୍ୱରଙ୍କର ପ୍ରତ୍ୟକ୍ଷ ସମ୍ପର୍କ ଏହି ଛୋଟ ବୟସରୁ ହିଁ ଆରମ୍ଭ ହୋଇଯାଇଥିଲା । ସୁତରାଂ ହଜରତ ମିର୍ଜା ମହମୁଦ ଅହମଦ ସାହେବ[ରଅ] ସ୍ୱୟଂ ବର୍ଣ୍ଣନା କରିଛନ୍ତି:

> "ଯେଉଁ ଦିନ ମାର୍ଟନ୍ କ୍ଲାର୍କର ମକଦ୍ଦମା ଥିଲା, ହଜରତ ମସିହ ମଉଦ[ଅସ] ଅନ୍ୟମାନଙ୍କୁ ପ୍ରାର୍ଥନା କରିବା ପାଇଁ କହିଲେ ଓ ମୋତେ ମଧ୍ୟ ଦୁଆ (ପ୍ରାର୍ଥନା) ଓ ଇସ୍‌ତେଖାରା (କଲ୍ୟାଣଭିକ୍ଷା) କରିବା ପାଇଁ କହିଲେ । ମୁଁ ସେହି ସମୟରେ ସ୍ୱପ୍ନରେ ଦେଖିଲି ଯେ ଆମ ଘରର ଚତୁର୍ପାର୍ଶ୍ୱରେ କଡା ପହରା ଲାଗିଛି । ମୁଁ ପାହାଚ ଦେଇ ଗମ୍ଭୀରି ମଧ୍ୟରେ ପ୍ରବେଶ କଲି ଓ ଏକ ମାଟିତଳ ଗୃହରେ ପହଞ୍ଚି ଦେଖିଲି ଯେ ହଜରତ ସାହେବଙ୍କୁ ସେଠାରେ ଛିଡା କରାଇ ତାଙ୍କ ପାଖରେ ରଖାଯାଇଥିବା ଶୁଖିଲା ଗୋବର ଉପରେ କିରୋସିନ ଢ଼ାଳି ସେଥିରେ ଅଗ୍ନିସଂଯୋଗ ପାଇଁ ଚେଷ୍ଟା କରାଯାଉଛି । କିନ୍ତୁ ଯେତେ

ଦିଆସିଲି ମାରିଲେ ବି ତାହା ଜଳୁ ନାହିଁ । ଅଥଚ ଶତ୍ରୁମାନେ ବାରମ୍ବାର ନିଆଁ ଲଗାଇବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି, ମାତ୍ର ସେଥିରେ ସେମାନେ ସଫଳ ହେଉନାହାନ୍ତି । ମୁଁ ଏହା ଦେଖି ବହୁତ ଘାବରା ହୋଇଗଲି । କିନ୍ତୁ ମୁଁ ସେହି କବାଟର ଏରୁଣ୍ଡି ବନ୍ଧ ଆଡକୁ ଚାହିଁ ଦେଖେ ତ ସେଠାରେ ଏହିପରି ଲେଖା ହୋଇଥିଲା:

**'ଯେଉଁମାନେ ଈଶ୍ୱରଙ୍କ ଭକ୍ତ, ତାଙ୍କୁ କୌଣସି ଅଗ୍ନି ଜଳାଇ ପାରିବ ନାହିଁ ।'**

*(ସୱାନେହ୍ ଫଜଲେ ଉମର, ପ୍ରଥମ ଭାଗ, ପୃଷ୍ଠା 152-154)*

## ଅଲ୍ଲାଃତାଲାଙ୍କର ସମର୍ଥନ ଓ ସହାୟତାର ଏକ ହୃଦୟସ୍ପର୍ଶୀ ଘଟଣା

ମୌଲବୀ ଅବଦୁର ରହମାନ୍ ସାହେବ ଅନୱର ବିଭିନ୍ନ ପଦ ପଦବୀରେ ରହି ହଜରତ ମୁସ୍‌ଲେହ ମଉଦ[ରଅ]ଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ତାଙ୍କର ଦୀର୍ଘ ଅନୁଭୂତି ଓ ବାରମ୍ବାର ଅନୁଧ୍ୟାନକୁ ସମୀକ୍ଷା କରିବାକୁ ଯାଇ ଏହିପରି କହିଛନ୍ତି:

ଏହା ଏକ ବାସ୍ତବ କଥା ଯେ ହୁଜୁର ଜଣେ ସାଧାରଣ ମାନବ ଥିଲେ, ସତ କିନ୍ତୁ ହୁଜୁରଙ୍କ କାର୍ଯ୍ୟକଳାପକୁ ଦେଖିବା ପରେ ପ୍ରତ୍ୟେକ ବ୍ୟକ୍ତି ଏହା ସ୍ୱୀକାର କରିବାକୁ ବାଧ୍ୟ ହେବ ଯେ ଏହି ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା ମନୁଷ୍ୟ ସହିତ ଅଲ୍ଲାଃଙ୍କର ଅଧିକ ଘନିଷ୍ଠ ସମ୍ପର୍କ ରହିଥିଲା ତଥା ତାଙ୍କୁ ଏକ ବିଶେଷ ଧରଣର ଐଶୀ ସହାୟତା ମଧ୍ୟ ମିଳୁଥିଲା । ବାରମ୍ବାର ଏହା ଦେଖାଯାଇଛି ଯେ ହୁଜୁରଙ୍କୁ କୌଣସି ଏପରି ବସ୍ତୁର ଆବଶ୍ୟକତା ପଡିଥାଏ, ଯାହାକି ସାମାନ୍ୟ ପରିସ୍ଥିତିରେ ପୂରଣ ହେବା ଅସମ୍ଭବ ବୋଲି ଜଣା ପଡିଥାଏ । କିନ୍ତୁ ପୁନଶ୍ଚ ଅଲ୍ଲାଃତାଲାଙ୍କର ଅଶେଷ କରୁଣା ବଳରେ ସେହି ଆବଶ୍ୟକତା ଅବଶ୍ୟ ପୂରଣ ହୋଇଯାଇଥାଏ । ସତେ ଯେପରି ଏହା ଜଣାପଡେ ଯେ ଅଲ୍ଲାଃଙ୍କର ଦେବଦୂତଗଣ ହୁଜୁରଙ୍କ ଇଚ୍ଛାର ପୂର୍ତ୍ତି ପାଇଁ ପ୍ରାଣପଣେ ଲାଗିଯାଇଛନ୍ତି ।

*(ଅଲ ଫୁର୍‌କାନ୍, ଫଜଲେ ଉମର ସଂଖ୍ୟା, ଡିସେମ୍ବର-ଜାନୁଆରୀ ୧୯୨୨, ପୃଷ୍ଠା 43)*

ଈଶ୍ୱରଙ୍କର ଏପରି ସହାୟତାର ଅଗଣିତ ଉଦାହରଣ ମଧ୍ୟରୁ କେବଳ ଗୋଟିଏର ଅବତାରଣା କରାଯାଉଛି । ହଜରତ ଫଜଲେ ଉମର[ରଅ] କହିଛନ୍ତି:

କିଛି ବର୍ଷ ପୂର୍ବେ ମୋତେ ଏକ ଗୃହ ନିର୍ମାଣ ସକାଶେ କିଛି ଟଙ୍କାର ଆବଶ୍ୟକ ପଡିଲା । ମୁଁ ଅନୁମାନ ଲଗାଇଲି ଯେ ଘର ପାଇଁ ସେହି ସମୟରେ ଦଶହଜାର ଟଙ୍କାର ଆବଶ୍ୟକତା ଥିଲା । ମୁଁ ଭାବିଲି ମୋର ଭୂସମ୍ପତ୍ତିର କେତେକ ଅଂଶ ବିକ୍ରି କରିଦେବି ନତୁବା କାହାଠାରୁ କିଛି କରଜ ନେଇ ଆସିବି । ସେହି ସମୟରେ ହଠାତ୍ ଜଣେ ବନ୍ଧୁଙ୍କ ଠାରୁ ପତ୍ର ଆସିଲା ଯେ ମୁଁ ତୁମ ପାଖକୁ ଛଅହଜାର ଟଙ୍କା ପଠାଉଛି । ତା'ପରେ ଚରିହଜାର ଟଙ୍କା ପଠାଇବି ଯଦ୍ୱାରା ତୁମର ଦଶହଜାର ଟଙ୍କା ପୂରଣ ହୋଇଯିବ । ସେତିକିବେଳେ ଜଣେ ତହସିଲଦାର ବନ୍ଧୁ ଲେଖିଲେ ଯେ ମୁଁ ସ୍ୱପ୍ନରେ ଏହିପରି ଦେଖିଛି ଯେ ହଜରତ ମସିହ ମଉଦ[ଅସ] ଆସି କହୁଛନ୍ତି, 'ଆମକୁ ଦଶହଜାର ଟଙ୍କାର ଆବଶ୍ୟକ ଥିଲା, ସେଥି ମଧ୍ୟରୁ ଛଅହଜାର ଟଙ୍କା ଯୋଗାଡ ହୋଇଗଲାଣି । ଅବଶିଷ୍ଟ ଚରିହଜାର ଟଙ୍କା ତୁମେ ପଠାଇଦିଅ ।' ସେତେବେଳେ ମୋତେ ଏହାର ଅର୍ଥ ବୁଝାପଡିଲା ନାହିଁ । ତହୁଁ ସେ କହିଲେ 'ଯଦି ତୁମର କିଛି ବ୍ୟକ୍ତିଗତ ଆବଶ୍ୟକତା କିମ୍ବା ସମ୍ପ୍ରଦାୟର କାର୍ଯ୍ୟ ପାଇଁ ଟଙ୍କାର ଆବଶ୍ୟକତା ପଡୁଛି, ତେବେ ମୋ ପାଖରେ ଚରିହଜାର ଟଙ୍କାର ଜମାରାଶି ଅଛି ମୁଁ ତାହାକୁ ପଠାଇଦେବି ।' ମୁଁ ତାଙ୍କୁ ପତ୍ର ଲେଖିଲି ବାସ୍ତବିକ ସ୍ଥିତି ଜଣାଇଲି ଯେ ଅବିକଳ ଏହିପରି ହିଁ ମୋତେ ସ୍ୱପ୍ନ ହୋଇଅଛି ଯେପରି ମୋତେ ଆବଶ୍ୟକତା ରହିଥିଲା । ପରନ୍ତୁ ଅଲ୍ଲାଃତାଲା ମୋତେ ତାହା ମୋ ମୁହଁରୁ କୁହାଇବା ପରିବର୍ତ୍ତେ ସେହି ବନ୍ଧୁଜଣଙ୍କୁ ହଜରତ ମସିହ ମଉଦଙ୍କ ମୁହଁରୁ କୁହାଇ ଦେଲେ । ନା ତାଙ୍କୁ ମୋତେ ଦଶହଜାର ଟଙ୍କାର ଆବଶ୍ୟକତା ବିଷୟରେ ଜଣାଥିଲା ନା ଏହା ମଧ ଯେ ସେଥିମଧ୍ୟରୁ କୌଣସି ବ୍ୟକ୍ତି ଛଅ ହଜାର ପଠାଇ ସାରିଲେଣି । ଆଉ କେବଳ ଚରିହଜାର ଟଙ୍କା ଭରଣା ହେବା ପାଇଁ ବାକି ଅଛି । କିନ୍ତୁ ଅଲ୍ଲାଃତାଲା ସ୍ୱୟଂ ହିଁ ସେ ସମସ୍ତ ବ୍ୟବସ୍ଥା କରିଦେଲେ । ସୁତରାଂ କେବେ କେବେ ଏଭଳି ଅବସର ନିଜେ ଈଶ୍ୱର ହିଁ ଉପଲବ୍ଧ କରିଦେଇଥାନ୍ତି । ତାଙ୍କାର ପରମ ଭକ୍ତମାନଙ୍କ ପାଇଁ ଏପରି ବ୍ୟବହାର ସାଧାରଣତଃ ଦୃଷ୍ଟିଗୋଚର ହୋଇଥାଏ, ଅଥଚ ସାମାନ୍ୟ ଭକ୍ତମାନଙ୍କ ପାଇଁ ତାହା ବହୁତ କମ୍ । କିନ୍ତୁ ସମସ୍ତ ଜନ ପାଇଁ ବାସ୍ତବ ପକ୍ଷେ ସହାୟତା ଅଲ୍ଲାଃତାଲାଙ୍କ ତରଫରୁ ହିଁ ହୋଇଥାଏ ।

*(ଅଲ ଫଜଲ୍, 11 ଜୁଲାଇ 1939, ପୃଷ୍ଠା 4 /*
*ସୱାନେହ୍ ଫଜଲେ ଉମର, ପଞ୍ଚମ ଭାଗ, ପୃଷ୍ଠା 63, 64 )*

# ଖ୍ୱାଜା ଖିଜର୍ ଆମକୁ ନିମନ୍ତ୍ରଣ କର

ଅଲ୍ଲାଃଙ୍କ ସହିତ ସମ୍ପର୍କର କୌତୁହଳ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି । ହଜରତ ମୁସଲେହ ମଉଦ[ରଅ] ବର୍ଣ୍ଣନା କରିଛନ୍ତି:

'ଥରେ ମୁଁ ନୌକାରେ ବସି ନଦୀ ମଧ୍ୟରେ ଭ୍ରମଣ କରୁଥିଲି ଏବଂ ଭାଇ ଅବଦୁର ରହିମ୍ ସାହେବ ମୋ ସହିତ ଥିଲେ । ମୋ ପୁତ୍ର ନାସିର ଅହମଦ ଯିଏକି ବାଲ୍ୟସୁଲଭ ଚପଳତା ଦୃଷ୍ଟିରୁ କହିଲା, 'ଅବ୍‌ବାଜାନ ! ଯଦି ଏହି ସମୟରେ ଆମ ନିକଟରେ କୌଣସି ମାଛ ଆସି ରହିଥାନ୍ତା ତା'ହେଲେ ବଡ ମଜା ହୁଅନ୍ତା ।' ଏହା ଶୁଣି ତତ୍‌କ୍ଷଣାତ ମୋ ମନରେ ଧାରଣା ସୃଷ୍ଟି ହେଲା ଯେ ଲୋକମାନେ ତ ଖ୍ୱାଜା ଖିଜର୍‌ଙ୍କ ଠାରୁ କିଛି ପାଇବାର ମନସ୍କାମନା କରିଥାନ୍ତି । କିନ୍ତୁ ମୁଁ ଏହା ବୁଝିଥାଏ ଯେ ଖିଜର୍ ଏକ ଦେବଦୂତ, ଯାହାଙ୍କର କବ୍‌ଜାରେ ସର୍ବଶକ୍ତିମାନ ଅଲ୍ଲାଃ ନଦୀଗୁଡିକ ରଖିଛନ୍ତି । ଯେତେବେଳେ ବାଳୁତ ପୁତ୍ର ନାସିର ଅହମଦ ଏହି କଥା କହିଲେ, ମୁଁ କହିପକାଇଲି 'ହେ ଖ୍ୱାଜା ଖିଜର୍ ! ଆମେ ତୁମ ସ୍ଥାନ ଦେଇ ଅତିକ୍ରମ କରୁଛୁ । ଆମକୁ ଆମନ୍ତ୍ରଣ କର ଓ ଆମକୁ ଖାଇବା ପାଇଁ କୌଣସି ଏକ ମାଛ ଦିଅ ।' ଭାଇଜୀ (ଅବଦୁର ରହିମ) କହିବାକୁ ଲାଗିଲେ 'ତୁମେ ଏହା କ'ଣ କହିଦେଲ ଯେ ଖ୍ୱାଜା ଖିଜର୍ ଆମକୁ ନିମନ୍ତ୍ରଣ ଦେବେ ! ଏହା ଦ୍ୱାରା ତ ବାଳୁତର ବୁଦ୍ଧିଭ୍ରଷ୍ଟ ହେବ ।' କିନ୍ତୁ ଭାଇଜୀଙ୍କର ମୁହଁରୁ କଥା ନସରୁଣୁ ହଠାତ୍ ଏକ ବଡ ମାଛ ଡିଆଁ ମାରି ଆମ ନୌକାରେ ଆସି ପଡିଗଲା । ମୁଁ କହିଲି 'ନିଅନ୍ତୁ ଭାଇଜୀ ନିମନ୍ତ୍ରଣର ଖାଦ୍ୟପଦାର୍ଥ ଆସିଗଲା ।' ସେ ଏହା ଦେଖି ଆଚମ୍ବିତ ହୋଇଗଲେ ଯେ ହଠାତ୍ ଏହା କ'ଣ ଘଟିଗଲା ! ଏଣେ ମୋର ତୁଣ୍ଡରୁ ବାହାରିଲା ଯେ ଖ୍ୱାଜା ଖିଜର୍ ! ଆମେମାନେ ତୁମ ସ୍ଥାନ ଦେଇ ଗତି କରୁଛୁ । ଆମକୁ ଆମନ୍ତ୍ରଣ କର । ତେଣେ ସେ କହିଲେ 'ତୁମେ ଏହା କିପରି କହୁଛ ! କଣ ଖ୍ୱାଜା ଖିଜର୍ ମଧ୍ୟ କେବେ କାହାକୁ ଖାଇବାକୁ ନିମନ୍ତ୍ରଣ କରିଛନ୍ତି ?' ଏହା କହିବା କ୍ଷଣି ହଠାତ୍ ଏକ ବଡ ମାଛ ଆମ ନୌକାରେ ଆସି ପଡିଗଲା । ମୁଁ କହିଲି 'ଭାଇଜୀ ନିଅନ୍ତୁ ମାଛ ଆସିଗଲା ।' ସୁତରାଂ ସେହି ମାଛକୁ ଆମେମାନେ ରାନ୍ଧି ପ୍ରସାଦ ଭଳି ସେବନ କଲୁ ଓ ସମସ୍ତ ସାଥୀମାନଙ୍କୁ ଅଳ୍ପ ଅଳ୍ପ କରି ତହିଁରୁ ଚଖାଇଲୁ । ଯଦ୍ୱାରା ଏହି ମାଛ ଆମ ପାଇଁ ଈଶ୍ୱରଙ୍କ ତରଫରୁ ଅତିଥି ସତ୍କାର ସଦୃଶ ହୋଇଗଲା ।

*(ଅଲ ଫଜଲ୍, 22 ମଇ 1920, ପୃଷ୍ଠା 4,5 /*
*ସ୍ୱୱାନେହ୍ ଫଜଲେ ଉମର, ପଞ୍ଚମ ଭାଗ, ପୃଷ୍ଠା 98)*

# ଯେଉଁ ଈଶ୍ୱର ସେଠାରେ ଅଛନ୍ତି, ସେ ମଧ୍ୟ ଏଠାରେ ଅଛନ୍ତି

ପୁସ୍ତକ 'ସ୍ୱାନେହ୍ ଫଜଲେ ଉମର' ପଞ୍ଚମ ଭାଗ, ପୃଷ୍ଠା ୩୬୦ରେ ଅବଦୁଲ ବାସିତ୍ ସାହେବ ଲେଖିଛନ୍ତି:

"୧୯୫୩ ମସିହାରେ ଯେତେବେଳେ ପଞ୍ଜାବରେ ସାମ୍ପ୍ରଦାୟୀକତା ଓ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହେଲା, ଅହମଦିୟା ସଂପ୍ରଦାୟକୁ ମଧ୍ୟ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିଲା । ଅହମଦିମାନଙ୍କର ଘରଗୁଡିକୁ ଜାଳି ଛାରଖାର କରିଦିଆଗଲା । ଏପରି ଗୁଜବ ମଧ୍ୟ ଶୁଣିବାକୁ ମିଳିଲା ଯେ ସେମାନଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇପାରେ ଓ ସେମାନଙ୍କୁ ମଧ୍ୟ ବନ୍ଦୀ କରାଯାଇପାରେ । ସୁତରାଂ ସେହି ଅଶାନ୍ତ ପରିବେଶରେ 'କସରେ ଖିଲାଫତ୍'ରେ ପଶି ତଲାସି ଅଭିଯାନ ଆରମ୍ଭ କରାଗଲା । କିନ୍ତୁ ମହାମାନ୍ୟ ଦ୍ୱିତୀୟ ଖଲିଫା ଟିକିଏ ହେଲେବି ବ୍ୟତିବ୍ୟସ୍ତ ଓ ଘାବରା ହେଲେ ନାହିଁ । ସେ ଧିରସ୍ଥିର ଓ ଶାନ୍ତ ଭାବରେ ନିଜର କାମ ଚାଲୁ ରଖିଥିଲେ । ତାଙ୍କ ମନରେ କୌଣସି ଭୟ ନଥିଲା । ଯେଉଁ ଲୋକମାନେ ତାଙ୍କୁ ଅଧିକ ପ୍ରେମ କରୁଥିଲେ ସେମାନେ ପରାମର୍ଶ ଦେଲେ ଯେ ଆପଣ କିଛିଦିନ ପାଇଁ ବାହାରକୁ ଚାଲିଯାଆନ୍ତୁ । ଏପରିକି କରାଚିର କେତେକ ଦାୟୀତ୍ୱସମ୍ପନ୍ନ ବନ୍ଧୁ ତାଙ୍କୁ ସେଠାରୁ ନେବା ପାଇଁ ମଧ୍ୟ ଆସିଥିଲେ ଏବଂ କହିଲେ 'ଆପଣ ଆମ ସାଥିରେ ଚାଲନ୍ତୁ । କିଛି ଦିନ ଭିତରେ ଏହି ହିଂସାକାଣ୍ଡ ଶେଷ ହୋଇଯିବ ।' ହଜରତ ମୁସ୍‌ଲେହ ମଉଦ[ରଅ] ସେଠାରୁ ଆସିଥିବା ବନ୍ଧୁମାନଙ୍କର ସହାନୁଭୂତିପୂର୍ଣ୍ଣ ପରାମର୍ଶ ଶୁଣିଲେ । କିଛି ସମୟ ପାଇଁ ଘର ଭିତରକୁ ଚାଲିଗଲେ ଏବଂ ପ୍ରାର୍ଥନା କରିବାରେ ନିମଜ୍ଜିତ ହୋଇଗଲେ । ସେ ପ୍ରାର୍ଥନା କରିସାରି ବାହାରକୁ ବାହାରି ସେହି ବନ୍ଧୁମାନଙ୍କୁ କହିଲେ 'ମୁଁ କରାଚି ଯିବା ପାଇଁ କଦାପି ପ୍ରସ୍ତୁତ ନୁହେଁ । ଯେଉଁ ଈଶ୍ୱର ସେଠାରେ ଅଛନ୍ତି ସେ ମଧ୍ୟ ଏଠାରେ ଅଛନ୍ତି । ଅଲ୍ଲାଃତାଲା ଏହିଠାରେ ହିଁ ମୋର ସୁରକ୍ଷା କରିବେ । ଯେଉଁ ଖଳ ପ୍ରବୃତ୍ତିର ଲୋକମାନେ ମୋ ଦେହରେ ହାତ ଲଗାଇବାକୁ ଚେଷ୍ଟା କରିବ, ସେ ଈଶ୍ୱରଙ୍କ କୋପଦୃଷ୍ଟି ଓ ଶାସ୍ତିକୁ ଭୟ କରନ୍ତୁ ।' ତେବେ କିଛିଦିନ ପରେ ଦେଶରେ ଶାନ୍ତି ଫେରି ଆସିଲା । ଯେଉଁମାନେ ବିରୋଧଭାବ ପ୍ରଦର୍ଶନ କରୁଥିଲେ, ସେମାନଙ୍କ ଯୋଜନା ଫସର ଫାଟିଗଲା । ଯେଉଁମାନେ ସେମାନଙ୍କର ନେତା ଓ କମାଣ୍ଡର ସାଜିଥିଲେ, ସେମାନେ ଈଶ୍ୱରଙ୍କ କଠୋର ଶାସ୍ତି ଦ୍ୱାରା କବଳିତ ହେଲେ ।" *(ସ୍ୱୱାନେହ୍ ଫଜଲେ ଉମର, ପଞ୍ଚମ ଭାଗ, ପୃଷ୍ଠା 360)*

# ହେ ଈଶ୍ୱର ! ମୋତେ ଟଙ୍କାଟିଏ ଦିଅ

ଅଲ୍ଲାଃତାଲାଙ୍କର ଯେଉଁ ଭକ୍ତ ସହିତ ବିଶେଷ ସମ୍ବନ୍ଧ ଥାଏ, ସେ ତା'ର ମନସ୍କାମନାକୁ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପୂରଣ କରି ଦେଇଥା'ନ୍ତି । ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ]ଙ୍କର ଈଶ୍ୱରଙ୍କ ସହିତ ଅନାବିଳ ସମ୍ପର୍କ ସମ୍ବନ୍ଧୀୟ ଏକ ଘଟଣା ନିମ୍ନରେ ପ୍ରକାଶ କରାଯାଉଛି । ଯଦ୍ୱାରା ସେ କିପରି ଅଲ୍ଲାଃଙ୍କ ପ୍ରଶଂସାରେ ଶତମୁଖ ହୋଇ ନିଜ ମନର ଅଭିଳାଷ ଜଣାଇଲେ ଓ ଅଲ୍ଲାଃ ତାହା ପୂରଣ କରିଦେଲେ । ସେ କହିଛନ୍ତି:

"ମୁଁ ଥରେ ଈଶ୍ୱରଙ୍କୁ ଚାଟୁବଚନ ଦ୍ୱାରା ପ୍ରାର୍ଥନା କଲି । ସେହି ସମୟଟି ଥିଲା ଯୁବାବସ୍ଥା । ଆମେମାନେ ଏପରି ଏକ ଅଞ୍ଚଳ ଦେଇ ଯାଉଥିଲୁ, ଯେଉଁଠାରେ ଆମ ପ୍ରାର୍ଥନା ଗ୍ରହୀତ ହେବାର କୌଣସି ସ୍ୱାଭାବିକ ସ୍ଥିତି ନଥିଲା । କିନ୍ତୁ ଈଶ୍ୱରଙ୍କ ଗଭୀର ଆସକ୍ତି ଓ ପ୍ରେମର ଭାବାବେଗରେ ଆସି ତାଙ୍କୁ ଖୋସାମଦ କରି  କହିଲି 'ହେ ଈଶ୍ୱର ! ତୁମ୍ଭେ ମୋତେ ଗୋଟିଏ ଟଙ୍କା ପ୍ରଦାନ କର ।' ମୁଁ ସେହି ସମୟରେ ଜଲନ୍ଧର ଓ ହୁସିୟାରପୁର ଅଞ୍ଚଳକୁ ଯାଇଥିଲି । କାଠଗଡ଼ ନାମକ ସ୍ଥାନରୁ ଯେତେବେଳେ ଫେରୁଥିଲି ସେତେବେଳେ ଏପରି ଏକ ଅଞ୍ଚଳ ଅତିକ୍ରମ କରୁଥିଲି ଯେଉଁଠାରେ କୌଣସି ଅହମଦି ନଥିଲେ । ମୁଁ ଚିନ୍ତାକଲି ଯେ ବୋଧହୁଏ ଅଲ୍ଲାଃତାଲା ନିଜର ପ୍ରକୃତିର ନିଦର୍ଶନ ପ୍ରକଟ କରିବାକୁ ଚାହୁଁଛନ୍ତି । ତେଣୁ ଜଙ୍ଗଲ ମଧ୍ୟ ଦେଇ ଗଲାବେଳେ ମୋ ହୃଦୟରୁ ଏହି ପ୍ରାର୍ଥନା ସ୍ୱତଃସ୍ଫୂର୍ତ ଭାବେ ବାହାରିଥିଲା । ହାଜି ଗୁଲାମ ଅହମଦ ସାହେବ ଓ ଚୌଧୁରୀ ଅବଦୁସ୍ ସଲାମ ସାହେବ ମୋର ସହଯାତ୍ରୀ ଥିଲେ । ଚାଲୁଚାଲୁ ଗୋଟିଏ ଗ୍ରାମ ଆସିଗଲା ଓ ଆମେ ଦେଖିଲୁ ଯେ ସେହି ଗ୍ରାମର ଦୁଇ ଚାରିଜଣ ବ୍ୟକ୍ତି ବାହାରେ ଏକ ଘର ସମ୍ମୁଖରେ ଛିଡା ହୋଇଛନ୍ତି । ହାଜି ସାହେବ ଓ ଚୌଧୁରୀ ଅବଦୁସ୍ ସଲାମ ସାହେବ ସେମାନଙ୍କୁ ଦେଖି ମୋର ବାମ ଓ ଡାହାଣ ପଟେ ଚାଲିବାକୁ ଲାଗିଲେ ଏବଂ ମୋତେ କହିଲେ 'ଏହି ଗ୍ରାମର ଲୋକମାନେ ଅହମଦିୟତ୍‌ର ଘୋର ବିରୋଧୀ । ଯଦି କୌଣସି ଅହମଦି ତାଙ୍କ ଗ୍ରାମ ଅତିକ୍ରମ କରି ଯାଉଥାଏ, ଏମାନେ ତାକୁ ମାରପିଟ୍ କରନ୍ତି । ତେଣୁ ଆପଣ ଆମ ମଝିକୁ ଆସି ଚାଲନ୍ତୁ ଯଦ୍ୱାରା ଆପଣଙ୍କୁ କୌଣସି ପ୍ରକାରର କ୍ଷତି ପହଞ୍ଚିବ ନାହିଁ । ଏତିକିରେ ସେହି ଅପରିଚିତ ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୋତେ ଦେଖି ମୋ ଆଡକୁ ଦୌଡି ଆସିଲା । ମୋର ସାଥୀମାନେ ଭାବିଲେ ବୋଧହୁଏ ସେ ଆକ୍ରମଣ କରିବାକୁ ଆମ ଆଗକୁ ମାଡିଆସୁଛି ।

କିନ୍ତୁ ସେହି ବ୍ୟକ୍ତିଟି ଯେତେବେଳେ ମୋର ପାଖରେ ଆସି ପହଞ୍ଚିଲା, ସେ ମୋତେ ସଲାମ କଲା ଓ ହାତ ବଢ଼ାଇ ଟଙ୍କାଟିଏ ଦେଇ ମୋତେ କହିଲା 'ଏହି ଟଙ୍କାଟି ତୁମକୁ ଉପହାର ସ୍ୱରୂପ ଦେଉଛି ।' ସୁତରାଂ ସେହି ଗ୍ରାମ ଅତିକ୍ରମ କଲା ପରେ ମୋର ବନ୍ଧୁଦ୍ୱୟ ଆଶ୍ଚର୍ଯ୍ୟ ହୋଇ କହିବାକୁ ଲାଗିଲେ 'ଆମକୁ ତ ଭୟ ଥିଲା ଯେ ଏହି ବ୍ୟକ୍ତିଟି ତୁମ ଉପରେ କାଳେ ଆକ୍ରମଣ କରି ଦେବ । କିନ୍ତୁ ସେ ତୁମକୁ ତ ଉପହାର ଦେଇଗଲା ।' ମୁଁ ସେତେବେଳେ ସାଥୀ ଦୁଇଜଣଙ୍କର କଥାରୁ ଏହା ଭାବିନେଲି ଯେ ଅଲ୍ଲାଃତାଲା ମୋର ହୃଦୟର ଏହି ଭାବନା ସମ୍ଭବତଃ ଏଥିପାଇଁ ସୃଷ୍ଟି କରିଥିଲେ ଯେ କି ସେ ଦୈବୀ ନିଦର୍ଶନ ପ୍ରକଟ କରିବାକୁ ଚାହୁଁଛନ୍ତି ଏବଂ ଏହା ବତାଇ ଦେବାକୁ ଚାହୁଁଛନ୍ତି ଯେ ମନୁଷ୍ୟ ହୃଦୟର ଭାବନା ତାଙ୍କରି ଅକ୍ତିଆରରେ ଅଛି । ଯେବେ ଅଲ୍ଲାଃଙ୍କ ତରଫରୁ ରୋଜଗାରର ପନ୍ଥା ବା ଆହାରର ବ୍ୟବସ୍ଥା କରାଯାଏ ତାହା ଏହିପରି ଅଜଣା ସ୍ଥାନରୁ ଆସିଥାଏ । ଯାହାକୁ ମନୁଷ୍ୟ କଳ୍ପନା କରିବା ମଧ୍ୟ ସମ୍ଭବପର ନୁହେଁ ।"

*(ସ୍ୱଓ୍ୱାନେହ୍ ଫଜଲେ ଉମର, ପଞ୍ଚମ ଭାଗ, ପୃଷ୍ଠା 97 )*

# ମୋର ମୃତ୍ୟୁ ନିକଟତର ଥିଲା

ନମାଜ ସହିତ ପ୍ରେମ ଈଶ୍ୱରଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ଏକ ବହୁତ ବଡ ପ୍ରମାଣ । ଈଶ୍ୱରଙ୍କ ସହିତ ଯେତେ ଅଧିକ ସମ୍ବନ୍ଧ ଦୃଢ଼ ହେବ, ନମାଜ ସହିତ ପ୍ରେମ ସେତିକି ଅଧିକ ହେବ । ଏହି ବିଷୟକୁ ନେଇ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ]ଙ୍କର ଈଶ୍ୱରଙ୍କ ସହିତ ରହିଥିବା ସମ୍ପର୍କର ଏକ ଘଟଣା ନିମ୍ନରେ ଦିଆଯାଉଛି ।

ହଜରତ ମୁସଲେହ୍ ମଉଦ[ରଅ] ବର୍ଣ୍ଣନା କରିଛନ୍ତି:

"ମୋର ମନେ ଅଛି ଯେ କିଛିବର୍ଷ ପୂର୍ବେ ମୁଁ ଥରେ ଅଫିସରୁ କାମ ସାରି ଉଠିଲି । ସେତେବେଳକୁ ପ୍ରାୟତଃ ମଗରିବ୍ ନମାଜର ସମୟ ହୋଇଯାଇଥିଲା ତଥା ଅସ୍ତମିତ ସୂର୍ଯ୍ୟର ଲାଲବର୍ଣ୍ଣ ଆସି ଯାଇଥିଲା । ମୁଁ ଭାବିଲି, ଆଜି ମୋତେ ଦଫତର କାମରେ ବ୍ୟସ୍ତ ରହିବା କାରଣରୁ ଅସର ନମାଜ ପଢ଼ିବାକୁ ମନେ ରହିଲା ନାହିଁ । ଯେତେବେଳେ ଏହି ବିଚାର ମୋ ମନକୁ ଆସିଲା ଅଚାନକ ମୋର ମୁଣ୍ଡ ଘୂରିଗଲା । ଏହା ଅତି ନିକଟତର ଥିଲା ଯେ ଏହି ତୀବ୍ର ଭାବନା ଯୋଗୁଁ ମୁଁ ସେହି ସମୟରେ ଭୂମିରେ ପଡିଯିବି ଓ

ମୋର ପିଣ୍ଡରୁ ପ୍ରାଣ ଚାଲିଯିବ । ମାତ୍ର ତୁରନ୍ତ ମୋତେ ଅଲ୍ଲାଃଙ୍କ କରୁଣାରୁ ଏହା ମନେ ପଡିଗଲା ଯେ ଅମୁକ ବ୍ୟକ୍ତି ମୋତେ ନମାଜ ସମୟରେ ଆସି ଡାକିଥିଲା ଏବଂ ମୁଁ ସେହି ସମୟରେ ଯାଇ ନମାଜ ପଢ଼ିସାରିଛି । କିନ୍ତୁ ଯଦି ମୋର ସେହି କଥା ମନେ ପଡି ନଥାନ୍ତା, ତେବେ ମୋତେ ସେହି ପ୍ରକାର ମାନସିକ ଚିନ୍ତା ଘାରିବା ହେତୁ ମୋର ଜୀବନ ଚାଲିଯାଇଥାନ୍ତା ।"

*(ସ୍ୱଓ୍ୱାନେହ୍ ଫଜଲେ ଉମର, ପଞ୍ଚମ ଭାଗ, ପୃଷ୍ଠା 61 )*

## ସେ ଶୀଘ୍ର ହିଁ ସେମାନଙ୍କ ଉପରେ କୃପା କରିବେ

ହଜରତ ସୟଦା ମହେର ଆପା[ରଅ] ବର୍ଣ୍ଣନା କରିଛନ୍ତି:

୧୯୫୩ ମସିହା ଉତ୍ପାଟନ ଓ ହିଂସାକାଣ୍ଡର ସମୟ ଥିଲା । କେବଳ ଅହମଦିୟା ସଂପ୍ରଦାୟ ସହ ନିଷ୍ଠୁରତା ଓ ଶତ୍ରୁତାର ଭାବ ରଖି ହଜରତ ମିଆଁ ନାସିର ଅହମଦ (ହଜରତ ମସିହ ମଉଦଙ୍କ ତୃତୀୟ ଖଲିଫା) ଓ ମିର୍ଜା ସରିଫ୍ ଅହମଦ ସାହେବ[ରଅ]ଙ୍କୁ ବନ୍ଦୀ କରାଗଲା । ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଗରମ ସମୟରେ, ଇଶା ନମାଜ ପରେ ଦୈନନ୍ଦିନ ନିୟମ ଅନୁସାରେ ଅଗଣାରେ ଏକାଠି ବସି ଆମେମାନେ ରାତ୍ରି ଭୋଜନ କରୁଥିଲୁ । ମୋ ମୁହଁରୁ ଅନାୟାସରେ ବାହାରିଗଲା 'ଜଣା ନାହିଁ, ମିଆଁ ନାସିର ଅହମଦ ଓ ମିର୍ଜା ସରିଫ ଅହମଦଙ୍କ ଅବସ୍ଥା ଏହି ଗରମ ଯୋଗୁଁ କ'ଣ ହେଉଥିବ ? ଅବଶ୍ୟ ଈଶ୍ୱରଙ୍କୁ ତାହା ଜଣାଥିବ ଯେ ସେମାନଙ୍କୁ ଜେଲରେ କୌଣସି ସୁବିଧା ଉପଲବ୍ଧ ହେଉଛି କି ନାହିଁ ।' ଏହି କଥାକୁ ନେଇ ହଜରତ ମୁସଲେହ ମଉଦ[ରଅ] ଉତ୍ତର ଦେଲେ:

> "ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟା କରନ୍ତୁ । ସେ କେବଳ ଏହି ଅପରାଧ ପାଇଁ ବନ୍ଦୀ ହୋଇଛନ୍ତି ଯେ ତାଙ୍କର କୌଣସି ହେଲେ ଅପରାଧ ନାହିଁ । ସେଥିପାଇଁ ମୋର ଈଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ ଓ ଦୃଢ ଭରସା ରହିଛି ଯେ ସେ ଶୀଘ୍ର ହିଁ ସେହି ଦୁଇଜଣଙ୍କୁ କରୁଣା ପ୍ରଦାନ କରିବେ ।"

ତତ୍‌ପରେ ମୁଁ ଦେଖିଲି ତାଙ୍କ ଚେହେରାର ରଙ୍ଗ ହଠାତ୍ ବଦଳିଗଲା ଏବଂ ସେ ଇଶା ନମାଜ ପଢ଼ିବା ପାଇଁ ଛିଡା ହୋଇଗଲେ । ସେ କରୁଣ ଚିତ୍କାର କରି କାନ୍ଦିବା ଓ ଆତୁର ଭାବେ ଡାକିବାର ଦୃଶ୍ୟ ମୁଁ ଜୀବନରେ କେବେହେଲେ ଭୁଲି ପାରିବି ନାହିଁ, ଯାହା ସେହି ସମୟରେ ମୋର ନୟନ ଦେଖିଛି । ସେହି କାନ୍ଦିବାରେ ହୃଦୟର ବ୍ୟଥା ଓ ଦରଦ୍‌ଭରା ଗୁହାରି କରିବାର

ବ୍ୟାକୁଳତା ମଧ୍ୟ ପ୍ରକାଶ ପାଇଥିଲା । ସେଥିରେ ଦୃଢ ଆସ୍ଥା ଓ ପୂର୍ଣ୍ଣ ବିଶ୍ୱାସ ମଧ୍ୟ ପ୍ରଦର୍ଶିତ ହେଉଥିଲା । ତେବେ ସେହି କରୁଣ ଦୃଶ୍ୟକୁ ଆଉଥରେ ମଧ୍ୟ ମୁଁ ତହଜୁଦ୍ (ଅର୍ଦ୍ଧରାତ୍ରୀ କାଳୀନ ନମାଜ)ରେ ଦେଖିଲି । ସେହି ସମୟରେ ହଜରତ ମୁସ୍‌ଲେହ ମଉଦ[ରଅ] ଉଚ୍ଚ ସ୍ୱରରେ ବିଳାପ କରୁଥିଲେ ସତ ମାତ୍ର ଅତି ସାନୁନୟ ପୂର୍ବକ ଅଲ୍ଲାଃଙ୍କ ଛାମୁରେ ଗୁହାରି କରି ସହାୟତା ଭିକ୍ଷା କରୁଥିଲେ । ପରିଣାମ ସ୍ୱରୂପ ଏପରି ହେଲା ଯେ ଦିନ ସମୟ ବୃଦ୍ଧି ପାଇବା ସହିତ ଡାକ ପିଅନ ଦ୍ୱାରା ଯେଉଁ ପ୍ରଥମ ଟେଲିଗ୍ରାମ ମିଳିଲା, ତାହା ଏହି ଆନନ୍ଦର ବାର୍ତ୍ତା ବହନ କରି ଆସିଥିଲା ଯେ ହଜରତ ମିର୍ଜା ସରିଫ୍ ଅହମଦ ସାହେବ ଓ ମିଆଁ ନାସିର ଅହମଦ ସାହେବ ବନ୍ଦୀଶାଳାରୁ ମୁକ୍ତ ହୋଇ ଯାଇଛନ୍ତି । କେତେ ଶୀଘ୍ର ମୋର ଈଶ୍ୱର ମୋତେ ପ୍ରାର୍ଥନା ଗ୍ରୁହୀତ ହେବାର ଚମତ୍କାରିତା ଦେଖାଇ ଦେଲେ ।

*(ଅଲ ଫଜଲ୍ ଇଣ୍ଟରନେସ୍‌ନାଲ,25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା14)*

# ହଜରତ ହାଫିଜ ମିର୍ଜା ନାସିର୍ ଅହମଦ ସାହେବ ଖଲିଫତୁଲ୍ ମସିହ ତୃତୀୟ[ରଅ]

ହଜରତ ମସିହ ମଉଦ[ଅସ]ଙ୍କ ତୃତୀୟ ଖଲିଫା ହଜରତ ହାଫିଜ ମିର୍ଜା ନାସିର୍ ଅହମଦ[ରଅ] ପ୍ରତିଶ୍ରୁତ ମସିହଙ୍କର ନାତି ଓ ହଜରତ ମିର୍ଜା ବଶିରୁଦ୍ଦୀନ୍ ମହମୁଦ ଅହମଦ ଦ୍ୱିତୀୟଙ୍କ ସୁପୁତ୍ର ଥିଲେ । ସେ ୧୯୬୫ ମସିହା ନଭେମ୍ବର ୯ ତାରିଖରେ ଖଲିଫା ରୂପେ ନିର୍ବାଚିତ ହେଲେ । ୧୯୮୨ ମସିହା ଜୁନ୍ ୮, ୯ ତାରିଖ ମଧ୍ୟରାତ୍ରିରେ ତାଙ୍କର ସ୍ୱର୍ଗବାସ ହେଲା । ସେ ପ୍ରାୟ ଷୋହଳ ବର୍ଷରୁ ଅଧିକ ଖିଲାଫତ୍‌ର ପଦବୀରେ ଅଧିଷ୍ଠିତ ରହିଥିଲେ । ତାଙ୍କ ଖିଲାଫତ୍‌ର କାର୍ଯ୍ୟକାଳରେ ସେ ଆଫ୍ରିକା, ଆମେରିକା, କାନାଡା ଓ ୟୁରୋପ ଯାତ୍ରା କରିଥିଲେ ଏବଂ ଜମାଅତକୁ ଅଧିକ ସୁଦୃଢ଼ ଓ ସୁଶୃଙ୍ଖଳୀତ କରିଥିଲେ । ବାସ୍ତବ ଇସଲାମ ଅର୍ଥାତ୍ ଅହମଦିୟତ୍‌କୁ ପୃଥିବୀର କୋଣେ କୋଣେ ପହଞ୍ଚାଇ ଥିଲେ । ବିଶେଷତଃ ସେ ୟୁରୋପର ଅନେକ ସ୍ଥାନ ଭ୍ରମଣ କରିଥିଲେ ଏବଂ ଇସଲାମର ବହୁଳ ପ୍ରଚାର ଓ ପ୍ରସାର କାର୍ଯ୍ୟ ସମ୍ପାଦନ କରିଥିଲେ । ଜମାଅତର ଅନୁଗାମୀଙ୍କର ପ୍ରଭାବଶାଳୀ ଉପାୟରେ ସଂସ୍କାର୍ କରିଥିଲେ । ତତ୍‌ସହିତ ଅଲ୍ଲାଃ ଓ ଅବତାର ଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ] ତଥା ଖିଲାଫତ୍‌ର ପ୍ରେମ ଓ ମୈତ୍ରୀ ଭିତ୍ତିକ ଅଭିଯାନକୁ ଅତ୍ୟନ୍ତ ଦୃଢ଼ କରିଥିଲେ । ୧୯୮୦ ମସିହା ଅକ୍ଟୋବର ୯ ତାରିଖ ଦିନ ସେ ସ୍ପେନର ସହର କରତବା ଠାରେ ମସଜିଦ 'ବଶାରତ୍'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ୭୪୪ ବର୍ଷ ପରେ ସ୍ପେନରେ ନିର୍ମିତ ହୋଇଥିବା ଏହା ପ୍ରଥମ ମସଜିଦ ଥିଲା । ତାଙ୍କ ଖିଲାଫତ୍ ସମୟରେ ଅନେକଗୁଡିଏ ମହାନ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଜମାଅତ ଉପରେ ସେତେବେଳେ ଅନେକ କଠିନ ସମୟ ମଧ୍ୟ ଆସିଥିଲା । କିନ୍ତୁ ସେ ସମସ୍ତ ଦୁର୍ଦ୍ଦିନ ଓ କଠିନ ବାଧାବିଘ୍ନର ସମୟକୁ ଅସୀମ ଧୈର୍ଯ୍ୟ ଓ ବୀରତ୍ୱ ସହକାରେ ସମ୍ମୁଖୀନ କରି ତାହାର ଦୃଢ ମୁକାବିଲା କରିଥିଲେ ଏବଂ ଜମାଅତକୁ ଶକ୍ତିଶାଳୀ କରିଥିଲେ । ଅଲ୍ଲାଃତାଲା ହଜରତ ମସିହ ମଉଦ[ଅସ]ଙ୍କୁ ଏହି ଶୁଭ ସୂଚନା ଦେଇଥିଲେ;

إِنَّا نُبَشِّرُكَ بِغُلَامٍ نَافِلَةً لَكَ

**'ଇନ୍ନା ନୁବଶ୍‌ଶିରୁକା ବିଗୁଲାମିନ୍ ନାଫିଲତନ୍‌ଲକ୍'**

ଅର୍ଥାତ୍ 'ଆମ୍ଭେ ତୁମକୁ ଏକ ପୌତ୍ର (ନାତି)ର ସୁସମାଚର ଦେଉଛୁ ।'

ସୁତରାଂ ଏହି ସୁସମାଚାରକୁ ଚରିତାର୍ଥ କରି ସେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ସେହିପରି ହଜରତ ମୁସଲେହ ମଉଦ[ରଅ]ଙ୍କୁ ମଧ୍ୟ ଅଲ୍ଲାଃତାଲା ତାଙ୍କ ସମ୍ବନ୍ଧରେ ଶୁଭ ସନ୍ଦେଶ ଦେଇଥିଲେ । ସୁତରାଂ ସେ ବର୍ଣ୍ଣନା କରିଛନ୍ତି:

"ମୋତେ ମଧ୍ୟ ଈଶ୍ୱର ଖୁସିର ଖବର ଜଣାଇଛନ୍ତି ଯେ ମୁଁ ତୁମକୁ ଏଭଳି ଏକ ପୁତ୍ରସନ୍ତାନ ଦେବି, ଯିଏ କି ଧର୍ମର ନାସିର୍ ଅର୍ଥାତ୍ ସହାୟକ ହେବ ଓ ଇସଲାମର ସେବା କରିବା ପାଇଁ ଅଣ୍ଟାଭିଡି ଆଗକୁ ବାହରିବ ।"

*(ଅଲଫଜଲ୍, 8 ଅପ୍ରେଲ୍ 1915)*

ସୁତରାଂ ଅଲ୍ଲାଃତାଲା ଯେପରି ଶୁଭସୂଚନା ଦେଇଥିଲେ, ତଦନୁସାରେ ସେ ଶୈଶବାବସ୍ଥାରୁ ହିଁ ଇସଲାମର ସେବା ପାଇଁ ଦୃଢ ପରିକର ହୋଇ ବାହାରିଲେ । ନିଜ ଜୀବନକୁ ସେ ଇସଲାମ ପାଇଁ ଉତ୍ସର୍ଗ କରିଦେଇଥିଲେ । ସେ ଏକ ସମୟରେ ଅନେକଗୁଡିଏ ଦାୟିତ୍ୱ ବହନ କରିଥିଲେ ଏବଂ ଅନ୍ୟାନ୍ୟ ସେବା କାର୍ଯ୍ୟ ମଧ୍ୟ ନିଜେ ହିଁ ତୁଲାଇ ଥିଲେ । ଏହା କହିବା ଉଚିତ ହେବ ଯେ ଶୈଶବ କାଳରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଇସଲାମର ସେବାରେ ନିୟୋଜିତ ହୋଇଥିଲା । ତାଙ୍କର ଈଶ୍ୱରଙ୍କ ସହିତ ରହିଥିବା ସମ୍ପର୍କର କେତେକ ଉଲ୍ଲେଖନୀୟ ଘଟଣା ନିମ୍ନରେ ବର୍ଣ୍ଣନା କରାଯାଉଛି:

## ଆମେ ଆପଣଙ୍କୁ ମସିହା ରୂପେ ଗ୍ରହଣ କରିନେବୁ

ହଜରତ ମୁସଲେହ ମଉଦ[ରଅ] ଯେପରି ମହାନ ପିତାଙ୍କର ଅତ୍ୟନ୍ତ ପବିତ୍ର ସନ୍ତାନ ଓ ଆଧ୍ୟାତ୍ମିକ ପ୍ରେମରେ ପ୍ରତିପାଳିତ ହୋଇଥିବାର ଫଳ ସ୍ୱରୂପ ପିଲାଟି ଦିନରୁ ପବିତ୍ର ଓ ସଂଯମୀ ଥିଲେ, ସେହିପରି ଇସଲାମର ସେବା କାର୍ଯ୍ୟର ଭାବନାକୁ ନେଇ ବଡ ହୋଇଥିଲେ । ଈଶ୍ୱରଙ୍କ ସହିତ ସମ୍ପର୍କର ଯେଉଁ ଭାବନା ତାଙ୍କ ହୃଦୟରେ ପିଲାଟି ଦିନରୁ ଉଙ୍କି ମାରୁଥିଲା, ଶୈଶବ ଓ ଯୌବନାବସ୍ଥାରେ ମଧ୍ୟ ତାହା ଏହି ଶବ୍ଦରେ ରୂପାନ୍ତରିତ ହୋଇ ବାହାରେ ପ୍ରକଟିତ ହେଲା ।

دنیا کے کام بے شک کرتا رہوں گا میں بھی
لیکن میں جان و دل سے اس یار کا رہوں گا

'ଦୁନିଆକେ କାମ୍ ବେଶକ୍ କରତା ରହୁଁଗା ମେଁ ଭୀ
ଲେକିନ୍ ମେଁ ଜାନୋ ଦିଲ୍ ସେ ଉସ୍ ୟାରକା ରହୁଁଗା'

ଏହି ପଦ୍ୟାଂଶଟି ତାଙ୍କର ଅଲ୍ଲାଃଙ୍କ ସହିତ ପ୍ରେମ ଓ ନିଗୁଢ଼ ସମ୍ପର୍କର ସୂଚନା ପ୍ରଦାନ କରିଥାଏ । ଯାହା ପ୍ରାୟ ୧୯ ବର୍ଷ ବୟସରେ ତାଙ୍କ ପବିତ୍ର ମୁଖରୁ ଉଚ୍ଚାରିତ ହୋଇଥିଲା । ଭବିଷ୍ୟତରେ ତାଙ୍କର ଆଧ୍ୟାତ୍ମିକ ଜ୍ଞାନର ସ୍ଥିତି କେତେ ଉଚ୍ଚକୋଟିର ହୋଇଥିବ, ତାହାର ସଠିକ୍ ଆକଳଣ କରିବା ଆମ ନିୟନ୍ତ୍ରଣରେ ନାହିଁ । ଏହି ପଦ୍ୟରେ ଆଗକୁ ଯାଇ ସେ କହିଛନ୍ତି :

چمکوں گا میں فلک پر جیسے ہو کوئی تارا
بھولوں کو رہ پہ لاوے ایسی میں شمع ہوں گا

عالم کو میں معطر کر دوں گا اس مہک سے
خوشبو سے جس کی ہر دم مدہوش میں رہوں گا

اخلاق میں میں افضل علم و ہنر میں اعلیٰ
احمدؐ کی رہ پہ چل کر بدر الدجیٰ بنوں گا

سارے علوم کا ہاں منبع ہے ذات جسکی
اس سے میں علم لے کر دنیا کو آگے دوں گا

'ଚମକୁଙ୍ଗା ମେଁ ଫଲକ୍ ପର ଜୈସେ ହୋ କୋଇ ତାରା
ଭୁଲୋଁକୋ ରାହ୍ ପେ ଲାଓ୍ୱେ ଐସୀ ମେଁ ଶମା ହୁଁଗା

ଆଲିମ୍‌କୋ ମେଁ ମୋଅତର୍ କରଦୁଁଗା ଇସ୍ ମହକ୍ ସେ
ଖୁଶ୍‌ବୁ ସେ ଜୀସକି ହରଦମ୍ ମଦ୍‌ହୋଶ୍ ମେଁ ରହୁଁଗା

ଅଖ୍‌ଲାକ ମେ ମେଁ ଅଫଜଲ୍ ଇଲମ୍ ଓ ହୁନର ମେଁ ଆଲା
ଅହମଦକୀ ରାହ୍ ପର୍ ଚଲ୍‌କର ବଦ୍‌ରୁଦ୍ ଦୁଜା ବନୁଁଗା

ସାରେ ଓଲୁମ୍‌କା ହାଁ ମନ୍‌ବା ହୈ ଜାତ୍ ଜିସ୍‌କୀ
ଉସ୍‌ସେ ମେଁ ଇଲମ୍ ଲେକର୍ ଦୁନିୟା କୋ ଆଗେ ଦୁଁଗା"

*(ହୟାତେ ନାସିର୍, ପୃଷ୍ଠା 58-59)*

ଏହି ଉର୍ଦ୍ଦୁ କାବ୍ୟର ପଙ୍‌କ୍ତିଗୁଡିକୁ ଅନୁଧ୍ୟାନ କଲେ ଜଣାପଡେ ଯେ ଜୀବନର ପ୍ରାରମ୍ଭିକ କାଳରୁ ହିଁ ମାନବଜାତିର ସେବା ଓ ତାଙ୍କ ନିଜ ସୃଷ୍ଟିକର୍ତ୍ତା ଓ ପରମ ବିଧାତାଙ୍କ ଆଡକୁ ମାର୍ଗଦର୍ଶନର ଜ୍ୱାଳା ତାଙ୍କ ହୃଦୟରେ ଆଲୋଡନ ସୃଷ୍ଟି

କରୁଥିଲା । ନିମ୍ନରେ ଏକ ହୃଦୟସ୍ପର୍ଶୀ ଘଟଣା ବର୍ଣ୍ଣନା କରାଯାଉଛି, ଯେଉଁଥିରୁ ବାଲ୍ୟକାଳରୁ ହିଁ ତାଙ୍କର ଈଶ୍ୱରଙ୍କ ସହିତ ସମ୍ପର୍କରେ ନିବିଡତାର ଉଚ୍ଚ ସ୍ତର ପ୍ରକାଶିତ ହୋଇଥାଏ ।

"ଯେତେବେଳେ 'କୁଦରତେ ସାନିୟା' ଅର୍ଥାତ ଦ୍ୱିତୀୟ ମହାଶକ୍ତିର ପରିପ୍ରକାଶ ହେବା କ୍ରମେ ହଜରତ ଖଲିଫତୁଲ୍ ମସିହ ତୃତୀୟଙ୍କର ନିର୍ବାଚନ କରାଗଲା ଏବଂ ହୁଜୁର ଏହି ସ୍ୱର୍ଗୀୟ ଖିଲାଫତ୍‌ର ପୋଷାକ ପରିଧାନ କଲେ, ସେତେବେଳେ ତାଙ୍କୁ ପ୍ରଫେସର ଡାକ୍ତର ନାସିର ଅହମଦ ଖାନ ସାହେବ ପରୱ୍ୱାଜୀଙ୍କର ଆୟୋଜିତ ଫଏସଲାବାଦ୍ ସ୍ଥିତ ଏକ ସଭାକୁ ଯିବାର ଥିଲା । ସେଠାକୁ ହୁଜୁରଙ୍କର ଏକ ସହପାଠୀ ମଧ୍ୟ ଆସିଥିଲେ । ସମ୍ଭବତଃ ସେ ନବାବଜାଦା ମିଆଁ ହାମିଦ ଅହମଦ ଖାନ୍‌ଙ୍କର ବଂଶଧର ଥିଲେ ଯେକି ଜଣେ ଅଣ ଅହମଦି ଥିଲେ । ଡାକ୍ତର ପରୱ୍ୱାଜୀଙ୍କ ସହିତ ସାକ୍ଷାତ କରି ସେ କହିଲେ 'ଭାଇ ତୁମକୁ ଏହା ମୁବାରକ ହେଉ ଯେ ତୁମକୁ ନୂତନ ନେତା ମିଳିଯାଇଛି । ଆମେମାନେ ଏକତ୍ର ପଢୁଥିଲୁ ଓ ଆମେ ତାଙ୍କୁ (ତୃତୀୟ ଖଲିଫାଙ୍କୁ) କହୁଥିଲୁ 'ତୁମର ଦଦାଜାନଙ୍କ ବିଷୟରେ ତ ଆମକୁ ଜଣାନାହିଁ । କିନ୍ତୁ ଯଦି ତୁମେ ନବୁଅତ୍‌ର (ଅବତାରତ୍ୱ)ର ଦାବୀ କରିଦିଅନ୍ତ ତେବେ ଆମେ ତୁମକୁ ମସିହା ରୂପେ ସ୍ୱୀକାର କରିନେବୁ ।' ଏହି ବିନିତ କହୁଅଛି ଯେ ଏହା କେବଳ ଏକ ଯୁବାବସ୍ଥାର ଖେଳକୁଦ ନଥିଲା ବରଂ ହୁଜୁରଙ୍କର ସଂଯମୀ, ଆଦର୍ଶବାଦୀ ଓ ପବିତ୍ରତାର ଏପରି ପ୍ରଭାବ ହିଁ ତାଙ୍କର ସାକ୍ଷାତରେ ଆସୁଥିବା ଲୋକମାନଙ୍କ ଉପରେ ପଡୁଥିଲା ।"

*(ହୟାତେ ନାସିର୍, ପୃଷ୍ଠା 66,67)*

## ମୋର ସଂସାର ପ୍ରତି କୌଣସି ଆସକ୍ତି ନାହିଁ

ଉର୍ଦ୍ଦୁ ଭାଷାରେ କୁହାଯାଏ 'ଜୱ୍ୱାନୀ ଦିୱ୍ୱାନୀ' ଅର୍ଥାତ ଯୌବନ ହିଁ ପାଗଳ । କାରଣ ଯୌବନରେ ମନୁଷ୍ୟ ବାଟବଣା ଓ ବେପରୁଆ ହୋଇଯାଆନ୍ତି । କିନ୍ତୁ ତାଙ୍କର ଯୁବସୁଲଭ ଅବସ୍ଥା ଅଲ୍ଲାଃ ଓ ରସୁଲଙ୍କ ପ୍ରେମ, ଇସଲାମ ଓ ମାନବଜାତିର ସେବା କାର୍ଯ୍ୟ ସହିତ ଓତଃପ୍ରୋତ ଭାବେ ଜଡିତ ଥିଲା । ବାସ୍ତବରେ ସେ 'ଦର ଜୱ୍ୱାନୀ ତୌବା କର୍‌ଦନ୍ ଶେୱ୍ୱାଏ ପଏଗମ୍ବରୀ'ର ଭାବକୁ ଚରିତାର୍ଥ କରିଥିଲେ । ଯେବେ ସାଂସାରିକ ମୋହମାୟାର ଉଦ୍ଦୀପନା ଜୁଆର ଉଛୁଳି କୂଳ ଲଘୁଥାଏ, ସେହି ସମୟରେ ତାଙ୍କର ହୃଦୟ କେବଳ ଇସଲାମ ସେବାରେ ଉତ୍ତାଳ

ତରଙ୍ଗ ଭରି ଦେଉଥିଲା । ତାଙ୍କର ବ୍ୟକ୍ତିଗତ ଜୀବନରେ ସଂଯମତା ଓ ପବିତ୍ରତା ତଥା ସତ୍‌ଚରିତ୍ର ସମ୍ପର୍କରେ ଅନେକ ବ୍ୟକ୍ତି ପ୍ରମାଣ ଦେଇଛନ୍ତି । ସେଥିମଧ୍ୟରୁ ଦୁଇଟି ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

ସେ ନିଜର ପାଠପଢ଼ା ସମୟରେ ନିଜ ବଂଶର ଅନ୍ୟ ଯୁବକମାନେ ତଥା ସାହେବଜାଦା ମିର୍ଜା ମୁଜଫର୍ ଅହମଦ ସାହେବଙ୍କ ସହିତ ମିଶି ବ୍ରିଟେନସ୍ଥିତ ଡିୟୋନଶାଏରର ଏକ ଇଂରେଜ ମହିଳାଙ୍କ ଫାର୍ମକୁ ଛୁଟି କଟାଇବାକୁ ଯାଉଥିଲେ । ତାଙ୍କ ଖିଲାଫତ୍ ସମୟରେ ପୂର୍ବତନ ଇମାମ ମସଜିଦ ଫଜଲ ଲଣ୍ଡନ ଶ୍ରୀଯୁକ୍ତ ବଶିର୍ ଅହମଦ ରଫିକ ପଚାରିବା କ୍ଷଣି ସେହି ବୃଦ୍ଧା ମହିଳା କହିଲେ

> "ସମ୍ମୁଖ ଭାଗରେ ଥିବା କୋଠରୀରେ ସେମାନେ ସର୍ବଦା ବାସ କରୁଥିଲେ । ଯେତେବେଳେ ସକାଳୁ ମୁଁ ତାଙ୍କ କୋଠରୀ ସାମନାରେ ଅତିକ୍ରମ କରୁଥିଲି, ମୋ କାନରେ ଏକ ଗୁଣୁଗୁଣୁ ଶବ୍ଦର ମନ ମୁଗ୍ଧକର ସ୍ୱର ଶୁଣା ଯାଉଥାଏ । ଏହାକୁ ମୁଁ ବେଳେ ବେଳେ ଛିଡା ହୋଇ କିଛି ମିନିଟ୍ ଶୁଣିଥାଏ । ଥରେ ମୁଁ ନାସିରଙ୍କୁ ପଚାରିଲି 'ତୁମେ ଏତେ ସକାଳୁ କ'ଣ ପଢୁଛ, ଯାହାକୁ ପଢିବାରେ ତୁମେ କେବେହେଲେ ଅବହେଳା କରି ନାହିଁ ? ନାସିର କହିଲେ ଯେ ସେ ନିଜର ପବିତ୍ର କୁରିଆନ ପୁସ୍ତକ ପାଠ କରୁଛନ୍ତି ।'
>
> ସେହି ମହିଳା ଏହା ମଧ୍ୟ କହିଛନ୍ତି ଯେ ରାତ୍ରିକାଳୀନ ଭୋଜନ ସମୟରେ ଯେତେବେଳେ ହୁଜୁର (ହଜରତ ମିର୍ଜା ନାସିର ଅହମଦ) ଓ ଅନ୍ୟ ସାହେବଜାଦାମାନେ ଉପସ୍ଥିତ ଥିଲେ ଏହି ବିଷୟ ଚର୍ଚ୍ଚା ଆରମ୍ଭ ହେଲା ଯେ ଭବିଷ୍ୟତରେ କାହାର କ'ଣ ଅଭିଳାଷା ଅଛି । ପ୍ରତ୍ୟେକ ଯିଏ ଯାହାର ଅଭିଳାଷ କ'ଣ ଓ କେଉଁ ବୃତ୍ତି ଅବଲମ୍ବନ କରିବାକୁ ଚାହାନ୍ତି ତାହା କହି ଚାଲିଲେ । କିନ୍ତୁ ଯେବେ ହୁଜୁରଙ୍କର ପାଳି ପଡିଲା, ସେ କହିଲେ 'ମୁଁ ଇସଲାମର ସେବା କରିବାକୁ ଇଚ୍ଛା ରଖୁଛି ଏବଂ ନିଜର ଜୀବନକୁ ସେହି ଉଦ୍ଦେଶ୍ୟରେ ସମର୍ପିତ କରିବାକୁ ସଂକଳ୍ପବଦ୍ଧ ହୋଇଛି । ମୋତେ ଅନ୍ୟ କୌଣସି କାର୍ଯ୍ୟ କରିବାର ଇଚ୍ଛା ନାହିଁ ନା ଆଉ ମୋତେ ସଂସାର ପ୍ରତି କୌଣସି ପ୍ରକାର ଆସକ୍ତି ଅଛି ।" *(ହୟାତେ ନାସିର୍, ପୃଷ୍ଠା 104,105)*

## ମୋତେ ଜଣାଅଛି କିଏ ଖଲିଫା ହେବେ

ଶ୍ରୀଯୁକ୍ତ ବଶିର୍ ଅହମଦ ରଫିକ, ପୂର୍ବତନ ଇମାମ୍ ମସଜିଦ ଫଜଲ ଲଣ୍ଡନ ଏହିପରି ଲେଖିଛନ୍ତି:

୧୯୬୫ ମସିହାରେ ଯେତେବେଳେ ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ]ଙ୍କର ଦେହାନ୍ତ ହେଲା, ସେତେବେଳେ ମୁଁ ମସଜିଦ ଫଜଲ ଲଣ୍ଡନର ଇମାମ୍ ଥିଲି । ଜମାଅତର କେନ୍ଦ୍ରସ୍ଥଳୀ (ପାକିସ୍ତାନ ସ୍ଥିତ ରବୁଆ)ଠାରୁ ହଜାର ହଜାର ମାଇଲ୍ ଦୂରରେ ରହି ଆମେ ସମସ୍ତ ଅହମଦିଗଣ ବ୍ରିଟେନ କେନ୍ଦ୍ରକୁ କୌଣସି ଏକ ସମ୍ବାଦ ଆସିଲେ ତାହା ଶୁଣିବା ପାଇଁ କାନଡେରି ଅପେକ୍ଷା କରୁଥିଲୁ ଓ ପ୍ରାର୍ଥନା କରିବାରେ ମଗ୍ନ ରହୁଥିଲୁ । ଆମେ ଏଥିପାଇଁ ମଧ୍ୟ ବ୍ୟସ୍ତ ବିବ୍ରତ ରହୁଥିଲୁ ଯେ ତୃତୀୟ ଖଲିଫା ରୂପେ ଖିଲାଫତ୍‌ର ଗାଦିରେ କିଏ ବିରାଜମାନ ହେବେ । ଏପରି ଘଡିସନ୍ଧି ମୂହୁର୍ତ୍ତରେ ଜମାଅତର ବହୁସଂଖ୍ୟକ ବ୍ୟକ୍ତି ମିଶନ ହାଉସ ଲଣ୍ଡନଠାରେ ଏହା ଜାଣିବା ପାଇଁ ଉତ୍ସୁକ ହୋଇ ରହିଥିଲେ । ଜଣେ ଇଂଗ୍ରେଜ ଅହମଦି ମୁସଲ୍‌ମାନ ଭାଇ ସ୍ୱର୍ଗୀୟ ବିଲାଲ ନଟଲ ମୋ ପାଖକୁ ଆସି କହିଲେ 'ମୋତେ ଜଣାଅଛି ଯେ କାହାକୁ ଖିଲାଫତ୍‌ର ଦାୟୀତ୍ୱ ଅର୍ପଣ କରାଯିବ ।' ଏହା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି ଯେ ସେହି ବେଳ ଆସିବାର ଯଥା ପୂର୍ବରୁ ସେ କିପରି ଏହ ଜାଣିଲେ । ତେବେ ମିଷ୍ଟର ନଟଲ୍ ଏକ ଫଟୋ ମୋ ହାତରେ ଥମାଇ ଦେଇ ଅତ୍ୟନ୍ତ ଭାବପ୍ରବଣ ଓ ଧୀର କଣ୍ଠରେ କହିଲେ 'ଏହି ଫଟୋକୁ ଭଲରେ ଦେଖ, ଯାହାକୁ ସେ ଲଣ୍ଡନ ମସଜିଦର ଉଦ୍ୟାନରେ ଉଠାଇଥିଲେ ଏବଂ ତାହାକୁ ମୋତେ ଦେଇଥିଲେ । ଯେତେବେଳେ ହଜରତ ମିର୍ଜା ନାସିର ଅହମଦ ସାହେବ ଅକସ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ଥିଲେ ମୁଁ ସେବେଠାରୁ ତାହାଙ୍କୁ ଜାଣିଛି । ମୁଁ ତାଙ୍କର ନିକଟବର୍ତ୍ତୀ ସହପାଠୀ ଥିଲି ଓ ତାଙ୍କ ସଂସ୍ପର୍ଶରେ ରହୁଥିଲି । ସେ ଈଶ୍ୱର ଭୟ, ସଂଯମ ଆଚରଣ, ଓ ସଦ୍‌ବ୍ୟବହାର ତଥା ହଜରତ ମୁହମ୍ମଦ[ସଅ] ପ୍ରତି ଗଭୀର ପ୍ରେମଭାବର ଯେଉଁ ଦୃଶ୍ୟ ମୁଁ ତାଙ୍କ ମଧ୍ୟରେ ଦେଖୁଥିଲି, ତାହା ଆଜି ମୋତେ ଏହି ଦୃଢ଼ ଆତ୍ମବିଶ୍ୱାସ ଦେଉଛି ଯେ ବର୍ତ୍ତମାନ ଖିଲାଫତର ମହାନ ପଦବୀ ପାଇଁ ସେ ହିଁ ପ୍ରକୃତ ହକ୍‌ଦାର ଓ ଉପଯୁକ୍ତ ପାତ୍ର । ଜମାଅତ୍ ନିଃସନ୍ଦେହରେ ଏହି ଖିଲାଫତର ଅମାନତକୁ ତାଙ୍କରି ଦାୟିତ୍ୱରେ ହିଁ ନ୍ୟସ୍ତ କରିଦେବ ।' ସୁତାରଂ ମିଷ୍ଟର ବିଲାଲ ନଟଲଙ୍କର ଉପସ୍ଥିତିରେ ହିଁ ସେଠାରେ ରୁଣ୍ଡ ହୋଇଥିବା ଅହମଦୀୟା ଜମାଅତର ସଦସ୍ୟମାନଙ୍କ ଗହଣରେ ରବୁଓ୍ୱା ଧର୍ମକେନ୍ଦ୍ରରୁ ଟେଲିଗ୍ରାମ ଦ୍ୱାରା ଏହି ସୂଚନା ମିଳିଲା ଯେ ହଜରତ ମିର୍ଜା ନାସିର ଅହମଦ ସାହେବ ତୃତୀୟ ଖଲିଫା ରୂପେ ଖିଲାଫତ୍‌ର ଆସନ ଅଳଙ୍କୃତ କରିଛନ୍ତି । ଜଣେ ନବ ଦୀକ୍ଷିତ ଇଂଗ୍ରେଜ ଅହମଦିଙ୍କର ଏତାଦୃଶ ଦୂରଦୃଷ୍ଟି ସମ୍ପନ୍ନ ମନ୍ତବ୍ୟ ଯେକି ଏହି ଅମୂଲ୍ୟ ମୋତିକୁ ଯୁବାବସ୍ଥାରୁ ହିଁ ଚିହ୍ନି ନେଇଥିଲେ ।

କାରଣ ତାଙ୍କଠାରୁ ଅଲ୍ଲାଃତାଲା ଭବିଷ୍ୟତରେ ମହାନ ଧର୍ମସେବା କାର୍ଯ୍ୟ ନେବାର ଥିଲା । ହୁଜୁରଙ୍କର ପବିତ୍ର ସ୍ୱଭାବ, ଈଶ୍ୱରଙ୍କ ପ୍ରତି ଭୟ, ସଂଯମତା ଅବଲମ୍ବନ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସଅଙ୍କ ପ୍ରତି ପ୍ରେମାସକ୍ତ ହେବାର ସେ ଯେଉଁ ସାକ୍ଷ୍ୟ ବହନ କରିଯାଇଛନ୍ତି, ତାହାର ପ୍ରମାଣ ଦେବାର ତାଙ୍କୁ ସୌଭାଗ୍ୟ ପ୍ରଦାନ କରିଥିଲେ ।

*(ହୟାତେ ନାସିର୍, ପୃଷ୍ଠା 103,104)*

## ଧର୍ମର ଦାସ ହେବାକୁ ସର୍ବୋଚ୍ଚ ସମ୍ମାନ ଭାବେ ମନେକରେ

ଇସଲାମରେ ସେବା କାର୍ଯ୍ୟକୁ ନିଜ ପାଇଁ ସବୁଠାରୁ ସମ୍ମାନାସ୍ପଦ ବିଷୟ ବୋଲି ବିବେଚନା କରିବା ଏହଂ ତାହାର ସେବା ପାଇଁ ନିଜ ଜୀବନକୁ ସମର୍ପିତ ଓ ଉତ୍ସର୍ଗ କରିଦେବା ତଥା ନିଜର ଜୀବନଶୈଳୀକୁ ତା ଅପେକ୍ଷା ତୁଚ୍ଛ ଓ ବ୍ୟର୍ଥ ବୋଲି ଭାବିବା ଇତ୍ୟାଦି କେବଳ ସେହି ମନୁଷ୍ୟର ପକ୍ଷେ ସମ୍ଭବ ହୋଇପାରିବ, ଯାହାର ଅଲ୍ଲାଃ ଓ ରସୁଲଙ୍କ ସହିତ ଗଭୀର ସମ୍ପର୍କ ରହିଥିବ । ଏହି ବିଷୟ ତାଙ୍କ ଲିଖିତ ଏକ ପତ୍ର ପଠନ କରିବା ସହିତ ସମ୍ବନ୍ଧ ରଖୁଛି । ସେ ତାଙ୍କ ପିତା ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟରଅଙ୍କ ସେବାରେ ଲେଖିଥିଲେ, ଯେଉଁ ପତ୍ରର ଏକ ଭାଗ ନିମ୍ନରେ ଉଲ୍ଲେଖ କରାଯାଉଛି । ସେ ଲେଖିଛନ୍ତି:

"ସୟଦୀ (ହେ ମୋର ସର୍ଦାର) !

ଅସ୍‌ସଲାମୋ ଆଲୈକୁମ୍ ଓ୍ୱରହ୍‌ମତୁଲ୍ଲାହେ ଓ୍ୱବରକାତୁହୁ ।

ଏକ ପକ୍ଷେ ହୁଜୁରଙ୍କ ଖୁତବା କପଟ ବିଶ୍ୱାସୀ ସମ୍ବନ୍ଧୀୟ ତାଙ୍କ ଦୃଷ୍ଟିକୁ ଆସିଛି ତ ଅନ୍ୟ ପକ୍ଷେ ପ୍ରତିଶ୍ରୁତ ମସିହ ମଉଦଅସଙ୍କର ବକ୍ତବ୍ୟ ପଢ଼ିବାର ଅବସର ମିଳିଛି । ଏପରିକି ସେ କହିଛନ୍ତି ଯେ ମୋର ଦୃଷ୍ଟି ସେହି ଗରିବମାନଙ୍କ ଉପରେ ରହିଥାଏ, ଯେଉଁମାନେ ନା ବି.ଏ.ର ଡିଗ୍ରୀ କରିବାକୁ ଚାହାନ୍ତି, ଆଉ ନା ଏମ୍.ଏ । କିନ୍ତୁ ସେମାନେ ଅବଶ୍ୟ ପବିତ୍ର ମନୁଷ୍ୟ ଓ ଧର୍ମ ସେବକ ରୂପେ ପରିଚୟ ଲାଭ କରିଥାନ୍ତି । ଏହା ମୋ ହୃଦୟ ମଧ୍ୟରେ ଗଭୀର ରେଖାପାତ କଲା । ହୁଜୁରଙ୍କ ସେବାରେ ନିବେଦନ କରୁଛି ଯେ ଯଦି ହୁଜୁର ଯଥାର୍ଥ ମନେ କରୁଥାନ୍ତି, ତେବେ ଏହି ଅଧିନ ଭକ୍ତ ସବୁଦିନ ପରି ଏବେ ମଧ୍ୟ ତୁରନ୍ତ ଜମାଅତର ସେବାକାର୍ଯ୍ୟ ପାଇଁ ଉପସ୍ଥିତ ଅଛି । ବି.ଏ କିମ୍ବା ଏମ୍.ଏ ଡିଗ୍ରୀଧାରୀ ହେବାର କେବେହେଲେ ମୋର ସଉକ ନାହିଁ, ଯାହାର ଅଲ୍ଲାଃତାଲା ହିଁ ସାକ୍ଷୀ ଅଛନ୍ତି ।

ଯଦି ବା ଏହି ଅଧମ ନିଜ ମନର କଥା ପ୍ରଥମରୁ ବ୍ୟକ୍ତ କରିପାରିଲା ନାହିଁ ତଥା କେତେକ ଅନ୍ୟ ଭାବନା ସେହି ଆଡକୁ ଯିବା ପାଇଁ ମୋତେ ବାଧ୍ୟ କଲା । ଏପରିକି ଯଦିଓ ଏହି ଜୀବନ ଉତ୍ସର୍ଗୀକୃତ ହୋଇସାରିଛି, ତଥାପି ପୁଣି ଥରେ ମୁଁ ନିଜେ ହିଁ ହୁଜୁରଙ୍କ ସେବାରେ ଏଥିପାଇଁ ପ୍ରସ୍ତୁତ ଅଛି ଯେ ଏହି ନିମିତ୍ତ ଭକ୍ତ ଏହି ମୁହୂର୍ତ୍ତରୁ ହିଁ  ଅହମଦିୟତ୍‌ର ସେବା ପାଇଁ ତତ୍ପର ହୋଇଉଠିଛି । ଜମାଅତର ସେବାକାର୍ଯ୍ୟରୁ ପୃଥକ ରହି ମୁଁ ନିଜ ଜୀବନକୁ ଶୂନ୍ୟ ଓ ବ୍ୟର୍ଥ ରୂପେ ପାଉଅଛି । ଓ୍ୱମା ତଓ୍‌ଫିକି ଇଲ୍ଲା ବିଲ୍ଲାହେ ।

ଆପଣଙ୍କର ଅକିଞ୍ଚନ ସେବକ

ବିନୟାବନତ

ମିର୍ଜା ନାସିର୍ ଅହମଦ

ହଜରତ ମୁସଲେହ ମଉଦ[ରଅ]ଙ୍କୁ ଏହି ପତ୍ର ପାଠକରି ଯେଉଁ ଆତ୍ମତୃପ୍ତି ଓ ପରମ ଶାନ୍ତି ମିଳିଲା, ତାହାର ଅଭିବ୍ୟକ୍ତି ସେ ନିଜର ଏକ ପତ୍ରରେ ଏହିପରି ଉଲ୍ଲେଖ କରିଛନ୍ତି । ଯାହାର କିୟଦଂଶ ଏଠାରେ ନକଲ କରାଯାଉଛି ।

"ଶ୍ରଦ୍ଧେୟ ନାସିର୍ ଅହମଦ !

ଅସ୍‌ସଲାମୋ ଆଲୈକୁମ୍ ଓ୍ୱରହ୍‌ମତୁଲ୍ଲାହେ ଓ୍ୱବରକାତୁହୁ

ଅଲ୍ଲାଃତାଲା ତୁମର ଇଚ୍ଛାଶକ୍ତିରେ ଅଭିବୃଦ୍ଧି କରନ୍ତୁ । ମୁଁ ନିଜେ ଏହି ବିଷୟରେ ଗଭୀର ଶୋଚନାରେ ପଡିଯିବା ବ୍ୟତୀତ ଅନ୍ୟ କିଛି କହିବାକୁ ପସନ୍ଦ କରୁ ନାହିଁ । ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ସ୍ୱୟଂ ତୁମର ସତ୍‌ଅଭିଳାଷକୁ ପୂରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ମୋର କହିବା ଅନୁସାରେ ତୁମର ଇଚ୍ଛାଶକ୍ତିକୁ ପରିବର୍ତ୍ତନ କରିବାର ଅର୍ଥ ତୁମ ଅର୍ଜିତ ପୁଣ୍ୟକୁ  ନଷ୍ଟ କରିଦେବା । 'ଅଲ୍‌ହମ୍‌ଦୁଲିଲ୍ଲାଃ' ଯାହା ହେଉ, ତୁମର ସ୍ୱଚ୍ଛ ହୃଦୟ ଓ ନିର୍ମଳ ମନ ଏଥିପ୍ରତି ଆକୃଷ୍ଟ ହୋଇଯାଇଛି ।"

*(ହୟାତେ ନାସିର୍, ପୃଷ୍ଠା 107, 108)*

## ଶେରୱାନୀ ଯେପରି ଭାବରେ ଘୁରି ଯାଉଥିଲା

ଅଲ୍ଲାଃତାଲାଙ୍କର ବିଶେଷ ସହାୟତା ଓ ସମର୍ଥନର ଏକ ରୋମାଞ୍ଚକର ଘଟଣା ନିମ୍ନରେ ଦିଆଯଉଛି । ସେଥିରୁ ହଜରତ ମିର୍ଜା ନାସିର୍ ଅହମଦ[ରଅ] ଅଲ୍ଲାଃଙ୍କ ସହିତ ରଖିଥିବା ବଳିଷ୍ଠ ସମ୍ପର୍କର ଦୃଷ୍ଟାନ୍ତ ମିଳିଥାଏ ।

୧୯୭୯-୮୦ ମସିହା କଥା । ହଜରତ ଖଲିଫତୁଲ୍ ମସିହ ତୃତୀୟ[ରହ] ଇସଲାମାବାଦରେ ମଗରିବ ଓ ଇଶା ନମାଜ ପରେ ମଜଲିସ-ଏ-ଇରଫାନ୍‌ରେ ନିଜର ବନ୍ଦୀ ହେବା ଘଟଣା ଶୁଣାଇ କହିଲେ ଯେ ସେହି ସମୟରେ ସେ ଲାହୋରରେ ଥିଲେ । ସାହେବଜାଦା ମିର୍ଜା ଲୁକମାନ ଅହମଦ ଜନ୍ମ ହେବାକୁ ଅଳ୍ପ ସମୟ ବାକି ଥିଲା । ସେ ତାଙ୍କ ପତ୍ନୀ ସୟଦା ମନସୁରା ବେଗମ ସାହେବାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇ ଆସିଲେ । ରାତ୍ରିକାଳୀନ ତହଜ୍ଜୁଦ ନମାଜ ପଢ଼ି ସାରି ତକିଆ ଉପରେ ମୁଣ୍ଡ ଦେଇଛନ୍ତି କି ନାହିଁ ଅଚାନକ ତାଙ୍କୁ ଐଶୀବାଣୀ ଦ୍ୱାରା ଜଣାଇ ଦିଆଗଲା ଯେ ତାଙ୍କୁ ବନ୍ଦୀ କରାଯିବ । ଏହାର କିଛି କ୍ଷଣ ପରେ ମେଲେଟ୍ରୀ ଲୋକମାନେ ଆସିଗଲେ ଏବଂ ଘର ଖାନତଲାସୀ କରିବାକୁ ଚାହିଁଲେ । ସେ କହୁଛନ୍ତି; ଯେ ଯେତେବେଳେ ସେମାନେ ତାଙ୍କ ଶେରଓ୍ୱାନୀ ପକେଟରେ ହାତ ପୂରାଇଲେ, ଯାହା ଆଲମାରୀର ଏକଖୁଣ୍ଟିରେ ଝୁଲୁଥିଲା । ତାହାର ଏକ ପକେଟରେ ହଜରତ ମିର୍ଜା ବଶିର୍ ଅହମଦ ସାହେବ[ରଅ]ଙ୍କର ଏକ ପତ୍ରଟିଏ ଥିଲା । ସେଥିରେ ଯଦିଓ କୌଣସି ଏଭଳି କଥା ଉଲ୍ଲେଖ ନଥିଲା, ଯଦ୍ୱାରା କୌଣସି ବିପଦର ସମ୍ଭାବନା ଦେଖାଯିବ । ତଥାପି ସେ ପସନ୍ଦ କରୁନଥିଲେ ଯେ ସେହି ପତ୍ରଟିକୁ ଅଫିସର ଜଣକ ଶେରଓ୍ୱାନୀ ପକେଟରୁ ଖୋଜନ୍ତୁ । ତତ୍‌ପରେ ଅନ୍ୟ ପକେଟରେ ଅଣ୍ଡାଳିବାକୁ ଚାହିଁଲେ ଯେଉଁଥିରେ ସେହି ପତ୍ରଟି ଥିଲା । କିନ୍ତୁ ଅଚନାକ ଯେ ଦେଖୁଚନ୍ତି କ'ଣ ? ସତେ ଯେପରି ଶେରଓ୍ୱାନୀ ଚଟ୍‌କରି ବୁଲିପଡିଲା ଏବଂ ତାଙ୍କ ହାତ ପୁଣି ପ୍ରଥମ ପକେଟକୁ ଚାଲିଗଲା । ଏହିପରି ଦୁଇ ତିନିଥର ହେଲା । ତେବେ ଅଲ୍ଲାଃତାଲାଙ୍କ ଅପାର ଲୀଳା ଯୋଗୁଁ ସେହି ପତ୍ରଟି ତାଙ୍କର ହାତରେ ପଡିଲା ନାହିଁ । ସୁତରାଂ ଯେଉଁ ଫୌଜୀ ଅଫିସର ତାଙ୍କୁ ବନ୍ଦୀ କରିବାକୁ ଆସିଥିଲେ, ତାଙ୍କୁ ତୃତୀୟ ଖଲିଫା ମହୋଦୟ କହିଲେ 'ମୋତେ ବହୁ ପୂର୍ବରୁ ତୁମମାନଙ୍କର ଆସିବା କଥା ଜଣାଥିଲା । ମୁଁ ତ ଅପେକ୍ଷା କରିଥିଲି, କିନ୍ତୁ ତୁମେ ହିଁ ବିଳମ୍ବ କରିଦେଲ ।' *(ହୟାତେ ନାସିର୍, ପୃଷ୍ଠା 171,172)*

## ବନ୍ଦୀ ହେବା ସମୟର ଏକ ଚମତ୍କାର ଘଟଣା

ସ୍ୱୟଂ ହଜରତ ଖଲିଫତୁଲ୍ ମସିହ ତୃତୀୟ[ରଅ] ୧୯୬୯ ମସିହାର ଜଲସା ସାଲାନ ଅବସରରେ ଲଜନା ଇମାଇଲାଙ୍କୁ ସମ୍ବୋଧିତ କରି କହିଛନ୍ତି:

"ମୁଁ ଅନେକ ଥର କହିଛି ଯେ ଏକଦା ଆମ ପ୍ରତି ଅତ୍ୟାଚାର ପୂର୍ବକ ଆମକୁ ମଧ୍ୟ ବନ୍ଦୀ କରି କାରାଗାରକୁ ପଠାଇ ଦିଆଗଲା । ଗରମ ଦିନ ଥିଲା ଓ ମୋତେ ପ୍ରଥମ ରାତି ଜେଲର ସେହି ସଂକୀର୍ଣ୍ଣ କୋଠରୀରେ

ରଖାଗଲା ଯେଉଁଥିରେ ବାୟୁ ଚଳାଚଳର କୌଣସି ସୁବିଧା ନଥିଲା । ଏହି କୋଠରୀରେ ସେହି ବ୍ୟକ୍ତିମାନଙ୍କୁ ରଖାଯାଏ ଯାହାକୁ ତହିଁ ଆରଦିନ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥାଏ । ତେବେ ମୁଁ ଭୂମି ଉପରେ ଶୋଉଥିଲି ଓ ଘୋଡିବା ପାଇଁ ଏକ ପୁରୁଣା କମ୍ବଳ ଥିଲା । ମୁଣ୍ଡ ତଳେ ତକିଆ ସ୍ୱରୂପ ମୋର ପୁରୁଣା ଶେରୱାନୀ କୋର୍ଟ ଥିଲା । ବହୁତ କଷ୍ଟକର ପରିସ୍ଥିତିରେ ଆମେ ସମୟ କାଟୁଥିଲୁ । ମୁଁ ସେହି ସମୟରେ ପ୍ରାର୍ଥନା କଲି 'ହେ ମୋର ଅଲ୍ଲାଃ ! ମୁଁ କୌଣସି ଅତ୍ୟାଚାର କରି, ଚୋରୀ ଡକାୟତ କରି କିମ୍ବା କୌଣସି ବ୍ୟକ୍ତିର ଜିନିଷ ହଡପ କରି ଅଥବା ଅନ୍ୟ କୌଣସି ପାପ କରି ଏହି ଜେଲର କୋଠରୀ ଭିତରକୁ ଆସି ନାହିଁ । ମୋତେ ଏଠାକୁ ଏଥିପାଇଁ ପଠାଯାଇଛି ଯେ ଯେତେ ଦୂର ମୋର ସମ୍ବନ୍ଧ ଅଛି, ମୁଁ ଭାବୁଛି ତୁମ ନାମର ଟେକ ରଖୁଥିଲି ଓ ତୁମର ଯଶଗାନ କରୁଥିଲି । ମୁଁ ସେହି ଜମାଅତରେ ସମ୍ମିଳିତ ଥିଲି ଯାହା ତୁମ୍ଭେ ଏଥିପାଇଁ ସ୍ଥାପିତ କରିଅଛି ଯେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ]ଙ୍କର ପ୍ରେମ ଓ ଭକ୍ତି ଭାବକୁ ହୃଦୟ ମଧ୍ୟରେ ସ୍ଥାନ ଦିଆଯାଉ । ହେ ମୋର ଈଶ୍ୱର ! ମୋତେ ଏଠାକୁ ଆସିବାରେ କୌଣସି ଆପତ୍ତି ନାହିଁ କିମ୍ବା କଷ୍ଟ ଲାଗୁ ନାହିଁ । ଏଥିପାଇଁ ମୁଁ କାହାକୁ କୌଣସି ପ୍ରକାରର ଆରୋପ କରୁ ନାହିଁ । ମୁଁ ଆନନ୍ଦିତ ଯେ ତୁମ୍ଭେ ହିଁ ମୋତେ ତ୍ୟାଗର ଓ ବଳିଦାନର ଏକ ସୁଅବସର ପ୍ରଦାନ କରିଛି । ମୋର ଏହି କଷ୍ଟ ଭୋଗ କରିବାରେ ମୋର ନିଜ ଦୃଷ୍ଟିରେ ମଧ୍ୟ କୌଣସି ବାସ୍ତବିକତା କିମ୍ବା ମାନ୍ୟତା ଲୋଡୁ ନାହିଁ । କିନ୍ତୁ ଏହା ମଧ୍ୟ ଏକ ସତ୍ୟ ଯେ ମୁଁ ସେହି ସ୍ଥାନରେ ଆସି କାଳାତିପାତ କରୁଛି ଯେଉଁ ସ୍ଥାନରେ ପବନର ଯାଆସ ନାହିଁ କି ଶୋଇବସି ପାରୁ ନାହିଁ ।' ମୁଁ ଏପରି ପ୍ରାର୍ଥନାରେ ମଜି ଯାଇଥିଲି ଓ ମୋର ଆଖିଦ୍ୱୟ ବନ୍ଦ ଥିଲା । ତେବେ ମୁଁ କୌଣସି ସଂଶୟ ନଥାଇ ବିନା ଦ୍ୱିଧାରେ ତୁମକୁ କହୁଛି, ମୋତେ ଏଭଳି ଅନୁଭବ ହେଲା ଯେ ମୋ ପାଖରେ ଏକ ଏୟର କଣ୍ଡିସନର ଲଗା ହୋଇଛି ଓ ଏବଂ ତା' ମଧ୍ୟରୁ ଶୀତଳ ମୃଦୁ ପବନ ବାହାରି ମୋ ଦେହରେ ବାଜୁଛି, ଯାହା ଫଳରେ ମୁଁ ନିଶ୍ଚିନ୍ତରେ ନିଘୋଡ ନିଦରେ ଶୋଇପଡିଲି ।"

*(ହୟାତେ ନାସିର୍, ପୃଷ୍ଠା 173)*

## ଯାଅ ଏଠାରୁ ଚାଲିଯାଅ

୧୯୫୪ ମସିହାର ଏକ ଘଟଣା । ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ]ଙ୍କର ନିର୍ଦ୍ଦେଶକ୍ରମେ ସେ ତାଲିମୁଲ୍ ଇସଲାମ କଲେଜ ରବୁଓ୍ୱା (ପାକିସ୍ତାନ)ର ନିର୍ମାଣ

କାର୍ଯ୍ୟକୁ ତଦାରଖ କରୁଥିଲେ । ପ୍ରଖର ସୂର୍ଯ୍ୟତାପ ଯୋଗୁଁ ଅସହ୍ୟ ଗରମ ଅନୁଭୂତ ହେଉଥିଲା । କିନ୍ତୁ ସେପରି ପ୍ରଚଣ୍ଡ ଗ୍ରୀଷ୍ମଋତୁରେ ମଧ୍ୟ ସେ କଷ୍ଟକୁ ଖାତିର ନକରି ନିଜ ମୁନିବଙ୍କ ଆଦେଶ ପାଳନ କରିବାକୁ ଯାଇ ଦିନରାତି ଏକ କରିଦେଇଥିଲେ ଓ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହି ସମୟର ଏକ ବିଶ୍ୱାସବର୍ଦ୍ଧକ ଘଟଣା ଘଟିଥିଲା ଯାହା ତାଙ୍କର ଈଶ୍ୱରଙ୍କ ସହିତ ଘନିଷ୍ଠତାକୁ ପ୍ରକାଶିତ କରୁଥିଲା । ଚୌଧୁରୀ ମୁହମ୍ମଦ ଅଲୀ ସାହେବ, ଅଧ୍ୟକ୍ଷ ତାଲିମୁଲ ଇସଲାମ କଲେଜ ରବୱ୍ା ଏହିପରି ଲେଖିଛନ୍ତି:

"ଅଲ୍ଲାଃତାଲାଙ୍କର ବିଶେଷ କରୁଣା ଓ ଅନେକ ଦୈବୀ ଅନୁଗ୍ରହର ଅଲୌକିକ ଘଟଣା ଆମକୁ ଦେଖିବାକୁ ମିଳିଥିଲା । ଯେତେବେଳେ ବୃହତ ହଲ ଗୃହର ଛାତ ପଡିବାର ଥିଲା ଓ ସେଥିପାଇଁ ଅଧିକ ପରିମାଣରେ କଂକ୍ରିଟ ଢଳାଇ ହେବା ପାଇଁ ସିମେଣ୍ଟ ଓ ବାଲି ଭିଜାଇ ରଖା ଯାଇଥିଲା, ଅଚାନକ କାହୁଁ କଳାବାଦଲ ଆସି ଚତୁର୍ଦ୍ଦିଗକୁ ଘେରିଗଲା ଓ ସର୍ବତ୍ର ଅନ୍ଧାର ଘୋଟିଗଲା । ସେ ହାତ ଉଠାଇ ବାଦଲ ଆଡକୁ ଇଶାରା କରି କିଛି କହିଲେ । ଯାହାର ଅର୍ଥ ଏହା ଥିଲା ଯେ ଏହା ଗରୀବ ଜମାଅତ ଦ୍ୱାରା ବ୍ୟୟ କରାଯାଉଥିବା ଜମାରାଶି । ଯଦି ତୁ ବରଷିଯିବୁ ତା'ହେଲେ ଏହି ଟଙ୍କା ପାଣିରେ ପଡି ସବୁ ନଷ୍ଟ ହୋଇଯିବ । ଯାଅ ଏଠାରୁ ଚାଲିଯାଅ, ଅର୍ଥାତ ଅନ୍ୟ ସ୍ଥାନରେ ଯାଇ ବର୍ଷା କରାଅ ପଛେ ଏଠାରେ ନୁହେଁ । ସତକୁ ସତ ତାଙ୍କର ଅଲ୍ଲାଃଙ୍କ ସହିତ ଏହି ପ୍ରକାରର ଅନୁରୋଧ ଗ୍ରହଣଯୋଗ୍ୟ ସାବ୍ୟସ୍ତ ହେଲା । ଯେଉଁ ପ୍ରକାର ବାଦଲ ଘୋଟାଇ ହୋଇ ଆସିଥିଲା, ସେହି ପ୍ରକାରେ ଚାଲିଗଲା ।"

*(ହୟାତେ ନାସିର୍, ପୃଷ୍ଠା 189)*

# ଅଲ୍ଲାଃ ହିଁ ମୋର ସନ୍ଦେହ ଦୂର କରିଥା'ନ୍ତେ

ହଜରତ ଖଲିଫତୁଲ୍ ମସିହ ତୃତୀୟ[ରଅ]ଙ୍କର ତହଜ୍ଜୁଦ୍ ପଢ଼ିବା ସମୟର ଏକ ଘଟଣା ସାହେବଜାଦୀ (କନ୍ୟା) ଅମତୁଶ୍ ଶକୁର ସାହେବା ବର୍ଣ୍ଣନା କରିଛନ୍ତି:

"ମୁଁ ପ୍ରାୟତଃ ଏହା ଭାବୁଥିଲି ଯେ ଅଧିକାଂଶ ଲୋକ ନିଜର ତହଜ୍ଜୁଦ୍ ନମାଜରେ ପ୍ରାର୍ଥନାରତ ଥିବାର ଆଲୋଚନା କରିଥାନ୍ତି । କିନ୍ତୁ ମୋର ପିତା କେବେହେଲେ ତାହା ପ୍ରକାଶ କରିନାହାନ୍ତି । ନା ମୁଁ ତାଙ୍କୁ କେବେ ତହଜ୍ଜୁଦ୍ ପଢ଼ିବାର ସ୍ୱଚକ୍ଷୁରେ ଦେଖିଛି । ମାତ୍ର ଅଲ୍ଲାଃତାଲା ମୋର ମନରେ ଥିବା ଏହି ସନ୍ଦେହକୁ ଦୂର କରିବାର ଥିଲା । ସେଥିପାଇଁ ଥରେ ରାତିରେ

ମୋର ଆଖି ଖୋଲିଗଲା । ଅର୍ଦ୍ଧରାତ୍ରିର ସମୟ, ମୋତେ ବହୁତ ଶୋଷ ଲାଗୁଥିଲା । ପାଣି ପିଇବାକୁ ଯିବାକୁ ହେଲେ ପିତାଙ୍କର କୋଠରୀ ମଧ୍ୟ ଦେଇ ଯିବାକୁ ପଡ଼ୁଥିଲା । ସେଠାରେ ମୁଁ ଦେଖିଲି ଯେ ପିତାଶ୍ରୀ ନଫିଲ୍ ନମାଜ (ଅତିରିକ୍ତ ଉପାସନା) ପାଠରେ ଧ୍ୟାନରତ ଅଛନ୍ତି । ପାଣି ପିଇ ସାରି ଫେରି ଆସିବା ବେଳକୁ ଦେଖେ ତ ସେ ସଲାମ୍ ଫେରାଇ ସାରିଥିଲେ । ଝାପସା ଆଲୁଅରେ ମୁଁ ଦେଖିଲି ଯେ ପିତାଙ୍କର ମୁଖମଣ୍ଡଳରେ ଲଜ୍ୟା ଭାବର ଲକ୍ଷଣ ପ୍ରକାଶ ପାଉଥିଲା । ସତେ ଯେପରି ମୁଁ ଲୁଚିଛପି କରୁଥିବା କୌଣସି ଚୋରୀ ଧରା ପକାଇ ଦେଇଛି ।" *(ହୟାତେ ନାସିର୍, ପୃଷ୍ଠା 217-218)*

# ଅଲ୍ଲାଃଙ୍କ ସହିତ ପ୍ରେମ

ତାଙ୍କର ଦ୍ୱିତୀୟ ପତ୍ନୀ ସୟଦା ତାହିରା ସିଦ୍ଦିକା ନାସିର ସାହେବା କହିଛନ୍ତି:

ହଜରତ ଖଲିଫତୁଲ୍ ମସିହ ତୃତୀୟ[ରଅ]ଙ୍କର ଈଶ୍ୱରଙ୍କ ସହିତ ନିବିଡ ସମ୍ପର୍କ ନିଜ ଭିତରେ ସତେ ଯେ କେତେ ଗଭୀରତା ଓ ବିଶାଳତାର ନିଦର୍ଶନ ରଖିଥାଏ, ସେହି ସବୁ ଘଟଣା ସମ୍ବନ୍ଧରେ ନା ମୁଁ ଜାଣିଛି ଓ ନା ବର୍ଣ୍ଣନା କରିବାକୁ ମୁଁ ସକ୍ଷମ । କିନ୍ତୁ ଆଜି ମଧ୍ୟ ମୋ କାନରେ ତାଙ୍କ ପ୍ରଦତ୍ତ ଅନେକ ଭାଷଣ ଓ ଖୁତବା ପ୍ରସଙ୍ଗ ମଧ୍ୟରେ ସେ ଅନେକ ଥର ଉଚ୍ଚାରଣ କରିଥିବା ଏକ ଶବ୍ଦ ଅନେକ ମାଧୁର୍ଯ୍ୟ ଭରିଦେଇଥାଏ । କିଭଳି ପ୍ରେମରେ ତନ୍ମୟ ହୋଇ ସେ 'ରବ୍' (ପାଳନକର୍ତ୍ତା) ଶବ୍ଦକୁ କହୁଥିଲେ, ଯାହା ତାଙ୍କ କହିବା ଶୈଳୀରେ ଏକ ଗୂଢ଼ ରହସ୍ୟକୁ ଦର୍ଶାଇ ଦେଉଥିଲା । ତାଙ୍କ ଜୀବନର ଉଦ୍ଦେଶ୍ୟ ଓ ତାଙ୍କ ହୃଦୟରେ ବ୍ୟଗ୍ରତା ମଧ୍ୟରେ କେବଳ ଏତିକି ଆକାଂକ୍ଷା ରହିଥିଲା ଯେ ସମସ୍ତ ସଂସାରରେ 'ତୌହିଦେ ଖାଲିସ୍'(ବିଶୁଦ୍ଧ ଏକେଶ୍ୱରବାଦ)ର ପ୍ରତିଷ୍ଠା ହେଇଯାଉ । ସମଗ୍ର ବିଶ୍ୱ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ]ଙ୍କ ପତାକା ତଳେ ଏକତ୍ରିତ ହୋଇଯାଆନ୍ତୁ । ତେଣୁ ସେ ଅଲ୍ଲାଃଙ୍କ ଛାମୁରେ ଏହି ନିବେଦନ କରୁଥିଲେ 'ହେ ମୋର ଅଲ୍ଲାଃ, ହେ ମୋର ପ୍ରିୟତମ ଈଶ୍ୱର! ତୁମ୍ଭେ ଆମକୁ ଏପରି ଗଢିଦିଅ ଯେ ତୁମ୍ଭର ଏହି ଦୁର୍ବଳ ଓ ଦରିଦ୍ର ଭକ୍ତ ତୁମ୍ଭ ସକାଶେ ହିଁ ଏହି ମାନବଜାତିର ମନ ଓ ହୃଦୟକୁ ଜୟ କରିନେବ ଏବଂ ତୁମ୍ଭର ଶ୍ରୀଚରଣେ ସେମାନଙ୍କୁ ଆଣି ଏକତ୍ରିତ କରିଦେବ । ଏପରିକି ସଂସାରର ସମସ୍ତ ଗୃହ ଓ ସେହି ଗୃହରେ ବାସ କରୁଥିବା ସକଳ ଲୋକଙ୍କ ହୃଦୟ କନ୍ଦରରୁ 'ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର ରସୁଲୁଲ୍ଲାଃ'ର ଶବ୍ଦ ଗୁଞ୍ଜରିତ ଦେବ । ତଥା ସକଳ ସଂସାରବାସୀଙ୍କ ମୁହଁରୁ 'ଅଲ୍ଲାଃହୁ ଅକବର୍'ର ସ୍ଲୋଗାନ ଉଚ୍ଚାରିତ ହେଉ ।'

*(ଜଲସା ସାଲାନାର ପ୍ରାର୍ଥନା, ପୃଷ୍ଠା 18)*

ପୁଣି ଅଲ୍ଲାଃଙ୍କ ଛାମୁରେ ହୁଜୁର ଅଳି କରି କହିଛନ୍ତି:

"ହେ ଆମର ରହମାନ ଈଶ୍ୱର । ମୋର ଏହି ହାତଦ୍ୱୟକୁ ନିଜର କରୁଣା ଦ୍ୱାରା ଭରିଦିଅନ୍ତୁ । ତୁମ୍ଭର ଐଶ୍ୱର୍ଯ୍ୟ ଓ ମୁହମ୍ମଦ[ସଅ]ଙ୍କର ସୌନ୍ଦର୍ଯ୍ୟ ସମସ୍ତ ଦୁନିଆରେ ଚମକି ଉଠୁ । ତୁମ୍ଭରି ପ୍ରତାପ ଓ ମୁହମ୍ମଦ[ସଅ]ଙ୍କର ଶ୍ରେଷ୍ଠତା ବିଶ୍ୱ ଉପରେ ଜାଜ୍ୱଲ୍ୟମାନ ହେଉ । ଇସଲାମ ଓ ମୁହମ୍ମଦ[ସଅ]ଙ୍କର ଆଧ୍ୟାତ୍ମିକ ପରାକ୍ରମ ଦ୍ୱାରା ଶତ୍ରୁମାନଙ୍କର ଶିରାନତ କରିଦିଅନ୍ତୁ ଓ ଲଜ୍ୟାଶୀଳ କରିଦିଅନ୍ତୁ ।"

ସେ ଯେତେବେଳେ ନମାଜ ପଢୁଥିଲେ ସେହି ସମୟରେ ତାଙ୍କ ମୁଖମଣ୍ଡଳରେ ଅଧିକ ମାତ୍ରାରେ ଅଶ୍ରୁସିକ୍ତ କମନୀୟ ଆର୍ଦ୍ରତା ଉକୁଟି ଉଠୁଥିଲା । ମୁଁ ଅନେକଥର ନମାଜ ପାଠ ସମୟରେ ତାଙ୍କ ଚେହେରାକୁ ଧ୍ୟାନପୂର୍ବକ ଦେଖିଛି ଯାହା ତାଙ୍କ ମସ୍ତକ ଉପରେ ପଡିଥିବା ଗାରରୁ ଜଣାପଡିଥାଏ ଯେ ସେ ନିଜର ସମସ୍ତ ଧ୍ୟାନ ଈଶ୍ୱରଙ୍କ ଆଡକୁ କେନ୍ଦ୍ରୀଭୂତ କରିଛନ୍ତି ଏବଂ ତାଙ୍କ ଚେହେରାରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି ଯେ ସତେ ଯେପରି ସେ କାନ୍ଦିବାରେ ଲାଗିଛନ୍ତି ।
*(ହଜରତ ମିର୍ଜା ନାସିର୍ ଅହମଦ, ପୃଷ୍ଠା 163)*

# ପ୍ରାର୍ଥନା ଗ୍ରହୀତ ହେବାର ଚମତ୍କାରୀତା

ମହାମାନ୍ୟ ତୃତୀୟ ଖଲିଫାଙ୍କ ଖିଲାଫତ୍ ସମୟରେ ସମ୍ପୂର୍ଣ୍ଣ ଜମାଅତ ପ୍ରାର୍ଥନା ଗ୍ରହୀତ ହେବାର ଅସଂଖ୍ୟ ନିଦର୍ଶନ ଦେଖିଛି । ସେଥି ମଧ୍ୟରୁ କେତେକ ଘଟଣା ବିଭିନ୍ନ ନିବନ୍ଧରେ ପ୍ରକାଶ ପାଇଛି । କିନ୍ତୁ ସେଥିରୁ ଅନେକଗୁଡିଏ ଦୃଷ୍ଟାନ୍ତ ଏପରି ଅଛି ଯାହା କେବଳ ମନମସ୍ତିଷ୍କରେ ସୁରକ୍ଷିତ ଅଛି । ଥରେ ହୁଜୁର ନିଜ କୋଠରୀ ମଧ୍ୟରେ ନିଜ ବିଛଣା ଉପରେ ବସିଥିବା ସମୟରେ ଏହିପରି କହିଥିଲେ:

"ଦେଖନ୍ତୁ ଅଲ୍ଲାଃତାଲାଙ୍କର ମୋ ଉପରେ କେତେ ବ୍ୟାପକ କରୁଣାର ଦୃଷ୍ଟି ରହିଛି । ମୁଁ ତ ଏକ ବିନୀତ ଭକ୍ତ ମାତ୍ର । କିନ୍ତୁ ମୋ ମୁହଁରୁ ଯେତେବେଳେ ଏହି କଥା ବାହାରୁଛି ଯେ ପୁତ୍ରସନ୍ତାନ ହେବ, ଈଶ୍ୱର ପୁତ୍ର ସନ୍ତାନ ହିଁ ପ୍ରଦାନ କରୁଛନ୍ତି ।"

ଏହା କହିବା ବେଳେ ତାଙ୍କ କଥାର ଭାବଭଙ୍ଗୀ, ତାଙ୍କ କଣ୍ଠସ୍ୱର ତଥା ତାଙ୍କ ଚେହେରାର ପ୍ରଭାବ ଆଜି ମଧ୍ୟ ମାନସ ପଟଳରେ ନାଚି ଉଠୁଛି । ଅତ୍ୟନ୍ତ ବିନୟପୂର୍ଣ୍ଣ ଆଚରଣ ଓ ଈଶ୍ୱର ପ୍ରେମରେ ମଜି ଯାଇଥିବା ଏକ ମୁଖମଣ୍ଡଳ !

ବାରମ୍ବାର ଏପରି ହେଲା ଯେ ସେ ସନ୍ତାନ ଲାଭ ପାଇଁ କେବଳ ପୁତ୍ରସନ୍ତାନର ନାମ ହିଁ କହୁଥିଲେ ଓ ଚାହୁଁଚାହୁଁ ପୁତ୍ର ସନ୍ତାନଟିଏ ମଧ୍ୟ ଜନ୍ମ ହେଉଥିଲା । ଯଦିବା ସେ କେବେ କାହାର କନ୍ୟାଶିଶୁର ନାମକରଣ କରୁଥିଲେ, ତା'ହେଲେ କନ୍ୟାଟିଏ ହିଁ ଜନ୍ମ ହେଉଥିଲା । ଏହିପରି ଘଟଣା ତ ଅନେକ ରହିଅଛି । ଅନେକ ପରିବାର ଏପରି ଅଛନ୍ତି ଯେଉଁ ଘରେ ବର୍ଷ ବର୍ଷ ଧରି ସନ୍ତାନଟିଏ ବି ଜନ୍ମ ହେଉ

ନଥିଲେ । କିନ୍ତୁ ତାଙ୍କର ପ୍ରାର୍ଥନା ଗ୍ରୁହୀତ ହେବା ଦ୍ୱାରା ଅଲ୍ଲାଃତାଲା ବିବାହର ବହୁ ବର୍ଷ ପରେ ମଧ୍ୟ ସମ୍ପୃକ୍ତ ଦମ୍ପତିଙ୍କୁ ସନ୍ତାନ ସୁଖ ପ୍ରଦାନ କରିଛନ୍ତି । ଆଫ୍ରିକାର ଜଣେ ମହିଳା ଯାହାଙ୍କ ବିବାହାର ୪୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ତଥା ସନ୍ତାନ ଜନ୍ମ ହେବାର ବୟସ ଅତିକ୍ରମ କରିଯାଇଥିଲେ ସୁଦ୍ଧା ତୃତୀୟ ଖଲିଫାଙ୍କ ପ୍ରାର୍ଥନାର ଆଶୀଷ ବଳରେ ନବଜାତକ ଶିଶୁଟିଏ ପ୍ରାପ୍ତ ହେଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବହୁତ ରୋଗୀଙ୍କୁ ଅଲ୍ଲାଃତାଲା ତାଙ୍କର ପ୍ରାର୍ଥନାର ଆଶୀର୍ବାଦ ଯୋଗୁଁ ଚମତ୍କାର ଢଙ୍ଗରେ ରୋଗମୁକ୍ତ କରିଛନ୍ତି । କେବଳ ଏଠାରେ ଏକ ଅବିଶ୍ୱସନୀୟ ଘଟଣା ଦୃଷ୍ଟାନ୍ତ ସ୍ୱରୂପ ଦିଆଯାଉଛି:

ମୌଲବୀ ଅବଦୁଲ କରିମ୍ ସାହେବ କାଠଗଡ଼ି ସାହିଦ ଡିଗ୍ରୀପ୍ରାପ୍ତ ଯେପରି କ୍ୟାନସର ପରି ଏକ ମାରାତ୍ମକ ରୋଗ Multiple Myelomaରେ ପୀଡିତ ଥିଲେ । ସେହି ରୋଗ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଥିଲା ତଥା ସେ ଚେତାଶୂନ୍ୟ ଅବସ୍ଥାରେ ରହୁଥିଲେ । ଡାକ୍ତର ଚିକିତ୍ସା ହୋଇପାରିବ ନାହିଁ ବୋଲି କହି ଦେଇଥିଲେ । ହଜରତ ଖଲିଫତୁଲ୍ ମସିହ ତୃତୀୟଙ୍କ ସେବାରେ ପ୍ରାର୍ଥନା ପାଇଁ ଆବେଦନ କରାଗଲା । ସେ ସନ୍ଦେଶ ପଠାଇଲେ ଯେ–

> "ସୁଚୀବୁଟି ନାମକ ଏକ ପ୍ରକାର ଆୟୁର୍ବେଦ ଔଷଧ ସନ୍ଧ୍ୟା ସକାଳେ ରୋଗୀଙ୍କୁ ଦିଆଯାଉ ଏବଂ ଡାକ୍ତରଖାନାରେ ରଖାଯାଉ । ତାଙ୍କ ପାଇଁ ବିଶେଷ ପ୍ରାର୍ଥନା ଜାରି ରହିଛି ।"

ସୁତରାଂ ମୃତ୍ୟୁରୁ ଜୀବିତ କରିବାର ଅଲୌକିକ ନିଦର୍ଶନଧାରୀ ପ୍ରତିଶ୍ରୁତ ମସିହ[ଅସ]ଙ୍କର ସେହି ଆଧ୍ୟାତ୍ମିକ ଉତ୍ତରାଧିକାରୀଙ୍କର ପ୍ରାର୍ଥନାର ଉପକାର ଯୋଗୁଁ ବାସ୍ତବରେ ଏକ ମୃତବ୍ୟକ୍ତି ଜୀବିତ ହୋଇଗଲା । ଏପରିକି ସେହି ମୌଲବୀ ସାହେବଙ୍କୁ ଅଲ୍ଲାଃତାଲା ପନ୍ଦର/ଷୋହଳ ବର୍ଷ ଅଧିକ ଆୟୁଷ ପ୍ରଦାନ କଲେ ।

୧୯୭୬ ମସିହାରେ ସେ ଘୋଡାରୁ ଖସିପଡିଲେ । ତାଙ୍କ ଅଣ୍ଟାର ମେରୁହାଡରେ ତିନୋଟି ଗଣ୍ଠିଯୋଡର ଫ୍ରାକଚର ହୋଇଯାଇଥିଲା । ସେ ଏହି ବିଷୟରେ କହିଛନ୍ତି:

> "ଡାକ୍ତରମାନେ ମୋତେ କହିଲେ ଏବେ ଠାରୁ ତୁମେ କେବେ ବି ଦଣ୍ଡବୈଠକ କରିପାରିବ ନାହିଁ କି ଭୂମି ଉପରେ ବସିବା ଭଳି ଅବସ୍ଥାକୁ ଯାଇପାରିବ ନାହିଁ । ଏହା ଶୁଣି ମୁଁ ଅଲ୍ଲାଃଙ୍କ ଛାମୁରେ ପ୍ରାର୍ଥନା କଲି 'ହେ ମୋର ଈଶ୍ୱର ! ମୋ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ନ୍ୟସ୍ତ କରାଯାଇଛି । ତୁମ୍ଭେ ହିଁ ମୋତେ ସଂମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କର ।"

ସୁତରାଂ ସେ ତିନମାସ ପର୍ଯ୍ୟନ୍ତ ବିଛଣାରେ ପଡିରହିଲେ ଏବଂ ତା'ପରେ ଚମତ୍କାର

ଭାବରେ ଦେଖୁ ଦେଖୁ ଅଲ୍ଲାଃତାଲା ତାଙ୍କୁ ରୋଗମୁକ୍ତ କରିଦେଲେ ଓ ସେ ସଂମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ । ପୂର୍ବପରି  ସେ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ଲାଗିଲେ ।' ଅଲ୍ଲାଃ ହିଁ ସର୍ବ ପ୍ରଶଂସିତ ।

*(ହଜରତ ମିର୍ଜା ନାସିର୍ ଅହମଦ୍, ପୃଷ୍ଠା 167-168)*

## ସେହି ପରମେଶ୍ୱରଙ୍କ ନିକଟରେ କୌଣସି କଥା ଅସମ୍ଭବ ନୁହେଁ

ହଜରତ ଖଲିଫତୁଲ୍ ମସିହ ତୃତୀୟ[ରଅ] ବର୍ଣ୍ଣନା କରିଛନ୍ତି:

ରବଓ୍ୱାରେ ମୋତେ ଜଣେ ବ୍ୟକ୍ତିର ପତ୍ର ମିଳିଲା । ତାଙ୍କର ଦୁଇଜଣ ସମ୍ପର୍କୀୟ ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା । କିନ୍ତୁ ମୁଖ୍ୟ ଅପରାଧି ତ ରକ୍ଷା ପାଇଯାଇଥିଲା, ଅଥଚ ଆମେ ଯିଏକି ଅପରାଧି ନାହୁଁ ତାଙ୍କୁ ଶାସ୍ତି ମିଳୁଅଛି । ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ମୃତ୍ୟୁଦଣ୍ଡକୁ ବଳବତ୍ତର ରଖିଛି । ପ୍ରତ୍ୟକ୍ଷ ଭାବରେ ଦେଖିଲେ ସେହି ଦୁହିଁଙ୍କର ବଞ୍ଚିବାର କୌଣସି ଉପାୟ ନାହିଁ । ଏବେ ଆମ୍ଭେ ଆପଣଙ୍କ ଠାରେ ଦୟାର ଅପିଲ କରୁଛୁ, ଆମ୍ଭ ପାଇଁ ପ୍ରାର୍ଥନା କରନ୍ତୁ ।

ସୁତରାଂ ମୁଁ ତାଙ୍କୁ ସାନ୍ତ୍ୱନା ଦେଇ ଲେଖିଲି ଯେ ମୁଁ ଅବଶ୍ୟ ପ୍ରାର୍ଥନା କରିବି । ଈଶ୍ୱର ହିଁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ଓ ଅଶେଷ ଦୟାବାନ । ତାଙ୍କ ନିକଟରେ କୌଣସି କଥା ଅସମ୍ଭବ ନୁହେଁ । ନିରାଶ ହୁଅ ନାହିଁ । ସୁତରାଂ କିଛି ଦିନ ପରେ ମୋତେ ତାଙ୍କର ପତ୍ର ମିଳିଲା ଯେ ଈଶ୍ୱରଙ୍କ କୃପାରୁ ଅଦାଲତ ତାଙ୍କୁ ସେହି ଅପରାଧରୁ ମୁକ୍ତ କରିଦେଇଛି ।

*(ଅଲ ଫଜଲ୍ ଇଣ୍ଟରନେସ୍‌ନାଲ, 25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା 14)*

## କିଏ କହୁଛି ନିସ୍ତାର ମିଳିବ ନାହିଁ

ଜର୍ମାନୀରୁ ମୁହମ୍ମଦ ଅମୀନ ଖାଲିଦ ସାହେବ ବର୍ଣ୍ଣନା କରିଛନ୍ତି ଯେ ଆଜିକୁ ୪୫ବର୍ଷ ପୂର୍ବେ ମୋର ଛାତି ହାଡରେ ଯନ୍ତ୍ରଣା ଅନୁଭବ ହେଲା ।

ଅନେକ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇଲି, ବିଭିନ୍ନ ପ୍ରକାରର ପରୀକ୍ଷା ମଧ୍ୟ କରାଇଲି । କିନ୍ତୁ ମୋର ଯନ୍ତ୍ରଣା ଲାଘବ ହେଲା ନାହିଁ । ଶେଷରେ ଡାକ୍ତରମାନେ ମଧ୍ୟ ବିବଶ ହୋଇଗଲେ ଓ ଚିକିତ୍ସା ଆଉ ହୋଇପାରିବ ନାହିଁ ବୋଲି ମୋତେ କହିଲେ । ଜୀବନର ଅବଶେଷରୁ ଯାହାକିଛି ସମୟ ବାକି ରହିଯାଇଛି, ତାକୁ କଷ୍ଟରେ ବିତାଇବାକୁ ପଡିବ । ଇତି ମଧ୍ୟରେ ୧୯୮୦ ମସିହା ବେଳକୁ ହଜରତ୍ ଖଲିଫତୁଲ୍ ମସିହ ତୃତୀୟ[ରଅ] ହାମବର୍ଗ ଆସିଲେ । ମୁଁ ତାଙ୍କର ସ୍ୱାଗତ ପାଇଁ ଧାଡିରେ ଛିଡା ହୋଇଥିଲି । ମୁଁ ହାତ ମିଳାଇବାକୁ ଯାଇ ତାଙ୍କୁ ନିଜର ଅସାଧ ବ୍ୟାଧି ଜନିତ ପୀଡା ବିଷୟ କହିଦେଲି । ଡାକ୍ତରମାନେ ଏଣିକି ଆଉ ଚିକିତ୍ସା ହୋଇପାରିବ ନାହିଁ ତଥା ମୋତେ ଏହି କଷ୍ଟରୁ ଆଉ ନିସ୍ତାର ମିଳିପାରିବ ନାହିଁ ବୋଲି କହିଛନ୍ତି ।

ଏହା ଶୁଣି ହୁଜୁର ଅତ୍ୟନ୍ତ ଭାବାବେଶରେ ଆସି ପ୍ରତାପପୂର୍ଣ୍ଣ ଠାଣିରେ କହିଲେ;

"କିଏ କହୁଛି ଯେ ତୁମକୁ ନିସ୍ତାର ମିଳିବ ନାହିଁ?' ପୁଣି ହୁଜୁର ମୋ କୁର୍ତ୍ତାର ଏକ ବୋତାମ ନିଜ ପବିତ୍ର ହସ୍ତରେ ଖୋଲିଲେ ଓ ମୋର ଛାତି ଉପରେ ଏକ ଗୋଲାକାର ଆକୃତି ତିଆରି କଲେ ଏବଂ କହିଲେ; କ'ଣ ଏହିଠାରେ ଯନ୍ତ୍ରଣା ହେଉଛି?' ମୁଁ କହିଲି 'ହଁ ହୁଜୁର'! ଏହାପରେ ହୁଜୁର କହିଲେ 'ଆମେ ତୁମ ପାଇଁ ଅବଶ୍ୟ ପ୍ରାର୍ଥନା କରିବୁ । ଯଦି ଅଲ୍ଲାଃ ଚାହାନ୍ତି ଉପଶମ ହୋଇଯିବ ଓ ବିଶ୍ରାମ ଆସିଯିବ, ଘାବରା ହୁଅନ୍ତୁ ନାହିଁ।"

ସୁତରାଂ ଅମୀନ ସାହେବ କହିଛନ୍ତି ଯେ ଆଜିକୁ ଏହି ଘଟଣା ଘଟିବାର ୩୫ବର୍ଷ ବିତିଗଲାଣି । ସେହି ଦିନ ଓ ଆଜିକାର ଦିନରେ ମୋର ଏପରି ଅବସ୍ଥା ହୋଇଛି ଯେପରିକି କେବେ ହେଁ ମୋତେ କୌଣସି କଷ୍ଟ ହିଁ ହୋଇ ନଥିଲା ।'

*(ଅଲ ଫଜଲ୍ ଇଣ୍ଟରନେସ୍‌ନାଲ, 25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା 15)*

# ସେ ନିଶ୍ଚୟ ପୁଅଟିଏ ଦେବେ

ମିଆଁ ମୁହମ୍ମଦ ଅସଲମ୍ ସାହେବ ପତୁକୀ ବାସିନ୍ଦା ଲେଖିଛନ୍ତି:

୧୯୨୫ ମସିହାରେ ମୋର ବିବାହ ସମ୍ପନ୍ନ ହେଲା । ବିବାହର ୧୨ବର୍ଷ ବିତିଗଲା ଅଥଚ କୌଣସି ସନ୍ତାନ ହେଲେ ନାହିଁ । ସମସ୍ତ ବନ୍ଧୁବାନ୍ଧବ ଅଣଅହମଦି ଥିଲେ । ସେମାନଙ୍କ ସହିତ ଗ୍ରାମବାସୀମାନେ ମଧ୍ୟ ଏହା କହିବା ଆରମ୍ଭ କରିଦେଲେ ଯେ ଯେହେତୁ ଯେ କାଦିୟାନୀ ହୋଇଯାଇଛି, ସେଥିପାଇଁ ନିଃସନ୍ତାନ ହୋଇ ରହିବ । ମୁଁ ବିଭିନ୍ନ ପ୍ରକାରର ଚିକିତ୍ସା କରାଇଲି । କିନ୍ତୁ ସନ୍ତାନର ଆଭାସ ମିଳିଲା ନାହିଁ । ସେହି ପରିସ୍ଥିତିରେ ମୁଁ ହଜରତି ଖଲିଫତୁଲ୍ ମସିହ ତୃତୀୟ[ରଅ]ଙ୍କ ସେବାରେ ସମସ୍ତ ଘଟଣା ଲେଖି ପ୍ରାର୍ଥନା ପାଇଁ ନିବେଦନ କଲି । ଏହାର ଉତ୍ତରରେ ହୁଜୁର କହିଲେ 'ଅଲ୍ଲାଃତାଲା ତୁମକୁ କେବେ ନଷ୍ଟ କରିବେ ନାହିଁ ଏବଂ ତୁମକୁ ଅବଶ୍ୟ ପୁତ୍ରସନ୍ତାନ ପ୍ରଦାନ କରିବେ ।' ସମୟର ଖଲିଫାଙ୍କ ଏହି ପ୍ରାର୍ଥନା ପ୍ରଭାବ ଦେଖି ସମସ୍ତେ ଆଚମ୍ବିତ ହୋଇଗଲେ ଯେ ଏହି ବ୍ୟକ୍ତିର ସନ୍ତାନ କିପରି ଜନ୍ମ ହେଲା । ଏପରିକି ମହିଳା ପ୍ରସୂତି ଡାକ୍ତର କହିଥିଲେ 'ଏହି ସ୍ତ୍ରୀ ଲୋକର (ଅର୍ଥାତ ମୋର ପତ୍ନୀର) ସନ୍ତାନ ପ୍ରସବ ହେବାର ପ୍ରଶ୍ନ ହିଁ ଉଠୁନାହିଁ ।' ଏଥିପାଇଁ ମୁଁ ଲୋକମାନଙ୍କୁ କହିଲି ଯେ ଏହା ନିଶ୍ଚିତ ରୂପେ ହଜରତ ମସିହ ମଉଦ[ଅସ]ଙ୍କ ସତ୍ୟତାର ଜ୍ୱଳନ୍ତ ନିଦର୍ଶନ, ଯାହାକି ଅଲ୍ଲାଃତାଲା ଖଲିଫତୁଲ୍ ମସିହଙ୍କ ପ୍ରାର୍ଥନାର କଲ୍ୟାଣ ଯୋଗୁଁ ସମ୍ଭବପର ହେଲା ।

*(ଅଲ ଫଜଲ ଇଣ୍ଟରନେସ୍‌ନାଲ, 25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା 15 )*

# ହଜରତ ମିର୍ଜା ତାହିର ଅହମଦ ସାହେବ ଖଲିଫତୁଲ୍ ମସିହ ଚତୁର୍ଥ[ରଅ]

ହଜରତ ମିର୍ଜା ତାହିର ଅହମଦ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ୧୯୨୮ ମସିହା ଡିସେମ୍ବର ୧୮ ତାରିଖ ଦିନ କାଦିୟାନ ଶାନ୍ତିପୀଠରେ ଜନ୍ମଗ୍ରହଣ କରିଥିଲେ । ସମୟର ଇମାମ ପ୍ରତିଶ୍ରୁତ ମସିହ ଓ ମେହେଦି[ଅସ]ଙ୍କର ନାତି ଏବଂ ମୁସଲେହ ମଉଦ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ]ଙ୍କର ସୁପୁତ୍ର ହେବାର ସେ ଗୌରବ ଅର୍ଜନ କରିଥିଲେ । ଏହା ସ୍ୱଷ୍ଟ ଯେ ଏପରି ମହାନ ପିତାମହ ଓ ପିତାଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ଲାଳିତପାଳିତ ହେବା ଏବଂ ସଂଯମ ଆଚରଣ, ଉତ୍ତମ ଶିକ୍ଷା ଓ ଚରିତ୍ର ଗଠନ ତଥା ଦିବ୍ୟ ଗୁଣାବଳୀର ଅଧିକାରୀ ହେବା ଇତ୍ୟାଦିର ପ୍ରତିଶ୍ରୁତିବଦ୍ଧତା ତାଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା ।

ପିତା ହଜରତ ମୁସଲେହ ମଉଦ[ରଅ] ଓ ମାତା ହଜରତ ମରିୟମ ବେଗମ୍ ସାହେବା[ରଅ]ଙ୍କର ଉତ୍ତମ ଶିକ୍ଷାଦୀକ୍ଷା ତଥା ଆଦର୍ଶ ଚାରିତ୍ରୀକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଏହାର ନିଶ୍ଚିତ ପରିଣାମ ଥିଲା ଯେ ସେ ପିଲାଟି ଦିନରୁ ଈଶ୍ୱରଭୟ ଓ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଉପରେ ଗଭୀର ଅଧ୍ୟୟନ କରିବା ପ୍ରତି ନିଷ୍ଠାବାନ ଥିଲେ ।

ସେ ସାଂସାରିକ ଶିକ୍ଷାଲାଭ ବ୍ୟତୀତ ଜାମିଆ ଅହମଦିୟା ରବୁଓ୍ୱାର ଶିକ୍ଷା ମଧ୍ୟ ସଂପୂର୍ଣ୍ଣ କରିଥିଲେ ଏବଂ ଶାହିଦ୍ ଡିଗ୍ରୀ ପ୍ରାପ୍ତ କରିଥିଲେ । ୧୯୮୨ ମସିହା ଜୁନ ୧୦ତାରିଖରେ ସେ ହଜରତ ମସିହ ମଉଦ[ଅସ]ଙ୍କର ଚତୁର୍ଥ ଖଲିଫା ରୂପେ ନିର୍ବାଚିତ ହେଲେ । ଯେବେ ସେ ଛୋଟ ବାଳକ ଥିଲେ, ସେହି ସମୟରେ ହିଁ ତାଙ୍କ ପିତା ହଜରତ ମୁସଲେହ ମଉଦଙ୍କୁ ଅଲ୍ଲାଃତାଲା ଐଶ୍ୱରୀକ ବାଣୀ ଦ୍ୱାରା ଜଣାଇ ଦେଇଥିଲେ ଯେ 'ତାହିର' ବଡ ହୋଇ ଖଲିଫା ହେବ । ଶିକ୍ଷା ସମାପ୍ତ କରିସାରିବା ପରେ ସେ ଜମାଅତର ସେବାରେ ନିଜର ମନୋନିବେଶ କଲେ । ଅନେକଗୁଡିଏ ମହତ୍ତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଦ୍ୱାରା ତାଙ୍କୁ ଧର୍ମସେବା କରିବା ପାଇଁ ବିଶେଷ ସାମର୍ଥ୍ୟ ହାସଲ ହୋଇଥିଲା । ଅଲ୍ଲାଃତାଲା ତାଙ୍କୁ ଜ୍ଞାନବିଜ୍ଞାନରେ ଯୋଗ୍ୟତା ଓ ଭାଷଣ ତଥା ଲିଖନରେ ପାରଦର୍ଶିତା ପ୍ରଦାନ କରିଥିଲେ । ଖିଲାଫତ୍ ପଦରେ ଆସୀନ ହେବା ପୂର୍ବରୁ ତାଙ୍କ ପ୍ରଶ୍ନୋତ୍ତର ମଜଲିସରେ ଲୋକମାନେ ବହୁ ଦୂର ଦୂରାନ୍ତରରୁ ଆସି ଯୋଗ ଦେଉଥିଲେ ।

ତାଙ୍କର ପ୍ରାୟ ୨୧ବର୍ଷର ଖିଲାଫତ୍‌ର ଯୁଗ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିବାରେ ଭରପୁର ହୋଇ ରହିଥିଲା । ଯେଉଁ ସମୟରେ ଅଲ୍ଲାଃତାଲା ବଡ ବଡ ଚମତ୍କାର ସ୍ୱର୍ଗୀୟ ନିଦର୍ଶନ ଦେଖାଇଥିଲେ ଏବଂ ସ୍ପଷ୍ଟ ରୂପେ ଅସମ୍ଭବ ଜଣାପଡୁଥିବା ପରିସ୍ଥିତିରେ ଅଲ୍ଲାଃତାଲା ତାଙ୍କୁ ପାକିସ୍ତାନରୁ ନେଇ ସୁରକ୍ଷା ପୂର୍ବକ ଲଣ୍ଡନରେ ପହଞ୍ଚାଇ ଦେଇଥିଲେ । ଅସଲମ୍ କୁରୈଶୀ ନାମକ ବ୍ୟକ୍ତି ଯିଏ କି ଏକ ଷଡଯନ୍ତ୍ରର ଶିକାର ହୋଇ ଆତ୍ମଗୋପନ କରିଥିଲା । ସେ ଅଚାନକ ଆତ୍ମପ୍ରକାଶ କରିବା ଫଳରେ ମୁଲ୍ଲାମାନଙ୍କ ଦ୍ୱାରା ମିଥ୍ୟାରେ ତାଙ୍କୁ ହତ୍ୟା କରାଯାଇଥିବାର ଆରୋପ ଲଗାଯାଇଥିବା ଖଲିଫତୁଲ୍ ମସିହ ଚତୁର୍ଥ[ରଅ]ଙ୍କୁ ମଧ୍ୟ ଈଶ୍ୱର ଅପବାଦ ମୁକ୍ତ କରାଇଥିଲେ । ପାକିସ୍ତାନର ଦୁର୍ଦ୍ଦାନ୍ତ ଶାସକ ଅତ୍ୟାଚାରୀ ଜିଆଉଲ ହକ୍‌ଙ୍କୁ ଐଶୀ କାର୍ଯ୍ୟାନୁଷ୍ଠାନ ବଳରେ ଅପମାନିତ ଓ ନିନ୍ଦିତ ହେବାକୁ ପଡିଲା । ହୁଜୁରଙ୍କ ମୁବାହିଲାର ପରିଣାମ ସ୍ୱରୂପ ଯେଉଁ ବଦ୍‌ନାମ୍ ଯୁଗରେ ପାକିସ୍ତାନର ନିରୀହ ଅହମଦିଗଣଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଥିଲା, ହୁଜୁର 'ୱକଫେ ନଓ' ନାମକ ସନ୍ତାନ ଉତ୍ସର୍ଗ ଯୋଜନା ପ୍ରଣୟଣ କଲେ । ସେହିପରି ବିଶ୍ୱ ସ୍ତରୀୟ ଦୀକ୍ଷା ଗ୍ରହଣର ଏକ ମହାନ ଆନ୍ତର୍ଜାତିକ ଶପଥ ଗ୍ରହଣ ଉତ୍ସବର ଶୁଭାରମ୍ଭ (ଆଲମୀ ବୈଅତ) ମଧ୍ୟ ତାଙ୍କର ଖେଲାଫତ୍ କାଳରେ ହୋଇଥିଲା । ସେହିପରି ଏମ.ଟି.ଏ. (ମୁସଲିମ ଟେଲିଭିଜନ ଅହମଦିୟା) ନାମକ ଏକ ଚବିଶଘଣ୍ଟିଆ ସାଟେଲାଇଟ୍ ଚାନେଲ ମଧ୍ୟ ତାଙ୍କ ଆଧ୍ୟାତ୍ମିକ ନେତୃତ୍ତ୍ୱର ଭିତ୍ତିଭୂମି ରୂପେ ହିଁ ସେ ସ୍ଥାପନ କରିଥିଲେ ।

ଯେପରି ପୂର୍ବରୁ ମଧ୍ୟ ବର୍ଣ୍ଣନା କରାଯାଇଛି ନମାଜ ସହିତ ପ୍ରେମ ବାସ୍ତବରେ ଅଲ୍ଲାଃଙ୍କୁ ହିଁ ପ୍ରେମ କରିବାକୁ ବୁଝାଏ । ଅଲ୍ଲାଃଙ୍କ ଛାମୁରେ ଭୂମିଷ୍ଠ ପ୍ରଣିପାତ ହେବା ଓ ତାଙ୍କ ନିକଟରେ ପ୍ରାର୍ଥନା ଭିକ୍ଷା କରିବା ତଥା ତାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବା ଇତ୍ୟାଦି ସବୁ ଈଶ୍ୱରଙ୍କ ସହିତ ଘନିଷ୍ଠ ସମ୍ପର୍କର ପ୍ରମାଣ । ନିମ୍ନରେ ତାଙ୍କର ପ୍ରାର୍ଥନାର ଗୃହୀତ ହେବା ଓ ନମାଜ ସହିତ ଆସକ୍ତି ତଥା ପ୍ରେମଭାବ ମୂଳକ କେତୋଟି ଦୃଷ୍ଟାନ୍ତ ଏଠାରେ ଦିଆଯାଉଛି:

## ଯାହାର ପ୍ରାର୍ଥନା ଗୃହୀତ ହେବ, ତାକୁ ଦୁଇ ଗ୍ୟାଲନ ପେଟ୍ରୋଲ ଓ କାର ମିଳିବ

ଦିନକର ଘଟଣା । ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ] ନିଜ ପରିବାରବର୍ଗଙ୍କ ସହିତ କୌଣସି ଏକ ସ୍ଥାନକୁ ଯାତ୍ରା କରିସାରି କାଦିୟାନ ଫେରୁଥିଲେ । ରାସ୍ତାରେ ଜଣାପଡିଲା ଯେ ଗାଡିରୁ ପେଟ୍ରୋଲ ଶେଷ ହେବାକୁ ବସିଲାଣି ଓ ତେଲର ମିଟର କଣ୍ଟା ଶୂନରେ ପହଞ୍ଚି ଗଲାଣି । ପ୍ରକୃତ ପକ୍ଷେ

ସେମାନଙ୍କୁ ଯାତ୍ରା ସମୟରେ ପେଟ୍ରୋଲ ସାଙ୍ଗରେ ଧରି ଯିବାକଥା କାହାର ମନେ ନାହିଁ । ଏବେ ଆହୁରି ଅଧାରାସ୍ତା ଯିବାକୁ ବାକି ଅଛି । ଗନ୍ତବ୍ୟ ସ୍ଥଳ କାଦିୟାନ ପର୍ଯ୍ୟନ୍ତ ରାସ୍ତାରେ ଦୂର ଦୂରକୁ ବି କୌଣସି ପେଟ୍ରୋଲ ପମ୍ପର ଚିହ୍ନବର୍ଣ୍ଣ ମଧ୍ୟ ଦେଖାଯାଉ ନଥିଲା । ହଜରତ ଖଲିଫତୁଲ ମସିହ ଦ୍ୱିତୀୟ[ରଅ] ପିଲାମାନଙ୍କୁ କହିଲେ 'ପିଲାମାନେ ! ଆସ ଆମେ ସମସ୍ତେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବା ଯେ ହେ ଅଲ୍ଲାଃ ! ଏହି ଅସୁବିଧାକୁ ରାସ୍ତାର ବ୍ୟାଧି କରିଦିଅ ନାହିଁ । ବରଂ ଆମମାନଙ୍କୁ ସୁରୁଖୁରରେ କାଦିୟାନ ପହଞ୍ଚାଇ ଦିଅନ୍ତୁ । ମୁଁ ପ୍ରତିଶ୍ରୁତି ଦେଉଛି ଯେ ଯାହାର ପ୍ରାର୍ଥନା ଅଲ୍ଲାଃଙ୍କ ଛାମୁରେ ଗୃହୀତ ହେବ, ମୁଁ ତାକୁ କାଦିୟାନ ପହଞ୍ଚି ଦୁଇ ଗ୍ୟାଲନ ପେଟ୍ରୋଲ ଓ କାର ଚଳାଇବା ପାଇଁ ଅନୁମତି ଦେବି ।'

ସମ୍ଭବତଃ ସେ ଏହି କଥା ଉପର ଠାଉରିଆ ଭାବରେ ଆମ ଶିକ୍ଷାଲାଭ ସକାଶେ କହିଥିବେ । ତେବେ ଏପରି ହେଲା ଯେ ସାହେବଜାଦା ମିର୍ଜା ତାହିର ଅହମଦଙ୍କର ଭାଇ ଭଉଣୀମାନେ ତ ଏଥିପ୍ରତି କୌଣସି ଧ୍ୟାନ ଦେଲେ ନାହିଁ । କିନ୍ତୁ ଅଳ୍ପବୟସ୍କ ତାହିର ଅହମଦ ଅତି ଗମ୍ଭୀର ଭାବରେ ବସି ରହିଲେ । ଏହିପରି ଅବସ୍ଥାରେ କାର କାଦିୟାନ ପହଞ୍ଚିଗଲା । ତହୁଁ ସଙ୍ଗେ ସଙ୍ଗେ ମିର୍ଜା ତାହିର ଅହମଦ ବିନା ସଙ୍କୋଚରେ ଅତି ଉତ୍ସୁକ ହୋଇ ଡାକ ଛାଡିଲେ "ଅବ୍‌ବାଜାନ ! ମୁଁ ତ ନିରନ୍ତର ଭାବେ ପ୍ରାର୍ଥନା କରୁଥିଲି ଏବଂ ମୁଁ ସେତିକି ବେଳୁ ପ୍ରାର୍ଥନା କରି ଆସୁଛି ଯେବେଠାରୁ ତୁମେ ଆମକୁ ପ୍ରାର୍ଥନା କରିବା ପାଇଁ କହିଥିଲ ।"

ସୁତରାଂ ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ] ନିଜ ପ୍ରତିଶ୍ରୁତି ରକ୍ଷା କରି କହିଥିବା କଥାନୁସାରେ ଦୁଇ ଗ୍ୟାଲନ ପେଟ୍ରୋଲ ଓ କାର ଚଳାଇବା ପାଇଁ ଅନୁମତି ଦେଲେ ଏବଂ ତାହିର ଅହମଦ ଆନନ୍ଦର ସହିତ କାର ନେଇ ବୁଲିବା ପାଇଁ ବାହାରିଗଲେ । *(ଏକ୍ ମରଦେ ଖୁଦା, ପୃଷ୍ଠା 77-78)*

## ଈଶ୍ୱରଙ୍କୁ ଅନୁସନ୍ଧାନ ଓ ତାଙ୍କ ସହିତ ସମ୍ପର୍କ

ପିଲାବେଳର ଏକ ଘଟଣା, ଯହିଁରୁ ଏହା ଜଣାପଡିଥାଏ ଯେ ବାଲ୍ୟକାଳରୁ ହିଁ ତାଙ୍କର ଧ୍ୟାନ ଓ ପ୍ରାର୍ଥନା ପ୍ରତି କେତେ ନିଷ୍ଠାଭାବ ଥିଲା । ଯେତେବେଳେ ସେ ଯୌବନରେ ପାଦ ଦେଲେ, ଅଲ୍ଲାଃତାଲାଙ୍କୁ ଅନ୍ୱେଷଣ କରିବା ଓ ତାଙ୍କ ଅସ୍ତିତ୍ୱର ପରିଚୟ ପାଇବାର ବିଷୟକ ପ୍ରଶ୍ନସବୁ ତାଙ୍କ ହୃଦୟରେ ଉଦବେଳିତ ହେଉଥିଲା । ଯଦି ଏହି ସଂସାରରେ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଅଛି ଓ ନିଃସନ୍ଦେହରେ ଅଛି ତା'ହେଲେ ତାହାର ପ୍ରମାଣ ତାଙ୍କ ଅସ୍ତିତ୍ୱରେ ହିଁ ମିଳିବା ଆବଶ୍ୟକ । ସୁତରାଂ ସେ

ଦିନରାତି ପ୍ରାର୍ଥନାରେ ମଜ୍ଜି ରହିଲେ । ଅଲ୍ଲାଃତାଲା ତାଙ୍କ ପ୍ରାର୍ଥନାଗୁଡିକୁ ଗ୍ରହଣ କରି ସମ୍ମାନିତ କଲେ ତଥା ସ୍ୱପ୍ନ ମାଧ୍ୟମରେ ନିଜର ଅସ୍ତିତ୍ୱର ପ୍ରମାଣ ପ୍ରଦାନ କଲେ । ସୁତରାଂ ମହାମାନ୍ୟ ତୃତୀୟ ଖଲିଫା କହିଛନ୍ତି:

"ଏହା ମୋ ଜୀବନର ସବୁଠାରୁ କଠିନ ଓ ଶ୍ରେଷ୍ଠ ସମୟ ଥିଲା, ଯାହା ମୋତେ ଉଦବିଗ୍ନ କରୁଥିଲା । ଏହା ମୋ ପାଇଁ ଏପରି ବିଚଳିତ ଓ ବ୍ୟାକୂଳ ଅବସ୍ଥା ଥିଲା, ଯାହା ମୋର ଅନ୍ତର୍ମନକୁ ଖାଇଯାଉଥିଲା ତଥା ଅଲ୍ଲାଃଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଜାଣିବା ପାଇଁ ମୋତେ ଅସ୍ଥିର ଓ ବ୍ୟତିବ୍ୟସ୍ତ କରିପକାଉ ଥିଲା । ଏହା ଅଦୃଶ୍ୟ ଅନୁଭବ ଥିଲା ଯେଉଁ ସତ୍ତାକୁ ନଦେଖି ପାରୁଥିଲେ ସୁଦ୍ଧା ସେହି ଶକ୍ତି ଉପରେ ବିଶ୍ୱାସ ଆଣିବା ଏବଂ ନିଜ ସମ୍ପୂର୍ଣ୍ଣ ଜୀବନର ଦୃଶ୍ୟାତ୍ମକ ଓ ଭାବନାତ୍ମକ ଭବନ ନିର୍ମାଣ କରିବା କୌଣସି ସାମାନ୍ୟ ଓ ସହଜସାଧ୍ୟ କାମ ନଥିଲା । ବରଂ ଏହା ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା, ଯାହାକି ମୋତେ ବଡ ଦୁବିଧା ଓ ଅଡୁଆରେ ପକାଇ ଦେଇଥିଲା । ଏହା ମୋ ଚିନ୍ତନ ଓ ଭାବନାର ଏକ ବିଚିତ୍ର ତଥା କଷ୍ଟଦାୟକ ସ୍ଥିତି ଥିଲା, ଯାହା ମୋ ମନମସ୍ତିଷ୍କକୁ ସବୁବେଳେ ଘାରୁଥିଲା । କିନ୍ତୁ ଏହା ମୋର ବିଶ୍ୱାସ ଥିଲା ଯେ ବାସ୍ତବରେ ଈଶ୍ୱରଙ୍କ ଅସ୍ତିତ୍ୱ ନିଶ୍ଚିତ ରୂପେ ବିଦ୍ୟବାନ । କିନ୍ତୁ କ'ଣ ତାଙ୍କ ଉପସ୍ଥିତିକୁ ପ୍ରକାଶ୍ୟରେ ଦେଖାଯାଇ ପାରିବ ? ଏବଂ ଯଦି ସେ ପ୍ରକୃତରେ ଅଛନ୍ତି, ତେବେ କ'ଣ ତାଙ୍କ ଚେହେରା ସେ ମୋତେ ଦେଖାଇବେ ?"

ସୁତରଂ ସେ କେବେ ମସଜିଦରେ ଯାଇ ଘଣ୍ଟା ଘଣ୍ଟା ଧରି ଧ୍ୟାନଜପରେ ମଗ୍ନ ରହୁଥିଲେ ତ କେବେ ପୁଣି ନିଜ କୋଠରୀରେ ହିଁ ସାରାରାତି ଉପାସନା କରିବାରେ ଅତିବାହିତ କରି ଦେଉଥିଲେ । ଏପରିକି ସେ କହିଛନ୍ତି:

ମୁଁ ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରିଥାଏ ଓ କହିଥାଏ "ହେ ଈଶ୍ୱର ! ଯଦିଓ ତୁମ୍ଭେ ବିଦ୍ୟାମାନ ଅଛ, ତା'ହେଲେ ତୁମ୍ଭଙ୍କୁ ମୋତେ ସନ୍ଧାନ କରିବାର ଅଛି । ତୁମ୍ଭେ ହିଁ ମୋତେ କହିଦିଅ ଯେ ପ୍ରଭୁ ସତରେ କ'ଣ ତୁମ୍ଭେ ଅଛ ? ଏପରି ନହେଉ ଯେ ମୁଁ ତୁମ୍ଭର ଅନ୍ୱେଷଣ ପଥରୁ ବିଚ୍ୟୁତ ହୋଇଯିବି । କ'ଣ ମୋ ଉପରେ ଏହି ପଥଚ୍ୟୁତ ହେବାର ଦୋଷ ଲାଗିବ ନାହିଁ ? କେବେ ପୁଣି ଭାବିଥାଏ ଯେ କାଳେ ଏହି ପଥଭ୍ରଷ୍ଟତାର ଅପରାଧ ମୋତେ ମୁଣ୍ଡାଇବାକୁ ପଡିପାରେ ।' ପୁଣି ପ୍ରାର୍ଥନା କରିଥାଏ 'ହେ ମୋର ଈଶ୍ୱର ! ଏହି ଅପବାଦର ବୋଝ ମୋ ଉପରେ ଲାଗୁ ନହେବା ଉଚିତ ।"

ପୁସ୍ତକ 'ଏକ୍ ମର୍‌ଦେ ଖୁଦା'ର ଲେଖକ ଆଇନ୍ ଏଡମସନ୍ ଲେଖିଛନ୍ତି:

ପୁଣି ଏକ ରାତ୍ରୀର ତୃତୀୟ ପ୍ରହରରେ ସେ ଏଭଳି ଏକ ଆଧ୍ୟାତ୍ମିକ ଅନୁଭବ ମଧ୍ୟ ଦେଇ ଗତି କଲେ, ଯେଉଁ କାରଣରୁ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧୀୟ ପ୍ରଶ୍ନର ସବୁଦିନ ପାଇଁ ସମାଧାନ ହୋଇଗଲା । ସେ ସ୍ୱୟଂ କହିଛନ୍ତି 'ଯଦି ସେହି ସ୍ୱର୍ଗୀୟ ଅନୁଭବକୁ କଥାଶୈଳୀ ଅନୁଯାୟୀ ପରଖା ଯାଏ, ତା'ହେଲେ ତାକୁ ଈଶ୍ୱରଙ୍କ ଅସ୍ତିତ୍ୱର ଅତି ଶକ୍ତିଶାଳୀ ଓ ବଳିଷ୍ଠ ପ୍ରମାଣ ତ କୁହାଯାଇ ପାରିବ ନାହିଁ ଅଥଚ ତାଙ୍କର ଗଭୀର ବିଶ୍ୱାସ ଥିଲା ଯେ ଏହା ହିଁ ସେହି ପ୍ରାର୍ଥନାର ଉତ୍ତର, ଯାହାକୁ ଅଲ୍ଲାଃଙ୍କ ନିକଟରେ ସେ ଭିକ୍ଷା କରିଥିଲେ । ପୁଣି କହିଛନ୍ତି:

"ମୋର ଏହିପରି ଏକ ଅନୁଭୂତି ଯାହା ସ୍ୱପ୍ନ ଓ ଜାଗ୍ରତ ମଧ୍ୟରେ ଏକ ଅର୍ଦ୍ଧଚେତନ ଅବସ୍ଥାରେ ହାସଲ ହୋଇଥିଲା, ମୁଁ ଦେଖିଲି ଯେ ସମଗ୍ର ପୃଥିବୀପୃଷ୍ଠ ସଂକୁଚିତ ହୋଇଯାଇ ଏକ ପେଣ୍ଡୁପରି ରୂପ ଧାରଣ କରିଛି । ଯେଉଁଥିରେ ବହୁଦୂର ପର୍ଯ୍ୟନ୍ତ କୌଣସି ସୃଷ୍ଟଜ ପ୍ରାଣୀଙ୍କ ସ୍ଥିତିର ଆଭାସ ଦୃଷ୍ଟିଗୋଚର ହେଉ ନାହିଁ । ନା ସଚରାଚର ପ୍ରାଣୀଙ୍କର ଚଳ ପ୍ରଚଳ ନା କୌଣସି ସହର ବଜାର କିମ୍ବା କୌଣସି ଜନବସତି । ଏକ ନିର୍ଜନ ନିଛାଟିଆ ପ୍ରାନ୍ତର ଯେଉଁଠି କିଛିହେଲେ ମଧ୍ୟ ନାହିଁ, କେବଳ ବିସ୍ତୀର୍ଣ୍ଣ ଭୂମି ହିଁ ଭୂମି । ପୁଣି ମୁଁ କ'ଣ ଦେଖୁଛି ଯେ ହଠାତ୍ ଭୂମିର କ୍ଷୁଦ୍ର କ୍ଷୁଦ୍ର ଅଂଶ ଥରହର ହୋଇ କମ୍ପିବାକୁ ଲାଗିଲା । ତା'ପରେ ଅଚାନକ ବହୁଦୂରରୁ ବିନ୍ଦୁ ପରି ଏକ ଦୃଶ୍ୟମାନ ବସ୍ତୁ ତୀବ୍ର ଗତିରେ ପାଖକୁ ଚାଲିଆସି ତାହାର ଆକାର ବହୁତ ବଡ ହୋଇଗଲା । ତତ୍‌ସହିତ ତାହା ଚିତ୍କାର କରି ଡାକୁଥିଲା 'ଆମର ଈଶ୍ୱର!' 'ଆମର ଈଶ୍ୱର!' ଏହିପରି ପ୍ରତ୍ୟେକଟି କ୍ଷୁଦ୍ରକଣିକା ନିଜର ଅସ୍ତିତ୍ୱକୁ ଉଚ୍ଚ ସ୍ୱରରେ ଘୋଷଣା କରୁଥିଲା ।

ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଏକ ବିଚିତ୍ର ପ୍ରକାରର ଜ୍ୟୋତିରେ ଭରିଗଲା । ଗୋଟି ଗୋଟି କରି କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ପରମାଣୁ ସମାନ ପ୍ରକାରର ସୁରତାଳ ଦେଇ ପ୍ରସାରିତ ଓ ସଙ୍କୁଚିତ ହେବାକୁ ଆରମ୍ଭ କଲେ । ମୁଁ ଅନୁଭବ କଲି ଯେ ମୁଁ ମଧ୍ୟ ଏମାନଙ୍କ ସହିତ ସେହି ଶବ୍ଦାବଳୀକୁ ଦୋହରାଉଛି ଓ କହୁଛି 'ଆମ ଈଶ୍ୱର!' 'ଆମ ଈଶ୍ୱର!"

ପୁସ୍ତକର ରଚୟୀତା ପୁଣି ଲେଖିଛନ୍ତି ଯେ ଏବେ ତାଙ୍କର ଚେତନାଶକ୍ତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଥିଲା । କିନ୍ତୁ ସେ ଜାଗ୍ରତ ଥାଇ ମଧ୍ୟ ଏହି ଦୃଶ୍ୟକୁ ଗତାନୁଗତିକ ଭାବେ ଦେଖୁଥିଲେ । ଏହାପରେ ତାଙ୍କର ସମସ୍ତ ପ୍ରକାର ସନ୍ଦେହ ସବୁଦିନ ପାଇଁ ଦୂର ହୋଇଗଲା ।

*(ଏକ୍ ମର୍ଦେ ଖୁଦା, ପୃଷ୍ଠା 81 - 83)*

## ଈଶ୍ୱରୀକ ପ୍ରକଟନ ଓ ଅଲ୍ଲାଃଙ୍କ ସହିତ ସମ୍ବନ୍ଧ

ଯେତେବେଳେ ତାଙ୍କୁ ଦିବ୍ୟ ସ୍ୱପ୍ନାନୁଭୂତି ଦ୍ୱାରା ଅଲ୍ଲାଃତାଲାଙ୍କର ଅସ୍ତିତ୍ୱର ପ୍ରମାଣ ମିଳିଲା, ତା'ପରେ ତାଙ୍କ ପ୍ରାର୍ଥନା ମଧ୍ୟ ନିରନ୍ତର ଗ୍ରୁହୀତ ହେବାକୁ ଲାଗିଲା । ତତ୍‌ପରେ ଅଲ୍ଲାଃତାଲା ତାଙ୍କୁ ନିଜର ଐଶୀବାଣୀ ଓ ଦିବ୍ୟ ବାକ୍ୟାଳାପ ପ୍ରଦାନ କଲେ । ଦୈବୀ ପ୍ରକଟନ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱର ଏପରି ପ୍ରମାଣ ଯେ ଯଦି ସାରା ସଂସାର ମଧ୍ୟ ତାଙ୍କ ସତ୍ତାକୁ ଅସ୍ୱୀକାର କରିଦିଏ, ତଥାପି ଐଶୀବାଣୀ ପ୍ରାପ୍ତ ବ୍ୟକ୍ତି ଈଶ୍ୱରଙ୍କ ଅସ୍ତିତ୍ୱକୁ କେବେ ମଧ୍ୟ ଅସ୍ୱୀକାର କରିପାରିବ ନାହିଁ । ବରଂ ସେ ତାଙ୍କ ପ୍ରେମର ଦିବ୍ୟ ରସାମୃତ ପାନ କରି ନିରନ୍ତର ଭାବେ ପ୍ରଗତି କରି ଚାଲିଥିବ । ସେ କହିଛନ୍ତି:

> "ବାସ୍ତବରେ ମୋର ପିଲାଦିନର ପ୍ରାର୍ଥନା ଈଶ୍ୱରଙ୍କ ଦ୍ୱାରା ଗ୍ରୁହୀତ ହୋଇଯାଉଥିଲା । କିନ୍ତୁ କେବେ କେବେ ମୁଁ ଏହା ମଧ୍ୟ ଭାବିଥାଏ ଯେ ଏହି ଅନୁଭବରେ ମୋର ନିଜସ୍ୱ ବୁଦ୍ଧି ବିବେକର କୌଣସି ଦଖଲ ନରହୁ । କିନ୍ତୁ ଯେତେବେଳେ ମୁଁ ଈଶ୍ୱରଙ୍କ ଅସ୍ତିତ୍ୱର ଏପରି ପ୍ରମାଣ ନିଜ ଚକ୍ଷୁରେ ଦେଖିନେଲି ଯାହାକୁ କେବେ ରଦ୍ଦ କରାଯାଇ ପାରିବ ନାହିଁ ଏବଂ ମୋର ବିନମ୍ର ପ୍ରାର୍ଥନାଗୁଡକ ଏଭଳି ବ୍ୟାପକ ମାତ୍ରାରେ ଗ୍ରୁହୀତ ହେବାକୁ ଲାଗିଲା, ନିଃସନ୍ଦେହରେ ଏହି ବିଷୟ ମୋ ପାଇଁ ଏକ ଅକାଟ୍ୟ ଓ ଜ୍ୱଳନ୍ତ ପ୍ରମାଣ ସ୍ୱରୁପ ମୋତେ ସ୍ପଷ୍ଟ ଜଣାପଡିଲା । ତେଣୁ ମୋର ଅଖଣ୍ଡ ବିଶ୍ୱାସ ଯେ ପ୍ରାର୍ଥନା ଗ୍ରୁହୀତ ହେବାର ଏହି ଘଟଣାଗୁଡ଼ିକର କୌଣସି ସଂଯୋଗବଶତଃ କିମ୍ବା ଆକସ୍ମିକ ରୂପେ ଘଟିବା ସହିତ କଦାପି ସମ୍ପର୍କ ନଥିଲା । ଏପରିକି ଈଶ୍ୱରଙ୍କ ଅସ୍ତିତ୍ୱର ଏହି ପୂର୍ଣ୍ଣ ସମର୍ଥିତ ପ୍ରମାଣ ଚତୁର୍ଦ୍ଦିଗରେ ପ୍ରସାରିତ ହୋଇ ବଢ଼ି ଚାଲିଲା ତଥା ଏହା ଅଧିକ ଦୃଢ଼ିଭୂତ ହେବାକୁ ଲାଗିଲା । ଏପରିକି ସେହି ସମୟ ମଧ୍ୟ ଆସି ପହଞ୍ଚିଲା, ଯେତେବେଳେ ଈଶ୍ୱର ନିଜ କରୁଣା ବଳରେ ମୋତେ ସିଧାସଳଖ ଭାବରେ ନିଜର ଐଶୀବାଣୀ ଭିତ୍ତିକ ପୁରସ୍କାର ଦ୍ୱାରା ବିଭୁଷିତ କଲେ ।"

*(ଏକ୍ ମର୍ଦେ ଖୁଦା, ପୃଷ୍ଠା 84-85)*

## ପ୍ରାର୍ଥନାର ଗ୍ରୁହୀତ ହେବା ଏବଂ ଈଶ୍ୱରଙ୍କ ସହିତ ସମ୍ପର୍କ

ପ୍ରାର୍ଥନାର ସ୍ୱୀକୃତି ଲାଭ କରିବା ହେଉଛି ଈଶ୍ୱରଙ୍କ ସହିତ ସମ୍ପର୍କର ଏକ ବହୁତ ବଡ ପ୍ରମାଣ । ଯେତେବେଳେ ଈଶ୍ୱର କୌଣସି ବ୍ୟକ୍ତିଙ୍କୁ ନିଜର ଖଲିଫା ରୂପେ ନିଯୁକ୍ତ କରିଥାନ୍ତି, ତାଙ୍କ ପ୍ରାର୍ଥନା ଅତି ବହୁଳ ଭାବେ ଗ୍ରୁହୀତ ହୋଇଥାଏ ।

ଏହାର କାରଣ ହେଉଛି ସେହି ବ୍ୟକ୍ତି ଖଲିଫା ହେବା ପରେ ଈଶ୍ୱରଙ୍କ ସହିତ ତାଙ୍କ ସମ୍ପର୍କ ଅଧିକ ଘନିଭୂତ ହୋଇ ତାଙ୍କୁ ବହୁତ ଆଗକୁ ଅଗ୍ରସର କରାଇ ନେଇଥାଏ । ଯେତିକି ସମ୍ବନ୍ଧ ଦୃଢ ହେବାରେ ଲାଗିଥାଏ, ତାଙ୍କର ପ୍ରାର୍ଥନା ମଧ୍ୟ ସେତିକି ଅଧିକ ଗ୍ରହୀତ ହୋଇ ଉଚ୍ଚ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥାଏ । ସୁତରାଂ ଏଠାରେ ମହାମାନ୍ୟ ଚତୁର୍ଥ ଖଲିଫାଙ୍କ ପ୍ରାର୍ଥନାର ଗୃହୀତ ହେବାର କେତେକ ଘଟଣା ନିମ୍ନରେ ଦିଆଯାଉଛି । ସେ କହିଛନ୍ତି:

ପ୍ରାର୍ଥନା କରିବା ସମୟରେ ଯଦିଓ ଦୈବୀ ପ୍ରକଟନ ମାଧ୍ୟମରେ ଏହା ତ ଜଣାଇ ଦିଆଯାଏ ନାହିଁ ଯେ ମୋର ପ୍ରାର୍ଥନା ଗ୍ରହୀତ ହୋଇଗଲା । କିନ୍ତୁ ପବିତ୍ର କୁରଆନର କୌଣସି ପଙ୍‌କ୍ତି ଅଚାନକ୍ ମୋ ହୃଦୟ ମଧ୍ୟରେ ଅବତୀର୍ଣ୍ଣ ହୋଇଯାଏ । ଯାହାର ଗଭୀର ସମ୍ପର୍କ ସେହି ଘଟଣା ପ୍ରସଙ୍ଗ ସହିତ ପ୍ରକାଶିତ ହୋଇଥାଏ । ତେଣୁ ଏହାର ସମାଧାନର ସୂତ୍ର ବାହାରିବା ପାଇଁ ମୁଁ ପ୍ରାର୍ଥନା କରିଥାଏ । ସେତେବେଳେ ମୁଁ ବୁଝି ନେଇଥାଏ ଯେ ଏହା ଏକ ଲକ୍ଷଣ ରୂପେ ପ୍ରକାଶ ପାଇଥାଏ, ଯାହାର ସାଂକେତିକ ସୂଚନା ସ୍ୱରୂପ ମୋର ପ୍ରାର୍ଥନା ଗ୍ରହୀତ ହୋଇଯାଇଛି ।

ସୁତରାଂ ମୁଁ ଯେବେ ପ୍ରାର୍ଥନାରତ ଥାଏ, ସମ୍ପୃକ୍ତ ଘଟଣାଗୁଡିକ ମଧ୍ୟ କ୍ରମାନ୍ୱୟରେ ଓ ନିରନ୍ତର ଭାବେ ପ୍ରକଟ ହେବା ଆରମ୍ଭ ହୋଇଯାଇଥାଏ । ଏହି ପ୍ରକ୍ରୀୟାର ଧାରାକୁ କୌଣସିମତେ କେବଳ ଏକ ସଂଯୋଗ ବୋଲି କୁହାଯାଇପାରିବ ନାହିଁ । ଏପରିକି କୌଣସି ନାସ୍ତିକ ବା ଅମାନ୍ୟକାରୀ ବ୍ୟକ୍ତିଙ୍କ ପକ୍ଷେ ମଧ୍ୟ ଅସ୍ୱୀକାର କରିବାର କୌଣସି ଅବକାଶ ନଥାଏ । ମୁଁ ଆପଣମାନଙ୍କୁ ଏହାର ଏକ ଛୋଟ ଉଦାହରଣ ଦେଉଛି:

ଏହି ଘଟଣା ସେହି ସମୟରେ ମୋ ସାମନାକୁ ଆସିଲା, ଯେତେବେଳେ ମୁଁ ନିଜ ପତ୍ନୀ ଓ ପିଲାମାନଙ୍କ ସହିତ ଯୁକ୍ତରାଷ୍ଟ୍ର ଆମେରିକାରେ ଯାତ୍ରା କରୁଥିଲି । ମୋତେ ଆଶଙ୍କା ଥିଲା ଯେ ଜଣେ ନବ ଆଗନ୍ତୁକ ଭାବରେ କେତେକ ସହରରେ କାଳେ କେଉଁଠାରେ ରାସ୍ତା ଭୁଲିଯିବି ନାହିଁ ତ !

ସୁତରାଂ ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ମୁଁ ପ୍ରାର୍ଥନା କରିବାରେ ଲାଗିପଡିଲି । ହଠାତ୍ ମୋ ମସ୍ତିଷ୍କରେ ପବିତ୍ର କୁରଆନର ଏକ ଆୟତକୁ ପୁରାଇ ଦିଆଗଲା । ମୁଁ ଆଶ୍ୱସ୍ତି ବୋଧକଲି ଯେ ଏଣିକି ମୁଁ ନା ରାସ୍ତା ଭୁଲିବି ଆଉ ନା ଆମକୁ ଭୋକ ଶୋଷ କାରଣରୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ।

ଅର୍ଦ୍ଧରାତ୍ରି ପରେ ପ୍ରାୟ ୧.୩୦ଟା ସମୟରେ ଆମେ ଆମେରିକାର ଚିକାଗୋ ସହରରେ ପହଞ୍ଚିଗଲୁ । ଚିକାଗୋ ଏକ ପ୍ରକାଣ୍ଡ ସହର ଓ ଆୟତନ

ଦୃଷ୍ଟିରୁ ବିସ୍ତୃତ ଅଞ୍ଚଳରେ ବ୍ୟାପି ରହିଛି । ସମ୍ଭବତଃ ଗୋଟିଏ ସୀମାରୁ ଅନ୍ୟ ଏକ ସୀମା ପର୍ଯ୍ୟନ୍ତ ୯୬ମାଇଲ ଦୀର୍ଘ ହେବ । ତେବେ ମୋର ଏହି ଅନୁମାନ ସଠିକ୍ ହୋଇ ନପାରେ । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସହରର ଏକ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତର ଦୂରତ୍ୱ ବହୁତ ଅଧିକ । ସଂଯୋଗ କଥା ଯେ ମୋ ପାଖରେ ସହରର ନକ୍ସା ମଧ୍ୟ ନ ଥିଲା । ମୁଁ ନିଜ ପତ୍ନୀ ଓ ପିଲାମାନଙ୍କୁ କହିଲି ତୁମେମାନେ କାର ଭିତରେ ହିଁ ଆରାମରେ ଶୋଇପଡ । ମୁଁ ନିଜେ ଗାଡି ଚଲାଉଥିଲି ଏବଂ ପ୍ରଥମେ କେତେଥର ସିଧା ହାତରେ ତ ଆଉ କେତେଥର ଓଲଟା ହାତରେ ଗାଡି ମୋଡୁଥିଲି । ଏପରିକି ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡି ଚଲାଇ ଚାଲିଥିଲି । ତେବେ ମୁଁ ଏକ ପେଟ୍ରୋଲ ପମ୍ପଠାରେ ଗାଡିକୁ ରଖିଲି । ସେଠାରୁ ମସଜିଦ ଅହମଦିୟାକୁ ଫୋନରେ ଯୋଗାଯୋଗ କଲି । ଜଣାପଡିଲା ଯେ ଅହମଦିୟା ମସଜିଦ ଗୋଟିଏ କି ଦୁଇଟି ଗଳିର ପାଖାପାଖି ହିଁ ରହିଥିଲା ।

ଏପରି ସମାନ ଧରଣର ଅନ୍ୟ ଏକ ଘଟଣା ନରୱେରେ ମଧ୍ୟ ଘଟିଥିଲା । ଆମେ ଜଣେ ପଥଚାରୀଙ୍କୁ ଇଂରେଜୀରେ ପଚାରିଲୁ କ'ଣ ତୁମେ ଜାଣିଛ ଯେ ଆମର ଆତିଥ୍ୟ ଗ୍ରହଣକାରୀ ବନ୍ଧୁ କେଉଁଠାରେ ରହୁଛନ୍ତି ? ସେହି ବ୍ୟକ୍ତି ଧୀରସ୍ଥିର ଭାବରେ କହିଲା 'ହଁ, ଅବଶ୍ୟ ସେ ତ ମୋର ପଡୋଶୀ ଓ ମୋ ଘର ପାଖରେ ହିଁ ରହୁଛନ୍ତି ।'

ହଲାଣ୍ଡ ଦେଶରେ ମଧ୍ୟ ଏପରି ମୋର ଏକ ଅନୁଭୂତି ହୋଇଥିଲା । ଆମେ ସେଠାକାର ପିଲାମାନଙ୍କୁ ପଚାରିଲୁ 'ପିଲାମାନେ ତୁମେ କ'ଣ କହିପାରିବ ଯେ ଅହମଦିୟା ମସଜିଦ କେଉଁଠାରେ ଅଛି ?' ସେମାନେ କହିଲେ; କ'ଣ ମସଜିଦ ଅହମଦିୟା ? ଓ୍ୱାହ ! ଇଏ କେଉଁ ପଚାରିବାର କଥା କି ? ଏଠାରୁ ମସଜିଦ ତ ଅତି ନିକଟରେ । ଆସନ୍ତୁ, ଆମ ସହିତ ଆସନ୍ତୁ ।' ଏପରି ଘଟଣା ଆମ ସହିତ ବାରମ୍ବାର ଓ କ୍ରମାଗତ ଭାବେ ହେଉଥିଲା । ଏପରି ବିଚିତ୍ର ଭାବରେ ଯେ ମୋ ପାଇଁ ଏହା କହିବା ଅସମ୍ଭବ ହୋଇଗଲା କି ମୁଁ ଏହାକୁ କେବଳ ଏକ ସଂଯୋଗ କହିବି ନା ଆକସ୍ମିକ ଘଟଣା ବୋଲି କହି କଥାକୁ ଟାଳି ଦେବି ? ପ୍ରାର୍ଥନା ସମ୍ବନ୍ଧରେ ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରହ] ଏହିପରି ବର୍ଣ୍ଣନା କରିଛନ୍ତି:

> "ଦିନ ହେଉ ବା ରାତି ପ୍ରାର୍ଥନା ତ ଆମ ଆତ୍ମାର ଆହାର । ଯେଉଁପରି ଜୀବନଧାରଣ ପାଇଁ ଶରୀରକୁ ଅକ୍ସିଜେନର ଆବଶ୍ୟକତା ହୋଇଥାଏ, ସେହିପରି ଆତ୍ମା ମଧ୍ୟ ପ୍ରାର୍ଥନା ବ୍ୟତୀତ ବଞ୍ଚି ରହିପାରିବ ନାହିଁ ।"

*(ଏକ୍ ମର୍ଦେ ଖୁଦା, ପୃଷ୍ଠା 348-351)*

ମହାମାନ୍ୟ ଖଲିଫା ପୁଣି ବର୍ଣ୍ଣନା କରିଛନ୍ତି:

"ମୋର ମନେ ଅଛି ଘାନାରେ ଏକ ଚିଫ (ମୁଖ୍ୟଙ୍କୁ) ମୋ ହସ୍ତରେ ଦୀକ୍ଷା ନେଇ ସତ୍ୟକୁ ସ୍ୱୀକାର କରିବାର ସାମର୍ଥ୍ୟ ପ୍ରାପ୍ତ ହେଲା । ଏଥି ପୂର୍ବରୁ ସେ ଖ୍ରୀଷ୍ଟଧର୍ମାବଲମ୍ବୀ ଥିଲେ । ଏକ ପୁତ୍ର ସନ୍ତାନର ଆକାଙ୍କ୍ଷା ମନରେ ନେଇ ସେ ବହୁତ ଆଡେ ଘୁରି ବୁଲୁଥିଲେ । ଦୁଇଥର ତାଙ୍କ ପତ୍ନୀଙ୍କର ଗର୍ଭପାତ ହୋଇ ସାରିଥିଲା । ଏବେ ଶେଷରେ ସେ ନିରାଶ ହୋଇପଡିଥିଲେ । ସୁତରାଂ ସେ ମୋତେ ପ୍ରାର୍ଥନା କରିବା ପାଇଁ ନିବେଦନ କଲେ ଏବଂ କହିଲେ 'ହୁଜୁର! ପ୍ରାର୍ଥନା କରନ୍ତୁ ଇଶ୍ୱର ମୋତେ ପୁତ୍ର ସନ୍ତାନଟିଏ ଦିଅନ୍ତୁ ଏବଂ ମୋର ପତ୍ନୀ ମଧ୍ୟ ସୁସ୍ଥ ହୋଇ ସର୍ବ କୁଶଳରେ ରହନ୍ତୁ ।' ମୁଁ ସେହି ଚିଫ ଓ ତାଙ୍କ ପତ୍ନୀଙ୍କ ପାଇଁ ପୁତ୍ର କାମନା କରି ଅତି ବ୍ୟାକୁଳତାର ସହିତ ପ୍ରାର୍ଥନା କଲି । ଏକଥା ମଧ୍ୟ ତାଙ୍କୁ ପତ୍ର ମାଧ୍ୟମରେ ଜଣାଇଦେଲି ଯେ ଅଲ୍ଲାଃତାଲା ମୋର ତଥା ସେମାନଙ୍କର ଆକୁଳ ଗୁହାରୀକୁ ଅବଶ୍ୟ ସ୍ୱୀକାର କରିବେ । କିଛି ସମୟ ବିତିଯିବା ପରେ ତାଙ୍କ ତରଫରୁ ଏହି ସୂଚନା ମିଳିଲା ଯେ ଇଶ୍ୱର ପ୍ରାର୍ଥନା ଗ୍ରହଣ କରିଛନ୍ତି ଏବଂ ତାଙ୍କୁ ଏକ ସ୍ୱାସ୍ଥ୍ୟବାନ ପୁତ୍ର ସନ୍ତାନ ଦେଇଛନ୍ତି ।"

ସୁତରାଂ ସେ ବର୍ଣ୍ଣନା କରିଛନ୍ତି:

"ଯେତେବେଳେ କୌଣସି ପ୍ରକାରର ବାଧାବିଘ୍ନ କିମ୍ବା ଅସୁବିଧା ସାମନାକୁ ଆସିଥାଏ, ସେହି ଇଶ୍ୱରଙ୍କ ସମକ୍ଷ୍ୟରେ ପ୍ରାର୍ଥନା କରିବାରେ ଲାଗିଯାଅ । ଯଦି ତୁମେମାନେ ପ୍ରାର୍ଥନା କରିବାକୁ ନିଜ ଜୀବନର ନୀତିଗତ ଅଭ୍ୟାସରେ ପାଲଟି ଦେବ, ତା'ହେଲେ ଫଳ ସ୍ୱରୂପ ପ୍ରତ୍ୟେକ ଦୁଃଖକଷ୍ଟ କିମ୍ବା ଅସୁବିଧା ସମୟରେ ତୁମକୁ ଆଶ୍ଚର୍ଯ୍ୟଜନକ ଭାବରେ ଇଶ୍ୱରଙ୍କ ତରଫରୁ ସହାୟତା ମିଳିବ । ଏହି ସାରତତ୍ତ୍ୱ ମୋର ସାରା ଜୀବନର ପୁଞ୍ଜି ତଥା ଏକ ଦୀର୍ଘ ଅନୁଭୂତି । ବର୍ତ୍ତମାନ ମଧ୍ୟ ମୁଁ ଯେତେବେଳେ କି ବୃଦ୍ଧ ବୟସରେ ପଦାର୍ପଣ କଲିଣି, ତଥାପି ମୁଁ ଏହା କହୁଛି ଯେ ଯେତେବେଳେ ବି ମୋର ଆବଶ୍ୟକତା ପଡିଛି ଓ ମୁଁ ଇଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରିଛି, ମୁଁ କେବେହେଲେ ତାଙ୍କ ନିକଟରୁ ବିଫଳ ମନୋରଥ ହୋଇ ଫେରିନାହିଁ । ଅଲ୍ଲାଃତାଲା ସର୍ବଦା ମୋର ପ୍ରାର୍ଥନାକୁ ଅତି ଶ୍ରଦ୍ଧାଭାଜନ ପୂର୍ବକ ଗ୍ରହଣ କରିଛନ୍ତି ।"

*(ଅଲ ଫଜଲ, 5 ଅଗଷ୍ଟ 1999 ମସିହା)*

# ନମାଜର ଜରୁରୀ ବ୍ୟବସ୍ଥା ଓ ଈଶ୍ୱରଙ୍କ ସହିତ ସମ୍ବନ୍ଧ

ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ]ଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ମୁନିର ଅହମଦ ଜାବେଦ ସାହେବ ଲେଖିଛନ୍ତି: ତାଙ୍କର ନମାଜ ସହିତ ଏତେ ଅଧିକ ପ୍ରେମ ଥିଲା ଯେ ଏକ ସାଧାରଣ ମନୁଷ୍ୟ ତାହାର କଳ୍ପନା ମଧ୍ୟ କରିପାରିବ ନାହିଁ । ସେ ରୋଗଗ୍ରସ୍ତ ସମୟରେ ଦୁର୍ବଳ ଥିବା ସତ୍ତ୍ୱେ ଛିଡା ହୋଇ ନମାଜ ପାଠ କରୁଥିଲେ । ଶେଷ ଆଡକୁ ଅସୁସ୍ଥ ଥିବା ସମୟରେ ଅତ୍ୟଧିକ ଦୁର୍ବଳ ଓ ସକ୍ଷମହୀନ ଥାଇ ମଧ୍ୟ ସେ ଯେଉଁ ପ୍ରକାରର ସାହାରା ନେଇ ଏବଂ ଛୋଟ ଛୋଟ ପାହୁଣ୍ଡ ପକାଇ ମସଜିଦକୁ ନମାଜ ପଢ଼ାଇବାକୁ ଆସୁଥିଲେ, ସେହି କଥା ଜମାଅତ କେବେ ପାଶୋରି ଦେଇପାରିବ ନାହିଁ । ସେ କେବେହେଲେ ନମାଜ ହାତଛଡା କରିବାକୁ ଦେଉ ନଥିଲେ ।

ହୁଜୁର ସାମୟିକ ରହଣି କାଳରେ ହେଉ ଅବା ଯାତ୍ରା କାଳରେ, ପରିବେଶ ଥଣ୍ଡା ହୋଇଥାଉ ଅବା ଗ୍ରୀଷ୍ମ, ବର୍ଷା ହେଉଥାଉ ଅଥବା ତୁଷାରପାତର ଜଟିଳ ପରିସ୍ଥିତି । ଯେ କୌଣସି ପ୍ରକାର ପାଗକୁ ଖାତିର ନକରି ସର୍ବଦା ଈଶ୍ୱରଙ୍କ ଉପାସନା ଗୃହରେ ଯାଇ ନମାଜ ପାଠ କରୁଥିଲେ । ଯାତ୍ରା କରୁଥିବା ସମୟରେ ତାଙ୍କର ନମାଜ ପଢ଼ିବାର ଅବସ୍ଥା ଶୁଣନ୍ତୁ । ନରୱେ ଯାତ୍ରା ସମୟରେ ଆମେମାନେ ଅତ୍ୟନ୍ତ ଥଣ୍ଡା ପାଗରେ ମଧ୍ୟ ପାଣିଜାହାଜର ଖୋଲା ଡେକ୍ ଉପରେ ତାଙ୍କ ନେତୃତ୍ୱରେ ପଛରେ ଛିଡାହୋଇ ନମାଜ ପଢ଼ିଛୁ । ସେହିପରି ପ୍ରଚଣ୍ଡ ଗ୍ରୀଷ୍ମରେ ଓ ମଶାମାନଙ୍କର ପ୍ରାଦୁର୍ଭାବ ସତ୍ତ୍ୱେ ୟୁରୋପ ଯାତ୍ରା ସମୟରେ ଆଲାସ୍କାରେ ରାସ୍ତା କଡରେ ମଧ୍ୟ ନମାଜ ପାଠ କରିଛୁ । ସୁତରାଂ ଏକ ଉପଯୁକ୍ତ ସ୍ଥାନ ଦେଖି ନମାଜ ପଢ଼ିବା ପାଇଁ ଗାଡି ରୋକିବାର ନିର୍ଦ୍ଦେଶ ସଦାବେଳେ ଜାରି ଥିଲା । ସେ କେବେହେଲେ ନମାଜକୁ କଜା ହେବା ପାଇଁ ଅର୍ଥାତ ଉଛୁର କରିବାକୁ ଅବସର ଦେଉ ନଥିଲେ । ତାଙ୍କର ଜୀବନ ତ **قُرَّةُ عَيْنِي فِي الصَّلٰوةِ 'କୁର୍‌ରତୁ ଅଏନି ଫୀସ୍‌ସଲାତ୍'**ର ଏକ ଜ୍ୱଳନ୍ତ ଉଦାହରଣ ଥିଲା । ଅର୍ଥାତ୍ ମୋର ନୟନର ଶୀତଳତା ନମାଜରେ ହିଁ ଅଛି ।'

*(ମାସିକ ପତ୍ରିକା ତହରିକ୍ ଜଦିଦ୍, ସୟଦନା ତାହିର୍ ନମ୍ବର, ପୃଷ୍ଠା 56)*

ତାଙ୍କର ଈଶ୍ୱର ଉପାସନା ଓ ନମାଜର ପ୍ରତି ଅହେତୁକ ଆଗ୍ରହର ଏକ ହୃଦୟସ୍ପର୍ଶୀ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି । ସୁତରାଂ ସେ କହିଛନ୍ତି:

ମୋତେ ସେହି ମୁହୂର୍ତ୍ତ ବହୁତ ଭଲ ଲାଗିଥିଲା ଯେ ଥରେ ଲଣ୍ଡନରେ New Years Dayର ସ୍ୱାଗତ ଅବସର ସାମନାକୁ ଆସିଥିଲା । ଅର୍ଥାତ ପରବର୍ତ୍ତୀ ଦିନ ନୂତନ ବର୍ଷ ଆରମ୍ଭ ହେବାକୁ ଥିଲା ଓ ଇଦ ପାଳନର ସମୟ ମଧ୍ୟ ଥିଲା । ରାତ୍ରିର

ବାରଟା ସମୟରେ ସମସ୍ତ ଲୋକ ଟ୍ରାଫାଲଗର ସ୍କୋୟାର ଠାରେ ଏକତ୍ରିତ ହୋଇ ଦୁନିଆଦାରୀର ନିର୍ଲଜତା ମଧ୍ୟରେ ବ୍ୟସ୍ତ ହୋଇ ଯାଇଥିଲେ । କାରଣ ଯେତେବେଳେ ରାତିରେ ଘଣ୍ଟାକଣ୍ଟା ବାରଟାରେ ପହଞ୍ଚିଥାଏ, ସେତେବେଳେ ସେମାନେ ଭାବିଥାନ୍ତି ଯେ ଆମ ପାଇଁ ଆଉ କୌଣସି ସୁସଭ୍ୟ ସମାଜର ପ୍ରତିବନ୍ଧକ ନାହିଁ । କୌଣସି ପ୍ରକାରର ଧାର୍ମିକ ଓ ସାମାଜିକ ନୀତିନିୟମର ପ୍ରତିରୋଧ ନାହିଁ । ମନୁଷ୍ୟ ପାଇଁ ସେସବୁ ସ୍ୱାଧୀନତା ରହିଛି ଯେ ସେ ଯାହା ଚାହିଁବ ତାହା ଅବାଧରେ କରିପାରିବ । ସଂଯୋଗ ବଶତଃ ଆମ ଟ୍ରେନ ସେହି ଅର୍ଦ୍ଧରାତ୍ରିରେ ହିଁ ବୋଷ୍ଟନ୍ ଷ୍ଟେସନରେ ଆସି ପହଞ୍ଚିଲା । ମୁଁ ଚିନ୍ତା କଲି ଯେପରି ପ୍ରତ୍ୟେକ ଅହମଦି କରୁଛି, ଏଥିରେ ମୋର କିଛି ସ୍ୱତନ୍ତ୍ର ଭାବେ କରିବାର ଅବକାଶ ନାହିଁ । ଅଧିକାଂଶ ଅହମଦି ଅଲ୍ଲାଃଙ୍କ କୃପାରୁ ପ୍ରତ୍ୟେକ ବର୍ଷର ନୂଆ ଦିନ ଏପରି ଆରମ୍ଭ କରିଥାନ୍ତି ଯେ ରାତ୍ରି ୧୨ଟା ସମୟରେ ଉପାସନାରେ ମଗ୍ନ ହୋଇଥାନ୍ତି । ମୋତେ ମଧ୍ୟ ତାହା କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ମୁଁ ମଧ୍ୟ ସେଠାରେ ତତ୍ପର ହୋଇ ଖବରକାଗଜ ଖଣ୍ଡେ ଭୂମି ଉପରେ ବିଛାଇଲି ଏବଂ ଛିଡା ହୋଇ ଦୁଇ ରେକାତ ନଫିଲ ନମାଜ ପଢ଼ିବାକୁ ଲାଗିଲି । କିଛି ସମୟ ପରେ ମୋତେ ଏପରି ଅନୁଭବ ହେଲା ଯେ ଜଣେ ବ୍ୟକ୍ତି ମୋ ପାଖରେ ଆସି ଦଣ୍ଡାୟମାନ ହୋଇଯାଇଛି । ମୁଁ ସେତେବେଳକୁ ନମାଜ ସମାପ୍ତ କରି ନଥିଲି ଯେ ହଠାତ୍ ସିକ୍ୟୁରିଟିର ସ୍ୱର ଶୁଣାଗଲା । ଏପରିକି ନମାଜ ଶେଷ ହେବା ପରେ ମୁଁ ଦେଖିଲି ଯେ ଜଣେ ଇଂରେଜ ବୃଦ୍ଧ ବ୍ୟକ୍ତି ଯିଏକି ଛୋଟ ପିଲାଙ୍କ ଭଳି କୋହ ଭରି କଇଁକଇଁ ହୋଇ କାନ୍ଦୁଛି । ମୁଁ ହଠାତ୍ ଘାବରା ହୋଇଗଲି ଓ ଭାବିଲି ଜଣାନାହିଁ ଏହି ବ୍ୟକ୍ତିଟି ଭାବୁଛି ଯେ ମୁଁ ପାଗଳ ହୋଇଯାଇଛି । ସେଥିପାଇଁ ବିଚରା ମୋ ପ୍ରତି ସହାନୁଭୂତି ଦେଖାଇ ଏପରି କାନ୍ଦୁଛି । ମୁଁ ସେହି ବୃଦ୍ଧଙ୍କୁ ପଚାରିଲି ଯେ ତୁମର କ'ଣ ହୋଇଛି ? ଏହା ଶୁଣି ସେ ବିସ୍ଫୋରିତ ନୟନରେ କହିଲା 'ମୋର କିଛି ହୋଇ ନାହିଁ, ମୋ ଜାତିର ଲୋକମାନଙ୍କୁ ଅବଶ୍ୟ କିଛି ହୋଇଯାଇଛି । କାରଣ ସେମାନେ ନୂତନ ବର୍ଷ ଆଗମନର ଖୁସିରେ ଉନ୍ମାଦ ହୋଇ ନିର୍ଲଜତା ଓ ଅଶୋଭନୀୟ ଆଚରଣରେ ମାତି ଯାଇଛନ୍ତି । ଅଥଚ ଏଠାରେ ଏପରି ଜଣେ ବ୍ୟକ୍ତି ଅଛି ଯିଏକି ନିଜର ପାଳନକର୍ତ୍ତା (Lord)ଙ୍କୁ ସ୍ମରଣ କରୁଛି । ଏହି ବିଷୟକୁ ତୁଳନାତ୍ମକ ଭାବେ ଦେଖିଲେ ମୋ ହୃଦୟ ଏତେ ଅଧିକ ପ୍ରଭାବିତ ହୋଇଯାଇଛି ଯେ ମୁଁ ସେମାନଙ୍କ କାର୍ଯ୍ୟକଳାପକୁ ସହ୍ୟ କରିପାରୁ ନାହିଁ ।' ସୁତରାଂ ସେ ବାରମ୍ବାର କହୁଥିଲା:

God bless you, God bless you, God bless you, God bless you.ଅର୍ଥାତ ଈଶ୍ୱରଙ୍କ ଆଶୀର୍ବାଦ ତୁମ ପ୍ରତି ସଦୈବ ରହିଥାଉ ।

*(ଖୁତବା ଜୁମା, 20 ଅଗଷ୍ଟ 1982, ଅଲ ଫଜଲ୍ ରବୁଓ୍ୱା, 31 ଅକ୍ଟୋବର 1983)*

# ଆଶ୍ଚର୍ଯ୍ୟଜନକ ଭାବେ ଦୃଷ୍ଟିଶକ୍ତି ଫେରି ଆସିଲା

ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରହ] ୧୯୮୨ମସିହା ଜୁଲାଇ୨୦ତାରିଖ ଦିନ ଖୁତବା ଜୁମାରେ ଏକ ଘଟଣାକ୍ରମକୁ ଏହିପରି ବର୍ଣ୍ଣନା କରିଥିଲେ:

"ଢ଼ାକାର ଜଣେ ଅହମଦି ଭାଇ ନିଜର ଜଣେ ଅଣଅହମଦୀ ବନ୍ଧୁଙ୍କ ବିଷୟରେ ଲେଖିଛନ୍ତି ଯେ ମୁଁ ତାଙ୍କୁ ଜମାଅତର ପ୍ରଚାରପତ୍ର ଓ ପୁସ୍ତକମାନ ପଢିବା ପାଇଁ ଦେଉଥିଲି ଓ କ୍ୟାସେଟ୍ ମଧ୍ୟ ଶୁଣାଉଥିଲି । ଯଦ୍ୱାରା ଧୀରେ ଧୀରେ ତାଙ୍କର ମନ ପରିବର୍ତ୍ତନ ହେବାକୁ ଲାଗିଲା ଏବଂ ସେହି ପୁସ୍ତକ ଓ ସହିତ ତାଙ୍କର ସମ୍ପର୍କ ସ୍ଥାପିତ ହୋଇଗଲା । ଫଳରେ ସେ ଅତି ଆଗ୍ରହରେ ଆହୁରି ପୁସ୍ତକମାନ ମାଗି ପଢ଼ିବାକୁ ଲାଗିଲେ । ସେତେବେଳେ ତାଙ୍କର ଏକ ଆଖିରେ ଏକ ବିଚିତ୍ର ରୋଗ ହେବାରୁ ଡାକ୍ତରମାନେ କହିବାକୁ ଲାଗିଲେ ଯେ ତୁମ ଆଖିର ଜ୍ୟୋତି ଚାଲିଯିବ ଏବଂ ଡାକ୍ତରି ଚିକିତ୍ସା ବିଦ୍ୟାରେ ଏହାର କୌଣସି ଉପଚାର ଆମେ ପାଉ ନାହୁଁ । ଯେତେବେଳେ ତା'ର ଅନ୍ୟ ଜଣେ ଅଣଅହମଦିକୁ ଏକଥା ଜଣାପଡିଲା, ସେ ଗାଳିମନ୍ଦ କରି ଏହା କହିବା ଆରମ୍ଭ କରିଦେଲା ଯେ 'ତୁମେ ଜମାଅତ ଅହମଦିୟାର ପୁସ୍ତକ ପଢୁଥାଅ, ଏହି ପୁସ୍ତକ ପଢ଼ି ତୁମର ଆଖିରେ ଯେଉଁ ନର୍କ ଘର କରିଛି, ତାହା ତୁମ ଆଖିର ଜ୍ୟୋତିକୁ ଜ୍ୱାଳାରେ ଭରିଦେଇଛି । ଏହା ତୁମ ପାଇଁ ଉଚିତ ଦଣ୍ଡବିଧାନ, ଯାହା ତୁମକୁ ଭୋଗ କରିବାକୁ ହେବ ।' ସୁତରାଂ ସେହି ବ୍ୟକ୍ତି ଏଥିରେ ଅଶାନ୍ତି ହୋଇ ଘଟଣାକୁ ଅତି ଦୁଃଖର ସହିତ ନିଜ ଅହମଦି ବନ୍ଧୁକୁ ଜଣାଇଲା । କିନ୍ତୁ ସେ ସାନ୍ତ୍ୱନା ଦେଇ କହିଲେ 'ତୁମେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ହୋଇ ରୁହ । କୌଣସି ଭୟ କିମ୍ବା ଚିନ୍ତା କରିବାର ନାହିଁ । ତୁମେ ମଧ୍ୟ ଏଥିପାଇଁ ପ୍ରାର୍ଥନା କର ଓ ମୁଁ ମଧ୍ୟ ପ୍ରାର୍ଥନା କରୁଛି । ତତ୍‌ସହିତ ନିଜର ଇମାମ (ଖଲିଫା)ଙ୍କୁ ମଧ୍ୟ ପ୍ରାର୍ଥନା କରିବା ପାଇଁ ଲେଖୁଛି । ତା'ପରେ ତୁମେ ଦେଖିବ ଯେ ଅଲ୍ଲାଃତାଲା କେଉଁ ପ୍ରକାର ତୁମ ପ୍ରତି ଆଶୀର୍ବାଦ କରୁଛନ୍ତି ।' ସତକୁ ସତ ତାଙ୍କ ଚକ୍ଷୁରେ ଅକସ୍ମାତ ପରିବର୍ତ୍ତନ ହେବାକୁ ଲାଗିଲା । ଦେଖୁ ଦେଖୁ ଆଖିର ଜ୍ୟୋତି ଫେରିଆସିଲା । ଯେତେବେଳେ ଦ୍ୱିତୀୟ ଥର ଡାକ୍ତରଙ୍କୁ ଦେଖାଇବାକୁ ଗଲେ, ସେ ଆଶ୍ଚର୍ଯ୍ୟ ହୋଇ କହିଲେ ଏହି ବିପଦଜନକ ରୋଗର କୌଣସି ଟିକିଏ ହେଲେ ଚିହ୍ନବର୍ଣ୍ଣ ମୁଁ ଦେଖୁବାକୁ ପାଉ ନାହିଁ ।"

*(ମାସିକ ପତ୍ରିକା ଖାଲିଦ ରବୁଓ୍ୱା, ଜୁଲାଇ 1987)*

ହଜରତ ମସିହ ମଉଦ[ଅସ] କେତେ ଯେ ଉଚ୍ଚକୋଟିର ଉର୍ଦ୍ଦୁ ପଦଟିଏ ଲେଖିଛନ୍ତି:

غیر ممکن کو یہ ممکن میں بدل دیتی ہے

اے میرے فلسفیو زورِ دُعا دیکھو تو

**ଗଏର ମୁମ୍‌କନ୍ କୋ ୟେ ମୁମ୍‌କିନ୍ ମେଁ ବଦଲ ଦେତି ହୈ ।**
**ଅଏ ମେରେ ଫଲସଫିଓ ଜୋରେ ଦୂଆ ଦେଖୋ ତୋ**

ଅସମ୍ଭବ କଥା ହୁଅଇ ସମ୍ଭବ ଅଛି ଯହିଁ ଦୈବୀଶକ୍ତି
ଦାର୍ଶନିକ ବନ୍ଧୁ ଥରେ ଆସି ଦେଖ ପ୍ରାର୍ଥନାର କରାମତି

## ଯୁଗର ଫିରୌନ ଜିଆଉଲ ହକ୍‌ର ଅସଫଳତା, ହୁଜୁର ସକୁଶଳେ ଲଣ୍ଡନ ପହଞ୍ଚିଗଲେ

ଯୁଗର ଫିରୌନ ପାକିସ୍ତାନ ରାଷ୍ଟ୍ରପତି ଜେନେରାଲ ଜିଆଉଲ ହକ୍ ଅହମଦିମାନଙ୍କ ବିରୁଦ୍ଧରେ ୧୯୮୪ ମସିହା ଅପ୍ରେଲ ୨୬ ତାରିଖ ଗୁରବାର ଦିନ ସାଧାରଣ ବିଧାନସଭାରେ ଏଭଳି ଏକ ଅଧ୍ୟାଦେଶ ପାଶ କଲା । ଯଦ୍ୱାରା ଅହମଦିମାନଙ୍କର ଧାର୍ମିକ ସ୍ୱାଧିନତାର ଅଧିକାରକୁ ଛଡାଇ ନିଆଗଲା । ତାଙ୍କ କଥାକୁ ଅମାନ୍ୟ କରିବା ପରିସ୍ଥିତିରେ କଠୋର ଦଣ୍ଡବିଧାନର ନିୟମ ଲାଗୁହେଲା ।

ଏପରି ଜଟିଳ ପରିସ୍ଥିତି ସୃଷ୍ଟି କରିଦିଆଗଲା ଯେ ପାକିସ୍ତାନରେ ରହି ତତ୍‌କାଳୀନ ଚତୁର୍ଥ ଖଲିଫା ନିଜର ନିର୍ଦ୍ଧାରିତ କର୍ତ୍ତବ୍ୟକୁ କୌଣସି ପ୍ରକାରେ ନିଷ୍ପାଦନ କରିପାରିବେ ନାହିଁ । କେବଳ ସେତିକି ନୁହେଁ ଜିଆଉଲ ହକ୍ ତାଙ୍କୁ ଗିରଫ କରିବା ପାଇଁ ପୂରା ଦମରେ ଯୋଜନା ଆରମ୍ଭ କରିଦେଇ ଥିଲା । ଏପରିକି କୌଣସି ସମୟରେ ମଧ୍ୟ ତାଙ୍କୁ ବନ୍ଦୀ କରାଯିବାର ସମ୍ଭାବନା ଦେଖାଦେଇଥିଲା । ଏଭଳି ପରିସ୍ଥିତିରେ ତାଙ୍କର ପାକିସ୍ତାନରୁ ବାହାରିଯିବା ହିଁ ଶ୍ରେୟସ୍କର ଥିଲା । କିନ୍ତୁ ବାସ୍ତବରେ ଏହା ମଧ୍ୟ ଈଶ୍ୱରୀୟ ବିଧାନ ଅନ୍ତର୍ଗତ ଥିଲା । ଜିଆଉଲ ହକ୍‌ର ସମସ୍ତ କୁଟଚକ୍ରାନ୍ତ ପଣ୍ଡ ହୋଇଯିବା ଏବଂ ଖଲିଫାଙ୍କ ଦେଶାନ୍ତର ହୋଇ ଲଣ୍ଡନ ଯାତ୍ରା କରିବାର ଘଟଣା ସମ୍ବନ୍ଧରେ ସଂକ୍ଷେପରେ ଦିଆଯାଉଛି ।

ସେହି ଦିନମାନଙ୍କରେ ଜମାଅତ ଅହମଦିୟାର ମୁଖ୍ୟାଳୟ ରବୁଓ୍ୱା ସହରକୁ ଅତ୍ୟନ୍ତ କଡାକଡି ଭାବେ ସତର୍କ ଦୃଷ୍ଟିରେ ରଖାଯାଇଥିଲା । ଏହି କାର୍ଯ୍ୟକୁ ଜେନେରାଲ ଜିଆଉଲ ହକ୍‌ଙ୍କର ପାଞ୍ଚୋଟି ଗୁଇନ୍ଦା ସଂଗଠନ ଗୋପନରେ ନିରୀକ୍ଷଣ କରୁଥିଲା । ରବୁଓ୍ୱା ଯିବା ଆସିବା ସମସ୍ତ ପଥକୁ ସିଲ୍ କରାଯାଇ ସେମାନେ ଜଗି ରହୁଥିଲେ ।

ସେମାନଙ୍କୁ ଚିହ୍ନିବା କୌଣସି କଷ୍ଟକର ମଧ୍ୟ ନଥିଲା । ସେଥିରୁ ଗୋଟିଏ ଗୁଇନ୍ଦା ବିଭାଗ ପାକିସ୍ତାନର ସ୍ଥଳ ସେନାବାହିନୀ ସହିତ ସମ୍ବନ୍ଧିତ ଥିଲା । ଏହି ବାହିନୀ ଫକୀରମାନଙ୍କ ବେଶରେ ପୋଷାକ ବଦଳାଇ ପିନ୍ଧୁଥିଲେ । ଏଥିରୁ ଜଣାପଡୁଥିଲା ଯେ ବିଶ୍ୱ ଇତିହାସରେ କେବଳ ଏହି ଧରଣର ଏକ ମାତ୍ର ଫକୀର ରହିଯାଇଥିଲେ, ଯେଉଁମାନେ ନିଜର ଫକୀର ବେଶଭୁଷା ସହିତ ମିଲିଟାରୀର ବିଶେଷ ପ୍ରକାରର ଓଜନିଆ ବୁଟ୍ ମଧ୍ୟ ପିନ୍ଧୁଥିଲେ ।

ହଜରତ ଖଲିଫତୁଲ ମସିହ ଚତୁର୍ଥ[ରହ] ଏହି ବିଷୟରେ ଅଡି ବସିଥିଲେ, ଏପରିକି ଏହା ତାଙ୍କର କଠୋର ଆଦେଶ ମଧ୍ୟ ଥିଲା ଯେ ତାଙ୍କର ରବୁଓ୍ୱାରୁ ପ୍ରସ୍ଥାନ କରିବା ସମୟରେ କୌଣସି ପ୍ରକାରର ଭୁଲ ସୂଚନା କିମ୍ବା ସଂଦିଗ୍ଧ ବିଷୟର ଆଶ୍ରୟ କଦାପି ନିଆ ନଯାଉ । ସେ ବାହାରିବା ବେଳେ ନିଜେ ମଧ୍ୟ କୌଣସି ବେଶଭୁଷା ବଦଳାଇବେ ନାହିଁ ଏବଂ (କୌଣସି) ଅନ୍ୟ କାହାର ପାସ୍‌ପୋର୍ଟରେ ଯାତ୍ରା କରିବେ ନାହିଁ । ଏପରିକି ଜେନେରାଲ୍ ଜିଆଉଲ ହକ୍‌ର ଗୁଇନ୍ଦା ସଂସ୍ଥା ଯଦି କୌଣସି ପ୍ରକାର ସୁଖଦ ଧାରଣାର ବଶବର୍ତ୍ତୀ ହୋଇଯା'ନ୍ତି ତ ସେମାନେ ହୋଇଯା'ନ୍ତୁ ଓ ଏହା ସେମାନଙ୍କ କାମ ।

୧୯୮୪ ମସିହା ଅପ୍ରେଲ୍ ୨୯ ତାରିଖ ପ୍ରାତଃକାଳ ଫଜର୍ ନମାଜ ପରେ ହଜରତ ଖଲିଫତୁଲ ମସିହ ଚତୁର୍ଥ[ରଅ]ଙ୍କର ଟାକ୍ସି ରବୁଓ୍ୱାରୁ ବିଦାୟକାଳୀନ ଯାତ୍ରା ଆରମ୍ଭ କରିବାର ଦେଖାଗଲା । କାର୍‌ର ପଛ ସିଟରେ ଜଣେ ସାହେବ ବିରାଜମାନ ଥିଲେ । ସେ ଚତୁର୍ଥ ଖଲିଫାଙ୍କର ନିୟମିତ ପରିହିତ ବସ୍ତ୍ର ପିନ୍ଧିଥିଲେ । ଅର୍ଥାତ ଓ୍ୱାସକୋର୍ଟ ପିନ୍ଧିଥିଲେ ଓ ପଞ୍ଜାବୀ ଶୈଳୀରେ ଧଳା ରଙ୍ଗର ପଗଡି ଯାହାକି ସୁନେଲି ରଙ୍ଗର ଟୋପି ଉପରେ ବନ୍ଧା ହୋଇଥିଲା ସେ ତାହା ପିନ୍ଧିଥିଲେ । ଚତୁର୍ଥ ଖଲିଫାଙ୍କର ବ୍ୟକ୍ତିଗତ ସୁରକ୍ଷାକର୍ମୀ ତାଙ୍କ ସହିତ ଥିଲେ । ଗୋଟିଏ କାର ହୁଜୁରଙ୍କ କାର ଆଗରେ ଓ ଦୁଇଟି କାର ତାଙ୍କର ପଛରେ ଯାଉଥିଲା । ସେହି କାର୍‌ରେ ତାଙ୍କର ସୁରକ୍ଷା ବଳ ମଧ୍ୟ ଥିଲା । ଯାହାର ପ୍ରତ୍ୟେକ ବ୍ୟକ୍ତିକୁ ଗୁଇନ୍ଦା ଲୋକମାନେ ଭଲ ଭାବରେ ଚିହ୍ନିଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ଥାନରେ ବସିଥିବାର ବାହାରକୁ ପରିଷ୍କାର ଭାବରେ ଦେଖାଯାଉଥିଲା ।

ରାସ୍ତାରେ ଯାଉଥିବା ଜଣେ ଦୁଇଜଣ ଅହମଦି ଯେତେବେଳେ ଏହି ଯାତ୍ରୀଦଳକୁ ଦେଖିଲେ, ଏହା ଭାବିନେଲେ ଯେ ଖଲିଫା ମହୋଦୟ ଦୁଇଶହ ମାଇଲ ଦୂରବର୍ତ୍ତୀ ଇସଲାମାବାଦ ଅଭିମୁଖେ ଯାତ୍ରା କରୁଛନ୍ତି । ରବୁଓ୍ୱାଠାରେ ପର୍ଯ୍ୟବେକ୍ଷକ ଭାବରେ କର୍ତ୍ତବ୍ୟରତ ପାଞ୍ଚୋଟି ସରକାରୀ ଗୁଇନ୍ଦା ବିଭାଗ ମଧ୍ୟରୁ

ଚାରୋଟି ଗୁଇନ୍ଦା ଦଳର ଅନୁମାନ ମଧ୍ୟ ଠିକ୍ ସେୟା ହିଁ ଥିଲା । ସୁତରାଂ ସେମାନେ ତାଙ୍କ ଉପରିସ୍ଥ ଅଫିସରଙ୍କୁ ମଧ୍ୟ ଏହି ରିପୋର୍ଟ ଦେଲେ ଯେ ଚତୁର୍ଥ ଖଲିଫା ରବୁଓ୍ୱାଠାରୁ ଇସଲାମାବାଦ ଅଭିମୁଖେ ଯିବା ପାଇଁ ପ୍ରସ୍ଥାନ କରି ସାରିଲେଣି ଏବଂ ତାଙ୍କର ପିଛା କରାଯାଉଛି ।

କିନ୍ତୁ ପ୍ରକୃତରେ ସେହି ମରସିଡିଜ କାରର ପଛ ସିଟରେ ଖଲିଫତୁଲ ମସିହ ଚତୁର୍ଥି[ରଅ] ବସି ନଥିଲେ । ବରଂ ତାଙ୍କର ତୃତୀୟ ଜ୍ୟେଷ୍ଠ ଭାଇ ସାହେବଜାଦା ଡାକ୍ତର ମିର୍ଜା ମନଓ୍ୱର୍ ଅହମଦ ବସିଥିଲେ । ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମିର୍ଜା ମନଓ୍ୱର୍ ଅହମଦଙ୍କର ଦଳ ଯିବାର ବହୁ ସମୟ ପୂର୍ବରୁ ପ୍ରାୟ ରାତି ଦୁଇଟା ସମୟ ମୁହଁ ଅନ୍ଧାରରେ ଅନ୍ୟ ଦୁଇଟି କାର ରବୁଓ୍ୱା ଛାଡି ସାରିଥିଲା । ସେହି କାର ଦ୍ୱୟ ପ୍ରଥମେ ଏକ ତଳିଆ ରାସ୍ତା ଦେଇ ଲାଲିଆ ନାମକ ସ୍ଥାନରେ ପହଞ୍ଚିଲେ, ଯାହାକି ଏକ ଛୋଟ ଗ୍ରାମ ଥିଲା । ପୁଣି ସେଠାରୁ ଜିଲ୍ଲା ମୁଖ୍ୟାଳୟ ଝଙ୍ଗ ମଧ୍ୟ ଦେଇ ଶେଷରେ କରାଚି ଯାଉଥିବା ରାଜମାର୍ଗରେ କରାଚି ଅଭିମୁଖେ ଯାତ୍ରା କରିଥିଲେ । ରବୁଓ୍ୱା ଠାରୁ କରାଚି ସହରର ଏହି ଦୂରତା ୭୫୦ ମାଇଲ । ଏହି ଦୁଇଟି କାର ମଧ୍ୟରୁ ପ୍ରଥମ କାରରେ ହଜରତ ଖଲିଫତୁଲ୍ ମସିହ ଚତୁର୍ଥି[ରଅ]ଙ୍କର ବିଶେଷ ସୁରକ୍ଷା ଦଳ ଥିଲେ । ଦ୍ୱିତୀୟ କାର୍‌ରେ ସେ ସ୍ୱୟଂ ବିରାଜମାନ ଥିଲେ ।

ତହିଁ ଆରଦିନ ସ୍ଥଳସେନାର ତଦନ୍ତ ଦଳର ଉଚ୍ଚାଧିକାରୀଙ୍କ ପକ୍ଷରୁ ରିପୋର୍ଟ ମିଳିଲା ଯେ ହଜରତ ଖଲିଫତୁଲ୍ ମସିହ ଚତୁର୍ଥି[ରଅ] ଝଙ୍ଗ ଅଭିମୁଖେ ଯାଉଥିବାର ଏକ କାରରେ ଦେଖାଯାଇଛି । ସମ୍ଭବତଃ ସେ କରାଚି ଯାଇପାରିଥାନ୍ତି । କିନ୍ତୁ ଏହି ରିପୋର୍ଟ ପ୍ରତି କୌଣସି ଧ୍ୟାନ ଦିଆଗଲା ନାହିଁ । କାରଣ ଅନ୍ୟ ଚାରିଗୋଟି ବିଭାଗ ପକ୍ଷରୁ ସଂଯୁକ୍ତ ଭାବେ ଦିଆଯାଇଥିବା ଏହି ସୂଚନା ଥିଲା ଯେ ଚତୁର୍ଥ ଖଲିଫା ନିଜର ସୁରକ୍ଷା ଦଳ ସହିତ ଇସଲାମାବାଦ ଯାଉଛନ୍ତି ଏବଂ ରାସ୍ତାରେ ସେ ତାଙ୍କର କକାପୁଅ ଭାଇଙ୍କ ଘରେ ରାତ୍ରୀଯାପନ କରିବେ ।

ଯଦିଓ ସେହି ସମୟରେ ତଥ୍ୟର ସୂଚନା ଜଣାପଡି ପାରିଲା ନାହଁ, କିନ୍ତୁ କେତେ ମାସ ପରେ ଜଣାପଡିଲା ଯେ ସୌଭାଗ୍ୟବଶତଃ ହଜରତ ଖଲିଫତୁଲ୍ ମସିହ ଚତୁର୍ଥି[ରଅ] କିପରି ଆଶ୍ଚର୍ଯ୍ୟଜନକ ଭାବରେ ଗିରଫ ହେଉ ହେଉ ଅଳ୍ପକେ ବର୍ତ୍ତିଗଲେ ।

ଏୟାରପୋର୍ଟର ପାସ୍‌ପୋର୍ଟ କଣ୍ଟ୍ରୋଲ ସମ୍ମୁଖରେ ଜିଆଉଲ ହକ୍‌ର ନିଜ ଦସ୍ତଖତରେ ଜାରି କରାଯାଇଥିବା ଏକ ଆଦେଶନାମା ପଡି ରହିଥିଲା ।

ଏହି ଆଦେଶପତ୍ର ଦେଶର ସମସ୍ତ ଆକଶମାର୍ଗ, ସମୁଦ୍ରମାର୍ଗ ଓ ସ୍ଥଳପଥ ତଥା ଗମନାଗମନର ଅନ୍ୟ ସବୁ ମାର୍ଗରେ ପହଞ୍ଚି ସାରିଥିଲା । ଆଦେଶନାମାରେ ଏହିପରି ଶବ୍ଦ ଉଲ୍ଲେଖ ଥିଲା:

> "ମିର୍ଜା ନାସିର ଅହମଦଙ୍କୁ ଯିଏକି ନିଜକୁ ଜମାଅତ ଅହମଦିୟାର ଖଲିଫା ବୋଲାଉଛନ୍ତି, ପାକିସ୍ତାନର ମାଟି ଛାଡିଯିବାକୁ କଦାପି ଅନୁମତି ନାହିଁ ।"

ଏଥିପାଇଁ କରାଚୀ ବିମାନବନ୍ଦରରେ ବିମାନ ଛାଡିବାରେ କିଛି ବିଳମ୍ୱ ଘଟିଲା । ମାତ୍ର ଏଥିରେ କୌଣସି ଆଶ୍ଚର୍ଯ୍ୟ ହେବାର ନଥିଲା । ଜେନେରାଲ ଜିଆଉଲ ହକ୍‌ଙ୍କୁ ତୃତୀୟ ଖଲିଫାଙ୍କ ସହିତ ପରିଚୟ ଅଧିକ ଥିଲା ଏବଂ ତାଙ୍କ ସମ୍ବନ୍ଧରେ ସେ ଭଲଭାବେ ଅବଗତ ଥିଲେ । ସେଥି ଯୋଗୁଁ ସେ ଭୁଲରେ ଆଦେଶନାମାରେ ହଜରତ ମିର୍ଜା 'ନାସିର୍' ଅହମଦଙ୍କ ନାମ ନିଜ ହାତରେ ହିଁ ଲେଖି ଦେଇଥିଲେ ।

ଜେନେରାଲ ଜିଆଉଲ ହକ୍ ଯେଉଁ କଟକଣା ଲଗାଇଥିଲେ, ତାହା ହଜରତ ଖଲିଫତୁଲ୍ ମସିହ ତୃତୀୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଅଥଚ ଏହି କଟକଣା ଲାଗିବାର ଦୁଇବର୍ଷ ପୂର୍ବରୁ ସେ ମୃତ୍ୟୁ ଲାଭ କରିସାରିଥିଲେ ।

ସୁତରାଂ ଏବେ ବିମାନଯୋଗେ ଯାତ୍ରା କରୁଥିବା ଚତୁର୍ଥ ଖଲିଫାଙ୍କର ପାସ୍‌ପୋର୍ଟରେ ଅତି ସ୍ପଷ୍ଟ ରୂପେ ଏହା ଲେଖାହୋଇଥିଲା ଯେ ତାଙ୍କର ନାମ ହଜରତ ମିର୍ଜା 'ତାହିର' ଅହମଦ, ଯେକି ବିଶ୍ୱବ୍ୟାପୀ ଜମାଅତ ଅହମଦିୟାର ଇମାମ୍ ତଥା ସର୍ବୋଚ୍ଚ ଆଧ୍ୟାତ୍ମିକ ମୁଖ୍ୟ ଅଛନ୍ତି ।

ସୁତରାଂ କରାଚି ବିମାନ ବନ୍ଦର ଠାରେ ପ୍ରତୀକ୍ଷା କରିବାର ଏହି ଦୀର୍ଘ ଅବଧି ମଧ୍ୟରେ ପାସ୍‌ପୋର୍ଟ କଣ୍ଟ୍ରୋଲ କାର୍ଯ୍ୟାଳୟର ବ୍ୟସ୍ତତା ଓ ଏଣେତଣେ ଦୌଡୁଥିବାର ଦୃଶ୍ୟ ମଧ୍ୟ ଦେଖିବା ଯୋଗ୍ୟ ଥିଲା । ସେମାନଙ୍କର ଏହି ମାନସିକ ଦ୍ୱନ୍ଦ୍ୱର ସମାଧାନ ପାଇଁ ଇସଲାମାବାଦ ସହିତ ନିରନ୍ତର ଯୋଗାଯୋଗ କରାଯାଉଥିଲା । କିନ୍ତୁ ବାସ୍ତବ କଥା ହେଉଛି ଯେ ଏହି ଅଡୁଆ ଖିଅକୁ କେଉଁ ପଦାଧିକାରୀ ଫିଟାଇବ ? ସେହି ଅଫିସର କିଏ ଯେକି ଏହି ଜଟିଳ ଗୋଲକଧନ୍ଦାର ସମାଧାନ କରିବ ? ତାହା ମଧ୍ୟ ସେତେବେଳେ ଯେବେକି ସକାଳ ଦୁଇଟା ବାଜିବାକୁ ଯାଉଛି । ସୁତରାଂ ସେଠାରେ କର୍ତ୍ତବ୍ୟରତ ଜଣେ କର୍ମଚାରୀ ଉତ୍ତର ଦେଲା 'ଜଣାପଡୁଛି ଯେ ଏହି ଆଦେଶନାମାଟି ପୁରୁଣା ଯାହାର ମିଆଦ ପୁରିଯାଇଛି ଓ ତାର ସମୟ ଅତିକ୍ରାନ୍ତ ହୋଇଯାଇଛି । ଏଣେ ନିର୍ଭରଯୋଗ୍ୟ ସୂଚନା ଅନୁଯାୟୀ ହଜରତ ଖଲିଫତୁଲ୍ ମସିହ

ଚତୁର୍ଥ[ରଅ] ରବୁଓ୍ୱା ଠାରୁ ଇସଲାମାବାଦ ଯିବାପାଇଁ ପ୍ରସ୍ଥାନ କରି ସାରିଲେଣି ଏବଂ ବର୍ତ୍ତମାନ ଇସଲାମାବାଦ ପାଖାପାଖି ପହଞ୍ଚି ଗଲେଣି । ସୁତରାଂ ସେ ବିମାନରେ ଚଢିବା ପରେ ଉଡାଣ ପାଇଁ ଅନୁମତି ପ୍ରଦାନ କରାଗଲା ।

ଅପ୍ରେଲ ୩୦ ତାରିଖ ଦିନ ଆମ ପ୍ରିୟ ଖଲିଫା ପୂର୍ବାହ୍ନ ସାଢ଼େ ବାରଟା ପୂର୍ବରୁ ମସଜିଦ ଫଜଲ ଲଣ୍ଡନରେ ପହଞ୍ଚିଗଲେ । ସେଠାରେ ପ୍ରାୟ ତିନିଶହ ଅହମଦୀ ଶ୍ରଦ୍ଧାଳୁ ତାଙ୍କର ସ୍ୱାଗତ ପାଇଁ ଉପସ୍ଥିତ ଥିଲେ, ଯେଉଁମାନେ ତାଙ୍କର ଆସିବା ଖବର ଶୁଣି ଅତ୍ୟନ୍ତ ଉତ୍ସୁକତାର ସହିତ ଆଖପାଖରୁ ଚାଲି ଆସିଥିଲେ । ତାଙ୍କର ଏହି ଦେଶାନ୍ତର ଘଟଣା ସାରା ପୃଥିବୀରେ ଚହଳ ପକାଇଦେଲା । ଜେନେରାଲ ଜିଆଉଲ ହକ୍ ତ ଏହି ବାର୍ତ୍ତା ଶୁଣି ରାଗରେ ନିଆଁବାଣ ହୋଇ ପାଗଳପ୍ରାୟ ହୋଇଗଲା....... ।

ସେ ଏହା ମଧ୍ୟ ମନରେ ଠାଣି ନେଇଥିଲା ଯେ ସେ ଜମାଅତ ଅହମଦିୟାର କଣ୍ଠରୋଧ କରି ରଖିଦେବ । କିନ୍ତୁ ଏହି ସବୁ ଘଟଣା ତାହାର ଓଲଟା ଫଳ ଦେଲା ଓ ତାହାର ଇଚ୍ଛାର ବିପରୀତ ହେଲା । ଏହାର ପରିଣାମ ସ୍ୱରୂପ ସେ ଅହମଦୀୟା ଆନ୍ଦୋଳନକୁ ପ୍ରଗତି ପଥରେ ଅଗ୍ରସର ହେବା ପାଇଁ ଓ ଏହାର ଅଭିବୃଦ୍ଧିର ଅଭୂତପୂର୍ବ ଅବସର ଉପଲବ୍ଧ କରିଦେଲା । ଲଣ୍ଡନ ଧର୍ମକେନ୍ଦ୍ର ଆଜି ମଧ୍ୟ ଅନ୍ତଃରାଷ୍ଟ୍ରୀୟ ସମ୍ପର୍କ ଓ ବିଶ୍ୱସ୍ତରୀୟ ସଦଭାବ ପ୍ରତିଷ୍ଠା ଦିଗରେ ସବୁଠାରୁ ବ୍ୟସ୍ତ ବହୁଳ ଆଧ୍ୟାତ୍ମିକ କେନ୍ଦ୍ରର ମାନ୍ୟତା ବଜାୟ ରଖିଛି ।

*(ଏକ୍ ମର୍ଦେ ଖୁଦା, ପୃଷ୍ଠା 292-306)*

## ଯୁଗର ଫିରୌନ ବୋଲାଉଥିବା ଜିଆଉଲ ହକ୍‌ର ଶୋଚନୀୟ ମୃତ୍ୟୁ ଓ ହୁଜୁରଙ୍କ ଐଶୀ ସମ୍ପର୍କ

ବଦନାମ ଯୁଗର ଦୁର୍ଦ୍ଦାନ୍ତ ଏକଛତ୍ରବାଦୀ ଶାସକ ଜେନେରାଲ ଜିଆଉଲ ହକ୍ ଯେତେବେଳେ ଅହମଦିମାନଙ୍କ ଉପରେ ଅନ୍ୟାୟ ଓ ଅତ୍ୟାଚରକୁ ଚରମ ସୀମାରେ ପହଞ୍ଚାଇ ଦେଇଥିଲା, ସେତେବେଳେ ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ତାହାକୁ ମୁବାହିଲା (ପ୍ରତିପକ୍ଷ ଗୋଷ୍ଠୀ ପରସ୍ପର ଉପରେ ଅଭିଶାପ ମୂଳକ ପ୍ରାର୍ଥନା) ପାଇଁ ଆହ୍ୱାନ ଦେଇଥିଲେ । ହୁଜୁର ତାକୁ ସମ୍ବୋଧନ କରି କହିଲେ 'ଯଦି ତୁମେ ତୁମର ଅତ୍ୟାଚରରୁ ନିବୃତ୍ତ ରୁହ, ତା'ହେଲେ ଆମେ ବୁଝିନେବୁ ଯେ ତୁମେ ମୁବାହିଲାକୁ ଅଗ୍ରାହ୍ୟ କରିଦେଲ ।' ସୁତରାଂ ହୁଜୁର ଏହିପରି ତାକୁ ଈଶ୍ୱର ଭୟ ଦେଖାଇଲେ ଓ ଅତ୍ୟାଚରକୁ ରୋକିବାକୁ କହିଲେ ।

୧୯୮୮ ମସିହା ଅଗଷ୍ଟ ୧୨ ତାରିଖ ଦିନ ପ୍ରଦତ୍ତ ଖୁତବା ଜୁମାରେ ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ସର୍ବସାଧାରଣରେ ଘୋଷାଣା କଲେ ଯେ ଜେନେରାଲ୍ ଜିଆଉଲ ହକ୍ ବାକ୍ୟଭିତ୍ତିକ, ମର୍ମଭିତ୍ତିକ ତଥା କ୍ରିୟାତ୍ମକ କୌଣସି ରୂପରେ ମଧ୍ୟ ଅହମଦିଙ୍କ ଉପରେ କରାଯାଉଥିବା ଅତ୍ୟାଚାର ପାଇଁ ଲଜ୍ଜାବୋଧ କଲା ନାହିଁ । ଏଣିକି ଏହି ମାମଲା ଅଲ୍ଲାଃଙ୍କ ହାତରେ ଅଛି । ଆମେ ତାହାଙ୍କର କାର୍ଯ୍ୟାନୁଷ୍ଠାନ ମୂଳକ ପ୍ରମାଣର ଅପେକ୍ଷାରେ ରହିଛୁ । ହୁଜୁର ପୁଣି ସ୍ୱଷ୍ଟ ଶବ୍ଦରେ ଏହା ଘୋଷଣା କଲେ:

"ଏବେ ଜେନେରାଲ ଜିଆଉଲ ହକ୍ ଅଲ୍ଲାଃତାଲାଙ୍କର କବଳରୁ ଓ ତାଙ୍କର ଶାସ୍ତିରୁ ବର୍ତ୍ତି ଯାଇପାରିବ ନାହିଁ ।"

ସୁତରାଂ ୧୯୮୮ ମସିହା ଅଗଷ୍ଟ ୧୭ ତାରିଖରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଜିଆଉଲ ହକ୍ ଏକ ଆମେରିକୀୟ ଟ୍ୟାଙ୍କ୍‌ର ପରୀକ୍ଷାମୂଳକ ଉପଲବ୍ଧି ଦେଖିବା ପାଇଁ ବାହାୱଲପୁର ଯାଇଥିଲେ । ଅପରାହ୍ଣ ସାଢ଼େ ତିନିଟା ସମୟରେ ନିଜର ସ୍ୱତନ୍ତ୍ର ବିମାନ ସି-୧୩୦ ହରକ୍ୟୁଲେସ୍‌ରେ ବସି ସେଠାରୁ ଫେରୁଥିଲେ । ବାହାୱଲପୁର ଠାରୁ ଛଅ ମାଇଲ ଦୂର ନଦୀର ତଟବର୍ତ୍ତୀ ଅଞ୍ଚଳରେ କୃଷକମାନେ କ୍ଷେତରେ କାମ କରୁଥିଲେ । ସେମାନେ ଏକ ଉଡାଜାହାଜକୁ ପବନରେ ଟଳମଳ ହୋଇ ଉଡୁଥିବାର ଦେଖିଲେ, ଯାହା ଢେ଼ଉ ମଧ୍ୟରେ ଫସି ଯାଇ ସାମୁଦ୍ରିକ ପୋତ ପରି ଧକ୍କା ଖାଉଥିଲା । ତୃତୀୟ ଥର ଓଲଟିବା ପରେ ବିମାନଟି ସିଧା ଭୂମି ଉପରେ ଆସି ଖସି ପଡିଲା ଏବଂ ତଳେ ପଡୁ ପଡୁ ବାଲିଆ ଜମିରେ ଧସିଗଲା । ତାହା ଏକ ପ୍ରଚଣ୍ଡ ଶବ୍ଦ ସହିତ ଅଗ୍ନିର ଧୂଆଁରେ ଧ୍ୱଂସ ହୋଇଗଲା । ଏପରି କ୍ଷଣକେ ସମସ୍ତ ୩୧ ଜଣଯାକ ବିମାନଯାତ୍ରୀ ମୃତ୍ୟୁର ଶିକାର ହୋଇଗଲେ ।

ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ପରବର୍ତ୍ତୀ ଦିନ ଜୁମା ଖୁତବାରେ କହିଲେ:

"ଈଶ୍ୱର ଏହାର ସ୍ୱୟଂ ନିଷ୍ପତ୍ତି କରିଦେଲେ ।"

ହୁଜୁର ତ ଜିଆଉଲ ହକ୍‌କୁ ଈଶ୍ୱରଙ୍କ ମହାକୋପ ଓ ପ୍ରଚଣ୍ଡ ଶାସ୍ତି ପ୍ରତି ସାବଧାନ କରାଇ ଦେଇଥିଲେ । କିନ୍ତୁ ସେ ସେହି ଚେତାବନୀ ପ୍ରତି କର୍ଣ୍ଣପାତ କଲା ନାହିଁ । ସେଥିପାଇଁ ଆକାଶ ଓ ପୃଥିବୀର ବିଧାତାଙ୍କ ପ୍ରଚଣ୍ଡ କ୍ରୋଧ ତାକୁ ଖଣ୍ଡ ବିଖଣ୍ଡ କରି ଧୂଆଁରେ ଉଡାଇଦେଲେ । ଏବଂ ସେହି ଜେନେରାଲମାନଙ୍କୁ ମଧ୍ୟ ସମୂଳେ ଧ୍ୱଂସ ବିଧ୍ୱଂସ କରିଦେଲେ, ଯେଉଁମାନେ ଶାସକ ତଥା ରକ୍ଷକ ହୋଇ ଅନୁଚିତ

ଉପାୟରେ ଓ ଅକରାଣରେ ଅହମଦିମାନଙ୍କ ଉପରେ ଅତ୍ୟାଚାର କରିବାରେ ତାଙ୍କୁ ସହଯୋଗ କରୁଥିଲେ ।

ଚତୁର୍ଥ ଖଲିଫା[ରଅ] ଆହୁରି ମଧ୍ୟ କହିଥିଲେ 'ଏହା ଘଟିବା ସତ୍ତ୍ୱେ କୌଣସି ଶତ୍ରୁର ମୃତ୍ୟୁରେ ଖୁସି ହେବା ଉଚିତ ନୁହେଁ ।'

*(ଏକ୍ ମର୍ଦେ ଖୁଦା, ପୃଷ୍ଠା 377-384)*

## କଏଦୀମାନଙ୍କ ମୁକ୍ତି ପାଇଁ ବିଶେଷ ପ୍ରାର୍ଥନା

କାରଗାରରେ ବନ୍ଦୀ ହୋଇ ରହିଥିବା ଅହମଦିମାନଙ୍କ ମୁକ୍ତିର ଏକ ଘଟଣା ଏଠାରେ ପ୍ରସ୍ତୁତ କରାଯାଉଛି । ସିଖର ଓ ସାହିଓ୍ୱାଲର ବନ୍ଦୀମାନଙ୍କର ମୁକ୍ତି ହଜରତ ଖଲିଫତୁଲ ମସିହ ଚତୁର୍ଥ[ରଅ]ଙ୍କର ଅସହାୟ ଅବସ୍ଥାରେ କରାଯାଇଥିବା ବ୍ୟାକୁଳ ପ୍ରାର୍ଥନାର ପରିଣାମ ସ୍ୱରୂପ ହୋଇଥିଲା । ହୁଜୁର ୧୯୯୧ ମସିହା ଜଲସା ସାଲାନା ଅବସରରେ କାଦିୟାନ ଆସିଥିଲେ । ଯେତେବେଳେ ଏହି ଗସ୍ତ ସାରି ସେ ଲଣ୍ଡନ ଫେରିଗଲେ ସେଠାକାର ସ୍ୱାଗତ କରୁଥିବା ଅହମଦିମାନଙ୍କୁ ସମ୍ବୋଧିତ କରି କହିଲେ:

'ମୁଁ ଲଣ୍ଡନ ଫେରି ଆସିବା ପାଇଁ କାଦିୟାନ ଠାରୁ ଦିଲ୍ଲୀ ଯାଇଥିଲି ଓ ଜାନୁୟାରୀ ୧୦ତାରିଖ ଜୁମା ନମାଜ ମୋତେ ଦିଲ୍ଲୀରେ ପଢ଼ାଇବାର ଥିଲା । ପୁଣି ମୁଁ ସ୍ଥିର କଲି ଯେ Friday the 10thର ଜୁମା ମୋତେ କୌଣସିମତେ କାଦିୟାନ ଯାଇ ପଢ଼ାଇବାକୁ ହେବ ଏବଂ ସେହି ଜୁମାରେ ବନ୍ଦୀମାନଙ୍କର ମୁକ୍ତି ପାଇଁ ବିଶେଷ ପ୍ରାର୍ଥନା ମଧ୍ୟ କରିବାକୁ ପଡିବ । ଏହାପରେ ମୁଁ କାଦିୟାନ ଫେରିଆସିଲି ଓ ଜୁମା ସେହିଠାରେ ପଢ଼ାଇଲି । ସେହି ଅବସରରେ ଜେଲ ଭୋଗ କରୁଥିବା ବନ୍ଦୀମାନଙ୍କ ମୁକ୍ତି ପାଇଁ ବହୁତ ପ୍ରାର୍ଥନା କଲି । ପରବର୍ତ୍ତୀ ଦିନ ଶନିବାର ଥିଲା । ଆମେମାନେ ଅମୃତସର ଷ୍ଟେସନରେ ଟ୍ରେନର ପ୍ରତୀକ୍ଷାରେ ବସିଥିଲୁ । ମୋତେ ସେହି ସମୟରେ ସମାଚାର ମିଳିଲା ଯେ ସିଖରର ବନ୍ଦୀମାନେ ଜେଲରୁ ଖଲାସ ହୋଇଯାଇଛନ୍ତି ।

☆ପୁଣି ଯେତେବେଳେ ସାହିଓ୍ୱାଲର ବନ୍ଦୀମାନେ ୧୯୯୪ ମସିହାରେ କାରାଗାରରୁ ମୁକ୍ତ ହେଲେ, ସେହି ସମ୍ବାଦ ଏଠାରେ ନମାଜ ଯୁହର ପୂର୍ବରୁ ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ]ଙ୍କର ନିକଟରେ ପହଞ୍ଚିଲା । ହୁଜୁର ନମାଜ ଯୁହର ଶେଷ ହେବା ପରେ ଛିଡା ହୋଇ ଲୋକମାନଙ୍କୁ ସମ୍ବୋଧନ କରି ଏହି ପରି କହିଲେ:

'ଆଜି ସାହିଓ୍ୱାଲର ବନ୍ଦୀମାନେ ଦଶବର୍ଷ ପରେ ମୁକ୍ତ ହୋଇଛନ୍ତି ।'

ହୁଜୁର ପୁଣି କହିଲେ:

"ମୁଁ ଏହି ରମଜାନ୍‌ରେ ସେହି କଏଦୀମାନଙ୍କ ପାଇଁ ବିଶେଷ ପ୍ରାର୍ଥନା କରିଥିଲି ଯେ ହେ ମୋର ଅଲ୍ଲାଃ! ଆସନ୍ତା ରମଜାନ୍‌କୁ ଏହି କିଏଦୀମାନେ ଯେପରି ଜେଲକୁ ନଆସିବେ ଅର୍ଥାତ ସେ ସମସ୍ତେ ମୁକ୍ତ ହୋଇଯାଆନ୍ତୁ ।" ସୁତରାଂ ଏହି ପ୍ରାର୍ଥନା ଏତେ ଶୀଘ୍ର ଓ ଅତି ଗାରିମା ସହକାରେ ପୂରଣ ହେଲା ଯେ ପ୍ରାର୍ଥନାର ଅଳ୍ପ କିଛି ଦିନ ପରେ ହିଁ ସେହି କଏଦୀମାନେ ଜେଲରୁ ଖଲାସ ହୋଇଗଲେ ।

*(ଅଲ ଫଜଲ୍ ଇଣ୍ଟରନେସନାଲ, 25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା 14)*

# ପ୍ରାର୍ଥନା ଗୃହୀତ ହେବାର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଘଟଣା

ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ନିଜର ଏକ ଭାଷଣରେ ପ୍ରାର୍ଥନାର ଗୃହୀତ ହେବାର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଘଟଣା ଏହିପରି ବର୍ଣ୍ଣନା କରିଛନ୍ତି:

ମୁଁ ଯେତେବେଳେ ଘାନାରେ ପହଞ୍ଚିଲି, ସେଠାକାର ଜଣେ ଚିଫ୍ ନାନା ଓଜିଫୋ ସାହେବ ଯିଏକି ଖ୍ରୀଷ୍ଟଧର୍ମାବଲମ୍ବୀ ଥିଲେ, ସେ ସେହି ରାତିରେ ମୋତେ ସାକ୍ଷାତ କରିବାକୁ ଆସିଲେ । ଏବଂ ନମାଜ ପରେ ମଜଲିସରେ ନିଜର ଇଚ୍ଛାବ୍ୟକ୍ତ କଲେ ଯେ ହୁଜୁରଙ୍କ ହାତରେ ବୈଅତ (ଦୀକ୍ଷା ନେବାକୁ) କରିବାକୁ ଚାହୁଁଅଛି । ଯେବେ ମୁଁ ମୁରବୀ ସାହେବଙ୍କୁ ଏହାର କାରଣ ପଚାରିଲି, ସେ କହିଲେ ଏହି ଚିଫ୍‌ଜଣକ ଅନ୍ଧବିଶ୍ୱାସରେ ପଡିଥିବା ଏକ ସମ୍ପ୍ରଦାୟ ସହିତ ସମ୍ବନ୍ଧ ରଖୁଛନ୍ତି, ଯେଉଁମାନେ ଗୁଣିଗାରେଡି କରନ୍ତି । ତାଙ୍କ ପତ୍ନୀଙ୍କର ପ୍ରତ୍ୟେକ ବର୍ଷ ଗର୍ଭ ନଷ୍ଟ ହେଉଛି । ଅନେକ ଖ୍ରୀଷ୍ଟ ପାଦ୍ରୀ ତଥା ତାନ୍ତ୍ରୀକମାନଙ୍କ ନିକଟକୁ ସେ ଗଲେଣି ଅଥଚ କୌଣସି ଲାଭ ହେଉ ନାହିଁ । ଯେବେ ସବୁଆଡୁ ନିରାଶ ହୋଇଗଲେ ଆମର ଇମାମ୍ ଓହାବ୍ ଆଦମ ସାହେବଙ୍କ ନିକଟକୁ ଆସିଲେ ଏବଂ କହିଲେ:

'ମୁଁ ଜଣେ ଖ୍ରୀଷ୍ଟିୟାନ ସତ କିନ୍ତୁ ମୋତେ ଖ୍ରୀଷ୍ଟଧର୍ମର ପ୍ରାର୍ଥନା ଉପରୁ ବିଶ୍ୱାସ ଉଠିଯାଇଛି । ମୁଁ ଶୁଣିଛି ଯେ ଈଶ୍ୱର ତୁମମାନଙ୍କର ପ୍ରାର୍ଥନା ସ୍ୱୀକାର କରୁଛନ୍ତି । ତୁମେ ତୁମର ଇମାମ୍ (ହୁଜୁରଙ୍କୁ) ମୋ ତରଫରୁ ସକଳ ପରିସ୍ଥିତି ବିଷୟରେ ଅବଗତ କରାଇ ପତ୍ର ଲେଖନ୍ତୁ ଯଦ୍ୱାରା ସେ ଆମମାନଙ୍କ ପାଇଁ ପ୍ରାର୍ଥନା କରିବେ ।' ସୁତରାଂ ଓହାବ୍ ସାହେବ ତାଙ୍କ ଲିଖିତ ପତ୍ର ମୋ

ନିକଟକୁ ପଠାଇଲେ । ମୁଁ (ହୁଜୁର) ତାଙ୍କୁ ଉତ୍ତର ଲେଖିଲି ଯେ ତୁମକୁ ସନ୍ତାନ ଅବଶ୍ୟ ପ୍ରାପ୍ତ ହେବ ଓ ସେ ବହୁତ ସୁନ୍ଦର ଓ ଦୀର୍ଘାୟୁ ହେବ । ଯେବେ ତାଙ୍କ ପତ୍ନୀଙ୍କର ଗର୍ଭଧାରଣ ହେଲା, ଡାକ୍ତରମାନେ କହିଲେ 'କେବଳ ଯେ ଏହି ଶିଶୁଟି ମରିଯିବ ତା'ନୁହେଁ ବରଂ ତୁମ ପତ୍ନୀ ମଧ୍ୟ ମୃତ୍ୟୁ ମୁଖରେ ପଡିବେ । ତେଣୁ ତୁମେ ତାଙ୍କର ଗର୍ଭପାତ କରାଇଦିଅ ।' କିନ୍ତୁ ଏହା ଶୁଣି ସେହି ଚିଫ୍ ଜଣକ କହିଲେ 'କଦାପି ନୁହେଁ । ଜମାଅତ ଅହମଦିୟାର ଇମାମଙ୍କର ପତ୍ର ମୋର ହସ୍ତଗତ ହୋଇଛି । ନା ମୋ ପତ୍ନୀଙ୍କର କୌଣସି କ୍ଷତି ହେବ ଓ ନା ମୋର ନବଜାତ ଶିଶୁକୁ କୌଣସି ପ୍ରକାରର କ୍ଷତି ପହଞ୍ଚିବ ।' ଏହାପରେ ଅଲ୍ଲାଃତାଲା ତାଙ୍କୁ ଅତ୍ୟନ୍ତ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ସନ୍ତାନ ପ୍ରଦାନ କଲେ ଓ ତାଙ୍କର ପତ୍ନୀ ମଧ୍ୟ ଯଥାବତ୍ ସ୍ୱାସ୍ଥ୍ୟବତୀ ହୋଇ ରହିଲେ । ପ୍ରାର୍ଥନାର ଗ୍ରହୀତ ହେବାର ଏହି ଚିହ୍ନକୁ ଦେଖି ତାଙ୍କର ଇଚ୍ଛା ଥିଲା ଯେ ସେ ମୋହରି ହାତରେ ବୈଅତ କରିବେ । ସେଥିପାଇଁ ସେ ବିଳମ୍ବ କରୁଥିଲେ ।

*(ଅଲ ଫଜଲ୍ ଇଣ୍ଟରନେସନାଲ, 25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା 15)*

# ହଜରତ ମିର୍ଜା ମସରୁର୍ ଅହମଦ ସାହେବ
# ଖଲିଫତୁଲ୍ ମସିହ ପଞ୍ଚମ[ଅବ]ଙ୍କର କେତେକ ବିଶ୍ୱାସବର୍ଦ୍ଧକ ଘଟଣା

ଖିଲାଫତ୍ ଅହମଦିୟାର ପଞ୍ଚମ ମଉଡମଣି ଏବଂ ହଜରତ ମସିହ ମଉଦ[ଅସ]ଙ୍କର ପ୍ରପୌତ୍ର ବା ଅଣନାତି ହେଉଛନ୍ତି ହଜରତ ମିର୍ଜା ଶରିଫ ଅହମଦ ସାହେବ[ରଅ]ଙ୍କର ପୌତ୍ର ତଥା ହଜରତ ମୁସଲେହ ମଉଦ ଦ୍ୱିତୀୟ ଖଲିଫା[ରଅ]ଙ୍କର ଝିଅର ପୁତ୍ର । ତାଙ୍କ ଶୁଭନାମ ହେଉଛି 'ହଜରତ ମିର୍ଜା ମସରୁର୍ ଅହମଦ ସାହେବ' ଖଲିଫତୁଲ୍ ମସିହ ପଞ୍ଚମ (ଈଶ୍ୱର ତାହାଙ୍କ ସହାୟକ ହୁଅନ୍ତୁ) ।

ସେ ମଧ୍ୟ رَجُلٌ اور رِجَالٌ مِن هٰؤُلاء 'ରଜୁଲୁନ୍' ଓ 'ରିଜାଲୁନ୍ ମିନ୍ ହାଉଲାଏ'ର ମାର୍ମିକ ବାଣୀକୁ ଚରିତାର୍ଥ କରିଛନ୍ତି । ସେ ମଧ୍ୟ ହଜରତ ମସିହ ମଉଦ[ଅସ]ଙ୍କର ନିମ୍ନଲିଖିତ ଦିବ୍ୟ ସ୍ୱପ୍ନ ଓ ଐଶ୍ୱରିକ ବାଣୀକୁ ସାର୍ଥକ କରିବାର ଅଧିକାରୀ ହୋଇଛନ୍ତି ଏବଂ ପ୍ରତିଶ୍ରୁତ ମସିହ ତଥା ଯୁଗାବତାରଙ୍କ ସତ୍ୟତାର ଜ୍ୱଳନ୍ତ ନିଦର୍ଶନର ପ୍ରତୀକ ଅଟନ୍ତି ।

୧) ପୁତ୍ର ଶରିଫ ଅହମଦଙ୍କୁ ସ୍ୱପ୍ନରେ ଦେଖିଲେ ଯେ ସେ ପଗଡି ବାନ୍ଧିଛନ୍ତି ଓ ଅନ୍ୟ ଦୁଇଜଣ ବ୍ୟକ୍ତି ପାଖରେ ଛିଡା ହୋଇଛନ୍ତି । ଜଣେ ବ୍ୟକ୍ତି ଶରିଫ୍ ଅହମଦଙ୍କ ଆଡକୁ ଇଙ୍ଗିତ କରି କହିଲେ ଯେ

**ୱହ୍ ବାଦଶାହ୍ ଆୟା** ଅର୍ଥାତ ସେହି ବାଦଶାହ ଆସିଲେ ।

ଅନ୍ୟ ଜଣେ କହିଲେ **ଅଭି ତୋ ଇସ୍‌ନେ କାଜୀ ବନ୍‌ନା ହୈ** ଅର୍ଥାତ୍ ଏବେ ତ ଏହାଙ୍କୁ କାଜୀ (ନ୍ୟାୟ ବିଚାରକ) ହେବାର ଅଛି ।'

ପୁଣି କହିଲେ 'କାଜୀ' ହକମ୍ ବା ନ୍ୟାୟ ପ୍ରଦାନକାରୀଙ୍କୁ ମଧ୍ୟ କହିଥାନ୍ତି । କାଜୀ ସେହି ବ୍ୟକ୍ତି ଯିଏ ସତ୍ୟର ସମର୍ଥନ କରିବ ଓ ମିଥ୍ୟାକୁ ଖଣ୍ଡନ କରିବ ।

*(ବଦର ଭାଗ 6, ସଂଖ୍ୟା 11, 10 ଜାନୁୟାରୀ 1907. ପୃଷ୍ଠା 3 / ତଜ୍‌କରା, ପୃଷ୍ଠା 583)*

୨) ସେହିପରି ଏକ ଦୈବୀବାଣୀ ହେଉଛି

**'ଇନ୍ନି ମାଆକା ୟା ମସରୁର୍'** إِنِّي مَعَكَ يَا مَسْرُوْرُ

*(ତଜକରା, ପୃଷ୍ଠା 630 / ବଦର ଭାଗ 6, ସଂଖ୍ୟା 51, 19 ଡିସେମ୍ବର1907, ପୃଷ୍ଠା 45)*

ଅର୍ଥାତ୍ 'ହେ ମସରୁର୍ ! ମୁଁ ତୁମ ସାଥିରେ ଅଛି ।'

ଏବଂ 'ଏବେ ତୁମେ ଆମ୍ଭ ସ୍ଥାନରେ ବସିଯାଅ ଓ ଆମ୍ଭେ ଯାଉଅଛୁ ।'
*(ବଦର ଭାଗ 6, ସଂଖ୍ୟା 201, 10 ଜାନୁୟାରୀ 1907, ପୃଷ୍ଠା 2 / ତଜ୍‌କରା, ପୃଷ୍ଠା 401)*

ତାଙ୍କର କଲ୍ୟାଣଦାୟକ ଖିଲାଫତ କାଳରେ ହଜରତ ମସିହ ମଉଦ[ଅସ]ଙ୍କର ଏହି ଐଶୀବାଣୀ ମଧ୍ୟ ଅତ୍ୟନ୍ତ ମର୍ଯ୍ୟାଦା ସହକାରେ ପୂରଣ ହେଲା ।

يدعون لك ابدال الشّام وعباد الله من العرب

**'ୟଦ୍‌ଉନା ଲକା ଅବ୍‌ଦାଲୁଶ୍‌ଶାମୁ ଓ୍ୱ ଇବାଦଲ୍ଲାହେ ମିନଲ୍ ଅରବ୍'**

ଅର୍ଥାତ୍ 'ତୁମରି ସକାଶେ ସିରିଆର ଭକ୍ତଗଣ ପ୍ରାର୍ଥନା କରୁଛନ୍ତି ଏବଂ ଆରବବାସୀଙ୍କ ମଧ୍ୟରୁ ଈଶ୍ୱର ଭକ୍ତଗଣ ପ୍ରାର୍ଥନା କରୁଛନ୍ତି ।'

يُصلّون عليك صُلحاء العرب وأبدال الشّام

**'ୟୁସଲ୍ଲୁନା ଆଲୈକା ସୁଲ୍‌ହାଉଲ୍ ଅରବ୍ ଓ୍ୱଅବ୍‌ଦାଲୁଶ୍ ଶାମ୍'**

ଅର୍ଥାତ୍ 'ଆରବ ଦେଶର ମୈତ୍ରୀ ସ୍ଥାପନକାରୀ ଏବଂ ସିରିଆର ଭକ୍ତଗଣ ତୁମ ଉପରେ ଦରୁଦ୍ ପ୍ରେରଣ କରୁଛନ୍ତି ।'

ଅଲ୍ଲାଃତାଲା ଆରବ ଦେଶରେ ନିଜର ବିଧାନ ଅନ୍ତର୍ଗତ ଧର୍ମ ପ୍ରଚାର ଓ ଅହମଦିୟତ୍‌ର ପ୍ରସାର ପାଇଁ ଆକାଶରୁ ଦ୍ୱାର ଉନ୍ମୁକ୍ତ କରି ଦେଇଛନ୍ତି । ଏଥି ସମ୍ବନ୍ଧରେ ବିଶ୍ୱାସବର୍ଦ୍ଧକ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି:

"ଶ୍ରୀଯୁକ୍ତ ମୁନିର ଔଦା ସାହେବ ବର୍ଣ୍ଣନା କରିଛନ୍ତି ଯେ ହଜରତ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ଏକଦା ଆରବବାସୀଙ୍କ ପାଇଁ ଆରବୀ ଭାଷାରେ ବକ୍ତୃତାମାନ ରେକର୍ଡ କରିବା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ଏହା ନିର୍ଦ୍ଦେଶ ଦେଲେ ଯେ 'ମୁଁ ଭାବୁଛି ଯେ ଏବେ ଏହାର ସମୟ ଆସିନାହିଁ । ଅନ୍ୟ ପକ୍ଷେ ଯେତେବେଳେ ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ]ଙ୍କୁ ଅଲ୍ଲାଃତାଲା ଖିଲାଫତ୍ ଆସନରେ ଅଭିଷିକ୍ତ କଲେ, ପୁଣ୍ୟଶ୍ଳୋକ କହିଲେ 'ମୋହରି ସମୟରେ ଆରବ ଦେଶରେ ପ୍ରଚାର ପାଇଁ ମାର୍ଗ ଉନ୍ମୁକ୍ତ ହେବ ଏବଂ ଆରବୀୟମାନଙ୍କ ମଧ୍ୟରେ ଅହମଦିୟତ୍‌ର ସୂର୍ଯ୍ୟ ଉଦୟ ହେବ..... ।' ସୁତରାଂ ତାଙ୍କର କଲ୍ୟାଣକାରୀ ସମୟରେ ବର୍ତ୍ତମାନର ଆଠ ବର୍ଷର ଖିଲାଫତ୍ କାର୍ଯ୍ୟକାଳ ମଧ୍ୟରେ କେବଳ ଆରବୀୟମାନଙ୍କ ମଧ୍ୟରେ ପ୍ରଚାର କ୍ଷେତ୍ରରେ ଅଲ୍ଲାଃତାଲାଙ୍କର ଅଦୃଶ୍ୟ ଶକ୍ତି ବଳରେ ଯେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ

ସମ୍ପାଦିତ ହୋଇଛି .........., ଏହି ବିଜୟର ଧାରା ଓ ପ୍ରଗତି ମୂଳକ କାର୍ଯ୍ୟ ଏହା ସୁଚଉଛି ଯେ ଖଲିଫା ମହୋଦୟଙ୍କର ଏହି ଶବ୍ଦ ‘ମୋହରି କାର୍ଯ୍ୟକାଳରେ ଆରବୀୟମାନଙ୍କ ମଧ୍ୟରେ ପ୍ରଚାର ପାଇଁ ମାର୍ଗ ପ୍ରଶସ୍ତ ହେବ ତଥା ସେମାନଙ୍କ ମଧ୍ୟରେ ଅହମଦିୟତ୍ ଚିରକାଳ ବଜାୟ ରହିବ ।’ ଯାହା ଈଶ୍ୱରଙ୍କ ତରଫରୁ ସୁସମ୍ବାଦ ବହନ କରିଥିଲା ତଥା ସେହି ମହାନ ଭବିଷ୍ୟତବାଣୀ ଅକ୍ଷରେ ଅକ୍ଷରେ ପୂରଣ ହେବାର ଆମେ ସାକ୍ଷୀ ରହିଛୁ ।”

*(ମସିହୁଲ୍ ଅରବ, ଭାଗ 2, ପୃଷ୍ଠା 349-351)*

ଏକ ଆରବି MTA କାର୍ଯ୍ୟକ୍ରମ ‘ଅଲ ହୱାରିଲ୍ ମୁବାଶିର୍’ ଥିଲା ୨୦୦୮ ମସିହା ମେ ମାସ ୨୭ ତାରିଖର ସୌଭାଗ୍ୟଶାଳୀ ଦିବସ, ଯେଉଁ ଦିନ ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ସ୍ୱୟଂ ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଏହାର ଶୋଭାମଣ୍ଡନ କଲେ ।

ଏହା ଉତ୍ତାରେ ୨୦୦୮ ମସିହା ଜୁନ୍ ୮ ତାରିଖ ଦିନ ସେହି ମାସର ‘ଅଲ ହୱାରିଲ୍ ମୁବାଶିର୍’ ଧାରବାହିକର ଅନ୍ତିମ କଡିରେ ମହାମାନ୍ୟ ହୁଜୁର ଆତିଥ୍ୟ ଗ୍ରହଣ କଲେ ଏବଂ ପ୍ରାୟ ଷୋହଳ ମିନିଟ୍ ପର୍ଯ୍ୟନ୍ତ ଉପସ୍ଥିତ ରହି ଆରବୀୟମାନଙ୍କୁ ମଧୁର ସମ୍ଭାଷଣ କଲେ ।

ହୁଜୁରଙ୍କର ଏହି ଭାଷଣର ସମ୍ବନ୍ଧରେ ମିଶର ଦେଶର ଜଣେ ଅଣ ଜମାଅତୀୟ ବନ୍ଧୁ ଶ୍ରୀଯୁକ୍ତ ଅବଦୁଲ୍ ବଦୀୟ୍ ସାହେବ ଏହିପରି ନିଜର ମନ୍ତବ୍ୟ ପ୍ରକାଶ କରିଛନ୍ତି ।

“ମୁଁ ଟେଲିଭିଜନ ଆଗରେ ବହୁତ କମ୍ ସମୟ ବସୁଥିଲି । ଅସୁସ୍ଥତା କାରଣରୁ ମୁଁ ଗୋଟିଏ ଦିନ ବସିରହି ଚ୍ୟାନେଲ ବଦଳାଇବାରେ ଲାଗିଲି । ଅଚାନକ ଆପଣଙ୍କର ଏହି ଚ୍ୟାନେଲ M.T.A ମିଳିଗଲା । ମୋତେ ଏକ ରତ୍ନଭଣ୍ଡାର ମିଳିଯିବା ଭଳି ମନେ ହେଲା । ଯଦି ମୁଁ ରୋଗଗ୍ରସ୍ଥ ହୋଇ ନଥାନ୍ତି, ତା’ହେଲେ ବୋଧହୁଏ ଏହି ଭଣ୍ଡାର ପାଇବାରୁ ବଞ୍ଚିତ ହୋଇ ରହିଥାନ୍ତି । ଏଥିପାଇଁ ମୁଁ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି । କାରଣ ମୋର ମନମସ୍ତିଷ୍କରେ ଧର୍ମ ସମ୍ବନ୍ଧରେ ଅନେକ ପ୍ରଶ୍ନବାଚୀ ରହିଥିଲା, ଯାହାର ଉତ୍ତର ମୋତେ କେହି କେବେ ମଧ୍ୟ ଦେଇପାରୁ ନଥିଲେ ଅଥବା କାହା କଥାରେ ମୋର ହୃଦବୋଧ ହେଉ ନଥିଲା । ଈଶ୍ୱର ସାକ୍ଷୀ ଯେ ଏହି ଚ୍ୟାନେଲ ଓ ଏହାକୁ ପରିଚାଳନା କରୁଥିବା ପବିତ୍ର

ଲୋକମାନେ ମୋର ଯନ୍ତ୍ରଣାର ଉପଶମ ହୋଇଗଲେ । ଏପରିକି ମୁଁ ମୋର ବ୍ୟାଧି ଜନିତ ପୀଡାକୁ ପାଶୋରି ଦେଇ ଖଲିଫତୁଲ୍ ମେହେଦିଙ୍କ ପ୍ରେମ ବନ୍ଧନରେ ଆବଦ୍ଧ ହେବାକୁ ବାଧ୍ୟ ହେଲି । ତେଣୁ ଇଣ୍ଟରନେଟ୍ କେଫେକୁ ଚାଲିଗଲି, ଯଦ୍ୱାରା ଏହି ପତ୍ର ପଠାଇବି ଯେ ଆପଣଙ୍କର ଚ୍ୟାନେଲ ସମଗ୍ର ସଂସାରରେ ଆଶାର ଏକମାତ୍ର କିରଣ । ଆପଣଙ୍କ ନିକଟରେ ମୁହମ୍ମଦୀୟ ଅନୁଗ୍ରହର ବରଦାନ ବିଶିଷ୍ଟ ଗନ୍ତାଘର ଅଛି ।

ଯେତେବେଳେ ହୁଜୁର 'ଅଲ ହୱାରିଲ୍ ମୁବାଶିର୍' କାର୍ଯ୍ୟକ୍ରମକୁ ଆସି ଥିଲେ, ସେହି ବନ୍ଧୁଜଣକ ଏହିପରି ଲେଖିଥିଲେ:

'ଏଥରକ ଯେବେ ହଜରତ ଖଲିଫତୁଲ ମସିହ ଷ୍ଟୁଡିଓକୁ ଆସିଲେ, ମୁଁ ନିଜର ଭାବନାକୁ ନିୟନ୍ତ୍ରଣ କରିପାରିଲି ନାହିଁ ଏବଂ ଭୋ ଭୋ ହୋଇ କାନ୍ଦି ପକାଇଲି । ମୋତେ ଏହା ଅନୁଭବ ହେଲା ଯେ ସତେ ଯେପରି ମୁଁ ହଜରତ ମୁହମ୍ମଦ[ସଅ]ଙ୍କ ଦିବ୍ୟ ଅନୁଚମମାନଙ୍କର ମଜଲିସରେ ବସିଛି ଏବଂ ହଜରତ ମୁହମ୍ମଦ[ସଅ]ଙ୍କର ଆଶୀଷମୟ ଯୁଗରେ ସମ୍ମିଳିତ ହୋଇଛି । ମୁଁ ସମସ୍ତ କଷ୍ଟ ଓ ଦୁଃଖ ଦରଦ ଯେପରି ଏକବାରେ ଭୁଲିଗଲି । କାରଣ ଆପଣଙ୍କ ପ୍ରୋଗାମ୍ ବହୁତ ସୁନ୍ଦର, ଚିତ୍ତାକର୍ଷକ ତଥା ଅତ୍ୟନ୍ତ ରୁଚି ସମ୍ପନ୍ନ । ଏହା ଅନ୍ଧକାରକୁ ଦୂରୀଭୂତ କରି ଜ୍ୟୋତିର୍ମୟ ଅଲୋକ ସଞ୍ଚାର କରିବ । *(ମସାଲେହ୍ ଅଲ ଅରବ, ଦ୍ୱିତୀୟ ଭାଗ, ପୃଷ୍ଠା 431, 432)*

ସୁତରାଂ ପୁଣ୍ୟଶ୍ଳୋକଙ୍କର ଖିଲାଫତ୍ କାଳରେ ହିଁ ଆରବୀୟମାନଙ୍କ ମଧ୍ୟରେ ପ୍ରଚାର, 'ରୁହାନି ଖଜାୟିନ୍' ପୁସ୍ତକ ସମୁହର ଆରବୀ ଅନୁବାଦ, ଆରବୀ ଭାଷାରେ live ପ୍ରୋଗ୍ରାମ, M.T.A. ଅଲ-ଅରବିୟା ୩ର ଉଦ୍‌ଘାଟନ ତଥା ତାଙ୍କ ଦ୍ୱାରା ଆରବୀ ଭାଷାରେ ଭାଷଣ ପ୍ରଦାନ ଇତ୍ୟାଦି ସେହିସବୁ ବିଶ୍ୱାସବର୍ଦ୍ଧକ ଘଟଣା, ଯାହା ଆମ ଧର୍ମବିଶ୍ୱାସରେ ଉନ୍ନତିର କାରଣ ହୋଇଛି । ଖିଲାଫତ୍ ଅହମଦିୟା ଅଲ୍ଲାଃଙ୍କ ଅସ୍ତିତ୍ୱର ଏକ ଜୀବନ୍ତ ପ୍ରତୀକ ତଥା ବଳିଷ୍ଠ ପ୍ରମାଣ । (ଈଶ୍ୱର ହିଁ ସର୍ବପ୍ରଶଂସିତ)

## ପ୍ରାର୍ଥନା ଗୃହୀତ ହେବାର ଏକ ଜୀବନ୍ତ ଓ ଅବିସ୍ମରଣୀୟ ଘଟଣା

୨୦୦୮ ମସିହା ମେ ମାସ ୪ତାରିଖ ଦିନ ଥିଲା ଗୁରୁବାର । ହୁଜୁର ଅନୱର[ଅବ] ନିଜର ସୁଦୂରପ୍ରାଚ୍ୟ ଦେଶମାନଙ୍କ ଭ୍ରମଣ ସମୟରେ ଫିଜିରେ ଥିଲେ । ରାତ୍ରି ପ୍ରାୟ ୨ଟା ୩୦ ମିନିଟ୍ ହେବ । ରବୁୱା, ଲଣ୍ଡନ ଓ ବିଶ୍ୱର ବିଭିନ୍ନ ଦେଶମାନଙ୍କରୁ ଫୋନ ଆସିବା ଆରମ୍ଭ ହୋଇଗଲା ଯେ ଏହି ସମୟରେ ଟି.ଭିରେ

ଯେଉଁ ଖବର ଶୁଣାଯାଉଛି ତଦନୁସାରେ ଏକ ବଡ ଧରଣର ସୁନାମୀ ଫିଜି ଅଞ୍ଚଳ ସଂଲଗ୍ନ ଦ୍ୱୀପସମୂହ ଟୋଙ୍ଗାରେ ଆସିଛି ଏବଂ ଏହି ସୁନାମୀ ଏତେ ଶକ୍ତିଶାଳୀ ଯେ ଇଣ୍ଡୋନେସିଆରେ ଆସିଥିବା ପୂର୍ବ ସୁନାମୀ ଠାରୁ ମଧ ବଡ, ଯାହା ସେତେବେଳେ ଲକ୍ଷ ଲକ୍ଷ ଲୋକମାନଙ୍କୁ ସମୁଦ୍ର ଗର୍ଭରେ ବିଲୀନ କରିଦେଇଥିଲା । ଏହା ପୃଥିବୀର କେତେକ ଦେଶରେ ମହାବିନାଶର ତାଣ୍ଡବଲୀଳା ସୃଷ୍ଟି କରିଥିଲା । ସୁତରାଂ ଆମେ ଟି.ଭି. ଚାଲୁକଲୁ , ଏହି ସମ୍ବାଦ ନିରନ୍ତର ଆସୁଥିଲା ଯେ ଏହି ସୁନାମୀର ପ୍ରକୋପ କ୍ରମାଗତ ଭାବରେ ଅତି ତିବ୍ର ଆକାର ଧାରଣ କରୁଛି ଓ ପ୍ରଚଣ୍ଡ ଗତିରେ ଅଗ୍ରସର ହେଉଛି । ଏପରିକି ସକାଳ ହେବା ବେଳକୁ ନାନ୍ଦି ଫିଜିର ସମସ୍ତ ଅଞ୍ଚଳ ବୁଡାଇ ଦେବ । ପ୍ରାତଃ ୪.୩୦ମିନିଟ୍ ସମୟରେ ଯେତେବେଳେ ହୁଜୁର ଅନଓ୍ୱର[ଅବ] ଫଜର ନମାଜ ପଢିବା ପାଇଁ ଆସିଲେ, ଏହି ସୁନାମୀର ତୀବ୍ରତା ସମ୍ବନ୍ଧିୟ ସୂଚନାର ଏକ ରିପୋର୍ଟ ତାଙ୍କ ସେବାରେ ପ୍ରସ୍ତୁତ କରାଗଲା । ଯେଉଁ ବାର୍ତ୍ତାସବୁ ହୁଜୁରଙ୍କ କୁଶଳ ମଙ୍ଗଳ ଜାଣିବା ପାଇଁ ଫୋନ ଦ୍ୱାରା ପହଞ୍ଚୁଥିଲା, ସେ ସମ୍ବନ୍ଧରେ କୁହାଗଲା ଯେ ମହାମାନ୍ୟ ହୁଜୁର ଫଜର ନମାଜ ପାଠ କରାଇଛନ୍ତି ଏବଂ ବହୁତ ବିଳମ୍ବ ପର୍ଯ୍ୟନ୍ତ ଲମ୍ୱା ସଜଦାରେ ପଡିରହି ଅଲ୍ଲାଃଙ୍କ ଛାମୁରେ ପ୍ରାର୍ଥନା କରିଛନ୍ତି । ନମାଜରୁ ଉଠିବା ପରେ ସେହି ଯୁଗାବତାରଙ୍କର ଖଲିଫା ଜମାଅତର ଲୋକମାନଙ୍କୁ ସମ୍ବୋଧନ କରି କହିଲେ 'କୌଣସି ଚିନ୍ତା କରନ୍ତୁ ନାହିଁ । ଅଲ୍ଲାଃତାଲା ଅବଶ୍ୟ କରୁଣା କରିବେ, କିଛି ଅସୁବିଧା ହେବ ନାହିଁ ।'

ଏହାପରେ ହୁଜୁର ଅନଓ୍ୱର[ଅବ] ପ୍ରକୃତିସ୍ଥ ହୋଇ ନିଜ ବିଶ୍ରାମ କକ୍ଷକୁ ଫେରି ଆସିଥିଲେ । ତା'ପରେ ଯେତେବେଳେ ଆମେମାନେ ଟି.ଭି. ଚାଲୁ କଲୁ, ସେଥିରେ ଏହି ଖବର ଆସିବା ଆରମ୍ଭ ହୋଇଗଲା ଯେ ସୁନାମୀର ଭୟାଭୟତା ହ୍ରାସ ପାଇବାରେ ଲାଗିଛି ଏବଂ ଧିରେ ଧିରେ ତାହାର ପ୍ରଭାବ ସମାପ୍ତ ହେଉଛି । ପୁଣି ପ୍ରାୟ ଦୁଇ/ଅଢେଇ ଘଣ୍ଟା ପରେ ସୂଚନା ଦିଆଗଲା ଯେ ଏହି ସୁନାମୀର ପ୍ରଭାବ ଦୁର୍ବଳ ହୋଇଗଲାଣି । ସୁତରାଂ ମାନବ ଜଗତ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲା ଯେ ସେହି ସୁନାମୀ ଯାହା ଅଳ୍ପ କେତେ ଘଣ୍ଟା ମଧ୍ୟରେ ଲକ୍ଷ ଲକ୍ଷ ଜନସାଧାରଣଙ୍କୁ ବୁଡାଇ ସମସ୍ତ ଅଞ୍ଚଳକୁ ନିଶ୍ଚିହ୍ନ କରିବାକୁ ବସିଥିଲା, ସମୟର ଖଲିଫାଙ୍କ ପ୍ରାର୍ଥନା ବଳରେ ମାତ୍ର କିଛି ସମୟ ମଧ୍ୟରେ ସ୍ୱୟଂ ତାହାର ଅସ୍ତିତ୍ୱ ହିଁ ଲୋପ ପାଇଗଲା ।

ସେହି ଦିନ ଫିଜିର ସମ୍ବାଦପତ୍ରମାନଙ୍କରେ ଏହା ପ୍ରକାଶିତ ହେଲା ଯେ ସୁନାମୀ ଟଳିଯିବା କୌଣସି ଅଲୌକିକ ଚମତ୍କାରୀତା ଠାରୁ କମ୍ ନୁହେଁ । ଏହି ଚମତ୍କାରୀତା ସମୟର ଖଲିଫାଙ୍କ ପ୍ରାର୍ଥନା ଯୋଗୁଁ ପ୍ରକଟିତ ହେଲା । ସୁତରାଂ ଆଜି

ଏକ ପକ୍ଷେ ଜମାଅତ ଅହମଦିୟାର ଉନ୍ନତି ଖିଲାଫତ୍ ଅହମଦିୟା ସହିତ ଜଡିତ ହୋଇ ରହିଛି ତ ଅନ୍ୟ ପକ୍ଷେ ସଂସାର ତିଷ୍ଠି ରହିବା ମଧ୍ୟ ଖିଲାଫତ୍ ଅହମଦିୟା ସହିତ ସମ୍ପୃକ୍ତ କରି ଦିଆଯାଇଛି ।

ଆଜି ଜମାଅତ ଅହମଦିୟାର ପ୍ରତ୍ୟେକ ବ୍ୟକ୍ତି ପ୍ରତିଶ୍ରୁତ ମସିହ[ଅସ]ଙ୍କର ସେହି ଶବ୍ଦଘୋଷ ଉପରେ ସତ୍ୟତାର ମୁକସାକ୍ଷୀ ହୋଇଯାଇଛି ।

ଅଲ୍ଲାଃଙ୍କ ରାଣ, ଆଜି ମସିହ ମଉଦ[ଅସ]ଙ୍କର ଖଲିଫାଙ୍କ ସମର୍ଥନରେ ଅନ୍ୟ ଏକ ଜିହ୍ୱା କହୁଥିବାର ଆମେମାନେ ସ୍ୱଚକ୍ଷୁରେ ଦେଖିଅଛୁ ଏବଂ ସ୍ୱକର୍ଣ୍ଣରେ ଶୁଣୁଛୁ । ଖଲିଫତୁଲ୍ ମସିହଙ୍କ ହସ୍ତକୁ ସୁଦୃଢ ଓ ସଶକ୍ତ କରିବା ପାଇଁ ଅନ୍ୟ ଏକ ହସ୍ତ ଚାଳନା ହେଉଥିବାର ସମଗ୍ର ବିଶ୍ୱ ଦେଖୁଛି । ସଂସାରର ବଡ ବଡ ଭବନଗୁଡିକ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ସାକ୍ଷ୍ୟ ପ୍ରଦାନ କରିଛନ୍ତି ଯେ ଏହି ଶାଶ୍ୱତ ଓ ସମୃଦ୍ଧିଶାଳୀ ଅସ୍ତିତ୍ୱ ପଛରେ ଈଶ୍ୱରଙ୍କ ହାତ ଅନ୍ତର୍ନିହିତ । ବାସ୍ତବପକ୍ଷେ ଏହା ହିଁ ହେଉଛି ଈଶ୍ୱରଙ୍କ ସହାୟତାର ହାତ ତଥା ତାହାଙ୍କ ଦ୍ୱାରା ସମର୍ଥନପ୍ରାପ୍ତ ଅସ୍ତିତ୍ୱ । ସୁତରାଂ ଆଜି ଆମେମାନେ କେତେ ସୌଭାଗ୍ୟଶାଳୀ ଯେ ପ୍ରତିଦିନ ନିଜ ଆଖିରେ ନିଜର ପ୍ରିୟତମ ମୁନିବ ହଜରତ ଅମିରୁଲ ମୁମିନିନ୍[ଅବ]ଙ୍କ ମହାନ ନେତୃତ୍ୱରେ ଜମାଅତର ପ୍ରଗତି ଓ ବିଜୟର ଦୃଶ୍ୟକୁ ପ୍ରତିଦିନ ଅବଲୋକନ କରୁଛୁ । ସୁତରାଂ ଉଠ ଓ ନିଜର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଖିଲାଫତ୍‌ର ଚରଣେ ନିଜର କପାଳ ରଖିଦିଅ । ଆପଣା ସତ୍ତାକୁ ଖଲିଫତୁଲ୍ ମସିହଙ୍କ ହସ୍ତରେ ଏପରି ଅର୍ପଣ କରିଦିଅ, ଯେଭଳି ଅନ୍ତିମ ସ୍ନାନ କରାଉଥିବା ବ୍ୟକ୍ତି ହାତରେ ମର ଶରୀର । ଏଥିରେ ହିଁ ଆମର ସଫଳତାର ଚାବିକାଠି ରହିଛି । ଅଲ୍ଲାଃତାଲା ଏଥିପାଇଁ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

*(ଅହମଦୀ ଗେଜଟ୍ କାନାଡା, ମଇ 2015)*

ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ଜମାଅତର ଅନୁଗାମୀମାନଙ୍କୁ ପ୍ରାର୍ଥନା କରିବା ପ୍ରତି ଗୁରୁତ୍ୱାରୋପ କରି କହିଛନ୍ତି:

> "ମନେରଖ ଯେ ସେ ହିଁ ସତ୍ୟ ପ୍ରତିଶ୍ରୁତି ଦେଉଥିବା ଈଶ୍ୱର । ସେ ଆଜି ମଧ୍ୟ ନିଜର ପ୍ରିୟ ମସିହଙ୍କର ଏହି ପ୍ରେମ ଓ ସରାଗଭରା ଜମାଅତ ଉପରେ ହାତ ରଖିଛନ୍ତି । ସେ ଆମକୁ କଦାପି ପରିତ୍ୟାଗ କରିବେ ନାହିଁ, କଦାପି ପରିତ୍ୟାଗ କରିବେ ନାହିଁ ଓ କଦାପି ପରିତ୍ୟାଗ କରିବେ ନାହିଁ ।
>
> ସେ ଆଜି ମଧ୍ୟ ନିଜର ମସିହଙ୍କର ସହିତ କରିଥିବା ପ୍ରତିଶ୍ରୁତିକୁ ସେହିପରି ପୂରଣ କରିଆନ୍ତି, ଯେପରି ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ଖଲିଫାମାନଙ୍କର କରି

ଆସୁଥିଲେ । ସେ ଆଜି ମଧ୍ୟ ସେହିପ୍ରକାର ବଦାନ୍ୟତାରେ ଭରି ଦେବେ, ଯେପରି ପ୍ରଥମେ କରି ଆସିଥିଲେ ଏବଂ ଯଦି ଈଶ୍ୱର ଚାହାନ୍ତି ସେହିପରି ଆମ ପ୍ରତି ଦୟାଦୃଷ୍ଟି ରଖି ଚାଲିଥିବେ । କେବଳ ଆବଶ୍ୟକତା ହେଉଛି ଏହି କଥାର ଯେ ଆମେ କେହି ଯେପରି ଅଲ୍ଲାଃତାଲାଙ୍କ ଆଦେଶ ପାଳନ ନକରି ନିଜେ ହିଁ ଠୋକର ଖାଇ ନଯାଉ ଏବଂ ନିଜର ପରକାଳକୁ ନଷ୍ଟ କରି ନଦେଉ । ସୁତରାଂ ପ୍ରାର୍ଥନା ହିଁ କରିଚାଲ ଓ ତାଙ୍କରି ଆଡକୁ ଅବନତ ହୋଇ ତାଙ୍କରି କରୁଣା ଭିକ୍ଷା କରି ସଦାସର୍ବଦା ତାଙ୍କରି ଛାମୁରେ ପଡି ରହିଥାଅ । ଏହି ଶକ୍ତିଶାଳୀ ଶୃଙ୍ଖଳକୁ ଅବ୍ୟାହତ ରଖ । ତା'ହେଲେ କେହି ମଧ୍ୟ ତୁମମାନଙ୍କର କୌଣସି ଅନିଷ୍ଟ କରିପାରିବ ନାହିଁ । ଅଲ୍ଲାଃତାଲା ସମସ୍ତଙ୍କୁ ଏଥିପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।" *(ଖୁତବା ଏ ମସରୁର୍, ଭାଗ 2, ପୃଷ୍ଠା 354)*

# ଅଲୌକିକ ଶକ୍ତି ଦ୍ୱାରା ବର୍ଷା ବନ୍ଦ ହେବାର ଘଟଣା

୨୦୦୪ ମସିହାରେ ଆଫ୍ରିକା ଦେଶ ଗସ୍ତ ସମୟରେ ଯେତେବେଳେ ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ନାଇଜେରିଆରୁ ବେନିନ୍‌ରେ ଯାଇ ପହଞ୍ଚିଲେ ଏବଂ ମିଶନ ହାଉସରେ ଅବସ୍ଥାନ କଲେ, ସେହି ସମୟର ଏକ ଘଟଣା । । ସମ୍ଭବତଃ ସେତେବେଳେ ମୁଷଳଧାରାରେ ବର୍ଷା ହେଉଥିଲା । ନମାଜ ପଢିବା ପାଇଁ ଅଗଣାରେ ତମ୍ବୁ ଲଗାଯାଇଥିଲା, ଯାହା ଚାରିପଟରୁ ଖୋଲା ଥିଲା । କିନ୍ତୁ ପ୍ରବଳ ବର୍ଷା ହେଉଥିବା ଯୋଗୁଁ ସେଠାରେ ସାମୁହିକ ନମାଜ ପାଠ କରିବା ସମ୍ଭବ ନଥିଲା । ଏପରିକି ଛିଡା ହେବା ମଧ୍ୟ କଷ୍ଟକର ହୋଇପଡୁଥିଲା । ହୁଜୁର ବାହାରକୁ ଆସିଲେ ଓ ନମାଜ ବିଷୟରେ ପଚାରିଲେ । ଅମୀର ସାହେବ କହିଲେ ଯେ ଏହି ସମୟରେ ପ୍ରବଳ ବର୍ଷା ହେଉଛି ଓ ନମାଜ ପାଇଁ ବାହାରେ ମାର୍କୀ (ତମ୍ବୁ) ଲଗାଯାଇଛି । କିନ୍ତୁ ପ୍ରବଳ ବର୍ଷା ଲାଗିରହିଥିବା ଯୋଗୁଁ ଘୋର ଅସୁବିଧା ହେଉଛି ।

ଏହା ଶୁଣି ହୁଜୁର ଅନଓ୍ୱର ଆକାଶମାର୍ଗକୁ ନଜର ଉଠାଇଲେ ଓ କହିଲେ 'ଦଶ ମିନିଟ୍ ପରେ ଆମେ ନମାଜ ପାଠ କରିବା ।' ଏହା ପରେ ହୁଜୁର ଘର ଭିତରକୁ ଚାଲିଗଲେ । ଏଣେ କଥା ସରିବାର ଦୁଇ ତିନି ମିନିଟ୍ ହୋଇଥିଲା କି ନାହିଁ ଯେ ହଠାତ୍ ବର୍ଷା ଥମିଗଲା ଓ ଆକାଶ ନିର୍ମଳ ହୋଇଗଲା । ଦେଖୁ ଦେଖୁ ଆକାଶ ମେଘମୁକ୍ତ ହୋଇଗଲା ସୂର୍ଯ୍ୟ ଦେଖାଦେଲେ । ଫଳରେ ସେହି ତମ୍ବୁ ତଳେ ନମାଜ ପାଠ କରିବା ପାଇଁ ବ୍ୟବସ୍ଥା ହୋଇଗଲା । ସ୍ଥାନୀୟ ବାସିନ୍ଦାମାନେ ଏହି

ପ୍ରକାର ସ୍ୱର୍ଗୀୟ ଚିହ୍ନ ଦେଖି ଅତି ଆଚମ୍ଭିତ ହୋଇଗଲେ । ସେମାନେ ଭାବିଲେ ଯେ ଏଠାରେ ଥରେ ବର୍ଷା ଆରମ୍ଭ ହୋଇଗଲେ ହୁଏତ କେତେ ଘଣ୍ଟା ପର୍ଯ୍ୟନ୍ତ ତାହା ଲାଗି ରହିଥାଏ । ହୁଜୁର[ଅବ] ଦଶ ମିନିଟ୍ କହିଲେ ଅଥଚ ଏହି ବର୍ଷା ତିନି ମିନିଟରେ ହିଁ ସମାପ୍ତ ହୋଇଗଲା ଏବଂ ବାଦଲ ମଧ୍ୟ ଚାହୁଁ ଚାହୁଁ ଅପସରି ଗଲା ।

☆ତଦନୁରୂପ କାନାଡା ଗସ୍ତ ସମୟରେ ଯେତେବେଳେ କେଲ୍‌ଗରୀ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଥିଲା, ତା'ର ଗୋଟିଏ ଦିନ ପୂର୍ବରୁ କାନାଡାର ଅମୀର ସାହେବ ହୁଜୁର ଅନଓ୍ୱର[ଅବ]ଙ୍କୁ ନିବେଦନ କଲେ ଯେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା କାଲି ଏଠାକାର ପାଗ ବହୁତ ଖରାପ ହେବାର ସମ୍ଭାବନା ଅଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଓ ଝଡ ତୋଫାନ ମଧ୍ୟ ବହିବ । ସେହି ଦିନ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ଅତିଥିମାନେ ମଧ୍ୟ ଆସିବାରେ ଲାଗିଛନ୍ତି । ତେଣୁ ଅମୀର ସାହେବ ପ୍ରାର୍ଥନା ପାଇଁ ନିବେଦନ କରିଛନ୍ତି ।

ଏହା ଶୁଣି ହୁଜୁର ଅନଓ୍ୱର[ଅବ] କିଛି ସମୟ ବିଳମ୍ବ କଲେ ଓ ପୁଣି କହିଲେ "ଯେଉଁ ମସଜିଦର ଭିତ୍ତିପ୍ରସ୍ତର ଆମେ ରଖିବାକୁ ଯାଉଅଛେ, ତାହା ମଧ୍ୟ ଈଶ୍ୱରଙ୍କ ଗୃହ ଏବଂ ପାଣିପାଗ ମଧ୍ୟ ଅଲ୍ଲାଃଙ୍କ ହାତରେ ନ୍ୟସ୍ତ ଅଛି । ସେଥିପାଇଁ ଏହି ବିଷୟକୁ ଅଲ୍ଲାଃଙ୍କ ଉପରେ ଛାଡିଦିଅ । ଅଲ୍ଲାଃ ହିଁ କରୁଣା ପ୍ରଦାନ କରିବେ ।"

ସୁତରାଂ ତହିଁ ଆରଦିନ ସକାଳେ ବର୍ଷାର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ରହିଲା ନାହିଁ । ପାଗ ଅତ୍ୟନ୍ତ ନିର୍ମଳ ଓ ଆନନ୍ଦଦାୟକ ଥିଲା । ଭିତ୍ତିପ୍ରସ୍ତର ସ୍ଥାପନ ସକାଶେ ସମସ୍ତ ପ୍ରକାର ଆୟୋଜନ କରାଗଲା । ତାହା ପ୍ରାୟ ଦୁଇଘଣ୍ଟାର କାର୍ଯ୍ୟକ୍ରମ ଥିଲା । ସମସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ହୁଜୁର ଅନଓ୍ୱର[ଅବ] ଯିବା ପାଇଁ ଯେତେବେଳେ କାରରେ ବସିଲେ ଏବଂ କାରର ଦ୍ୱାର ବନ୍ଦ ହେବା କ୍ଷଣି ଅଚାନକ ଭୀଷଣ ବର୍ଷା ଆରମ୍ଭ ହୋଇଗଲା ଏବଂ ତତ୍‌ସହିତ ଜୋରରେ ପବନ ବହିବାକୁ ଲାଗିଲା । ଯାହା କ୍ରମାଗତ ଭାବେ ତିନିଚାରି ଘଣ୍ଟା ପର୍ଯ୍ୟନ୍ତ ଲାଗି ରହିଲା ।

ଏହା ଏକ ମହାନ ଐଶ୍ୱରିକ ଚିହ୍ନ ଥିଲା ଯାହା ହୁଜୁର ଅନଓ୍ୱର[ଅବ]ଙ୍କ ଦ୍ୱାରା ସେଠାରେ ପ୍ରଦର୍ଶିତ ହେଲା । ସେଠାରେ ଉପସ୍ଥିତ ବ୍ୟକ୍ତିଙ୍କ ହୃଦୟ ଏହି ଆକାଶୀୟ ନିଦର୍ଶନକୁ ଅବଲୋକନ କରି ଅଲ୍ଲାଃଙ୍କ ସମକ୍ଷରେ ସଜଦାରେ ପଡି ଭୂମିଷ୍ଠ ପ୍ରଣିପାତ କରୁଥିଲେ ।

*(ଅଲ ଫଜଲ୍ ଇଣ୍ଟରନେସନାଲ, 25 ସେପ୍ଟେମ୍ବର 1 ଅକ୍ଟୋବର 2015, ପୃଷ୍ଠା 14)*

# ଏହା କିପରି ଘଟିଲା ? ତାହା କେହି ଜାଣିନାହାନ୍ତି

ଏଇ ମାତ୍ର ଦୁଇବର୍ଷ ପୂର୍ବର ଘଟଣା । ସାଉଦି ଆରବର ଏକ ଦେଶରେ ଆମର ଜଣେ ନିଷ୍ଠାପର ଧର୍ମପରାୟଣ ବ୍ୟକ୍ତି ଯିଏକି ନୂତନ ଭାବେ ଦୀକ୍ଷା ଗ୍ରହଣ କରିଥିଲେ, ସେହି ଅହମଦି ବନ୍ଧୁଙ୍କୁ ପୋଲିସ ଗିରଫ କରି ନେଇଗଲା, କେବଳ ଏହି ଅପରାଧ ପାଇଁ ଯେ ସେ ଅହମଦିୟତ୍ ଗ୍ରହଣ କରିଛନ୍ତି । ତାଙ୍କୁ ଓଜନିଆ ଜଞ୍ଜିରରେ ବାନ୍ଧି ଜେଲ ମଧ୍ୟରେ ଫିଙ୍ଗି ଦିଆଗଲା ଏବଂ ଜାମିନରେ ନେବା ପାଇଁ ମନା କରିଦିଆଗଲା । ପରିବାରବର୍ଗ ଓ ବନ୍ଧୁବାନ୍ଧବଙ୍କ ସାଙ୍ଗରେ ଦେଖା କରିବାକୁ ଦିଆଗଲା ନାହିଁ ଏବଂ ତାଙ୍କ ସହିତ ଅତ୍ୟନ୍ତ ଅତ୍ୟାଚାରପୂର୍ଣ୍ଣ ବ୍ୟବହାର ମଧ୍ୟ କରାଗଲା । କୌଣସି ସ୍ଥାନୀୟ ଓକିଲ ସେହି ମକଦ୍ଦମା ଲଢିବାକୁ ପ୍ରସ୍ତୁତ ନଥିଲେ । ଦେଖିବାକୁ ଗଲେ କାରଗାରାରୁ ମୁକ୍ତି ପାଇବାର ସମସ୍ତ ରାସ୍ତା ବନ୍ଦ ହେବା ପରି ଲାଗୁଥିଲା । କିନ୍ତୁ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ତାଙ୍କ ମୁକ୍ତି ପାଇଁ ଅବିରତ ପ୍ରାର୍ଥନା କରୁଥିଲେ । ଦିନେ ହୁଜୁର କହିଲେ "ଇନ୍‌ଶାଆଲ୍ଲାଃ ସେ ମୁକ୍ତି ପାଇବେ ।" ଏକ ପକ୍ଷେ ହୁଜୁରଙ୍କ ପ୍ରାର୍ଥନା ଥିଲା ତ ଅନ୍ୟ ପକ୍ଷେ ମୁକ୍ତି ମିଳିବାର ସମସ୍ତ ସମ୍ଭାବିତ ପଥ ବନ୍ଦ ଥିଲା ।

ହୁଜୁର ଅନଓ୍ୱରଙ୍କ ପ୍ରାର୍ଥନା ଗ୍ରହୀତ ହେବାର ଚିହ୍ନ ଏହି ପ୍ରକାରେ ପ୍ରକଟିତ ହେଲା ଯେ ଏହି ଆରବର ରାଜା ଏକ କାର୍ଯ୍ୟକ୍ରମ ଆୟୋଜନ ଅବସରରେ କେତେକ ବନ୍ଦୀଙ୍କୁ ମୁକ୍ତ କରିବାର ଘୋଷଣା କଲେ । ଏହି ମୁକ୍ତି ପାଇଥିବା ବନ୍ଦୀମାନଙ୍କ ମଧ୍ୟରେ ପ୍ରଥମ ନାମ ଆମର ସେହି ନବଦିକ୍ଷୀତ ଅହମଦିଙ୍କର ଥିଲା । ତେବେ ଏହା କିପରି ହେଲା ? କିନ୍ତୁ ଆମେ ଜାଣିଛୁ ଯେ ଖଲିଫାଙ୍କ ଓଠରୁ ଏହି ଶବ୍ଦ ବାହାରିଥିଲା ଯେ 'ଇନ୍‌ଶାଅଲ୍ଲା ! ସେ ନିଶ୍ଚିତ ମୁକ୍ତ ହୋଇଯିବେ ।'

ମହାନ ନିଦର୍ଶନ, ମହାନ ସଦାଚାରିତାକୁ ଆବଶ୍ୟକ କରିଥାଏ । ଏହି ଆରବୀୟ ବନ୍ଧୁଙ୍କ ପାଇଁ ସମୟର ଖଲିଫାଙ୍କ ପ୍ରାର୍ଥନା ଗ୍ରହୀତ ହେବାର ଏହି ଚିହ୍ନ କେବଳ ସାମାନ୍ୟ ରୂପେ ପ୍ରକଟ ହେଲା ନାହିଁ । ବରଂ ଏହାର ଅସଲ କାରଣ ତାଙ୍କର ଖଲିଫତୁଲ୍ ମସିହଙ୍କ ସହିତ ରହିଥିବା ସଦାଚାରିତା ଓ ଭକ୍ତିଭାବର ସମ୍ପୃକ୍ତି ଥିଲା । ଯେତେବେଳେ ତାଙ୍କୁ କାରାଗାରରେ ବନ୍ଦୀ କରି ରଖାଗଲା ଓ ତାଙ୍କୁ ବାରମ୍ବାର କୁହାଗଲା ଯେ ତୁମେ ଅହମଦିୟତ୍ ଠାରୁ ପୃଥକ ହୋଇଯାଅ, ତା'ହେଲେ ଯାଇ ତୁମକୁ ଛାଡି ଦିଆଯିବ, ସେହି ସ୍ଥିତିରେ ତାଙ୍କର ଉତ୍ତର ଥିଲା ଯେ 'ମୁଁ ପ୍ରାଣ ଦେବି ପଛକେ କିନ୍ତୁ ଅହମଦିୟତ୍‌କୁ ଛାଡିବି ନାହିଁ ।'

ସେହି ଆରବୀୟ ବନ୍ଧୁଜଣକ ଜେଲ ମଧ୍ୟରେ ଥାଇ ଖଲିଫତୁଲ ମସିହଙ୍କୁ ପତ୍ର ଲେଖିଲେ ଯେ 'ମୋ ଅଞ୍ଚଳରେ ନଅଗୋଟି ପାହାଡ ଅଛି ଓ ଦଶମ ପାହାଡ ହେଉଛି ମୁଁ ନିଜେ । କୌଣସି ଧମକ ଚମକ, କୌଣସି ପାର୍ଥିବ ଲାଳସା ମୋର ବିଶ୍ୱାସକୁ ଭଙ୍ଗ କରିପାରିବ ନାହିଁ ।' ତାଙ୍କ ମଧ୍ୟରେ ଏହି ନିଷ୍କପଟ ଭାବନା ଥିଲା ଯେ ସମୟର ଖଲିଫାଙ୍କ ପ୍ରାର୍ଥନା ଈଶ୍ୱରଙ୍କ ଛାମୁରେ ଗୃହୀତ ହୋଇଗଲା । ତେଣୁ ଆକାଶରୁ ଈଶ୍ୱରଙ୍କ ନିୟତିର ବିଧାନ ସେଠାକାର ବାଦଶାହର କଲମରୁ ସର୍ବପ୍ରଥମେ ବୈଅତ କରିଥିବା ଆରବର ନୂତନ ଅହମଦିଙ୍କ ନାମ ଲିପିବଦ୍ଧ କରିଦେଲା । ସମସ୍ତ ସାଂସାରିକ ମାର୍ଗ ବନ୍ଦ ହୋଇଯାଇଥିବା ସତ୍ତ୍ୱେ ସ୍ୱର୍ଗାଲୋକରୁ ହିଁ ସେହି ନିରୀହ ବ୍ୟକ୍ତିର ମୁକ୍ତିର ସାଧନ ଯୋଗାଇ ଦିଆଗଲା ।

## ଯଦି ପୁଅଟିଏ ହେବ, ତା'ହେଲେ ମୁଁ ଅହମଦି ହୋଇଯିବି

୨୦୧୫ ମସିହା ଜଲସା ସାଲାନା ଜର୍ମାନୀରେ ବୁଲଗେରିଆର ଏକ ନିଷ୍ଠାପର ନବଦିକ୍ଷୀତ ଅହମଦୀ Etem ସାହେବ ନିଜର ପରିବାରବର୍ଗଙ୍କ ସହିତ ସମ୍ମିଳିତ ହୋଇଥିଲେ । ସେ କିଛି ବର୍ଷ ପୂର୍ବେ ଖ୍ରୀଷ୍ଟଧର୍ମରୁ ଇସଲାମ ଧର୍ମ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କର ପତ୍ନୀ ବୈଅତ କରି ନଥିଲେ ।

ତାଙ୍କ ପତ୍ନୀଙ୍କର ଏହା କହିବାର ଥିଲା ଯେ 'ମୋର ତିନିଜଣ କନ୍ୟା ଅଛନ୍ତି । ଯଦି ମୋତେ ପୁଅଟିଏ ହୁଏ, ତେବେ ମୁଁ ମଧ୍ୟ ଅହମଦି ହୋଇଯିବି ।' ସେହି ମହିଳା ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ]ଙ୍କୁ ପ୍ରାର୍ଥନା ପାଇଁ ଆବେଦନ କରି ପତ୍ର ଲେଖିଲେ । ପରବର୍ତ୍ତୀ ବର୍ଷ ଯେତେବେଳେ ସେ ପୁନର୍ବାର ଜଲସାକୁ ଆସିଲେ ସେହି ମହିଳା ସାତ ମାସର ଗର୍ଭଧାରଣ କରିଥିଲେ । ସାକ୍ଷାତ ସମୟରେ ସେ ସମ୍ଭାବ୍ୟ ସନ୍ତାନର ନାମ ରଖିବାକୁ କହିବାରୁ ହୁଜୁର ଅନଓ୍ୱର[ଅବ] କେବଳ ପୁତ୍ର ସନ୍ତାନର ହିଁ ନାମ 'ଜାହିଦ୍' ବୋଲି କହିଥିଲେ ।

ଜଲସାରୁ ଫେରି ସ୍ତ୍ରୀଲୋକଟି ସ୍ଥାନୀୟ ମୁବଲିଗ୍ ସାହେବଙ୍କୁ କହିଲେ; 'ଡାକ୍ତର କହିଛନ୍ତି ଯେ ମୋ ଗର୍ଭରେ କନ୍ୟାଭ୍ରୁଣ ଅଛି । ସେଥିପାଇଁ ହୁଜୁର ଅନଓ୍ୱରଙ୍କ ନିକଟକୁ ପୁଣିଥରେ ଆବେଦନ କରନ୍ତୁ ଯେ ସେ କନ୍ୟା ସନ୍ତାନର ନାମ ରଖିବେ ।' ତାହା ଶୁଣି ମୁବଲିଗ୍ ସାହେବ କହିଲେ 'ତୁମେ ତ କହିଛ ଯଦି ପୁତ୍ର ସନ୍ତାନ ଜାତ ହୁଏ, ତେବେ ତୁମେ ଅହମଦି ହୋଇଯିବ ଏବଂ ହୁଜୁର କେବଳ ପୁତ୍ର ସନ୍ତାନର ହିଁ ନାମକରଣ କରିଛନ୍ତି । ସେଥିପାଇଁ ଇନ୍‌ଶାଆଲ୍ଲା ପୁତ୍ର ସନ୍ତାନ ହିଁ ହେବ । ଡାକ୍ତର ଯାହା ଇଚ୍ଛା ତାହା କରନ୍ତୁ ଓ ତାଙ୍କର ମେସିନ ଯାହାକିଛି ଜଣାଉଥାଉ ପଛକେ

ଏବେ ତୁମ୍ଭର କେବଳ ପୁଅଟିଏ ଜନ୍ମ ହେବ ।' ଏହା ଶୁଣି ସେ କହିଲେ 'ମୁଁ ତ ପ୍ରଥମରୁ ହିଁ ଅହମଦି ହୋଇସାରିଛି ।' ସୁତରାଂ ଯେତେବେଳେ ସନ୍ତାନ ଜନ୍ମ ହେଲା ସର୍ବଶକ୍ତିମାନ ଈଶ୍ୱର ତାଙ୍କୁ ପୁତ୍ର ସନ୍ତାନଟିଏ ହିଁ ପ୍ରଦାନ କଲେ । ସେ ଜଲସାକୁ ଆସିବା ସମୟରେ ସେହି ପୁତ୍ରକୁ କୋଳରେ ଧରି ଆସିଥିଲେ ଏବଂ ଲୋକମାନଙ୍କୁ କହି ବୁଲୁଥିଲେ "ଦେଖନ୍ତୁ ! ଏହା ସମୟର ଖଲିଫାଙ୍କ ପ୍ରାର୍ଥନା ଗ୍ରହୀତ ହେବାର ଏକ ଜ୍ୱଳନ୍ତ ଚିହ୍ନ ।"

*(ଅଲ ଫଜଲ୍ ଇଣ୍ଟରନେସନାଲ, 25 ସେପ୍ଟେମ୍ବର 2015-1 ଅକ୍ଟୋବର 2015, ପୃଷ୍ଠା 15-17)*

## ଘାନା ଦେଶର ଭୂଗର୍ଭରୁ ତୈଳ ବାହାରିବ

ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ୨୦୦୪ ମସିହାରେ ଘାନାକୁ ଯାତ୍ରା କରିବା ସମୟରେ ଘାନାବାସୀଙ୍କୁ ଖୁସି ଖବର ଦେଇ କହିଲେ 'ଘାନା ଦେଶର ଭୂଗର୍ଭରୁ ତୈଳ ବାହାରିବ ।'

ଯେତେବେଳେ ୨୦୦୮ରେ ହୁଜୁର ଅନଓ୍ୱର[ଅବ] ଖିଲାଫତ୍ ଜୁବ୍‌ଲି ଅବସରରେ ଦ୍ୱିତୀୟ ଥର ଘାନା ଯାଇଥିଲେ, ସେହି ଦେଶର ମୁଖ୍ୟ ସଚିବ ତଥା ପ୍ରଧାନମନ୍ତ୍ରୀ ସାକ୍ଷାତ ସମୟରେ ହୁଜୁରଙ୍କୁ କହିଲେ ଯେ ହୁଜୁରଙ୍କ ପ୍ରାର୍ଥନା ଆମ ଅଞ୍ଚଳ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ହୁଜୁର ନିଜର ପୂର୍ବଥର ଗସ୍ତ ସମୟରେ କହିଥିଲେ ଯେ ଘାନା ଦେଶର ଭୂମି ତଳେ ତୈଳର ସନ୍ଧାନ ମିଳିଛି ଓ ଏଠାରୁ ତୈଳ ବାହାରିବ । ହୁଜୁର ଅନଓ୍ୱରଙ୍କ ଏହି ପ୍ରାର୍ଥନା ଅତ୍ୟନ୍ତ ଗୌରବର ସହିତ ସ୍ୱୀକୃତ ହେଲା ଓ ବିଗତ ବର୍ଷ ଘାନାର ଭୂଗର୍ଭରୁ ତୈଳ ବାହାରିଲା ।

ଏହି ଉଲ୍ଲେଖନୀୟ ଘଟଣାକୁ ଘାନା ଦେଶର ସୁବିଖ୍ୟାତ ଖବରକାଗଜ Daily Graphic ୧୭ଅପ୍ରେଲ୨୦୦୮ ସଂଖ୍ୟା ପ୍ରଥମ ପୃଷ୍ଠାରେ ହୁଜୁର ଅନଓ୍ୱର[ଅବ] ତଥା ଘାନାର ମୁଖ୍ୟ ସଚିବଙ୍କ ସାକ୍ଷାତ ରିପୋର୍ଟ ପ୍ରକାଶ କରିବାକୁ ଯାଇ ଲେଖିଲା 'ଖଲିଫତୁଲ୍ ମସିହ୨୦୦୪ ମସିହାରେ ନିଜର ଘାନା ପରିଭ୍ରମଣ ସମୟରେ ଘାନା ଦେଶରେ ତୈଳ ଉତ୍ପାଦନ ହେବା ବିଷୟ ପ୍ରତି ଗୁରୁତ୍ୱାରୋପ କରି ଅତି ସ୍ପଷ୍ଟ ଭାବେ ନିଜର ବିଶ୍ୱାସକୁ ଅଭିବ୍ୟକ୍ତ କରିଥିଲେ ଏବଂ ତାଙ୍କର ସେହି ଦୃଢ ବିଶ୍ୱାସ ଗତବର୍ଷ ବାସ୍ତବରେ ପରିଣତ ହେଲା । ଘାନା ଦେଶର ଭୂଗର୍ଭରୁ ତୈଳ ବାହାରିଲା ।'

*(ଅଲ ଫଜଲ୍ ଇଣ୍ଟରନେସନାଲ, 25 ସେପ୍ଟେମ୍ବର-1 ଅକ୍ଟୋବର 2015, ପୃଷ୍ଠା 17)*

# ହଜୁର ଅନଓ୍ୱରଅବଙ୍କ ଅଲ୍ଲାଃତାଲାଙ୍କ ଉପରେ ଅଟଳ ଭରସା

ହଜରତ ଖଲିଫତୁଲ୍ ମସିହ ପଞ୍ଚମଅବଙ୍କ ପତ୍ନୀ ହଜରତ ସୟଦା ଅମତୁସ୍ ସୁବୂହ ବେଗମ୍ ସାହେବା ଲେଖିଛନ୍ତି :

"ଯେତେବେଳେ ଆମେ ନୂଆ ନୂଆ ଟିମାଲେ (ଉତ୍ତର ଘାନା) ଯାଇଥିଲୁ, ଏବେ ଅଧିକ ସମୟ ହୋଇ ନଥିଲା ଯେ ସେହି ଦିନମାନଙ୍କରେ ହସପିଟାଲରେ ଡାକ୍ତରମାନେ ଧର୍ମଘଟ କରିଥିଲେ । କେବଳ ୯ଟା ଠାରୁ ୫ଟା ପର୍ଯ୍ୟନ୍ତ ସେମାନେ ଡାକ୍ତରଖାନା ଆସୁଥିଲେ । ଏହା ବ୍ୟତୀତ ଅନ୍ୟ ସମୟରେ ବିଶେଷତଃ ଶନିବାର କିମ୍ବା ରବିବାର ଦିନ କୌଣସି ହସପିଟାଲ କର୍ମଚାରୀ ଉପସ୍ଥିତ ହେଉ ନଥିଲେ । ତାଙ୍କ ଶିଶୁ ପୁତ୍ର ଶ୍ରଦ୍ଧେୟ ଓ୍ୱକାସ୍ (ସଲମହୁଲ୍ଲାହୁ) ମାତ୍ର ଦୁଇଦିନର ହୋଇଥିଲା । ତାକୁ ସେତେବେଳେ ଡାଇରିଆ ହୋଇଗଲା । ନୂଆ ଜାଗା ଓ ଚିକିତ୍ସାଳୟର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ସାଙ୍ଗକୁ ଡାକ୍ତରମାନଙ୍କ ଧର୍ମଘଟ ଭଳି ଅସୁବିଧାର ବିଚିତ୍ର ପରିସ୍ଥିତି ସୃଷ୍ଟି ହେଇଥିଲା । ଏତେ ଛୋଟ ପିଲାର କଷ୍ଟକୁ ଦେଖି ଆମେ ସହ୍ୟ କରିପାରୁ ନଥିଲୁ । କନ୍ୟା ଫରହା (ସଲମହୁଲ୍ଲାହା) ମଧ୍ୟ ସେତେବେଳେ ଛୋଟ ବୟସର ଥିଲା । ତା'ପାଇଁ ମୁଁ ପାକିସ୍ତାନରୁ ଏକ ଔଷଧ ଆଣିଥିଲି, ଯାହା Strong ପାଓ୍ୱାରର ଥିଲା । ଏହାକୁ ଡାକ୍ତର ଏତେ ଛୋଟ ଶିଶୁ ପାଇଁ ଅନୁମୋଦନ କରନ୍ତି ନାହିଁ । କିନ୍ତୁ ଏହି ପରିସ୍ଥିରେ ଆମେ ବହୁତ ବ୍ୟସ୍ତ ବିବ୍ରତ ଓ ଚିନ୍ତିତ ଥିଲୁ । ହୁଜୁର ଅନଓ୍ୱରଅବ ଅଲ୍ଲାଃଙ୍କ ଉପରେ ଦୃଢ ବିଶ୍ୱାସ ରଖି ପ୍ରାର୍ଥନା କଲେ ଏବଂ ନିଜର ଡାହାଣ ହାତର ଏକ ଅଙ୍ଗୁଳିରେ ଭରି ସେହି ଔଷଧ ଦୁଇଥର ଓ୍ୱକାସଙ୍କୁ ପାନ କରାଇଲେ । ସେତେବେଳକୁ ସେ ଝାଡା ରୋଗରେ ଅତ୍ୟନ୍ତ ଦୁର୍ବଳ ହୋଇ ପଡି ରହିଥିଲା, ଏପରିକି କ୍ଷୀରପାନ ମଧ୍ୟ କରୁ ନଥିଲା । ହୁଜୁର ଏହା କହି ତାକୁ ଔଷଧଟି ଚଟାଇଦେଲେ ଯେ ଅଲ୍ଲାଃତାଲାଙ୍କର ନିୟତିରେ କ'ଣ ଲେଖାଅଛି, ତାହା ଆମେ ଜାଣିନାହୁଁ । କିନ୍ତୁ ଏହା ଆମ ମନରେ ତ କୌଣସି ଅନୁଶୋଚନା ରହିବ ନାହିଁ ଯେ ଚିକିତ୍ସା କଲୁ ନାହିଁ । ତେବେ ଦେଖୁ ଦେଖୁ କିଛି ମିନିଟ୍ ମଧ୍ୟରେ ତା'ର ସ୍ୱାସ୍ଥ୍ୟ ଠିକ୍ ହୋଇଗଲା ଏବଂ ଅଲ୍ଲାଃତାଲା ଚମତ୍କାର ରୂପରେ ତାକୁ ଆରୋଗ୍ୟ ପ୍ରଦାନ କଲେ । (ଅଲ୍ଲାଃ ହିଁ ସର୍ବପ୍ରଶଂସିତ) ।

*(ଉଦ୍ଧୃତାଂଶ ହଜରତ ଖଲିଫତୁଲ୍ ମସିହ ପଞ୍ଚମଅବ, ସମ୍ପାଦକ ଅତାଉଲ ଅଲୀମ୍ ସମର, ମୁଦସିର ଅହମଦ ମୁଜମିଲ, ମଜଲିସ୍ ଖୁଦାମୁଲ୍ ଅହମଦିୟା ପାକିସ୍ତାନ)*

# ଅଲୌକିକ ଭାବେ ପ୍ରଥମ ଥର ପାଇଁ ଲାଇଭ୍ ଦେଖିଲି

ଶ୍ରୀଯୁକ୍ତ ବେଶାରତ ନଓ୍ୱିଦ, ମୁବଲିଗ୍ ମାରିସସ ଲେଖିଛନ୍ତି:

"ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ]ଙ୍କ ମାରିସସ ଆଗମନର ପ୍ରଥମ ଦିନ ନମାଜ ଜୁହର ଓ ଅସର ପାଠ କରିବା ପାଇଁ ଯେତେବେଳେ ନିଜ ବାସସ୍ଥଳୀ ଠାରୁ ମସଜିଦ ବଏତୁଜ୍ ଜିକର ଯିବା ପାଇଁ ବାହାରକୁ ବାହାରିଲେ, ସେତେବେଳେ କର୍ତ୍ତବ୍ୟରତ ଖୁଦ୍ଦାମମାନେ ଇଲେକ୍ଟ୍ରୋନିକ ଗେଟକୁ ରିମୋଟ ଦ୍ୱାରା ଖୋଲିବାକୁ ଚାହିଁଲେ । କିନ୍ତୁ ସମସ୍ତ ଚେଷ୍ଟା ସତ୍ତ୍ୱେ ମୁଖ୍ୟ ଗେଟ ଖୋଲିଲା ନାହିଁ । ଶେଷରେ ସେମାନେ ଗେଟକୁ ଭାଙ୍ଗିବା ପାଇଁ ଉଦ୍ୟମ କରି ସେଥିରେ ମଧ୍ୟ ବିଫଳ ହେଲେ । ଏହା ଦେଖି ହୁଜୁର ଗାଡି ମଧ୍ୟରୁ ବାହାରକୁ ଆସିଲେ ଓ କହିଲେ 'ରିମୋଟ ମୋତେ ଦେଇଦିଅ' । ସେ ଯେତେବେଳେ ରିମୋଟର ବଟନ ଦବାଇ ଦେଲେ ତତ୍‌କ୍ଷଣାତ ସେହି ଗେଟଟି ଖୋଲିଗଲା । ସେଠାରେ ଉପସ୍ଥିତ ଜଣେ ହିନ୍ଦୁ ପୋଲିସ ସ୍କ୍ୱାଡ ହଠାତ୍ କହିଉଠିଲା ଯେ ଅଲୌକିକ ଘଟଣା ବିଷୟରେ ମୁଁ ପୂର୍ବରୁ ତ ଶୁଣିଥିଲି, କିନ୍ତୁ ଆଜି ନିଜ ଆଖି ସାମନାରେ ପ୍ରଥମ ଥର ଲାଇଭ୍ ଦେଖିଲି ।"

*(ତଶହିଜୁଲ୍ ଅଜହାନ୍ ସୟଦନା ମସରୁର ସଂଖ୍ୟା, ପୃଷ୍ଠା 282)*

ଅଲ୍ଲାଃତାଲା ଆମମାନଙ୍କ ପାଇଁ ହଜରତ ମସିହ ମଉଦ[ଅସ] ଓ ତାଙ୍କର ମହାନ ଖଲିଫାମାନଙ୍କ ଦ୍ୱାରା କଥିତ ସମସ୍ତ ବିଶ୍ୱାସବର୍ଦ୍ଧକ ଘଟଣା ଆମର ଆତ୍ମବିଶ୍ୱାସକୁ ବୃଦ୍ଧି କରିବାରେ ସହାୟତା ପ୍ରଦାନ କରନ୍ତୁ । ଆମମାନଙ୍କର ମଧ୍ୟ ଅଲ୍ଲାଃତାଲାଙ୍କର ପରମସତ୍ତା ସହିତ ଜୀବନ୍ତ ସମ୍ପର୍କ ସ୍ଥାପନ ହେଉ ଏବଂ ଏହି ସମ୍ପର୍କ ଦିନକୁ ଦିନ ସୃଦୃଢ ହୋଇ ଚାଲିଥାଉ । ଅଲ୍ଲାଃତାଲା ଆମମାନଙ୍କୁ ସଦାସର୍ବଦା ଖିଲାଫତ୍‌ର ସ୍ୱର୍ଗୀୟ ବ୍ୟବସ୍ଥା ସହିତ ଜଡିତ କରାଇ ତାଙ୍କର ପ୍ରସନ୍ନତା ହାସଲ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରୁଥାନ୍ତୁ । ଆମିନ୍ ।